ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ମେ ୧୦/୨୦୧୯ (୧୬ ପୃଷ୍ଠା) | Bhubaneswar, Friday, May 10/2019 | ★★★★★★
୪୫ଶ ଭାଗ ୧୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**'ହାଉସ୍‌ଫୁଲ୍ ୪'ରେ ନୱାଜୁଦ୍ଦିନ୍ ସିଦ୍ଦିକି**

'ହାଉସ୍‌ଫୁଲ୍-୪'ରେ ଅଭିନେତା ନୱାଜୁଦ୍ଦିନ୍ ସିଦ୍ଦିକିଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ସିଦ୍ଦିକି ୬ ସାଥୀ କଳାକାରଙ୍କ ସହ ଗୀତ ଶୁଟ୍ କରିବେ। ୦୭

୧୫ **ଶ୍ରୀୟଙ୍କାଙ୍କୁ ସ୍ୱର୍ଣ୍ଣ ପଦକ**

ଓଡ଼ିଶାର ଶ୍ରୀୟଙ୍କା ଷଡ଼ଙ୍ଗୀ ୨ଟି ଅନ୍ତର୍ଜାତୀୟ ଶୁଟିଂ ପ୍ରତିଯୋଗିତାରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି।



# ଉଜୁଡ଼ିଗଲା ୧.୫୨ ଲକ୍ଷ ହେକ୍ଟର ଫସଲ

ଭୁବନେଶ୍ୱର, ୯।୫(ବ୍ୟୁରୋ)

- ନଡ଼ିଆ, ଆମ୍ବ, କଦଳୀ, କାଜୁ ବରବାଦ
- କ୍ଷତି ଭରଣା ପାଇଁ ୧୪୫.୪୫ କୋଟି ଲୋଡ଼ା
- ସବୁ ଟେଲିକମ୍ ନେଟ୍‌ୱର୍କକୁ ଶେୟାର କରିପାରିବେ ଉପଭୋକ୍ତା
- ୧୨ରେ ସମସ୍ତଙ୍କୁ ବିଜୁଳି

**'ଫନୀ' ଚୋଟ**

**୧୫**ରେ କୋଣାର୍କରେ ଜଳିବ ଆଲୁଅ

**୮୭** ହଜାର ଉପଭୋକ୍ତାଙ୍କୁ ଭୁବନେଶ୍ୱରରେ ମିଳିଲା ବିଜୁଳି

ବାତ୍ୟା 'ଫନୀ' ୧୪ ଜିଲାର ୬୮ ବ୍ଲକରେ ୧ ଲକ୍ଷ ୫୨ ହଜାର ୯୮୫ ହେକ୍ଟର ଫସଲ ଉଜାଡ଼ି ଦେଇଛି। ସେଥିରୁ ୩୬ ହଜାର ୮୯୮ ଜଳସେଚିତ ଓ ୭୨ ହଜାର ୭୮୬ ଅଣ ଜଳସେଚିତ ଜମିରେ ଶସ୍ୟ ହାନି ହୋଇଛି। ବାତ୍ୟା ମାଡ଼ରେ ୩୩ ପ୍ରତିଶତରୁ କମ ୧ ଲକ୍ଷ ୨୧ ହଜାର ୯୬୧ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି। ଏହାଛଡ଼ା ୧୨ ହଜାର ୭୭୭ ହେକ୍ଟରର ନଡ଼ିଆ, ଆମ୍ବ, କଦଳୀ, କାଜୁ, ପାନବରଜ ଓ ଅନ୍ୟାନ୍ୟ ବାରମାସି ଫସଲ ନଷ୍ଟ ହୋଇଛି। ଏହି କ୍ଷତି ଭରଣା ପାଇଁ ୧୪୫.୪୫ କୋଟି ଟଙ୍କାର ଆବଶ୍ୟକତା ରହିଛି। କୃଷି ଓ ରାଜସ୍ୱ ବିଭାଗ ଦ୍ୱାରା କରାଯାଇଥିବା ଯୁଗ୍ମ ପ୍ରାଥମିକ ଆକଳନ ରିପୋର୍ଟ ତଥ୍ୟରୁ ଏହା ଜଣାପଡ଼ିଛି।

ବାତ୍ୟା ମାଡ଼ରେ ଛାରଖାର ହୋଇଯାଇଥିବା ବିଦ୍ୟୁତ୍ ବ୍ୟବସ୍ଥାରେ ସୁଧାର ଆସିଛି। ଅନ୍ୟ ଜିଲାଗୁଡ଼ିକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିବା ବେଳେ ପୁରୀ ଓ ଖୋର୍ଦ୍ଧା ଜିଲାରେ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ଜୋରଦାର ଚାଲିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଭୁବନେଶ୍ୱରର ୮୦ ପ୍ରତିଶତ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ଦିଆଯିବ। ୧୨ ତାରିଖରେ ଭୁବନେଶ୍ୱର ସହରାଞ୍ଚଳର ସମସ୍ତ ଅଞ୍ଚଳକୁ ଶତ ପ୍ରତିଶତ ବିଦ୍ୟୁତ୍ ଯୋଗାଇ ଦିଆଯିବ। ଏଭଳି ପ୍ରତିଶ୍ରୁତି ଦେଇଛି ଶକ୍ତି ବିଭାଗ। ରାଜଧାନୀରେ ଗୁରୁବାର ସୁଦ୍ଧା ୮୭ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି।

ବାତ୍ୟା ଯୋଗୁ ପୁରୀ ସହରର ବିଦ୍ୟୁତ୍ ଭିତ୍ତିଭୂମି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏହାକୁ ସଜାଡିବାକୁ ଅନେକ ସମୟ ଲାଗିଯିବ। ତେବେ ମେ ୧୨ ତାରିଖରେ ପୁରୀ ବଡ଼ଦାଣ୍ଡ ଓ ହସ୍ପିଟାଲକୁ ଏବଂ ୧୫ ତାରିଖରେ କୋଣାର୍କକୁ ବିଦ୍ୟୁତ୍ ଯୋଗାଣ ଆରମ୍ଭ ହେବ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ ସୂଚନା ଦେଇଛନ୍ତି।

ଗୁରୁବାର ସନ୍ଧ୍ୟା ସୁଦ୍ଧା ସେସୁ ଅଧୀନରେ ଥିବା ବିସିଡିଡି-୧ର ୪୬ଟି ୧୧ କେଭି ଫିଡରରୁ ୩୬ଟି କାର୍ଯ୍ୟକ୍ଷମ ହୋଇଥିବା ବେଳେ ବିସିଡିଡି-୨ର ୬୬ଟି ଫିଡରରୁ ୨୯ଟିରେ ବିଦ୍ୟୁତ୍ ଯୋଗାଣ କରାଯାଇଛି। ସେହିପରି ବିଇଡି ଡିଭିଜନର ୩୬ଟି ଫିଡରରୁ ୧୫ଟି ଚାଲୁ କରାଯାଇଛି। ମାତ୍ର ପୁରୀ ସହରରେ ଏ ପର୍ଯ୍ୟନ୍ତ କୌଣସି ସ୍ଥାନକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ପୁରୀରେ ୧୭୫ ଗ୍ୟାଙ୍ଗ ଲାଗିଛନ୍ତି। ସେହିପରି ଖୋର୍ଦ୍ଧାରେ ୧୦୦ ଗ୍ୟାଙ୍ଗ ପୁନରୁଦ୍ଧାର କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ଗ୍ୟାଙ୍ଗରେ ୧୦ଜଣ କର୍ମଚାରୀ ଓ ଜଣେ ଅଫିସର ନିୟୋଜିତ ହୋଇଛନ୍ତି। ଆହୁରି ୩୦୦ ଗ୍ୟାଙ୍ଗ ବିଭିନ୍ନ ରାଜ୍ୟ ଆନ୍ଧ୍ର, ପଶ୍ଚିମବଙ୍ଗ, ତେଲେଙ୍ଗାନାରୁ ଆସି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଘରୋଇ ଉପଭୋକ୍ତାଙ୍କୁ ଏହି କାର୍ଯ୍ୟରେ ସହାୟତା ପାଇଁ ଆଇଟିଆଇ ଏବଂ ପଲିଟେକ୍‌ନିକ୍ ଛାତ୍ରୀଛାତ୍ରମାନଙ୍କୁ ଶୁକ୍ରବାରଠାରୁ ନିୟୋଜିତ କରାଯିବ ବୋଲି ସିଂ କହିଛନ୍ତି। ସମସ୍ତ ଘରୋଇ ହସ୍ପିଟାଲକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଭୂତଳ କେବୁଲ ଯୋଗୁ ବିଦ୍ୟୁତ ଯୋଗାଇବାରେ ସହଜ ହୋଇଛି ଏବଂ ଅଧିକ ଅଞ୍ଚଳକୁ ଯୋଗାଣ ଆରମ୍ଭ ହୋଇଛି। କଟକ ସହରରେ ୧୦୦ ପ୍ରତିଶତ ବିଦ୍ୟୁତ୍ ଯୋଗାଣ କରାଯାଇଛି। ଆସନ୍ତା ୧୪ ତାରିଖ ସୁଦ୍ଧା ଜଗତପୁର ଶିଳ୍ପାଞ୍ଚଳକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ।

ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ସୁଧାର ଆସିଛି। ପୁରୀରେ ୨୩୯ଟି ବ୍ୟାଙ୍କ ଶାଖାରୁ ୬୦ଟି ଶାଖା କାର୍ଯ୍ୟ କରୁଛି। ୨୭୩ଟି ଏଟିଏମ୍‌ରୁ ୨୦ଟି କାର୍ଯ୍ୟକ୍ଷମ ରହିଛି। କଟକରେ ୪୨୨ରୁ ୨୬୦ଟି ବ୍ୟାଙ୍କ ଓ ୫୯୩ ଏଟିଏମ୍‌ରୁ ୧୬୨ଟି ଚାଲୁ ରହିଛି। ସେହିପରି ଖୋର୍ଦ୍ଧାରେ ୭୦୭ ବ୍ୟାଙ୍କ ଶାଖାରୁ ୭୨ଟି କାର୍ଯ୍ୟ କରୁଥିବା ବେଳେ ୧୧୬୪ ଏଟିଏମ୍‌ରୁ ୧୯୭ଟି କାର୍ଯ୍ୟକ୍ଷମ ଅଛି। ଜଗତ୍‌ସିଂହପୁରରେ ୧୬୮ ବ୍ୟାଙ୍କରୁ ୧୨୩ କାର୍ଯ୍ୟକ୍ଷମ ରହିଥିବା ବେଳେ ୧୯୬ ଏଟିଏମ୍‌ରୁ ☞ପୃଷ୍ଠା-୪



ଫନୀ ପ୍ରଭାବରେ ଭୁବନେଶ୍ୱର ଉପକଣ୍ଠ ପାଣ୍ଡରା ରୋଡ୍ ନିକଟରେ ଭାଙ୍ଗି ପଡ଼ିଥିବା ବିଦ୍ୟୁତ୍ ଟାୱାରର ମରାମତି କାର୍ଯ୍ୟ ଚାଲିଛି।

# ଆଖି ବୁଜିଲେ ଗଣବଳାତ୍କାର ପୀଡ଼ିତା

ଭୁବନେଶ୍ୱର, (ବ୍ୟୁରୋ)/ ମାଲକାନଗିରି, ୯।୫ (ସ୍ୱ.ପ୍ର.)

ବଞ୍ଚିଥିବା ବେଳେ ମିଳିଲାନି ନ୍ୟାୟ। ପୋଲିସ ଏବଂ ଜିଲା ପ୍ରଶାସନ କାନରେ ପଡ଼ିଲା ନାହିଁ ଗଣବଳାତ୍କାରର ଶିକାର ହୋଇଥିବା ପୀଡିତାଙ୍କ କ୍ରନ୍ଦନ। କୁହୁଳି କୁହୁଳି ପରି ଶେଷରେ ନ୍ୟାୟ ଅପେକ୍ଷାରେ ଆଖିବୁଜିଲେ ମାଲକାନଗିରି ଜିଲା ଗୋବିନ୍ଦପାଲିର ଆଉ ଜଣେ ନାବାଳିକା ପୀଡ଼ିତା। ତାଙ୍କ ମୃତ୍ୟୁକୁ ନେଇ ଏବେ ପ୍ରଶାସନ ଓ ନ୍ୟାୟିକ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠିଛି। ପୀଡ଼ିତା କିଛି ଦିନ ହେବ ଗୁରୁତର ହୋଇ ସ୍ଥାନୀୟ ଏମ୍ସରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଇସିୟୁରେ ରହି ଚିକିତ୍ସିତ ହେଉଥିବା ବେଳେ ଶେଷରେ ଗୁରୁବାର ଆଖି ବୁଜିଛନ୍ତି। ଏପରିକି ତାଙ୍କୁ ନ୍ୟାୟ ଦେବା ପାଇଁ ଗତ ଦୁଇ ତାରିଖରେ ଭାଜପାର ଏକ ଟିମ୍ ଡିଜିପିଙ୍କୁ ଭେଟି ନ୍ୟାୟ ପାଇଁ ଦାବି କରିଥିଲା। ହେଲେ ଫଳ କିଛି ମିଳିଲା ନାହିଁ।

ସୂଚନା ଅନୁଯାୟୀ, ଛାତ୍ରୀ ଜଣଙ୍କ ଗୋବିନ୍ଦପାଲି କଲେଜରେ ପାଠ ପଢୁଥିଲେ। ସେହି କଲେଜର ଅଧ୍ୟାପକ ଅଜୟ ସୂତାର ପରୀକ୍ଷାରେ ଅଧିକ ମାର୍କ ଦେବାର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ଏପରିକି ଅଧ୍ୟାପକଙ୍କ ସହ ଖବରଦାତା ମହେନ୍ଦ୍ର ପାଣିଗ୍ରାହୀ, କୁଆନ ଆଚାରୀ ଏବଂ ଅନ୍ୟ ଜଣେ ଅଜଣା ବ୍ୟକ୍ତି କଲେଜ ପରିସରରେ ତାଙ୍କୁ ଗଣବଳାତ୍କାର କରିଥିଲେ। ଏନେଇ ମାଥିଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ କେବଳ ଅଧ୍ୟାପକଙ୍କ ନାମରେ ☞ପୃଷ୍ଠା-୪

# ସିଝୁଛି ଓଡ଼ିଶା

ଭୁବନେଶ୍ୱର,୯।୫(ବ୍ୟୁରୋ)

ବାତ୍ୟା 'ଫନୀ' ଚୋଟର କ୍ଷତ ଭରି ନ ଥିବା ବେଳେ ସାରା ରାଜ୍ୟ ପ୍ରଚଣ୍ଡ ଗ୍ରୀଷ୍ମ ବଳୟ ଭିତରକୁ ଚାଲି ଯାଇଛି। ସତେ ଯେମିତି ତତଲା ତାୱାରେ ରାଜ୍ୟବାସୀ ଭାଜି ହେଉଛନ୍ତି। ଉପକୂଳ ଓଡିଶାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଓ ପଶ୍ଚିମକୁ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିକୁ ଆହୁରି ବିଗାଡ଼ି ଦେଇଛି। ଆକାଶରୁ ଅଗ୍ନିବର୍ଷା ହେଉଛି। ଦେହ ମୁଣ୍ଡ ଜଳିପୋଡି ଗଲା ଭଳି ଲାଗୁଛି। ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଥିବା ବେଳେ ☞ପୃଷ୍ଠା-୪




# ଅକର୍ମାଙ୍କୁ ଚିହ୍ନଟ ଚାଲିଛି

**୧୨୦୦ ଆଇପିଏସ୍ ଅଫିସରଙ୍କ ଉପରେ ନଜର**

**ନୂଆଦିଲ୍ଲୀ,୯।୫(ପି.ଟି.):** କାମ କରୁ ନ ଥିବା ପାଖାପାଖି ୧୨୦୦ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସରଙ୍କ ଉପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନଜର ରଖିଛି। ସରକାରରେ ଥିବା ଅକର୍ମା ବା ଅବାଞ୍ଛିତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଲାଗି ମନ୍ତ୍ରଣାଳୟ ଗତ ୩ ବର୍ଷରେ ୧୧୮୧ ଆଇପିଏସ୍ ଅଫିସରଙ୍କ ସେବା ରେକର୍ଡ ସମୀକ୍ଷା କରିଥିଲା। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଜନସ୍ୱାର୍ଥ ଦୃଷ୍ଟିରୁ କାର୍ଯ୍ୟକାଳ ଶେଷ ପୂର୍ବରୁ ଅବସର ପ୍ରଦାନ ପାଇଁ ସୁପାରିସ କରାଯାଇଛି। ଏହି ସମୀକ୍ଷା ପ୍ରକ୍ରିୟା ଜାରି ରହିଲେ ଆହୁରି ଅଧିକ ଅଫିସର ମନ୍ତ୍ରଣାଳୟ ଯାଞ୍ଚ ତାଲିକାରେ ରହିବେ ବୋଲି ଜଣେ ଅଧିକାରୀ କହିଛନ୍ତି। ସର୍ବଭାରତୀୟ ସେବା (ମୃତ୍ୟୁ ତଥା ଅବସରକାଳୀନ ସୁବିଧା) ନିୟମାବଳୀ, ୧୯୫୮ର ନିୟମ ୧୬(୩) ଅନୁଯାୟୀ ୨୦୧୬ରୁ ୨୦୧୮ ମଧ୍ୟରେ ଆଇପିଏସ୍ ଅଫିସରମାନଙ୍କ ସେବା ରେକର୍ଡ ଯାଞ୍ଚ କରାଯାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଦେଶରେ ମୋଟ ୪୯୪୦ ଆଇପିଏସ୍ ଅଫିସରଙ୍କ ସ୍ଥାନରେ ୩୯୭୨ଜଣ କାର୍ଯ୍ୟ କରୁଛନ୍ତି। ସେମାନଙ୍କ କାର୍ଯ୍ୟଦକ୍ଷତା ସମୀକ୍ଷା ଲାଗି କେନ୍ଦ୍ର ସରକାର ଏକ ନୀତି କାର୍ଯ୍ୟକାରୀ କରିଛନ୍ତି। ସେହିପରି ୨୦୧୫ରୁ ୨୦୧୮ ମଧ୍ୟରେ ୧୧୪୩ ଆଇଏଏସ୍ ଅଫିସରଙ୍କ ସେବା ରେକର୍ଡ ଯାଞ୍ଚ କରାଯାଇ ୪ ଜଣଙ୍କୁ କାର୍ଯ୍ୟକାଳ ଶେଷ ପୂର୍ବରୁ ଅବସର ନେବା ଲାଗି ସୁପାରିସ କରାଯାଇଥିବା ଜଣାପଡ଼ିଛି।




NATIONAL EGG CO-ORDINATION COMMITTEE (NECC) 09.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 109 | 170 | 180 |
| BDK | 112 | 174 | 184 |
| BLS | 112 | 174 | 184 |
| ANG | 109 | 170 | 180 |

*Conditions Apply
Eggs Retail Price- 46/-Dozen
Issued in the Interest of Consumers

**ଆଜିର ସମ୍ପାଦକୀୟ**

ବାଣିଜ୍ୟିକ ଯୁଦ୍ଧ

**ଆଜିର ମନ୍ତବ୍ୟ**

" ନରେନ୍ଦ୍ର ମୋଦିଙ୍କଠାରୁ ଦୁର୍ବଳ ଓ ଭୀରୁ ପ୍ରଧାନମନ୍ତ୍ରୀ କେବେ ଦେଖିନାହିଁ।

– **ପ୍ରିୟଙ୍କା ଗାନ୍ଧୀ ଭଦ୍ରା,** କଂଗ୍ରେସ ସାଧାରଣ ସମ୍ପାଦକ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ ଅଭିବୃଦ୍ଧି ୧୩.୨୪% ଓ ଜମା ୧୦.୦୩% ହାରରେ ବଢ଼ିଛି। – **ଆର୍‌ବିଆଇ**





ଦାରିଦ୍ର୍ୟ ଦୂରୀକରଣର ସ୍ଲୋଗାନ ଦେଇ ନେହେରୁଙ୍କଠାରୁ ନେଇ ମନମୋହନଙ୍କ ଯାଏ କ୍ଷମତାସୀନ ହୋଇଛନ୍ତି। ହେଲେ ଏହି ପ୍ରସଙ୍ଗରେ କଂଗ୍ରେସ ନିଜ ବିଶ୍ୱସନୀୟତା ହରାଇଦେଇଛି।

-ନୀତୀନ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ



# ବାୟୁସେନା, ନୌସେନାକୁ ମଝିକୁ ଟାଣିଲେ

**ନୂଆଦିଲ୍ଲୀ,୯।୫(ପି.ଟି.)**



ଭାରତୀୟ ସଶସ୍ତ୍ର ବଳର ସଫଳତା କିମ୍ବା ସେନା ସମ୍ପର୍କିତ କୌଣସି ବିଷୟକୁ ନିର୍ବାଚନୀ ପ୍ରଚାରରେ ସାମିଲ ନ କରିବାକୁ ନିର୍ବାଚନ କମିଶନ(ଇସି)ଙ୍କ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏହାକୁ ବାରମ୍ବାର ଅବଜ୍ଞା କରିବାରେ ଲାଗିଛନ୍ତି ରାଜନୈତିକ ଦଳ। ବିଶେଷକରି ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ଏହି ପ୍ରସଙ୍ଗରେ ମୁହାଁମୁହିଁ ହୋଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତଥା ତାଙ୍କ କ୍ୟାବିନେଟ ସହଯୋଗୀମାନେ ବାରମ୍ବାର ପାକିସ୍ତାନ ଉପରେ ସର୍ଜିକାଲ ଷ୍ଟ୍ରାଇକ୍ ତଥା ଏୟାରଷ୍ଟ୍ରାଇକ୍‌କୁ ପୁଞ୍ଜିକରି ଭୋଟ ମାଗୁଥିବାବେଳେ କଂଗ୍ରେସ ମଧ୍ୟ ନିଜ ସରକାର ଅମଳରେ ଏପରି ଏକାଧିକ ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କଥା କହୁଛି। ଏହି କ୍ରମରେ ପ୍ରଚାରରେ ଏବେ ଯୋଡ଼ିହୋଇଛି ଭାରତୀୟ ବାୟୁସେନା (ଆଇଏଏଫ୍) ଏବଂ ଭାରତୀୟ ନୌସେନା ସେବା (ଆଇଏନ୍‌ଏସ୍)। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିବାକୁ ଯାଇ ତାଙ୍କ ବାପା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ଛୁଟି କାଟିବା ପାଇଁ ଆଇଏନ୍‌ଏସ୍ ବିରାଟ ଯୁଦ୍ଧଜାହାଜକୁ ବ୍ୟବହାର କରିଥିବା ମୋଦି ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ କଂଗ୍ରେସ ମୋଦିଙ୍କୁ ଏକ ଧାରାବାହିକ ମିଛୁଆ ଭାବେ ଅଭିହିତ କରି ପ୍ରଧାନମନ୍ତ୍ରୀ ଆଇଏଏଫ୍‌କୁ 'ନିଜ ଟ୍ୟାକ୍ସି' ଭାବେ ବ୍ୟବହାର କରୁଥିବା ସମାଲୋଚନା କରିଛି। ଦୁଇ ଦଳ ସଶସ୍ତ୍ର ବଳକୁ ପ୍ରଚାର ମଝିକୁ ଟାଣିବା ପରେ ଉଷ୍ମ ହୋଇଛି ଜାତୀୟ ରାଜନୀତି।

ସେନାର ସଫଳତାକୁ ନେଇ ମୋଦି ଓ ଶାହ ନିର୍ବାଚନୀ ସଭାଗୁଡ଼ିକରେ ଭୋଟ ମାଗିବା ପରେ ବିବାଦ ଆରମ୍ଭ ହୋଇଥିଲା। ଭାରତୀୟ ସେନା କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ବୋଲି କଂଗ୍ରେସ ମୁଖ୍ୟ ରାହୁଲ ସମାଲୋଚନା କରିଥିଲେ। ଏହାକୁ ନେଇ ପ୍ରଧାନମନ୍ତ୍ରୀ ମୋଦି ବୁଧବାର ନୂଆଦିଲ୍ଲୀର ରାମଲୀଳା ମଇଦାନରେ କହିଥିଲେ, ରାଜୀବ ଗାନ୍ଧୀ ନିଜ ପରିବାର ସହ ଛୁଟି କାଟିବା ପାଇଁ ଆଇଏନ୍‌ଏସ୍ ବିରାଟକୁ 'ବ୍ୟକ୍ତିଗତ ଟ୍ୟାକ୍ସି' ଭାବେ ବ୍ୟବହାର କରିଥିଲେ। ସେ ଇଟାଲୀରୁ ଆସିଥିବା ନିଜ ଶ୍ୱଶୁର ଘର ଲୋକଙ୍କ ସହ ଏକ ଦ୍ୱୀପକୁ ଛୁଟି କାଟିବା ଲାଗି ୧୦ ଦିନ ପାଇଁ ଯାଇଥିଲେ। ଯୁଦ୍ଧଜାହାଜରେ ବିଦେଶୀଙ୍କୁ ନେବା ଦ୍ୱାରା ଜାତୀୟ ନିରାପତ୍ତା ସହ ସାଲିସ କରାଯାଇନି କି ବୋଲି ମୋଦି ପ୍ରଶ୍ନ କରିଥିଲେ। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଗୁରୁବାର ଏହାର ଜବାବ ରଖିଛନ୍ତି। ସୁର୍ଜେୱାଲା ଏକ ଗଣମାଧ୍ୟମ ରିପୋର୍ଟର ଅବତାରଣା କରି କହିଛନ୍ତି, ପ୍ରଧାନମନ୍ତ୍ରୀ ବାୟୁସେନା ବିମାନଗୁଡ଼ିକୁ ମାତ୍ର ୭୪୪ ଟଙ୍କାରେ ଭଡ଼ାରେ ନେଉଛନ୍ତି। ନିର୍ବାଚନୀ ପ୍ରଚାର ପାଇଁ ଆଇଏଏଫ୍ ବିମାନଗୁଡ଼ିକୁ ସେ ନିଜ ବ୍ୟକ୍ତିଗତ ଟ୍ୟାକ୍ସିରେ ପରିଣତ କରିଛନ୍ତି। ମୋଦି ଅନ୍ୟମାନଙ୍କୁ ଅଙ୍ଗୁଳି ଦେଖାଇବା ଅତ୍ୟନ୍ତ ଲଜ୍ଜାଜନକ।

ପ୍ରକାଶ ଯେ, ସୂଚନା ଅଧିକାର (ଆର୍‌ଟିଆଇ) ତଥ୍ୟାନୁସାରେ ପ୍ରକାଶିତ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ଦିନଠାରୁ ୨୦୧୯ ଜାନୁୟାରୀ ମଧ୍ୟରେ ବାୟୁସେନା ବିମାନକୁ ନନ୍‌-ଅଫିସିଆଲ୍ ଘରୋଇ ଯାତ୍ରା ପାଇଁ ୨୪୦ ଥର ବ୍ୟବହାର କରିଛନ୍ତି। ଏଥିପାଇଁ ଭାଜପା ମୋଟ ୧.୪ କୋଟି ଟଙ୍କା ଆଇଏଏଫ୍‌କୁ ପଇଠ କରିଛି। ଅନେକ ସମୟରେ ପଇଠ ଅର୍ଥ ବହୁତ କମ। ଉଦାହରଣସ୍ୱରୂପ ଜାନୁୟାରୀ ୧୫ରେ ମୋଦି ଆଇଏଏଫ୍ ହେଲିକପ୍ଟରରେ ବଲାଙ୍ଗିରର ପଥରଚେପା ଆସିଥିଲେ। ଏଥିପାଇଁ ଆଇଏଏଫ୍‌କୁ ଭଡ଼ା ବାବଦରେ ମାତ୍ର ୭୪୪ ଟଙ୍କା ଭାଜପା ପଇଠ କରିଥିଲା ବୋଲି ଗତ ଏପ୍ରିଲ ୨୫ରେ ଏକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା।

## ଆର୍‌ଟିଆଇ ତଥ୍ୟ

| | | | | |
|---|---|---|---|---|
| 232 | 04-01-2019 | Imphal-Ramnagar-Kumbhigram | 72563 | Paid |
| 233 | 03-01-2019 | Phagwara-Gurdaspur-Pathankot | 10230 | Paid |
| 234 | 24/12/18 | Bhuwaneswar-Goshala Ground-Bhuwaneswar | 2139 | Paid |
| 235 | 15-01-19 | H/P Balangir-H/P Patharchera | 744 | Paid |

'ନାମଦାର୍‌ମାନେ' ନୌସେନା ଜାହାଜକୁ ଛୁଟି କାଟିବା ପାଇଁ ବ୍ୟବହାର କରୁଥିଲେ। ହେଲେ 'କାମଦାର୍‌ମାନେ' ଏହାକୁ ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଉପଯୋଗ କରୁଛନ୍ତି।

**- ଅରୁଣ ଜେଟ୍‌ଲୀ, ବରିଷ୍ଠ ଭାଜପା ନେତା**



## ଭାଜପା-କଂଗ୍ରେସ ମୁହାଁମୁହିଁ

- ରାଜୀବ ଗାନ୍ଧୀ ଛୁଟି କାଟିବା ପାଇଁ ଆଇଏନ୍‌ଏସ୍ ବିରାଟକୁ 'ବ୍ୟକ୍ତିଗତ ଟ୍ୟାକ୍ସି' ଭାବେ ବ୍ୟବହାର କରିଥିଲେ: ମୋଦି
- ପ୍ରଚାର ଲାଗି ଆଇଏଏଫ୍ ବିମାନଗୁଡ଼ିକୁ ନିଜ ବ୍ୟକ୍ତିଗତ ଟ୍ୟାକ୍ସିରେ ପରିଣତ କରିଛନ୍ତି ପ୍ରଧାନମନ୍ତ୍ରୀ: ସୁର୍ଜେୱାଲା
- ମୋଦିଙ୍କ ବଲାଙ୍ଗିର ଗସ୍ତ ପାଇଁ ବାୟୁସେନାକୁ ୭୪୪ ଟଙ୍କା ହେଲିକପ୍ଟର ଭଡ଼ା ପଇଠ କରିଛି ଭାଜପା: ଆର୍‌ଟିଆଇ ତଥ୍ୟ

# 'ମୋଦି ଧାରାବାହିକ ମିଛୁଆ'



ପବନ ଖେରା

**ନୂଆଦିଲ୍ଲୀ,୯।୫(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଧାରାବାହିକ ମିଛୁଆ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଆଇଏନ୍‌ଏସ୍ ବିରାଟକୁ ଛୁଟି କାଟିବା ପାଇଁ ବ୍ୟବହାର କରିଥିବା ନେଇ ମୋଦିଙ୍କ ମନ୍ତବ୍ୟ ମିଛ ବୋଲି କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି, ରାଜୀବ ଆଇଏନ୍‌ଏସ୍ ବିରାଟରେ ଛୁଟି କାଟିବା ପାଇଁ ନୁହେଁ, ବରଂ ଅଫିସିଆଲ୍ ଭିଜିଟରେ ଯାଇଥିଲେ ବୋଲି ଭାରତୀୟ ନୌସେନାର ଅବସରପ୍ରାପ୍ତ ଉପମୁଖ୍ୟ ଭାଇସ୍ ଆଡ୍‌ମିରାଲ ବିନୋଦ ପସ୍‌ରିଚା ସ୍ପଷ୍ଟ କରିସାରିଛନ୍ତି। ବେକାରି ଓ ବିମୁଦ୍ରୀକରଣ ଭଳି ପ୍ରସଙ୍ଗଗୁଡ଼ିକୁ ନେଇ ନିର୍ବାଚନ ଲଢ଼ିବା ପାଇଁ ତାଙ୍କର ସାହସ ନାହିଁ। ଏଥିପାଇଁ ସେ ମିଛର ଆଶ୍ରୟ ନେଇଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ଅହମ୍ମଦ ପଟେଲ କହିଛନ୍ତି, ମୋଦି ନିର୍ବାଚନ ପ୍ରଚାରବେଳେ ବାରମ୍ବାର ରାଜୀବଙ୍କୁ ଟାର୍ଗେଟ କରୁଛନ୍ତି। ଜଣେ ଶହୀଦଙ୍କୁ ଅପମାନ କରିବା ପ୍ରଧାନମନ୍ତ୍ରୀଙ୍କ ଚରମ ଭୀରୁତାର ପରିଚୟ। କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ମୋଦିଙ୍କ ଭଳି ଭୀରୁ ଓ ଦୁର୍ବଳ ପ୍ରଧାନମନ୍ତ୍ରୀ ସେ କେବେ ଦେଖିନାହାନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ମଧ୍ୟ ଏହି ପ୍ରସଙ୍ଗରେ ମୋଦିଙ୍କୁ ସମାଲୋଚନା କରିଛନ୍ତି। ଜୀବିତ ନ ଥିବା ଜଣେ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏଭଳି ମନ୍ତବ୍ୟ ଦେବା ପ୍ରଧାନମନ୍ତ୍ରୀଙ୍କୁ ଶୋଭାପାଉନାହିଁ ବୋଲି ପାୱାର କହିଛନ୍ତି।



ଭୋପାଳ ଲୋକ ସଭା ଆସନର କଂଗ୍ରେସ ପ୍ରାର୍ଥୀ ଦିଗ୍‌ବିଜୟ ସିଂ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠରେ ଏକ ଗାଈକୁ ଫୁଲମାଳ ପିନ୍ଧାଉଛନ୍ତି। ଭାଜପା ପ୍ରାର୍ଥୀ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁରଙ୍କ 'ହିନ୍ଦୁତ୍ୱ' ପ୍ରସଙ୍ଗର ମୁକାବିଲା ପାଇଁ ଦିଗ୍‌ବିଜୟ ଏପରି ପନ୍ଥା ଆପଣାଇଛନ୍ତି।

# ଜଷ୍ଟିସ ବୋଷ, ବୋପାନ୍ନାଙ୍କ ନାମ ପୁନଃ ସୁପାରିସ କଲେ କଲେଜିୟମ୍

**ନୂଆଦିଲ୍ଲୀ,୯।୫(ପି.ଟି.)**



ସରକାରଙ୍କ ଆପତ୍ତିକୁ ଅଗ୍ରାହ୍ୟ କରି ସୁପ୍ରିମକୋର୍ଟ କଲେଜିୟମ୍ ସର୍ବୋଚ୍ଚ ଅଦାଲତର ବିଚାରପତି ଭାବେ ପଦୋନ୍ନତି ଲାଗି ଜଷ୍ଟିସ ଅନିରୁଦ୍ଧ ବୋଷ ଏବଂ ଏ.ଏସ୍. ବୋପାନ୍ନାଙ୍କ ନାମ ପୁନଃ ସୁପାରିସ କରିଛନ୍ତି। ସେମାନଙ୍କ ଦକ୍ଷତା, ବ୍ୟବହାର ଏବଂ ସାଧୁତା ବିରୋଧରେ କୌଣସି ସୂଚନା ମିଳି ନ ଥିବା କଲେଜିୟମ ଅନୁଭବ କରିଥିବା କହିଛନ୍ତି। ଏଥିସହିତ କଲେଜିୟମ ଜଷ୍ଟିସ୍ ବି.ଆର୍. ଗାଭାଇ ଏବଂ ସୂର୍ଯ୍ୟକାନ୍ତଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଁ ସୁପାରିସ୍ କରିଛନ୍ତି। କଲେଜିୟମର ଉପରୋକ୍ତ ଦୁଇ ପ୍ରସ୍ତାବ ସର୍ବୋଚ୍ଚ ଅଦାଲତଙ୍କ ୱେବ୍‌ସାଇଟରେ ଗୁରୁବାର ସ୍ଥାନ ପାଇଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ସଦସ୍ୟ ବିଶିଷ୍ଟ କଲେଜିୟମ ବୁଧବାର ବସି ଉପରୋକ୍ତ ୪ ବିଚାରପତିଙ୍କ ପଦୋନ୍ନତି ସମ୍ପର୍କରେ ବିଚାରବିମର୍ଶ କରାଯାଇଥିଲା।

# ଅଯୋଧ୍ୟା ଶୁଣାଣି ଆଜି

**ନୂଆଦିଲ୍ଲୀ,୯।୫**

ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ୍ ମାମଲାର ଶୁଣାଣି ଶୁକ୍ରବାର ସୁପ୍ରିମକୋର୍ଟରେ କରାଯିବ। ବିବାଦର ସମାଧାନ ଲାଗି ବିଭିନ୍ନ ପକ୍ଷ ସହ ଆଲୋଚନା କରି ସେମାନଙ୍କ ମତାମତ ସଂଗ୍ରହ କରିବାକୁ ଗଠିତ ହୋଇଥିବା ୩ ଜଣିଆ ମଧ୍ୟସ୍ଥ ପ୍ୟାନେଲ୍‌କୁ ୮ ସପ୍ତାହ ସମୟ ଦିଆଯାଇଥିଲା। ପ୍ୟାନେଲ ଶୁକ୍ରବାର ରିପୋର୍ଟ ଉପସ୍ଥାପନ କରିବ। ପୂର୍ବତନ ବିଚାରପତି ଏଫ୍‌ଏମ୍ ଇବ୍ରାହିମ୍ କାଲିଫୁଲ୍ଲା, ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ଓ ବରିଷ୍ଠ ଓକିଲ ଶ୍ରୀରାମ ପଞ୍ଚୁଙ୍କୁ ସିଜେଆଇ ରଞ୍ଜନ ଗୋଗୋଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରି ରିପୋର୍ଟ ଦେବାକୁ ଗତ ମାର୍ଚ୍ଚ ମାସରେ କହିଥିଲେ।



ଥାଇଲାଣ୍ଡରେ ଅଖିମୁଠି ଅନୁକୂଳ ଉତ୍ସବ ପାଳନ ବେଳେ ରାଜଧାନୀ ବ୍ୟାଙ୍କକ୍‌ରେ ଜନସାଧାରଣଙ୍କୁ ସମ୍ବୋଧିତ କରୁଛନ୍ତି ରାଜା ମହା ବାଜିରାଲୋଙ୍ଗକୋର୍ଣ୍ଣ ଓ ରାଣୀ ସୁଥିଦା।

## ଗୌରୀ ଲଙ୍କେଶ ହତ୍ୟାକାଣ୍ଡ ପ୍ରଜ୍ଞାଙ୍କୁ ଏସ୍‌ଆଇଟିର କ୍ଲିନ୍‌ଚିଟ୍

**ବେଙ୍ଗାଲୁରୁ,୯।୫(ପି.ଟି.)**

ସାମ୍ବାଦିକ ଗୌରୀ ଲଙ୍କେଶ ହତ୍ୟା ମାମଲାର ତଦନ୍ତ କରୁଥିବା ଏସ୍‌ଆଇଟି ଭୋପାଳ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବା ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର୍‌ଙ୍କୁ କ୍ଲିନଚିଟ୍ ଦେଇଛି। ହତ୍ୟାକାଣ୍ଡ ପଛରେ ପ୍ରଜ୍ଞାଙ୍କ କୌଣସି ସମ୍ପୃକ୍ତି ନାହିଁ କି ତାଙ୍କ ନାମ ଚାର୍ଜଶିଟ୍‌ରେ ନାହିଁ ବୋଲି ଏସ୍‌ଆଇଟି କହିଛି। ପ୍ରକାଶଥାଉ କି, ଗୌରୀଙ୍କୁ ୨୦୧୭ ସେପ୍ଟେମ୍ବର ୫ରେ ଗୁଳିକରି ହତ୍ୟା କରାଯାଇଥିଲା।

## ମୋଦିଙ୍କ ବିରୋଧରେ ରାବ୍ରିଙ୍କ ଆପତ୍ତିଜନକ ମନ୍ତବ୍ୟ

**ନୂଆଦିଲ୍ଲୀ,୯।୫(ପି.ଟି.)**

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବଙ୍କ ସ୍ତ୍ରୀ ରାବ୍ରି ଦେବୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ରାବ୍ରି ଟୁଇଟର୍‌ରେ ମୋଦିଙ୍କୁ 'ଜଲ୍ଲାଦ' ଓ ଭୟଙ୍କର ମାନସିକତାର ବ୍ୟକ୍ତି ବୋଲି ଅଭିହିତ କରିଛନ୍ତି। ଅନେକ ବିଚାରପତି ଓ ଖବରଦାତାଙ୍କ ହତ୍ୟା ଏବଂ ଅପହରଣ ପଛରେ ମୋଦିଙ୍କ ହାତ ରହିଥିବା ସେ ନିଜ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

# ତିରୁପତି ମନ୍ଦିରରେ ୯,୨୫୯ କେ.ଜି. ସୁନା

**ତିରୁପତି,୯।୫(ପି.ଟି.)**



ତିରୁମାଲାସ୍ଥିତ ଶ୍ରୀଭେଙ୍କଟେଶ୍ୱର ମନ୍ଦିରର ବିଭିନ୍ନ ବ୍ୟାଙ୍କ ଏବଂ ଏହାର ନିଜସ୍ୱ ଟ୍ରେଜେରିରେ ଥିବା ସୁନା ପରିମାଣ ୯,୨୫୯ କିଲୋଗ୍ରାମ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି) ଦ୍ୱାରା ପରିଚାଳିତ ଏହା ଦେଶର ସବୁଠୁ ଧନୀ ମନ୍ଦିର। ଗୋଲ୍ଡ ଡିପୋଜିଟ୍ ସ୍କିମ୍‌ରେ ମନ୍ଦିରର ୫୩୮୭ କିଲୋଗ୍ରାମ ସୁନା ଷ୍ଟେଟ ବ୍ୟାଙ୍କରେ ଓ ୧୯୩୮ କିଲୋଗ୍ରାମ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କରେ ଜମା ହୋଇଛି। ସେହିପରି ୩ ବର୍ଷିଆ ଜମା ଅବଧି ଶେଷ ହେବା ପରେ ଗତ ମାସ ୨୦ରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ୧୩୮୧ କିଲୋଗ୍ରାମ ସୁନା ଫେରାଇଥିବା ଟିଟିଡିର କାର୍ଯ୍ୟନିର୍ବାହୀ ଅଧିକାରୀ ଅନିଲ କୁମାର ସିଙ୍ଘଲ କହିଛନ୍ତି। ଏପ୍ରିଲ ୧୭ରେ ଜବତ ହୋଇଥିବା ସୁନା ପିଏନ୍‌ବିର ଚେନ୍ନାଇ ଶାଖା ତିରୁପତିସ୍ଥିତ ଟିଟିଡି ଟ୍ରେଜେରିକୁ ଫେରାଇବାକୁ ନେଉଥିବା ବେଳେ ନିର୍ବାଚନ କମିଶନଙ୍କ ହାତରେ ଧରାପଡ଼ିଥିଲା। ସୁନା ପରିବହନ ଏବଂ ଏହାର ସୁରକ୍ଷା ପିଏନ୍‌ବିର ଦାୟିତ୍ୱ ହୋଇଥିବାରୁ ଏଥିପାଇଁ ଟିଟିଡି କର୍ତ୍ତୃପକ୍ଷ ଦାୟୀ ନୁହନ୍ତି ବୋଲି ସିଙ୍ଘଲ ଗଣମାଧ୍ୟମକୁ କହିଛନ୍ତି।

## ଇରାନକୁ ଇୟୁର ଚେତାବନୀ

# ଆଣବିକ ପ୍ରତିଶ୍ରୁତି ବଜାୟ ରଖ

**ବ୍ରସେଲ୍ସ,୯।୫(ଆଇଏଏନ୍‌ଏସ୍)**

ଇରାନ ଅନ୍ୟ ବିଶ୍ୱଶକ୍ତିଗୁଡିକ ସହ ସ୍ୱାକ୍ଷର କରିଥିବା ଆଣବିକ ରାଜିନାମାର ପ୍ରତିଶ୍ରୁତି ବଜାୟ ରଖିବା ଲାଗି ୟୁରୋପୀୟ ସଂଘ (ଇୟୁ) ଗୁରୁବାର ଆହ୍ୱାନ ଦେଇଛି। ମିଳିତ ବିସ୍ତୃତ କାର୍ଯ୍ୟଯୋଜନା (ଜେସିପିଓଏ)ରେ ଇରାନ କରିଥିବା ପ୍ରତିଶ୍ରୁତିର କାର୍ଯ୍ୟକାରିତା ବଜାୟ ରଖିବା ଲାଗି ଆମେ ଦୃଢ଼ ଭାବେ ଆହ୍ୱାନ ଦେଉଛୁ ବୋଲି ଇୟୁର ବହିର୍ବ୍ୟାପାର ଉଚ୍ଚ ପ୍ରତିନିଧି ଫେଡେରିକା ମୋଗେରିନି ଏବଂ ଫ୍ରାନ୍ସ, ଜର୍ମାନୀ, ବ୍ରିଟେନର ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ଇରାନ ପୁନର୍ବାର ନିଜର ଆଣବିକ କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ବୁଧବାର କହିବା ପରେ ୟୁରୋପୀୟ ସଂଘ ପକ୍ଷରୁ ତେହେରାନକୁ ଏଥିପାଇଁ ସତର୍କ କରିଦିଆଯାଇଛି। ଇରାନର ଚରମ ସର୍ତ୍ତକୁ ସଂଘ ପ୍ରତ୍ୟାଖ୍ୟାନ କରିଦେଇଛି। ତେହେରାନର ପ୍ରଦର୍ଶନ ଆଧାରରେ ଏହାର ଅନୁପାଳନକୁ ଆକଳନ କରାଯିବ ବୋଲି ୟୁରୋପୀୟ ସଂଘ ପକ୍ଷରୁ ମିଳିତ ବିବୃତିରେ କୁହାଯାଇଛି। ଆଣବିକ ଚୁକ୍ତିନାମାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓହରିଯିବା ସହ ଇରାନ ଉପରେ ଅର୍ଥନୈତିକ କଟକଣା ଲାଗୁ କରିବାରୁ ଏହାର ଅର୍ଥନୀତି କ୍ଷତିଗ୍ରସ୍ତ ହୋଇଛି।

## ହ୍ୱାଟ୍ସଆପ୍‌ରେ ତିନି ତଲାକ୍

**ଠାଣେ,୯।୫(ପି.ଟି.)**

ମହାରାଷ୍ଟ୍ରର ଥାନେ ଜିଲାରେ ଜଣେ ୨୩ ବର୍ଷୀୟା ଭିନ୍ନକ୍ଷମ ମହିଳାଙ୍କୁ ତାଙ୍କ ସ୍ୱାମୀ ମୋବାଇଲ୍ ହ୍ୱାଟ୍ସଆପ୍‌ରେ ତିନି ତଲାକ୍ ମେସେଜ୍ ଦେଇଥିବା ଭୋଲୱାଡ଼ା ପୋଲିସ ଷ୍ଟେଶନ୍‌ରେ ଅଭିଯୋଗ ହୋଇଛି। ୨୦୧୪ ମେ'ରେ ସେ ବିବାହ କରିଥିବାବେଳେ ଶଶୁର ଘର ଲୋକେ ତାଙ୍କୁ ନିର୍ଯାତନା ଦେବା ସହ ସ୍ୱାମୀ ୧୦ ଲକ୍ଷ ଟଙ୍କା ଦାବି କରି ଶେଷରେ ଘରୁ ବାହାର କରିଦେଇଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି।

## ବିବାହ ପ୍ରଲୋଭନ ଦେଖାଇ ମହିଳାଙ୍କୁ ବଳାତ୍କାର

**ଠାଣେ,୯।୫(ପି.ଟି.)**

ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରୁଥିବା ଜଣେ ୨୩ ବର୍ଷୀୟ ମହିଳାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଗୋଆରେ ବାରମ୍ବାର ବଳାତ୍କାର କରିବା ସହ ତାଙ୍କ ଚୁଟିକୁ ଖଣ୍ଡ ଖଣ୍ଡ କରି କାଟିଦେବା ଅଭିଯୋଗରେ ମହାରାଷ୍ଟ୍ରର ଠାଣେ ପୋଲିସ ଅମିତ୍ ସେଲାର୍ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ମହିଳା ଜଣକ ଅମିତ୍‌ଙ୍କ ସହ ଅଢ଼େଇ ବର୍ଷର ଭଲ ସମ୍ପର୍କ ପରେ ସେମାନେ ୱାର୍ଗାନିରେ ଏକାଠି ରହୁଥିଲେ।

# ଜୟରାମଙ୍କୁ ଜାମିନ



**ନୂଆଦିଲ୍ଲୀ,୯।୫(ପି.ଟି.):** ଜାତୀୟ ନିରାପତ୍ତା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ପୁଅ ବିବେକ ଦାଏର କରିଥିବା ମାନହାନି ମାମଲାରେ କଂଗ୍ରେସ ନେତା ଜୟରାମ ରମେଶଙ୍କୁ ଦିଲ୍ଲୀର ଏକ ଅଦାଲତ ଗୁରୁବାର ଜାମିନ ମଞ୍ଜୁର କରିଛନ୍ତି। ଗତ ଜାନୁୟାରୀରେ ବିବେକଙ୍କ ବିରୋଧରେ ଏକ ଲେଖା କାରାଭାନ ପତ୍ରିକାରେ ପ୍ରକାଶ ପାଇଥିଲା। ବିବେକ ଏଥିପାଇଁ କାରାଭାନ ଏବଂ ପ୍ରବନ୍ଧର ଲେଖକ ଜୟରାମଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ।

# ଇଭିଏମ୍‌କୁ ନେଇ ପାୱାରଙ୍କ ପ୍ରଶ୍ନ

**ସତାରା,୯।୫**



ନିର୍ବାଚନରେ ଇଭିଏମ୍‌ର ସ୍ୱଚ୍ଛତାକୁ ନେଇ ପୁଣି ପ୍ରଶ୍ନ ଉଠାଇଛନ୍ତି ଏନ୍‌ସିପି ମୁଖ୍ୟ ଶରଦ ପାୱାର। ସେ ଅଭିଯୋଗ କରି କହିଛନ୍ତି ଯେ, ପରୀକ୍ଷାମୂଳକ ପ୍ରଦର୍ଶନ ବେଳେ ତାଙ୍କ ଦଳ ସପକ୍ଷରେ ଦିଆଯାଇଥିବା ଭୋଟ୍ ବିଜେପିକୁ ଯାଇଥିବା ଆଖିରେ ଦେଖିଛନ୍ତି। ହାଇଦ୍ରାବାଦ ଓ ଗୁଜରାଟରେ ମୋ ଆଗରେ କେତେକ ଲୋକ ଇଭିଏମ୍ ରଖି ବଟନ୍ ଚିପିବାକୁ କହିଥିଲେ। ମୁଁ 'ଘଣ୍ଟା' ବଟନ୍ ଚିପି ଦେଖିଲା ବେଳକୁ ଭୋଟ 'ପଦ୍ମ'କୁ ଯାଇଥିଲା ବୋଲି ପାୱାର ଅଭିଯୋଗ କରିଛନ୍ତି। କେତେକ ଇଭିଏମ୍‌ରେ ଜାଲିଆତି କରାଯାଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ପ୍ରକାଶଥାଉ କି, ଏନ୍‌ସିପି ସହ ୨୦ ବିରୋଧୀ ଦଳ ପକ୍ଷରୁ ସୁପ୍ରିମକୋର୍ଟରେ ଏନେଇ ଅପିଲ୍ କରାଯିବା ସହ ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀର ୫ଟି ବୁଥ୍‌ରେ ଭିଭିପିଏଟି ସ୍ଲିପ୍ ସହ ଇଭିଏମ୍ ମିଳାଯିବାକୁ ଅନୁରୋଧ କରାଯାଇଥିଲା।

# ଅମେଳ ହେଲେ ଭିଭିପିଏଟି ଗଣନା ବୈଧ

**ନୂଆଦିଲ୍ଲୀ,୯।୫(ପି.ଟି.)**



## ଭୋଟଗଣତି ଲାଗି ଇସିଙ୍କ ପ୍ରସ୍ତୁତି

ଆସନ୍ତା ୨୩ ତାରିଖ ଭୋଟଗଣତି ଲାଗି ନିର୍ବାଚନ କମିଶନଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଯଦି ଇଭିଏମ୍ ଏବଂ ଭିଭିପିଏଟି ମେଶିନ୍ ଗଣନା ମଧ୍ୟରେ ପ୍ରାର୍ଥକ୍ୟ ଦେଖାଦିଏ, ତେବେ ଭିଭିପିଏଟି ଗଣନାକୁ ବୈଧ ଭାବେ ଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନ କହିଛନ୍ତି। ପୂର୍ବରୁ କେତେକ ବିଧାନସଭା ନିର୍ବାଚନରେ ଇଭିଏମ୍ ଫଳାଫଳ ସହ ଭିଭିପିଏଟି ପେପର ସ୍ଲିପ୍ ଗଣନା କରାଯାଇଥିଲେ ହେଁ ଏଥର ପ୍ରଥମ ଥର ଲାଗି ଲୋକ ସଭା ନିର୍ବାଚନରେ ଭିଭିପିଏଟି ଯାଞ୍ଚ କରାଯିବ। ଗଣନା ବେଳେ ଇଭିଏମ୍ ଫଳାଫଳ ଏବଂ ଭିଭିପିଏଟି ସ୍ଲିପ୍ ସଂଖ୍ୟା ମେଳ ନ ଖାଇଲେ, ଭିଭିପିଏଟି ସ୍ଲିପ୍ ପୁନର୍ବାର ଗଣନା କରିବାକୁ କୁହାଯାଇଛି। ଭିଭିପିଏଟି ସ୍ଲିପ୍ ଗଣନାକୁ ଚୂଡ଼ାନ୍ତ ସଂଖ୍ୟା ଭାବେ ଗ୍ରହଣ କରିବାକୁ ନିର୍ବାଚନ ନିୟମାବଳୀ ଆଚରଣ ନିୟମ ୫୬ଡି(୪) (ବି) ଏବଂ ୬୦ ଅନୁଯାୟୀ ସମସ୍ତ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ତେବେ ଯାଞ୍ଚରେ ଆଜି ପର୍ଯ୍ୟନ୍ତ ଅମେଳ ହୋଇ ନ ଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ପୂର୍ବରୁ ଗୋଟିଏ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଗୋଟିଏ ବୁଥ୍‌ର ଇଭିଏମ୍ ସହ ଭିଭିପିଏଟି ସ୍ଲିପ୍ ଯାଞ୍ଚ ବ୍ୟବସ୍ଥା ପ୍ରଚଳିତ ଥିଲା। ଏହି ବୁଥ୍‌କୁ ଲଟେରି ମାଧ୍ୟମରେ ବଛାଯାଉଥିଲା। ଏଥର ତାହା ୫ ବୁଥ୍‌କୁ ବୃଦ୍ଧି କରିବାକୁ ସୁପ୍ରିମକୋର୍ଟ ନିର୍ବାଚନ କମିଶନ(ଇସି)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଆସନ୍ତା ୨୩ ତାରିଖରେ ଲୋକ ସଭା ନିର୍ବାଚନ ଲାଗି ମୋଟ ୧୦.୩୫ ଲକ୍ଷ ବୁଥ୍ ମଧ୍ୟରୁ ୨୦,୬୦୦ ବୁଥ୍‌ରେ ଇଭିଏମ୍ ସହ ଭିଭିପିଏଟି ସ୍ଲିପ୍ ଯାଞ୍ଚ ହେବ। ଗୋଟିଏ ବୁଥ୍‌ରେ ଭିଭିପିଏଟି ସ୍ଲିପ୍ ଗଣନା ଲାଗି ଘଣ୍ଟାଏ ସମୟ ଲାଗୁଥିଲା। ଏଥର ୫ଟି ଭିଭିପିଏଟି ଗଣନା ଲାଗି ଆଉ ହାରାହାରି ୪ ଘଣ୍ଟା ଅଧିକ ସମୟ ଲାଗିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଦେଶର ମୋଟ ୪୧୨୦ ବିଧାନସଭା ଆସନ ପାଇଁ ଏହାର ୫ ଗୁଣ ଅର୍ଥାତ୍ ୨୦,୬୦୦ ବୁଥ୍‌ର ପେପର ସ୍ଲିପ୍ ଗଣନା କରାଯିବ।



କନ୍ଧମାଳ ଜିଲା ଫୁଲବାଣୀ ସବ୍ ଜେଲ ପରିସରରୁ ବୁଧବାର ଅପରାହ୍ନରେ ଜଣେ କଏଦୀ ଚମ୍ପଟ ମାରିଛନ୍ତି। ସେ ହେଲେ ଦାରିଙ୍ଗବାଡି ବ୍ଲକ ଲଡ଼ାପଙ୍ଗା ଗ୍ରାମର ଗୋପୀନାଥ ନାୟକ। ଜେଲ କର୍ମଚାରୀଙ୍କ ଅବହେଳାର ସୁଯୋଗ ନେଇ ଗୋପୀନାଥ ଏକ ବାଇକ୍ ଧରି ଚମ୍ପଟ ମାରିଛନ୍ତି। ତାଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି।




# ମାଓବାଦୀଙ୍କୁ ମୂଳପୋଛ କରାଯିବ: ଡିଜିପି

କୋରାପୁଟ,୯।୫(ସ୍ୱ.ପ୍ର.)

ମାଓବାଦୀଙ୍କୁ ମୂଳପୋଛ କରିବା ଲାଗି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଛି। ଗୁରୁବାର କୋରାପୁଟଠାରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ପୋଲିସ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମା ଏହା କହିଛନ୍ତି। ପ୍ରାରମ୍ଭରେ ଡିଜିପି ମାଓବାଦୀଙ୍କ ଗତିବିଧି ଉପରେ ସମୀକ୍ଷା କରିଥିଲେ। କୋରାପୁଟ ଜିଲା ସୀମାନ୍ତ ପାଡୁଆ ଥାନାର କିତୱା ଜଙ୍ଗଲରେ ବୁଧବାର ଅପରାହ୍ନରେ ପୋଲିସ ଓ ମାଓବାଦୀଙ୍କ ଗୁଳିବିନିମୟରେ ୫ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରେ ଜଣେ ଡିସିଏମ, ୩ ଜଣ ଏସିଏମ୍ ର୍ୟାଙ୍କ ଏବଂ ଅନ୍ୟ ଜଣେ ମିଲିସିଆ ସଦସ୍ୟ ଥିଲେ। ଏମାନେ ସମସ୍ତେ ଆନ୍ଧ୍ରର ଦୁଇ ବିଧାୟକଙ୍କ ହତ୍ୟା ମାମଲାରେ ସଂଶ୍ଳିଷ୍ଟ ଥିଲେ। ଗୁରବାର ଅପରାହ୍ନରେ କୋରାପୁଟ ମେଡିକାଲରେ ମାଓବାଦୀଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି। ତାଙ୍କ ପରିବାର ବର୍ଗ ଆସିବା ପରେ ସେମାନଙ୍କୁ ତାହା ହସ୍ତାନ୍ତର କରାଯିବ ବୋଲି ଏସ୍‌ପି କନୱର୍ ବିଶାଳ ସିଂ ପ୍ରକାଶ କରିଛନ୍ତି।

## ଭାରତୀୟ ରିଜର୍ଭ ବ୍ୟାଙ୍କ
www.rbi.org.in

**ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀମାନଙ୍କ ପାଇଁ ଉଦ୍ଦିଷ୍ଟ ଲୋକପାଳ ଯୋଜନା -୨୦୧୮**

ଭାରତୀୟ ରିଜର୍ଭ ବ୍ୟାଙ୍କ# ଦ୍ୱାରା ପଞ୍ଜିକୃତ ହୋଇଥିବା ଏବଂ ଉପରୋକ୍ତ ଯୋଜନାର^ ଧାରା 3(5) ଅନ୍ତର୍ଭୁକ୍ତ କୌଣସି ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ତାଙ୍କ ଦ୍ୱାରା ପ୍ରଦତ୍ତ ସେବା* ସମ୍ବନ୍ଧୀୟ ଅଭିଯୋଗକୁ ଯଦି ୩୦ ଦିନ ମଧ୍ୟରେ ସମାଧାନ କରି ନ ପାରନ୍ତି, ଅଥବା ଆପଣ ତାଙ୍କ ଉତ୍ତରରେ ସନ୍ତୁଷ୍ଟ ନୁହନ୍ତି, ତେବେ ଆପଣଙ୍କ ସଂପୂର୍ଣ୍ଣ ଠିକଣା ସହିତ "ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳ" ଙ୍କୁ ନିମ୍ନ ପ୍ରଦତ୍ତ ଠିକଣାରେ ଆବେଦନ କରି ପାରିବେ।

**The NBFC Ombudsman (East Zone)**
**C/o Reserve Bank of India**
**4th Floor, 15, N.S.Road, Kolkata-700001**
**Phone No.03322628772, Fax : 03322305899**
**E-mail- nbfcokolkata@rbi.org.in**

ପଶ୍ଚିମବଙ୍ଗ, ସିକ୍କିମ, ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା, ବିହାର ଓ ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟ ଗୁଡିକ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳ (ପୂର୍ବକ୍ଷେତ୍ର)ଙ୍କର କାର୍ଯ୍ୟ ପରିସରଭୁକ୍ତ ଅଟନ୍ତି।

**ଦ୍ରଷ୍ଟବ୍ୟ :** ଅଭିଯୋଗ କରିବାର ବିଷୟ, ଅଭିଯୋଗ ଦାଖଲ କରିବା ଏବଂ ଅପିଲ କରିବାର ପ୍ରଣାଳୀ ସମ୍ବନ୍ଧରେ ସବିଶେଷ ବିବରଣୀ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ୱେବସାଇଟ https://rbidocs.rbi.org.in/rdocs/Content/PDFs/NBFC23022018.pdf ଏବଂ https://www.rbi.org.in/Scripts/FAQView.aspx?Id=125 କୁ ଦେଖନ୍ତୁ।

* ଯେଉଁସବୁ ସେବା ପ୍ରଦାନ ତ୍ରୁଟି ସମ୍ବନ୍ଧରେ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳଙ୍କୁ ଆବେଦନ କରିପାରିବେ, ତାହା ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳ ଯୋଜନା-୨୦୧୮ ର ଧାରା-୮ରେ ଉପଲବ୍ଧ।

# ଆପଣ ନିବେଶ କରିଥିବା ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ, ରିଜର୍ଭ ବ୍ୟାଙ୍କ ଦ୍ୱାରା ପଞ୍ଜିକୃତ କି ନୁହେଁ ଜାଣିବା ପାଇଁ ଦୟାକରି ଭାରତୀୟ ରିଜର୍ଭ ବ୍ୟାଙ୍କ ୱେବସାଇଟ https://rbi.org.in/Scripts/NBFCPub lic.aspx କୁ ଦେଖନ୍ତୁ।

^ଜମା ଗ୍ରହଣକାରୀ ପଞ୍ଜିକୃତ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଏବଂ ଜମା ଗ୍ରହଣ କରୁ ନଥିବା (ସମ୍ପତ୍ତି ପରିମାଣ ୧୦୦ କୋଟି ଟଙ୍କା କିମ୍ବା ତଦୁର୍ଦ୍ଧ) ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଗୁଡିକ ଯେଉଁ ମାନଙ୍କର ଗ୍ରାହକଙ୍କ ସହିତ ସମ୍ପର୍କ ଅଛି। ଆଇଏଫସି- ଏନ୍ ବି ଏଫ୍ ସି (IFC-NBFCs), ସିଆଇସି (CICs), ଆଇଡିଏଫ- ଏନ୍ ବି ଏଫ୍ ସି (IDF-NBFCs) ଏବଂ ପରିସମାପନ ପ୍ରକ୍ରିୟାଧୀନ ଏନ୍ ବି ଏଫ୍ ସି (NBFCs) ଗୁଡିକୁ ଯୋଜନାରୁ ବାଦ୍ ଦିଆଯାଇ ଅଛି।

**ସତର୍କତା : ଇ-ମେଲ୍/ଏସଏମଏସ/ଫୋନ କଲ୍ ମାଧ୍ୟମରେ ଟଙ୍କା ଦେବାର ପ୍ରତିଶୃତି ଭଳି ଠକାମିର ଶିକାର ହୁଅନ୍ତୁ ନାହିଁ।**

# ସେବାକୁ ପ୍ରାଥମିକତା: ବାତ୍ୟା ମୁହଁରୁ ଉଦ୍ଧାର ପାଇଲେ ୨୨ ନବଜାତକ

ଭୁବନେଶ୍ୱର,୯।୫(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲର ଡାକ୍ତର, ସେବିକା ଓ ସହାୟକମାନଙ୍କ ଅଦମ୍ୟ ସାହସ ଯୋଗୁ ବାତ୍ୟା 'ଫନୀ' ମୁହଁରୁ ୨୨ଜଣ ନବଜାତକ ଉଦ୍ଧାର ପାଇଛନ୍ତି। ଗତ ୩ତାରିଖ ଅପରାହ୍ନ ୧୨ଟା ୩୦ରେ ବାତ୍ୟା ରାଜଧାନୀରେ ଧ୍ୱଂସର ତାଣ୍ଡବ ରଚୁଥିବା ବେଳେ ହସ୍ପିଟାଲ ଶିଶୁ ବିଭାଗର ଏସ୍ଏନ୍ସିୟୁ ମଧ ଏଥିରୁ ବର୍ତ୍ତିଯାଇ ନ ଥିଲା। ପ୍ରବଳ ବେଗରେ ପବନ ବହିବା ଫଳରେ ଏହାର ସିଲିଂଗୁଡ଼ିକ ଭାଙ୍ଗିରୁଜି ଯାଇଥିଲା। ବିଦ୍ୟୁତ୍ ସରଞ୍ଜାମ ସହ ସିଲିଂଗୁଡ଼ିକ ତଳେ ଥିବା ନବଜାତକମାନଙ୍କ ଉପରେ ପଡ଼ିବା ଆରମ୍ଭ ହେବା କ୍ଷଣି ଉପସ୍ଥିତ କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ନବଜାତକମାନଙ୍କୁ ଉଠାଇ ଜାବୁଡ଼ି ଧରିଥିଲେ। ଏଥିସହିତ ଉପସ୍ଥିତ ବୁଦ୍ଧି ଖଟାଇ ଇନ୍‌କ୍ୟୁବେଟରୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲେ। ଫଳରେ ସେଥିରେ ଥିବା ନବଜାତକମାନେ ରକ୍ଷା ପାଇଯାଇଥିଲେ। ଯେତେବେଳେ ବାତ୍ୟା ପ୍ରକୋପକୁ ଦେଖି ଶିଶୁଙ୍କ ମାତାପିତା ଓ ଅନ୍ୟ ଲୋକେ ଆତଙ୍କିତ ହୋଇ ଜୀବନ ବଞ୍ଚାଇବାକୁ ଉଦ୍ୟମ ଚଳାଇଥିଲେ, ସେତେବେଳେ ଏସ୍ଏନ୍ସିୟୁରେ କର୍ତ୍ତବ୍ୟରତ ଡାକ୍ତର, ସେବିକା ଓ ସହାୟିକାମାନେ ସେବାକୁ ପ୍ରାଥମିକତା ଦେଇଥିଲେ। ସେମାନଙ୍କର ଏଭଳି ସାହସିକ କାର୍ଯ୍ୟ ଓ ସେବା ମନୋବୃତ୍ତିକୁ ସବୁଆଡୁ ପ୍ରଶଂସାର ସୁଅ ଛୁଟିଛି।



# ଓଡ଼ିଶାକୁ ସହାୟତା ପାଇଁ ଅପିଲ କରୁଛନ୍ତି ବଲିଉଡ୍ କଳାକାର

## ସୋନି ଟିଭି ଆରମ୍ଭ କଲା '# ୱିଥ୍ ୟୁ ଓଡ଼ିଶା' କ୍ୟାମ୍ପେନ୍

**ଭୁବନେଶ୍ୱର,୯।୫(ବ୍ୟୁରୋ):** ଓଡ଼ିଶାରେ ବାତ୍ୟା ପ୍ରଭାବିତଙ୍କୁ ସହାୟତା କରିବା ନିମନ୍ତେ ଜାତୀୟ ଟିଭି ଚ୍ୟାନେଲ 'ସୋନି ଟିଭି' ଏକ କ୍ୟାମ୍ପେନ୍ ଆରମ୍ଭ କରିଛି, ଯାହାର ନାଁ ରହିଛି '# ୱିଥ୍ ୟୁ ଓଡ଼ିଶା'। ଏହି କ୍ୟାମ୍ପେନ୍ ମାଧ୍ୟମରେ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଓ ଫିଲ୍ମ ନିର୍ଦ୍ଦେଶକ ଅନୁରାଗ ବାସୁ ସହଯୋଗର ହାତ ବଢ଼ାଇବା ପାଇଁ ଲୋକଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ସେମାନେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ସହାୟତା ପ୍ରଦାନ କରି ଓଡ଼ିଶାର ପୁନର୍ଗଠନରେ ଭାଗୀଦାର ହେବାକୁ ନିବେଦନ କରିଛନ୍ତି। ଏମାନଙ୍କ ସହିତ ଏହି କ୍ୟାମ୍ପେନ୍‌ରେ କପିଲ ଶର୍ମା, ଜାଭେଦ ଅଲ୍ଲୀ, କ୍ରୀଷ୍ଣା ଅଭିଷେକ, ଅବୀର ସୁଫୀ, ପରିତୋଷ ତ୍ରିପାଠୀ, ନୀତିନ କୁମାର, ରାକୁଲ ପ୍ରୀତ ପ୍ରମୁଖ ବଲିଉଡ୍ କଳାକାର ସାମିଲ ହୋଇଛନ୍ତି। ଏହାବ୍ୟତୀତ ଅମିତାଭ ବଚ୍ଚନ, ଅଭିଷେକ ବଚ୍ଚନ, ମାଧୁରୀ ଦୀକ୍ଷିତ, ଦିଶା ପଟ୍ଟାନୀ, ବରୁଣ ଧାୱନ, ରାଜକୁମାର ରାଓ, ସୋନା ମହାପାତ୍ରଙ୍କ ସମେତ ବହୁ ବଲିଉଡ୍ କଳାକାର ଓଡ଼ିଶାକୁ ସହଯୋଗ କରିବା ପାଇଁ ଅପିଲ କରିଛନ୍ତି। ସେହିପରି ପ୍ରବାସୀ ଓଡ଼ିଆଙ୍କ ପକ୍ଷରୁ ନଭି ମୁମ୍ବାଇସ୍ଥିତ କେରଳ ଭବନରେ 'ଫନୀ ରିଲିଫ୍ ସେଣ୍ଟର' ଖୋଲାଯାଇ ବିଭିନ୍ନ ବର୍ଗର ଲୋକଙ୍କଠୁ ବାତ୍ୟା ପ୍ରଭାବିତଙ୍କ ପାଇଁ ସହାୟତା ଲୋଡ଼ାଯାଉଛି। ବାଙ୍ଗାଲୋରର କୋରାମଙ୍ଗଳା, ଦିଲ୍ଲୀର ସାକେତ୍ ମେଟ୍ରୋ ଷ୍ଟେଶନସ୍ଥିତ ଓଡ଼ିଶା ହୋଟେଲ, ହାଇଦ୍ରାବାଦର କୋଣ୍ଡାପୁରର ପର୍ଲଭିଲେଜ୍ ରୋଡର କ୍ରିଏଟିଭ ସ୍ନେହା ଆପାର୍ଟମେଣ୍ଟ ଓ ଚେନ୍ନାଇର ଟି. ନଗରସ୍ଥିତ ସିକ୍ସଥ୍ ସେନ୍ସ ଫାଉଣ୍ଡେଶନ ଅଫିସ୍‌ରେ ରିଲିଫ୍ ସେଣ୍ଟର ଖୋଲାଯାଇଛି।

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା

# ମୃତା ଜେମାଦେଈଙ୍କ ପରିବାରକୁ ୨ଲକ୍ଷ ଟଙ୍କା ସହାୟତା

ବଲାଙ୍ଗୀର ଅଫିସ, ୯।୫

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ପ୍ରାଣ ହରାଇଥିବା ଜେମାଦେଈ ସାହୁଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ସହାୟତା ମିଳିବ । ବଲାଙ୍ଗୀର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଏ ସଂକ୍ରାନ୍ତରେ ଘୋଷଣା କରାଯାଇଛି । ଜେମାଦେଈଙ୍କ ଝିଅ ମହିମା ସାହୁଙ୍କୁ ଏହି ସହାୟତା ପ୍ରଦାନ କରାଯିବ। ଗୁରୁବାର ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଥିବା ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ର ମହିମାଙ୍କୁ ପ୍ରଥମ ପର୍ଯ୍ୟାୟରେ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ଏହି ଅବସରରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଆଶାପୂର୍ଣ୍ଣା ମହାପାତ୍ର, ସିଭିଲ କୋର୍ଟ ରେଜିଷ୍ଟ୍ରାର ସନ୍ତୋଷଦାସ ରାୟ, ଜିଲା ଆଇନସେବା ପ୍ରାଧିକରଣ କର୍ମକର୍ତ୍ତା ପ୍ରବୀଣ ଶତପଥୀ, ରଜନୀକାନ୍ତ ରଥ, ସୁବ୍ରତ ନେପାକ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ୨୦୧୮ ଫେବୃୟାରୀ ୨୩ରେ ପଟଣାଗଡ଼ ବ୍ଲକ ଛକ ନିକଟରେ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ପାର୍ସଲ ବୋମା ବିସ୍ଫୋରଣ ଘଟିଥିଲା । ଏଥିରେ ଅଧ୍ୟାପକ ସାହୁଙ୍କ ନବବିବାହିତ ପୁତ୍ର ସୌମ୍ୟଶେଖର ସାହୁ ଓ ପିଇସୀ ମା' ଜେମାଦେଈଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ନେଇ ପାଟଣାଗଡ଼ ଥାନାରେ ଏକ ମାମଲା (ନଂ.୩୫/୧୮) ରୁଜୁ ହୋଇଥିଲା ।

## ବଳାତ୍କାର ପୀଡ଼ିତାଙ୍କ ମା'ଙ୍କୁ ମିଳିବ ୬ ଲକ୍ଷ ଟଙ୍କା

**ବଲାଙ୍ଗୀର ଅଫିସ, ୯।୫:** ବଲାଙ୍ଗୀର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଗତ ଏପ୍ରିଲ ମାସରେ ବଳାତ୍କାରର ଶିକାର ହୋଇଥିବା ଜଣେ ୩ବର୍ଷର ଶିଶୁକନ୍ୟାଙ୍କ ପରିବାରକୁ ୬ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି । ଗୁରୁବାର ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ର ପୀଡିତାଙ୍କ ମା'ଙ୍କୁ ପ୍ରଥମ ପର୍ଯ୍ୟାୟରେ ୫୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଗତ ଏପ୍ରିଲ ମାସ ୨୦ ତାରିଖରେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଏକ ଗାଁରେ ଉକ୍ତ ଶିଶୁକନ୍ୟାକୁ ସେହି ଗାଁର ଜଣେ ୧୪ ବର୍ଷର ନାବାଳକ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା । ଏନେଇ ସଦର ଥାନାରେ ଏକ ମାମଲା (ନଂ.୮୮/୧୯) ରୁଜୁ ହୋଇଥିଲା ।

## ପେମେଣ୍ଟରେ ବିଳମ୍ବ

ମୋର ସମ୍ମାନୀୟ ନିବେଶକର୍ତ୍ତା ସାଥୀଗଣ,

ସର୍ବପ୍ରଥମେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛି କି ଆପଣଙ୍କର ଜୀବନ ସପରିବାର ସର୍ବଦା ସୁଖୀ ଏବଂ ସଂପନ୍ନ ରହୁ ।

ଠିକ୍ ସମୟରେ ପେମେଣ୍ଟ କରିବାର ଯେଉଁ ସ୍ଥାପିତ ପରମ୍ପରା ଅଛି ତାହା ବିପରିତ ଏଠାରେ କିଛି ଜାଗାରେ ପେମେଣ୍ଟ କରିବାରେ ବିଳମ୍ବ ହେଉଅଛି କାରଣ ମାନନୀୟ ସର୍ବୋଚ୍ଚ ନ୍ୟାୟଳୟର ପ୍ରତିବନ୍ଧ (ଏମ୍ବର୍ଗୋ) କାରଣରୁ ଆମେ ନିଜର ପରିସଂପତ୍ତି ବିକ୍ରି କରି, ବନ୍ଧାରଖି କିମ୍ବା ଜଏଣ୍ଟ୍ ବେଞ୍ଚର୍‌ରେ ଧନ ଏକଜୁଟ୍ କରି ଏକଟଙ୍କା ମଧ୍ୟ ସଂସ୍ଥାଗତ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବୁ ନାହିଁ, ଏପରିକି ନିବେଶକଙ୍କର ପେମେଣ୍ଟ ପାଇଁ ମଧ୍ୟ ନୁହେଁ ।

ଏହି ପ୍ରକାରର ଏକଜୁଟ୍ କରାଯାଇଥିବା ସମୁଦାୟ ଧନରାଶି ସାହାରା-ସେବି ଖାତାକୁ ଚାଲିଯାଇଥାଏ । ଏ ପର୍ଯ୍ୟନ୍ତ ସାହାରା-ସେବି ଖାତାରେ ମୋଟ ସୁଧ ସହ ପ୍ରାୟ **₹21,000** କୋଟି ଟଙ୍କା। ଜମା ହୋଇଯାଇଅଛି । ସେବି ଦ୍ୱାରା **4** ଥର **150** ଟି ଖବର କାଗଜ ଜରିଆରେ ପୂରା ଦେଶରେ, ବିଜ୍ଞାପନ ଦେବା ସତ୍ତ୍ୱେ ମଧ୍ୟ ସେବି କେବଳ **₹96** କୋଟି ଟଙ୍କା ସମ୍ମାନିତ ନିବେଶକମାନଙ୍କୁ ପ୍ରଦାନ କରିପାରିଛି । ଏହା ଏଥିପାଇଁ କି ଅଧିକାଂଶ ନିବେଶକମାନଙ୍କ ପେମେଣ୍ଟ ଆମେ ପ୍ରଥମରୁ ହିଁ କରିସାରିଅଛୁ ।

ଏଣୁ ନ୍ୟାୟାଳୟ ନିର୍ଦ୍ଦେଶାନୁସାରେ ଯେମିତି ଖାତାଗୁଡିକର ଯାଞ୍ଚ୍ ହୋଇଯିବ, ଆମେ ଜମା କରିଥିବା ସମସ୍ତ ଧନରାଶି ଆମକୁ ଫେରସ୍ତ ମିଳିଯିବ, ଯାହାକୁ ଯାହା ଦେୟ ପାଇବାର ଅଛି, ତାର ତାହା ପୂରା ହୋଇଯିବ, ତା ସହିତ ଆଗକୁ ପ୍ରତିବନ୍ଧ ମଧ୍ୟ ହଟିଯିବ । ସେତେବେଳେ ଦେୟ ସମ୍ବନ୍ଧୀୟ ବିଳମ୍ବର ସମସ୍ୟା ଧିରେ ଧିରେ ସମାପ୍ତ ହୋଇଯିବ । ହଁ, ଏହି ପ୍ରକ୍ରିୟା ପୂରା କରିବାରେ କିଛି ସମୟ ଅବଶ୍ୟ ଲାଗିବ ଯାହା ସମ୍ପୂର୍ଣ୍ଣରୂପେ ସମ୍ମାନୀୟ ନ୍ୟାୟାଳୟ ଉପରେ ନିର୍ଭର କରିଥାଏ ।

ଏହା ବ୍ୟତୀତ ସାହାରାର ପରିସଂପତ୍ତି ତାହାର ସମୁଦାୟ ଦେଣଦାରୀ/ଦେୟତା ତୁଳନାରେ ତିନି ଗୁଣା ଅଧିକ ଅଟେ । ଏଣୁ ନିବେଶକମାନଙ୍କ ଧନ ସଂପୂର୍ଣ୍ଣ ରୂପେ ସୁରକ୍ଷିତ ଅଟେ ।

ବର୍ତ୍ତମାନ ଟିକିଏ ଅସୁବିଧା ତ ନିଶ୍ଚୟ ଅଛି । ଦୁଃଖର ବିଷୟ ଏହି କି ଯେ କଠିନ ପରିସ୍ଥିତିର ଲାଭ ନେବା ପାଇଁ ଆମର ଏଠାରୁ ନିଷ୍କାସିତ ହୋଇଥିବା କିଛି କର୍ମଚାରୀ କିମ୍ବା କିଛି କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତା ଯେଉଁମାନେ ସଂସ୍ଥାରୁ କାମ ଛାଡି ଦେଇଛନ୍ତି ସେମାନେ ପରିସ୍ଥିତିର ଫାଇଦା ଉଠାଇ କିଛି କୁଜୀ ନେତାମାନଙ୍କ ସହ ମିଶି ସମ୍ମାନିତ ନିବେଶକର୍ତ୍ତା ସାଥୀମାନଙ୍କ ମଧ୍ୟରେ ଅପପ୍ରଚାର କରୁଛନ୍ତି, ଓ ସେମାନଙ୍କୁ ଭ୍ରମିତ କରୁଛନ୍ତି ତଥା ସଂସ୍ଥା ଏବଂ ସମ୍ମାନିତ ନିବେଶକାରୀମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଛନ୍ତି । ବ୍ଲାକ୍‌ମେଲର୍ ପରି ସଂସ୍ଥା ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଏପରି ଲୋକମାନଙ୍କ ପ୍ରତି ଆପଣମାନଙ୍କୁ ସମ୍ପୂର୍ଣ୍ଣ ସାବଧାନତା ଅବଲମ୍ବନ କରିବାର ଆବଶ୍ୟକତା ଅଛି ।

ଆପଣ ନିବେଶକର୍ତ୍ତା ସାଥୀମାନଙ୍କର ହିତ ଆମ ପାଇଁ ସର୍ବଦା ସର୍ବୋଚ୍ଚ ରହିଅଛି ଏବଂ ସବୁବେଳେ ରହିବ ମଧ୍ୟ ।

ଆପଣମାନଙ୍କୁ ମୋର ଅନୁରୋଧ ଯେ ବିଚଳିତ ହୁଅନ୍ତୁ ନାହିଁ ଏବଂ ଧୈର୍ଯ୍ୟ ରଖନ୍ତୁ । ଆପଣଙ୍କୁ ଆପଣଙ୍କର ନିବେଶିତ ଧନ ସଂପୂର୍ଣ୍ଣ ସୁଧ ସହ ମିଳିଯିବ । ଯେଉଁ ବିଳମ୍ବ ହେଉଅଛି ତାକୁ ଆପଣ ଏହା ଭାବି ନିଅନ୍ତୁ ଯେ, ଆପଣ ଅଧିକ ସୁଧ ଅର୍ଜନ କରିବା ପାଇଁ ନିଜ ଧନକୁ ଟିକିଏ ଅଧିକ ସମୟ ନିବେଶିତ କରିଛନ୍ତି ।

ମୁଁ ପୁଣି ଥରେ ଆପଣଙ୍କୁ ଆଶ୍ୱସ୍ତ କରୁଅଛିଯେ ଆପଣଙ୍କ ଧନ ପୂର୍ଣ୍ଣମାତ୍ରାରେ ସୁରକ୍ଷିତ ଏବଂ ଆପଣଙ୍କୁ କୌଣସି ପ୍ରକାରର କିଛି କ୍ଷତି ହେବନାହିଁ । ଆପଣମାନଙ୍କୁ ଅନୁରୋଧ ଆମ ସହିତ ସହଯୋଗ କରନ୍ତୁ ଓ ପୂର୍ବପରି ଆମଉପରେ ବିଶ୍ୱାସ ରଖନ୍ତୁ ।

ସମ୍ମାନ ଏବଂ ଶୁଭକାମନା ସହିତ

ସର୍ବଦା ଆପଣଙ୍କର
Saharasri
ସୁବ୍ରତ ରାୟ ସାହାରା

SAHARA INDIA PARIWAR



ଟିଏମ୍‌ସି ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚାପୁଡ଼ା ମାରିବା ନେଇ ଦେଇଥିବା ମନ୍ତବ୍ୟକୁ ଖଣ୍ଡନ କରିଛନ୍ତି। ପୁରୁଲିଆ ଜିଲାର ସିମୁଲିଆରେ ମମତା କହିଛନ୍ତି, ଗଣତନ୍ତ୍ରର ଚାପୁଡ଼ା ମାନେ ମୋଦିଙ୍କ ବିରୋଧରେ ଜନାଦେଶ। ଏହି ଭାଷାକୁ ବୁଝିବାକୁ ଚେଷ୍ଟା କର। ପ୍ରଧାନମନ୍ତ୍ରୀଙ୍କୁ ଚାପୁଡ଼ା ମାରିବା ଭଳି ବ୍ୟକ୍ତି ମୁଁ ନୁହେଁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଆଦ୍ୟାଶା
ପରିବାରବର୍ଗ



ସସ୍ମିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଉଜୁଡ଼ିଗଲା ୧.୫୨ ଲକ୍ଷ...

୧୧୨ ଚାଲୁ ରହିଛି। କେନ୍ଦ୍ରାପଡ଼ାରେ ୧୪୪ଟି ବ୍ୟାଙ୍କ ଶାଖାରୁ ୧୧୩ଟି କାର୍ଯ୍ୟକ୍ଷମ ଥିବା ବେଳେ ୧୬୯ ଏଟିଏମ୍‌ରୁ ୧୦୫ଟି ଚାଲୁ ରହିଛି। ଇଣ୍ଟରନେଟ ନ ଥିଲେ ମଧ୍ୟ ସବୁ ବ୍ୟାଙ୍କ ଖୋଲା ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବୀମା କମ୍ପାନୀଗୁଡ଼ିକ ତୁରନ୍ତ କ୍ଷୟକ୍ଷତି ଆକଳନ କରିବାକୁ କୁହାଯାଇଛି। ଏଥିସହିତ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଡାକିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

ଟେଲି କମ୍ୟୁନିକେଶନ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ସିଂ କହିଛନ୍ତି ଯେ ବାତ୍ୟା ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଟେଲିକମ୍ ସେବାରେ ସୁଧାର ଆସିଛି। ଭୁବନେଶ୍ୱରରେ ବିଭିନ୍ନ ଟେଲିକମ୍ କମ୍ପାନୀର ଷ୍ଟେଟ ଲେଭଲ ସୁଇଚିଂ ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି। ୪୫୪୩ଟି ବିଟିଏସ ସାଇଟରୁ ୧୪୫୦ଟି କାର୍ଯ୍ୟକ୍ଷମ ରହିଛି। ଫଳରେ ନେଟୱର୍କରେ ସମସ୍ୟା ଦେଖାଦେଇଛି। ତେବେ ଯେଉଁ ଟେଲିକମ୍ କମ୍ପାନୀର ସିଗ୍‌ନାଲ ଆସୁଛି ଅନ୍ୟ କମ୍ପାନୀର ଫୋନ ନମ୍ବରକୁ ସେହି ସିଗ୍‌ନାଲ ସହ ଶେୟାର କରି କଥାବାର୍ତ୍ତା କରିପାରିବେ। ସମସ୍ତ ଟେଲିକମ୍ କମ୍ପାନୀଗୁଡ଼ିକ ଏହି ସୁବିଧା ବାତ୍ୟା ପୀଡ଼ିତ ଗ୍ରାହକମାନଙ୍କୁ ଦେଇଛନ୍ତି। ପୁରୀ, କୋଣାର୍କ, ନିମାପଡ଼ା, ଭୁବନେଶ୍ୱର ସହରରେ ୧୦୦ ପ୍ରତିଶତ ପାନୀୟ ଜଳ ଯୋଗାଣ କରାଯାଇଛି। ପରିମଳ ବ୍ୟବସ୍ଥା ସୁଧାରିବାକୁ ଭୁବନେଶ୍ୱରରେ ୧୫୦ ଜଣ ଯନ୍ତ୍ରୀ, ପୌର କର୍ମଚାରୀ ଏବଂ ୩୨୦୦ କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ପୁରୀରେ ୪୦ ଜଣ ଯନ୍ତ୍ରୀ, ପୌର କର୍ମଚାରୀ ଓ ୪୧୦୦ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେହିପରି ନିମାପଡା ଓ କୋଣାର୍କରେ ୫୦୨ କର୍ମଚାରୀ ପରିମଳ ବ୍ୟବସ୍ଥା ସୁଧାରିବାରେ ନିୟୋଜିତ ହୋଇଛନ୍ତି। ପୁରୀ ସହରରେ ପାନୀୟ ଜଳ ଯୋଗାଣ ଶତ ପ୍ରତିଶତ କରାଯାଇଛି।

ସେହିପରି ଗ୍ରାମାଞ୍ଚଳରେ ୨୩୬୪ଟି ପାନୀୟ ଜଳ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି। ସେଥିରୁ ୧୫୫୦ଟିର ପୁନରୁଦ୍ଧାର କରାଯାଇଛି। ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ୭୪୧ଟି ଓଭର ହେଡ୍ ଟ୍ୟାଙ୍କକୁ ପାଣି ଭର୍ତ୍ତି କରିବା ଲାଗି ୩୦୦ ଡିଜି ସେଟ ଯୋଗାଇ ଦିଆଯାଇଛି। ଗାଁ ଗହଳିରେ ଥିବା ନଳକୂପଗୁଡ଼ିକୁ ଠିକ୍ କରିବା ପାଇଁ ମୋବାଇଲ ଟିମ୍ ପଠାଯାଇଛି। ଭଦ୍ରକରେ ୧୦୦ ପ୍ରତିଶତ ପାଇପ ଜଳ ଯୋଗାଣ କରାଯାଇଥିବା ବେଳେ ଯାଜପୁର, କେନ୍ଦ୍ରାପଡ଼ା, କଟକର ଆଠଗଡ଼ରେ ୭୦ରୁ ୮୦ ପ୍ରତିଶତ ପାନୀୟ ଜଳ ପ୍ରକଳ୍ପକୁ ପୁନରୁଦ୍ଧାର କରାଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ଗ୍ରାମାଞ୍ଚଳରେ ଥିବା ସମସ୍ତ ପାଇପ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ସିଂ ସୂଚନା ଦେଇଛନ୍ତି। ପୁରୀରେ ୭୧ଟି ପାଇପ ଜଳ ପ୍ରକଳ୍ପ ଥିବା ବେଳେ ଖୋର୍ଦ୍ଧାରେ ୨୨୬ ପ୍ରକଳ୍ପରୁ ପାଣି ଉଠାଇବା ପାଇଁ ୮୫ଟି ଡିଜି ସେଟ ଦିଆଯାଇଛି। କୌଣସି ରାସ୍ତାରେ ଅବରୋଧ ନାହିଁ, ଭଙ୍ଗା ଗଛକୁ ହଟାଇବା କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। ଟ୍ରାଫିକ୍ ବ୍ୟବସ୍ଥା ସ୍ୱାଭାବିକ ହୋଇଛି। ରିଲିଫ ଯୋଗାଣ ଆରମ୍ଭ ହୋଇଛି। ନିମ୍ନମାନର ଚାଉଳ ନ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବାତ୍ୟା ପ୍ରଭାବିତ ୫ ଜିଲା ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ାର ବିଭିନ୍ନ ମେଡିକାଲରେ ୭୦୩ ମେଡିକାଲ ଟିମ୍ କାମ କରୁଛନ୍ତି। ବାତ୍ୟା ବେଳେ ୩୭୧ ଜଣ ମହିଳା ଡାକ୍ତରଖାନାରେ ପ୍ରସବ କରିଛନ୍ତି। ୧୦ ହଜାର ୫୪୪ ଜଣ ଆହତଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଖୋର୍ଦ୍ଧା ଓ ପୁରୀ ବାତ୍ୟା ପ୍ରଭାବିତ ଅଞ୍ଚଳକୁ ୩୪୫୮ କୁଇଣ୍ଟାଲ ଚୁଡ଼ା, ୮୫୭ କୁଇଣ୍ଟାଲ ଗୁଡ଼ ଯୋଗାଇ ଦିଆଯାଇଛି। ପୁରୀ ଓ ଖୋର୍ଦ୍ଧା ଜିଲାକୁ ୧ଲକ୍ଷ ୨୭ ହଜାର ୭୮ କୁଇଣ୍ଟାଲ ଲେଖାଏ ଚାଉଳ ଯୋଗାଇ ଦିଆଯାଇଥିବା ବେଳେ କଟକ ୧ ଲକ୍ଷ ୫୨ ହଜାର ୩୦୯, କେନ୍ଦ୍ରାପଡ଼ା ୯୭,୩୭୦, ଜଗତ୍‌ସିଂହପୁରକୁ ୭୦, ୬୮୧ କୁଇଣ୍ଟାଲ ଯୋଗାଇ ଦିଆଯାଇଛି।

### ଆଖି ବୁଜିଲେ...

ବଳାତ୍କାର ଦଫା ଲଗାଇ ତାଙ୍କୁ ଗିରଫ କରିଥିଲା। ହେଲେ ସେ କିଛି ଦିନ ଜେଲରେ ରହି ବେଲ୍‌ରେ ଆସି ଖୁଲମଖୁଲା ବୁଲୁଥିଲେ। ସେପଟରେ ଅନ୍ୟମାନେ ଆଗୁଆ ଜାମିନ ପାଇ ଗିରଫରୁ ବର୍ତ୍ତି ଯାଇଥିଲେ। ସେହିଭଳି ଅନ୍ୟ ଦୁଇ ଜଣଙ୍କ ନାମରେ ପୋଲିସ କେବଳ କୋହଳ ଦଫା ଲଗାଇଥିଲା। ହେଲେ ଅନ୍ୟ ଜଣେ ଅଜଣା ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିପାରି ନାହିଁ। ଏହି ମାମଲା କୋର୍ଟରେ ବିଚାରାଧୀନ ରହିଛି। ମାମଲାରେ ୨୭ଜଣ ସାକ୍ଷ୍ୟ ପ୍ରଦାନ କରିଛନ୍ତି।

ଏନେଇ ପୀଡ଼ିତାଙ୍କ ପରିବାର ଲୋକେ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ପୋଲିସ କେବଳ ଲୋକଦେଖାଣିଆ କିଛି ଅପରାଧୀଙ୍କୁ ଅଟକ ରଖି ପରେ ଛାଡି ଦେଇଥିଲା। ଘଟଣାକୁ ଚାପି ଦେବା ପାଇଁ ପୋଲିସ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଧମକ ଦେବା ସହ କେସ୍‌କୁ ଉଠାଇ ନେବାକୁ ବାରମ୍ବାର ଚାପ ପକାଉଥିଲା ବୋଲି ପୀଡ଼ିତାଙ୍କ ମାମୁ ଅଭିଯୋଗ କରିଥିଲେ। ପୀଡିତାଙ୍କ ବାପା ଦିବ୍ୟାଙ୍ଗ ହୋଇଥିବାରୁ ଏହି ଘଟଣାରେ ଅପରାଧୀ ତାଙ୍କୁ ମାମଲା ଉଠାଇ ନେବାକୁ ଧମକ ଦେଉଥିଲେ। ଅନ୍ୟପଟରେ ଭୟ ଓ ଲୋକଲଜ୍ଜାରେ ପୀଡ଼ିତା ୨ମାସ ତଳେ ଦୁଇଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ମାଥିଲି ଓ ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରୁ ତାଙ୍କୁ ରାଜଧାନୀର ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେ କୋମାରେ ରହି ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଥିଲେ। ଶେଷରେ ଗୁରୁବାର ଆଖିବୁଜିଛନ୍ତି।

### ସିଝୁଛି...

ଉପକୂଳ ଜିଲାବାସୀ ଗରମ ଓ ଗୁଳୁଗୁଳିରେ ଆଉଟପାଉଟ ହେଉଛନ୍ତି। ବାୟୁମଣ୍ଡଳରେ ଆର୍ଦ୍ରତା ବୃଦ୍ଧି ପାଇଥିବାରୁ ଦେହ ମୁଣ୍ଡରୁ ଝାଳ ବୋହୁଛି। ପୂର୍ବାହ୍ନ ୧୦ଟା ବେଳକୁ ବାହାରେ ରହିବା ଏକପ୍ରକାର ମୁସ୍କିଲ ହୋଇ ପଡୁଛି। ଯେତେ ଥର ଗାଧୋଇଲେ ମଧ୍ୟ ଆଶ୍ୱସ୍ତି ମିଳୁନି। ପୁରୀ, ଖୋର୍ଦ୍ଧା ଓ ଭୁବନେଶ୍ୱରରେ ବିଦ୍ୟୁତ ନ ଥିବାରୁ ଗରମ ପ୍ରକୋପ ଲୋକମାନଙ୍କୁ ଆହୁରି ଚିଡ଼ିଚିଡ଼ା କରି ପକାଇଛି। ଅନ୍ୟପଟେ ପଶ୍ଚିମ ଓଡିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ତାତିକୁ ଉପରମୁହାଁ କରିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ରାଜ୍ୟରେ ୧୨ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ୩ଟି ସହରରେ ପାରଦ ୪୫ ଡିଗ୍ରୀ ଉପରେ ରହିଛି। ଟିଟିଲାଗଡରେ ସର୍ବୋଚ୍ଚ ତାପମାତ୍ରା ୪୫.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୫, ସୋନପୁର ୪୫, ସମ୍ବଲପୁର ୪୪.୬, ଝାରସୁଗୁଡା ୪୪.୮, ଅନୁଗୋଳ ୪୨.୭, ବାରିପଦା ୪୧.୬, ସୁନ୍ଦରଗଡ ୪୨, ହୀରାକୁଦ ୪୩.୧, ତାଳଚେର ୪୩.୫, ଭବାନୀପାଟଣା ୪୨.୫ ଏବଂ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ୩ ଦିନ ଯାଏ ପ୍ରଚଣ୍ଡ ଗ୍ରୀଷ୍ମରୁ ତ୍ରାହି ମିଳିବ ନାହିଁ। ଏହି ସମୟ ମଧ୍ୟରେ ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ବରଗଡ, ସୋନପୁର, ବୌଦ୍ଧ, କଳାହାଣ୍ଡି, ବଲାଙ୍ଗୀର, ନୂଆପଡା ଆଦି ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ଅସୁସ୍ଥ କିମ୍ବା ଦୁର୍ବଳ ବ୍ୟକ୍ତିଙ୍କ ପାଇଁ ଏହି ଗ୍ରୀଷ୍ମ ପ୍ରବାହ ଘାତକ ହୋଇପାରେ। ଏ ନେଇ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ୧୩ ତାରିଖ ପରେ ପାଗରେ ସାମାନ୍ୟ ପରିବର୍ତ୍ତନ ହେବ ବୋଲି ଅନୁମାନ କରାଯାଇଛି।

## ଜମିବାଡ଼ି ବିବାଦର କରୁଣ ପରିଣତି
# ନାବାଳକଙ୍କୁ ଅପହରଣ ପରେ ହତ୍ୟା



ରିତେଶ ପ୍ରଧାନ (ଫାଇଲ ଫଟୋ)



ମୃତଦେହ ଉଦ୍ଧାର ପରେ ହତ୍ୟା ଘଟଣାର ଛାନଭିନ ଚାଲିଛି।

- ଜଙ୍ଗଲରୁ ଉଦ୍ଧାର ହେଲା ଗଳିତ ମୃତଦେହ, ୨ ଗିରଫ
- ଚାପା ଉତ୍ତେଜନା, ପୋଲିସ ମୁତୟନ

ଦାରିଙ୍ଗବାଡ଼ି,୯।୫(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା କଟାବାଡ଼ି ଗ୍ରାମର ଜଣେ ନାବାଳକଙ୍କୁ ଅପହରଣ ପରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ ଦେବାନନ୍ଦ ପ୍ରଧାନଙ୍କ ୮ ବର୍ଷୀୟ ପୁଅ ରିତେଶ। ରିତେଶ ଗତ ୫ଦିନ ତଳୁ ନିଖୋଜ ଥିଲେ। ଗୁରୁବାର ଗ୍ରାମ ନିକଟ ତଡ଼େଗାଣ୍ଡା ପାହାଡ଼ରୁ ପୋଲିସ ତାଙ୍କ ଗଳିତ ମୃତଦେହକୁ ମାଜିଷ୍ଟ୍ରେଟ ତଥା ଦାରିଙ୍ଗବାଡ଼ି ତହସିଲଦାର ନୀତୀଶ ତ୍ରିପାଠୀଙ୍କ ଉପସ୍ଥିତିରେ ଉଦ୍ଧାର କରିଛି। ଏହି ଘଟଣାରେ ଗ୍ରାମର ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମୀନକେତନ ପ୍ରଧାନ (୫୦) ଏବଂ ସାମସନ ପ୍ରଧାନ (୨୦)। ଉକ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତ ମୀନକେତନ ବୋଲି ପୋଲିସ କହିଛି। ମୀନକେତନଙ୍କ ସହ ଦେବାନନ୍ଦଙ୍କ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ଦେବାନନ୍ଦଙ୍କ ପୁଅ ରିତେଶଙ୍କୁ ମୀନକେତନ ସହଯୋଗୀ ସାମସନଙ୍କ ସହ ମିଶି ଅପହରଣ ପରେ ହତ୍ୟା କରିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏ ନେଇ ଏକ ହତ୍ୟା ମାମଲା (ନଂ.୪୯/୧୯) ରୁଜୁ ହୋଇଛି। ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମୀନକେତନଙ୍କ ଜମିକୁ କୁଆଡ଼େ ଦେବାନନ୍ଦ ଅକ୍ତିଆର କରିନେଇଥିଲେ। ସେଥିପାଇଁ ଦୁଇ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଦେବାନନ୍ଦଙ୍କ ପରିବାରର ଏକମାତ୍ର ପୁଅ ରିତେଶକୁ ରାସ୍ତାରୁ ହଟାଇ ଦେବାକୁ ମୀନକେତନ ବହୁଦିନରୁ ଯୋଜନା କରିଥିଲେ। ଏଥିରେ ସହଯୋଗ କରିବା ପାଇଁ ସାମସନଙ୍କୁ ସେ ଅର୍ଥ ଲୋଭ ଦେଖାଇଥିଲେ। ରିତେଶଙ୍କୁ ହତ୍ୟା କରିବା ଯୋଜନା ସଫଳ ହେଲେ ୫୦ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗତ ରବିବାର ମଧ୍ୟାହ୍ନରେ ଗାଁ ଦାଣ୍ଡ ଶୂନଶାନ ଥିଲା। ଏହି ସମୟରେ ରିତେଶ ଗାଁ ନିକଟ ଏକ ଗଛ ମୂଳରେ ଖେଳୁଥିବା ବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ କେନ୍ଦୁଫଳ ତୋଳିବା ବାହାନାରେ ତଡ଼େଗାଣ୍ଡା ପାହାଡ଼କୁ ଡାକି ନେଇଥିଲେ। ସେଠାରେ ଦୁହେଁ ରିତେଶଙ୍କ ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିଲେ। ରିତେଶ ଚିତ୍କାର କରିବାରୁ ମୀନକେତନ ତାଙ୍କ ପାଟିରେ ଗାମୁଛା ବାନ୍ଧି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ରିତେଶ ଘରକୁ ନ ଫେରିବାରୁ ପରିବାର ଲୋକଙ୍କ ଚିନ୍ତା ବଢ଼ିଥିଲା। ବହୁ ଖୋଜାଖୋଜି ପରେ କୌଣସି ପତ୍ତା ନ ମିଳିବାରୁ ସୋମବାର ଥାନାରେ ଏ ନେଇ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରିତେଶଙ୍କୁ କେହି ଜଣେ ଅଚିହ୍ନା ବ୍ୟକ୍ତି ବାଇକରେ ବସାଇ ନେଉଥିବା ଦେଖିଛନ୍ତି ବୋଲି ନିଜକୁ ବଞ୍ଚାଇବା ପାଇଁ ମୀନକେତନ ଓ ସାମସନ ଗ୍ରାମବାସୀଙ୍କୁ ମିଥ୍ୟା ସୂଚନା ଦେଇଥିଲେ। ତେଣୁ ପୋଲିସ ସେ ଦିଗରେ ତଦନ୍ତ କରିଥିଲା। ସନ୍ଦେହରେ ୨ ବାଇକ ଆରୋହୀଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରିଥିଲା। ଏହାପରେ ମଧ୍ୟ ରିତେଶଙ୍କ ସମ୍ପର୍କରେ କୌଣସି ଠିକ୍ ସୂଚନା ମିଳି ନ ଥିଲା। ତେଣୁ ଅପହରଣ ଗୁଜବ ସୃଷ୍ଟି କରିଥିବା ମୀନକେତନ ଓ ସାମସନଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। ଉଭୟଙ୍କୁ ଦାରିଙ୍ଗବାଡି ଥାନାକୁ ଆଣି ପୋଲିସ ପଚରାଉଚରା କରିବା ପରେ ସେମାନେ ରିତେଶଙ୍କୁ ହତ୍ୟା କରିଥିବା ଜଣାପଡିଥିଲା। ଅଭିଯୁକ୍ତଦ୍ୱୟ ମାଜିଷ୍ଟ୍ରେଟ ଏବଂ ପୋଲିସକୁ ମୃତଦେହ ଲୁଚାଇଥିବା ସ୍ଥାନ ଦେଖାଇବା ବେଳେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ସେଠାରେ ଅଧିକ ଫୋର୍ସ ମୁତୟନ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ତଥା ଆଇଆଇସି ଗରଡ଼ିଆ, ସବଇନ୍ସପେକ୍ଟର ଗୋପାଳକୃଷ୍ଣ ଆଗୁପାତ୍ର, ସୌମ୍ୟରଞ୍ଜନ ଜେନା, ଅନିଲ କୁମାର ଦେବତା, ହାବିଲଦାର ଗଜେନ୍ଦ୍ର ବିଶୋୟୀଙ୍କ ସମେତ ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ସହ ଯାଇ ପାହାଡ଼ର ଏକ ପଥର ଖୋଲରୁ ରିତେଶଙ୍କ ମୃତଦେହକୁ ଉଦ୍ଧାର କରିଥିଲେ।

## ମାଲକାନଗିରି ପୀଡ଼ିତାଙ୍କ ମୃତ୍ୟୁକୁ ନେଇ ରାଜ୍ୟ ସରକାରଙ୍କୁ ଭାଜପାର ଟାର୍ଗେଟ

ଭୁବନେଶ୍ୱର,୯।୫(ବ୍ୟୁରୋ)

ମାଲକାନଗିରି ଗୋବିନ୍ଦପାଲିର କଲେଜ ଛାତ୍ରୀ ଗଣବଳାତ୍କାର ପରେ ନ୍ୟାୟ ନ ପାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହାପରେ ସେ ଏମ୍ସ ହସ୍ପିଟାଲଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଗୁରୁବାର ପ୍ରାଣ ହରାଇଛନ୍ତି। ଏହା ଅତ୍ୟନ୍ତ ଲଜ୍ଜାଜନକ ଓ ମର୍ମନ୍ତୁଦ ବୋଲି ଭାଜପା ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଲେଖାଶ୍ରୀ କହିଛନ୍ତି, ମାଥିଲି ଥାନା ଆଇଆଇସି ବାମଦେବ ନନ୍ଦ ପୋକ୍ସୋ ଆଇନ ନ ଲଗାଇ କୋହଳ ଧାରା ଲଗାଇଥିବାରୁ ଅପରାଧୀମାନେ ଏହି ମାମଲାରେ ସହଜରେ ଜାମିନ ପାଇଥିଲେ। ଫଳରେ ପୀଡିତା ଲଜ୍ଜାରେ ଆତ୍ମହତ୍ୟା କରିଥିଲା। ଆଉ କେତେଦିନ ଓଡ଼ିଶାର ମା ଓ ଭଉଣୀମାନେ ନୀତି ବିହୀନ ନେତା, ସରକାରୀ ବାବୁ, ପ୍ରଶାସନ ଓ ପୋଲିସର ଦୟାରେ ରହିବେ ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଗୋଟିଏ ପଟେ ୩୩ ପ୍ରତିଶତ ମହିଳା ସଂରକ୍ଷଣ କଥା କହୁଥିବାବେଳେ ଅନ୍ୟପଟେ ଗଣବଳାତ୍କାର ପୀଡିତାଙ୍କୁ ନ୍ୟାୟ ମିଳୁନାହିଁ। ଏହା କ'ଣ ମୁଖ୍ୟମନ୍ତ୍ରୀଙ୍କ ମହିଳାଙ୍କୁ ସମ୍ମାନ କି ବୋଲି ସେ ପ୍ରଶ୍ନ କରିଛନ୍ତି।

## ୧୨ସୁଦ୍ଧା ଟ୍ରେନ୍ ଚଳାଚଳ ସ୍ୱାଭାବିକ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୯।୫(ବ୍ୟୁରୋ)

ବାତ୍ୟା ଫନୀ ପରେ ଓଡ଼ିଶାରେ ଟ୍ରେନ ଚଳାଚଳରେ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଆସନ୍ତା ୧୨ତାରିଖ ସୁଦ୍ଧା ଟ୍ରେନ୍ ଚଳାଚଳ ସ୍ୱାଭାବିକ ହେବ। ଗୁରୁବାର ରେଳ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ସହ ସମୀକ୍ଷା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଘଡିସନ୍ଧି ମୁହୂର୍ତ୍ତରେ ରେଳ ମନ୍ତ୍ରଣାଳୟର କ୍ରାଇସିସ୍ ମ୍ୟାନେଜମେଣ୍ଟ ଭଲ କାମ କରିବାର ନଜିର ରହିଛି। ରାଜ୍ୟ ସରକାରଙ୍କ ସହ ମନ୍ତ୍ରଣାଳୟ କାନ୍ଧକୁ କାନ୍ଧ ମିଶାଇ କାମ କରୁଛି। ମନ୍ତ୍ରଣାଳୟ ପକ୍ଷରୁ ନିଆଯାଇଥିବା ପ୍ରସ୍ତୁତି ସନ୍ତୋଷଜନକ। ଫନୀ ପ୍ରଭାବରେ ଖୋର୍ଦ୍ଧା ଡିଭିଜନ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଭୁବନେଶ୍ୱର, ଖୋର୍ଦ୍ଧା ରୋଡ, ପୁରୀ ଓ କଟକ ଷ୍ଟେଶନ ମଧ୍ୟ କ୍ଷତିଗ୍ରସ୍ତ ହେଇଥିଲା। ୧୮ ଟ୍ରେନ୍ ପୁରୀ ପର୍ଯ୍ୟନ୍ତ ଚାଲେ। ସେଥିମଧ୍ୟରୁ ୧୦ ଟ୍ରେନ୍ ପୁରୀକୁ ଚାଲିବା ଆରମ୍ଭ କରିଛି। ପୁରୀ ଏକ୍ସପ୍ରେସ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଛି। ୧୨ତାରିଖ ମଧ୍ୟରେ ସମସ୍ତ ଟ୍ରେନ୍ ଚଳାଚଳ କରିବା ପାଇଁ ରେଳ ମନ୍ତ୍ରଣାଳୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ବିଜୁଳି ସଂଯୋଗ କାମ ରେଲୱେ ଟ୍ରାକଶନରେ ପୁରୀ ପର୍ଯ୍ୟନ୍ତ ହୋଇସାରିଛି। ଭୁବନେଶ୍ୱର-ଖୋର୍ଦ୍ଧା ମଧ୍ୟରେ ବିଜୁଳି ଜଳିବା ଯୋଗୁ ପାଣି, ଚାର୍ଜିଂ ପଏଣ୍ଟ ବ୍ୟବସ୍ଥା ହୋଇସାରିଛି। ଯାହାଫଳରେ ଏହା ଆଶ୍ରୟ ଓ ଆସ୍ଥାର କେନ୍ଦ୍ର ଭାବେ କାମ କରିପାରିଛି। ରଥଯାତ୍ରା ସମୟରେ ରେଳ ବିଭାଗ ଯେତିକି ପ୍ରସ୍ତୁତି କରେ ଚଳିତବର୍ଷ ତାହାଠାରୁ ଅଧିକ କରିବ ବୋଲି ମନ୍ତ୍ରଣାଳୟ ଅଧିକାରୀ କହିଥିବା ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର ଗଣମାଧ୍ୟମ ପ୍ରଶ୍ନର ଉତ୍ତର ରଖି କହିଛନ୍ତି,ବାତ୍ୟା ବିପନ୍ନ ଅଞ୍ଚଳରେ ତେଲଟାଙ୍କି ଚଳାଚଳ ହେବା ପ୍ରକ୍ରିୟା ସ୍ୱାଭାବିକ ହେଲାଣି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ସହ ଘରୋଇ ଆଲୋଚନାରେ ନିମଗ୍ନ ରହିପାରନ୍ତି। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହିବାରୁ କେତେକ ବନ୍ଧୁ ମୁହଁ ଫେରାଇ ନେବାର ଆଶଙ୍କା ଉପୁଜିପାରେ। ସନ୍ଧ୍ୟାରେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବରେ ଆସିପାରେ। କର୍ମକ୍ଷେତ୍ରରେ କୌଣସି କର୍ମଚାରୀଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ।

**ବୃଷ** ଅନ୍ୟମାନଙ୍କ ସମର୍ଥନ ଲାଭ କରିବା ସହ ନିଜ ଲୋକମାନଙ୍କ ନିକଟରୁ ଦୂରେଇ ରହିବାକୁ ବାଧ୍ୟ ହେବେ। ଗାଡ଼ି, ମୋଟର, ପୁରୁଣା ଘର ମରାମତି ସକାଶେ ନୂତନ ଯୋଜନା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଟେନ୍‌ସନ ଦୂର ହେବ ଓ ଅଟକି ରହିଥିବା କାମଗୁଡିକ ଯଥାବିଧି ସମ୍ପନ୍ନ ହେବ। କଳା, ସାହିତ୍ୟ ଓ କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ** ଆନୁଷଙ୍ଗିକ ସହଯୋଗ, ସଦିଚ୍ଛା ଲାଭକରି ଦାୟିତ୍ୱ ସମ୍ପନ୍ନ କରିବାରେ କୌଣସି ଅସୁବିଧା ରହିବ ନାହିଁ। କେତେକ କ୍ଷେତ୍ରରେ ନିଜ ଲୋକମାନଙ୍କୁ ଛାଡ଼ିପାରିବେ ନାହିଁ। ସଭାସମିତି, ପରିବହନ, କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ବିଭିନ୍ନ ପ୍ରକାର ଯୋଜନା କରିବେ।

**କର୍କଟ** ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଆଡ୍‌ଜଷ୍ଟ କରି ନେବା ଯୋଗୁ କୌଣସି ଅସୁବିଧା ହେବନାହିଁ। ଅତ୍ୟାବଶ୍ୟକ ଜିନିଷଟି ପରକୁ ଦେଇ ଅପଦସ୍ତ ହୋଇପାରନ୍ତି। ଅଟକି ରହିଯାଇଥିବା କାମ ସକାଶେ ମନ ଅସ୍ଥିର ରହିପାରେ। ପଡ଼ୋଶୀଙ୍କ ପରୋକ୍ଷ ଶତ୍ରୁତା ହେତୁ ସାମୟିକ ବାଧା ସୃଷ୍ଟି ହୋଇପାରେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିପାରନ୍ତି।

**ସିଂହ** ଆର୍ଥିକ ଉନ୍ନତି ସହ ବନ୍ଧୁମିଳନ ଓ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବ୍ୟସ୍ତ ରହିପାରନ୍ତି। ପରିବାରରେ ସମସ୍ୟା ସମାଧାନ, ପରିବହନରେ ଅର୍ଥଲାଭ, ନିର୍ମାଣ କାମରେ ଅଗ୍ରଗତି ଓ ଜମିଜମା ସମ୍ପର୍କିତ କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳିବ। ପ୍ରତ୍ୟୁଷ ଯାତ୍ରା କାଳରେ ପର କଥାରେ ମୁଣ୍ଡ ନ ପୂରାଇବା ଭଲ କାରଣ ଅଯଥା ଟେନ୍‌ସନ ବଢ଼ିବ।

**କନ୍ୟା** କର୍ମକ୍ଷେତ୍ରରେ ବ୍ୟତିକ୍ରମ ଯୋଗୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ପାରିବାରିକ ଦିଗ ପାଇଁ ବିଶେଷ କ୍ଷତିକାରକ ହେବନାହିଁ। କୌଣସି ନୂତନ କର୍ମାରମ୍ଭ ସକାଶେ ଅର୍ଥର ଆବଶ୍ୟକତା ବନ୍ଧୁଙ୍କ ମାଧ୍ୟମରେ ପୂରଣ ହୋଇଯିବ। ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି।

**ତୁଳା** ଆପଣ ପୂର୍ବରୁ ଯେଉଁ କାମଟିକୁ କରିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିଲେ, ଆଜି ସେହି କାମଟି କରିବା ପାଇଁ ପ୍ରବଳ ଇଚ୍ଛା ମନରେ ଜାଗ୍ରତ ହେବ। ଅତି ପ୍ରିୟ ବ୍ୟକ୍ତିଟିର ଅନୁପସ୍ଥିତିଜନିତ ମନ ବ୍ୟାକୁଳିତ ରହିବ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ଅଯାଚିତ ଭାବେ ପାଇବେ। କର୍ମକ୍ଷେତ୍ରରେ ବହୁ ଦାୟିତ୍ୱ ହାତକୁ ନେବାକୁ ପଡ଼ିବ।

**ବିଛା** ନୂତନ କର୍ମାରମ୍ଭ, ବନ୍ଧୁଙ୍କ ସହ ଆଲୋଚନା ଏବଂ ତୀର୍ଥାଟନ ସକାଶେ ଅନୁକୂଳ ବାତାବରଣ ଆନୟନ କରିବ। ବିଭିନ୍ନ ପ୍ରକାର ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ। ମାନସିକ ଚାପଗ୍ରସ୍ତ ହୋଇ ପାରିବାରିକ କ୍ଷେତ୍ର ପ୍ରତି ବୀତସ୍ପୃହ ରହିପାରନ୍ତି। କେତେକ କ୍ଷେତ୍ରରେ ନିଜର ସ୍ୱକୀୟ ମତ ପୋଷଣ କରି ସମାଲୋଚିତ ହେବାକୁ ପଡ଼ିପାରେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ, ନଚେତ୍ ମନସ୍ତାପ କରିବାକୁ ପଡିପାରେ। ଏକାଧିକ କାମରେ ହାତଦେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। କେତେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ। ଶାରୀରିକ ଅସୁସ୍ଥତାଜନିତ ପୀଡ଼ାରେ କଷ୍ଟ ପାଇପାରନ୍ତି। ମନର ଗୋପନ ବ୍ୟଥାକୁ ପ୍ରିୟଜନ ସମ୍ମୁଖରେ କହିପାରିବେ ନାହିଁ।

**ମକର** ଆଜିର ଦିନଟିରେ କେତେକ ସ୍ମରଣୀୟ ମୁହୂର୍ତ୍ତ ଆପଣଙ୍କୁ ଅପେକ୍ଷା କରି ରହିଛି। ଅନ୍ୟମାନଙ୍କୁ ସହଜରେ ଆକର୍ଷିତ କରି କାମ ହାସଲ କରିବେ। ଯାତ୍ରା ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବା ସକାଶେ ବହୁତ କଷ୍ଟ କରିବାକୁ ପଡିପାରେ। ପାରିବାରିକ ଅଶାନ୍ତି କ୍ରମଶଃ ବଢ଼ିପାରେ।

**କୁମ୍ଭ** ସାଧାରଣ କଥାକୁ କେନ୍ଦ୍ରକରି ଆତ୍ମୀୟଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ। ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ଜୋର୍‌ଦାର ଉଦ୍ୟମ କରିପାରନ୍ତି। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥକୈନ୍ଦ୍ରିକ ହୋଇପଡିବ। ବ୍ୟବସାୟିକ ସଫଳତା ପାଇବେ। ନୂତନ କର୍ମାରମ୍ଭ ପାଇଁ ପ୍ରସ୍ତୁତିପର୍ବ ଆରମ୍ଭ କରିପାରନ୍ତି।

**ମୀନ** ଆଜି ପ୍ରତ୍ୟେକ ଦିଗରୁ ଦିନଟି ଉପଭୋଗ୍ୟ ରହିବ। ପାରିବାରିକ ଓ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ମତଭେଦ ଦୂରେଇ ଯିବାର ସମ୍ଭାବନା ରହିଛି। ବ୍ୟବସାୟରୁ ଲାଭବାନ୍ ହେବା ସହ ନୂତନ ବ୍ୟବସାୟାରମ୍ଭ ପାଇଁ ମଧ୍ୟ ଯୋଜନା କରିପାରନ୍ତି। ଦୀର୍ଘଦିନରୁ ଆଶା କରିଥିବା କୌଣସି ଖବର ଅପରାହ୍ନେ ପାଇ ଖୁସି ହୋଇପାରନ୍ତି।

ଆଜି ରାମାନୁଜାଚାର୍ଯ୍ୟ ଜୟନ୍ତୀ, ବୈଶାଖ ଶୁକ୍ଳ ଷଷ୍ଠୀ, ଶୁକ୍ରବାର, ମେ ୧୦ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/କର୍କଟ, ବିଛା, ଧନୁ ଓ ମୀନ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପ୍ରାତଃ ଘ୬।୫୯ମି. ଗତେ ଘ୯।୩୪ମି. ମଧ୍ୟେ, ଘ୧୨।୦୯ମି. ଗତେ ଘ୨।୪୪ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୦୭ମି. ଗତେ ଘ୧୧।୪୩ମି. ମଧ୍ୟେ ରାହୁକାଳ।


classifieds Everyday 0674-2580101, 2549302

real estate

SALE

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

SBI and RERA approved under-construction project at Patia, 3BHK 67lacs, 2BHK 56lacs at Tamando 3BHK 37 lacs, 2BHK 32 lacs. Contact: 9438749776, 9337951595. D-12452

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-66515

Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332. D-66366

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

healthcare

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Newly opening ayurvedic body massage smart therapist, Shree herbal. 7750020754. D-66513

Full body massage with refreshment, expert therapist. 7381239385, 0674-2540855. D-66510

Herbal full body massage by smart/expert therapist. Contact: 8338067247. D-66512

Experience full body massage with us (expert). Call: 7377048581, 0674- 2597822. D-66511

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-12311

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୦ ମେ, ୨୦୧୯



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମନ୍ତବ୍ୟକୁ ନେଇ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଟାର୍ଗେଟ କରିଛନ୍ତି । ଦିଦି ତାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ସର୍ବସାଧାରଣରେ କହୁଛନ୍ତି । କିନ୍ତୁ ସେ ଇମ୍ରାନ୍ ଖାନ୍‌ଙ୍କୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଭାବେ ସ୍ୱୀକାର କରି ଗର୍ବିତ । ଏପରି କି ଫନୀ ବାତ୍ୟା ପରେ କେନ୍ଦ୍ର ସରକାର ପଶ୍ଚିମବଙ୍ଗକୁ ସହାୟତା ପ୍ରଦାନ ପାଇଁ ଚାହୁଁଥିବାବେଳେ ମମତା ତାଙ୍କ ଫୋନ୍ କଲ୍ ଗ୍ରହଣ କରିବାକୁ ମନା କରିଦେଇଥିଲେ ବୋଲି ମୋଦି ସମାଲୋଚନା କରିଛନ୍ତି ।



## ସଂକ୍ଷେପରେ

### ପ୍ରଶାସନିକ ସ୍ତରରେ ଅଦଳବଦଳ
### ଅନନ୍ୟା ଦାସ ବିଏମ୍‌ସି ଅତିରିକ୍ତ କମିଶନର

**ଭୁବନେଶ୍ୱର,୯।୫(ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱର ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ବହୁଳ ଭାବେ ପ୍ରଭାବିତ ହୋଇଛି। ରାଜ୍ୟ ପ୍ରଶାସନ ପକ୍ଷରୁ ରିଲିଫ୍ ବଣ୍ଟନ ଏବଂ ପୁନରୁଦ୍ଧାର କାର୍ଯ୍ୟ ମଧ ଜାରି ରହିଛି। ପ୍ରଶାସନିକସ୍ତରରେ ଏହି କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଗୁରୁବାର ସାମାନ୍ୟ ଅଦଳବଦଳ କରାଯାଇଛି। କୋରାପୁଟ ଜିଲାର ନଗର ଉନ୍ନୟନ ସଂସ୍ଥା(ଡିୟୁଡିଏ) ଦାୟିତ୍ୱରେ ଥିବା ଅନନ୍ୟା ଦାସ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଅତିରିକ୍ତ କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି କୋରାପୁଟ ଜିଲା ଗ୍ରାମୀଣ ଉନ୍ନୟନ ସଂସ୍ଥା(ଡିଆର୍‌ଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ଭାବେ ଦାୟିତ୍ୱ ତୁଲାଉଥିବା ଅବ୍‌ଦଲ ଅଖ୍‌ତରଙ୍କୁ ଖୋର୍ଦ୍ଧା ଜିଲା ଡିୟୁଡିଏ ପିଡି ଭାବେ ଦାୟିତ୍ୱ ମିଳିଛି। ପୂର୍ବରୁ ଓଏଏସ୍ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏହି ଦାୟିତ୍ୱ ତୁଲାଉଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କୁ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତ କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ବିଭିନ୍ନ ସଂସ୍ଥାର ସହାୟତା

**ଭୁବନେଶ୍ୱର,୯।୫(ବ୍ୟୁରୋ):** ଫନୀ ଦ୍ୱାରା ହୋଇଥିବା କ୍ଷୟକ୍ଷତି ଜନିତ ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପଣ୍ଡକୁ ସହାୟତାର ସୁଅ ଛୁଟୁଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ପକ୍ଷରୁ ୧୦ କୋଟି ଟଙ୍କା ସିଏମ୍ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି। ବ୍ୟାଙ୍କର ବ୍ରାଞ୍ଚ ବ୍ୟାଙ୍କିଙ୍ଗ୍ (ପୂର୍ବାଞ୍ଚଳ) ମୁଖ୍ୟ ସନ୍ଦୀପ ଏସ୍. କୁମାର, ଆଞ୍ଚଳିକ ମୁଖ୍ୟ ରାଜେଶ ଶ୍ରୀବାସ୍ତବ ଓ ଡେପୁଟି ଭାଇସ୍ ପ୍ରେସିଡେଣ୍ଟ ଅନିମେଶ ବିଶ୍ୱାଳ ଗୁରୁବାର ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। କଳିଙ୍ଗ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସିଏମ୍‌ଙ୍କ ରିଲିଫ୍ ଫଣ୍ଡକୁ ୩ ଲକ୍ଷ, କୋରେଇ ବିଧାୟକ ଆକାଶ ଦାସ ନାୟକ ଏକ ଲକ୍ଷ, ହିଞ୍ଜିଳି ପଞ୍ଚାୟତ ସମିତି ପକ୍ଷରୁ ୨ ଲକ୍ଷ ଏକ ହଜାର ଏବଂ ଭୁବନେଶ୍ୱରର ରଞ୍ଜିତ ଦାସ ୧୦,୦୦୦ ଟଙ୍କା ପ୍ରଦାନ କରିଛନ୍ତି।

## ବାତ୍ୟା ପରେ ଟ୍ୱିନ୍ ସିଟି ଅନ୍ଧକାର
# ଫଟୋ ଜାରି କଲା 'ନାସା'




ଭୁବନେଶ୍ୱର,୯।୫(ବ୍ୟୁରୋ)

ବାତ୍ୟା 'ଫନୀ' ପ୍ରଭାବରେ ପ୍ରଭାବିତ ଟ୍ୱିନ୍ ସିଟି ଭୁବନେଶ୍ୱର ଓ କଟକ ସନ୍ଧ୍ୟା ପରେ ଅନ୍ଧକାରମୟ ରହୁଛି। ଯଦିଓ କେତେକ ଜାଗାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି, ତଥାପି ସମ୍ପୂର୍ଣ୍ଣ ସହରକୁ ୧୨ତାରିଖ ସୁଦ୍ଧା ବିଦ୍ୟୁତ୍ ଯୋଗାଣ କରାଯିବ ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି। ଇତିମଧ୍ୟରେ ଟ୍ୱିନ୍ ସିଟିର ଅନ୍ଧକାରକୁ ନେଇ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା' ପକ୍ଷରୁ କେତେଗୁଡ଼ିଏ ଫଟୋ ଜାରି କରାଯାଇଛି। ସାଟେଲାଇଟ୍ ଯୋଗେ ଏହି ଫଟୋଗୁଡ଼ିକୁ ଉଠାଯାଇଛି। ଏଥିରେ କଟକ ଓ ଭୁବନେଶ୍ୱରର ରାତ୍ରିକାଳୀନ ଫଟୋ ରହିଛି। 'ନାସା'ର ଅଫିସିଆଲ୍ ୱେବ୍‌ସାଇଟ୍‌ରେ ଫଟୋଗୁଡ଼ିକୁ ସ୍ଥାନିତ କରାଯାଇଥିବା ବେଳେ 'ନାସା' ନିଜ ଟୁଇଟର ଆକାଉଣ୍ଟରେ ମଧ ପୋଷ୍ଟ କରିଛି। 'ନାସା' ଶେୟାର କରିଥିବା ଫଟୋଗୁଡ଼ିକ ବାତ୍ୟା ସ୍ଥଳଭାଗରେ ପ୍ରବେଶ କରିବାର ପୂର୍ବ ଓ ପରର ଦୃଶ୍ୟ ରହିଛି। ଏଥିରେ ଏକ ତୁଳନାତ୍ମକ ଚିତ୍ର ଦେବାକୁ ପ୍ରୟାସ କରାଯାଇଛି।

'ନାସା' ଭୁବନେଶ୍ୱରର ଦୁଇଟି ଓ କଟକର ଦୁଇଟି ଫଟୋ ପୋଷ୍ଟ କରିଛି। ଭୁବନେଶ୍ୱରର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ନେଇ ଏପ୍ରିଲ ୩୦ରେ ଗୋଟିଏ ଫଟୋ ଉଠାଯାଇଥିବା ବେଳେ ସେହି ଅଞ୍ଚଳକୁ ନେଇ 'ଫନୀ' ଯିବା ପରେ ମେ ୫ରେ ଆଉ ଗୋଟିଏ ଫଟୋ ଉଠାଯାଇଛି। ସେହିପରି କଟକର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ନେଇ ଏପ୍ରିଲ ୩୦ରେ ଗୋଟିଏ ଫଟୋ ଓ ମେ ୪ ଅର୍ଥାତ୍ ବାତ୍ୟା ପରଦିନ ସେହି ଅଞ୍ଚଳକୁ ନେଇ ଆଉ ଗୋଟିଏ ଫଟୋ ଉଠାଯାଇଛି। ସୂଚନାଯୋଗ୍ୟ, ମେ ୩ରେ ସାମୁଦ୍ରିକ ଝଡ଼ 'ଫନୀ' ଓଡ଼ିଶାରେ ଲ୍ୟାଣ୍ଡଫଲ୍ କରିଥିଲା।

# ମୁଖ୍ୟ ଶାସନ ସଚିବଙ୍କ ବାତ୍ୟା ପରବର୍ତ୍ତୀ ସ୍ଥିତି ସମୀକ୍ଷା

କେନ୍ଦ୍ରାପଡ଼ା ଅଫିସ/ଜଗତ୍‌ସିଂହପୁର ଅଫିସ, ୯।୫

ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଗୁରୁବାର ଫନୀ ପ୍ରଭାବିତ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ କ୍ଷୟକ୍ଷତି ଓ ରିଲିଫ୍ କାର୍ଯ୍ୟ ସମୀକ୍ଷା କରିଛନ୍ତି। କେନ୍ଦ୍ରାପଡ଼ା ଜିଲାପାଳ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ପାଢୀ ବାତ୍ୟା ପୂର୍ବ ପ୍ରସ୍ତୁତି ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଅବଗତ ହୋଇଥିଲେ। ବାତ୍ୟାରେ ଜିଲାର ୯ ବ୍ଲକ ଓ ଦୁଇଟି ପୌରାଞ୍ଚଳ ପ୍ରଭାବିତ ହୋଇଛି। ଏଥିରେ ଜିଲାର ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୫ ଗୋରୁ ଓ ୯,୫୩୯ କୁକୁଡ଼ା ମରିଛନ୍ତି। ସେହିପରି ୬୪୬୨ ହେକ୍ଟର ଧାନ ଫସଲ, ୨୧୬୪ ହେକ୍ଟର ପରିବା ଚାଷ ଓ ୨୯୩୧ ହେକ୍ଟର ମୁଗ ଚାଷ ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଥିବା ଜଣାଯାଇଛି। ଜିଲା ପ୍ରଶାସନର ଆକଳନ ଅନୁଯାୟୀ, ବାତ୍ୟାରେ ଜଣଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଥିବା ବେଳେ ୫୧ ପକ୍କା ଘର ଓ ୩୧୮୧ କଚ୍ଚା ଘର ଆଂଶିକ ନଷ୍ଟ ହୋଇଛି। ୭୧୯ କୁଡ଼ିଆ ଏବଂ ୧୧୪୨ ଗୁହାଳ ନଷ୍ଟ ହୋଇଛି। ବାତ୍ୟା ପ୍ରଭାବିତଙ୍କୁ ୩୯୫୨ ପଲିଥିନ ଯୋଗାଇ ଦିଆଯାଇଛି। ବାତ୍ୟା ପୂର୍ବରୁ ୧,୧୬,୬୯୩ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ସୂଚନା ଦିଆଯାଇଥିଲା। ସେହିପରି ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ଜିଲାପାଳ ଗୁହା ପୁନମ ତାପସ କୁମାର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ବାତ୍ୟା କ୍ଷୟକ୍ଷତି ଓ ରିଲିଫ୍ କାର୍ଯ୍ୟ ସମ୍ପର୍କରେ ପାଢୀଙ୍କୁ ସୂଚନା ଦେଇଥିଲେ।

### ଫନୀ ପ୍ରଭାବିତ ଶ୍ରୀମନ୍ଦିର, କୋଣାର୍କ ସୁରକ୍ଷା ପ୍ରସଙ୍ଗ
## କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

**ଭୁବନେଶ୍ୱର, ୯।୫(ବ୍ୟୁରୋ):** ଫନୀ ଦ୍ୱାରା ପୁରୀ ଜିଲା ବହୁଳ ଭାବେ ପ୍ରଭାବିତ ହୋଇଛି। ଏହି ଜିଲାର ଦୁଇ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଶ୍ରୀମନ୍ଦିର ଏବଂ କୋଣାର୍କ ମନ୍ଦିର ମଧ କ୍ଷତିଗ୍ରସ୍ତ ହୋଇଛି। ଏହି ପୁରାତନ କୀର୍ତ୍ତିରାଜିର ମରାମତି ପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମାଙ୍କୁ ଚିଠି ଲେଖିଛନ୍ତି। ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଏଏସ୍‌ଆଇ ଦ୍ୱାରା ଉଭୟ ସ୍ଥାନର ଫନୀ ପ୍ରଭାବ ନେଇ ସର୍ଭେ କରାଯିବାର ଆବଶ୍ୟକତା ରହିଛି। ତେଣୁ ଫନୀ ପ୍ରଭାବକୁ ଠିକ୍ ଭାବେ ଆକଳନ କରିବା ପାଇଁ ଏଏସ୍‌ଆଇ ପକ୍ଷରୁ ଉଚ୍ଚସ୍ତରୀୟ ଟିମ୍ ପଠାଯାଉ। କ୍ଷୟକ୍ଷତି ଆକଳନ ପରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉ ବୋଲି ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଆସନ୍ତା ଜୁଲାଇ ୪ରେ ରଥଯାତ୍ରା ଅନୁଷ୍ଠିତ ହେବ। ଏହି ସମୟରେ ପୁରୀ ଏବଂ କୋଣାର୍କକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାଆନ୍ତି। ତେଣୁ ଏହା ପୂର୍ବରୁ ମରାମତି କାର୍ଯ୍ୟ ସାରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରୀକ୍ଷା ତାରିଖ ପୁନଃ ନିର୍ଦ୍ଧାରଣ

ଭୁବନେଶ୍ୱର,୯।୫(ବ୍ୟୁରୋ)

ବାତ୍ୟା 'ଫନୀ' ଯୋଗୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପରୀକ୍ଷା ସ୍ଥଗିତ ରଖାଯାଇଥିଲା। ପରୀକ୍ଷାଗୁଡ଼ିକୁ ପୁନଃ ପରିଚାଳିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ନିର୍ଦ୍ଦେଶ ଦେଇଛନ୍ତି। ୟୁଜି-ଚତୁର୍ଥ ସେମିଷ୍ଟର ଆସନ୍ତା ୧୫ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ୧୬ତାରିଖରୁ ୟୁଜି-ଦ୍ୱିତୀୟ ସେମିଷ୍ଟର ତଥା ବିଇଡି ପ୍ରଥମ ବର୍ଷ ଏବଂ ୧୭ତାରିଖରୁ ପିଜି-ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ବିଶ୍ୱବିଦ୍ୟାଳୟର ପରୀକ୍ଷା ତାରିଖ ପୁନଃ ନିର୍ଦ୍ଧାରଣ କରାଯାଇଥିବା ଗୁରୁବାର ପରୀକ୍ଷା ନିୟନ୍ତ୍ରକଙ୍କ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯାଇଛି।

## ନାଗ ପେଟରୁ ବାହାରିଲା ୨ ମଲା ଠେକୁଆ

**ଅନୁଗୋଳ ଅଫିସ, ୯।୫:** ଅନୁଗୋଳ ପଞ୍ଚମହଲା ନିକଟସ୍ଥ ଡାକ୍ତର ଦୀପକ ଗଡ଼ନାୟକଙ୍କ ଫାର୍ମ ହାଉସରୁ ଗୁରୁବାର ଏକ ୫ ଫୁଟର ନାଗ ଉଦ୍ଧାର କରାଯାଇଛି। ସାପଟି ୨ଟି ଠେକୁଆଙ୍କୁ ମାରିଥିବା ବେଳେ ଗୋଟିଏକୁ ସମ୍ପୂର୍ଣ୍ଣ ଗିଳି ଦେଇଥିଲା। ଆଉ ଗୋଟିଏକୁ ଗିଳୁଥିବା ଦେଖି ଡାକ୍ତର ଗଡ଼ନାୟକ ସର୍ପମିତ୍ର ଆଦିତ୍ୟ ବେହେରାଙ୍କୁ ଖବର ଦେଇଥିଲେ। ଆଦିତ୍ୟ ତୁରନ୍ତ ପହଞ୍ଚି ନାଗଟିକୁ ଧରିବା ସହ ଗିଳିଥିବା ମଲା ଠେକୁଆ ବାହାର କରିଥିଲେ। ପରେ ସୁରକ୍ଷିତ ସ୍ଥାନରେ ସାପଟିକୁ ଛାଡ଼ିଦେଇଥିଲେ।



ଉଦ୍ଧାର ନାଗ ଓ ୨ ମଲା ଠେକୁଆ।

NSE
National Stock Exchange of India Ltd.
'Exchange Plaza', Bandra-Kurla Complex, Bandra (E), Mumbai-400 051

NOTICE

Notice is hereby given that the following trading member of the National Stock Exchange of India Limited (Exchange) has been declared a defaulter under Byelaw 1(a) of Chapter XII of the Byelaws of the Exchange and expelled under Rules 1 and 2 of Chapter IV of the Rules of the Exchange:

| Sr. No. | Name of the Trading Member | SEBI Regn. No. | Declaration Date |
|---|---|---|---|
| 1. | GUINESS SECURITIES LIMITED | INZ000167037 | May 06, 2019 |

The constituents of Guiness Securities Limited are hereby advised to lodge claims, if any, in the prescribed claim form, against the above mentioned member within 3 months from the date of this notification and no such claims filed beyond 3 months will be entertained by the Exchange against the above mentioned member and it shall be deemed that no such claims exist against the above mentioned member or such claims, if any, shall be deemed to have been waived. The claims filed against the above mentioned member will be dealt with in accordance with the Byelaws, Rules, Regulations and the procedures of the Exchange.

The maximum compensation limit per investor is Rs. 25 lakhs out of the Investor Protection Fund, if found due and payable under the Byelaws, Rules and Regulations of the Exchange.

The claim form may be downloaded from https://www.nseindia.com or may be obtained from the corporate office at Mumbai or the regional / branch offices of the Exchange. The claim form along with the relevant papers may be sent to the Defaulters' Section of the Exchange at 'Exchange Plaza', Bandra-Kurla Complex, Bandra (E), Mumbai 400 051 or at the Regional / branch offices of the Exchange.

The authorized persons affiliated with the above mentioned member are not authorized henceforth to deal in that capacity. The list of such authorized persons is available on https://www.nseindia.com. Investors may take note of the same.

For National Stock Exchange of India Ltd.
Sd/-
Senior Manager
Defaulters' Section

Place: Mumbai
Date: 9th May, 2019

NIFTY 50 Stock of the nation

## ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ସୁଧାର ଆଣିବାକୁ ଧର୍ମେନ୍ଦ୍ରଙ୍କ ସମୀକ୍ଷା
# ମୋବାଇଲ ଏଟିଏମ୍‌କୁ ଗୁରୁତ୍ୱ

- ପାସ୍‌ବୁକ୍ ଦେଖାଇ ଏସ୍‌ବିଆଇରୁ ଉଠାଇହେବ ୨୦୦୦ ଟଙ୍କା
- ପୁରୀ ହୋଟେଲ ଶିଳ୍ପର ପୁନରୁଦ୍ଧାର ପାଇଁ ଋଣ ପ୍ରଦାନ ସରଳୀକରଣ ହେଉ
- ଇନ୍‌ସ୍ୟୁରାନ୍ସ କ୍ଲେମ୍ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉ
- ଅର୍ଥମନ୍ତ୍ରୀ ଜେଟ୍‌ଲୀଙ୍କୁ ଚିଠିଲେଖି ଜଣାଇଲେ

ଭୁବନେଶ୍ୱର,୯।୫(ବ୍ୟୁରୋ)



ବୈଠକରେ ବ୍ୟାଙ୍କ ଅଧିକାରୀମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରୁଛନ୍ତି।

ବାତ୍ୟା ଯୋଗୁ ବହୁ ସ୍ଥାନରେ ବ୍ୟାଙ୍କ କ୍ଷତିଗ୍ରସ୍ତ ହୋଇଛି, ଏଟିଏମ୍‌ଗୁଡ଼ିକ କାମ କରୁନାହିଁ। ଟେଲି ଯୋଗାଯୋଗ ବାଧାପ୍ରାପ୍ତ ହୋଇଥିବାରୁ କ୍ୟାଶଲେସ୍ ବ୍ୟବସ୍ଥା ଗୁରୁତର ପ୍ରଭାବିତ ହୋଇଛି। ଏଣୁ ନଗଦ ଟଙ୍କାର ଆବଶ୍ୟକତା ରହିଥିବାବେଳେ ଲୋକଙ୍କୁ ତତ୍କାଳ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ଜରୁରୀ। ରାଜ୍ୟରେ ନଗଦ ଟଙ୍କାର ଅଭାବ ନାହିଁ ବୋଲି କହି ଆରବିଆଇ ଆଶ୍ୱସ୍ତି ଦେଇଛି। ସେହିପରି ପ୍ରଭାବିତ ଅଞ୍ଚଳରେ ମୋବାଇଲ ଏଟିଏମ୍ ବ୍ୟବସ୍ଥା ପ୍ରଚଳନ ପାଇଁ ସମସ୍ତ ବ୍ୟାଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏଟିଏମ୍‌ଗୁଡ଼ିକ ମଧ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଯୋଜନା ଚାଲିଛି। ରାଜ୍ୟରେ ସମସ୍ତ ବ୍ୟାଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରିବା ପାଇଁ ଶୁକ୍ରବାର ଏକ କଣ୍ଟ୍ରୋଲ ରୁମ୍ ଖୋଲିବ। ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟରେ ବ୍ୟାଙ୍କର ଭୂମିକା ନେଇ ଗୁରୁବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଆର୍‌ବିଆଇ, ସମସ୍ତ ସରକାରୀ ଓ ଘରୋଇ ବ୍ୟାଙ୍କର ଅଧିକାରୀମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରିଛନ୍ତି।

ବୈଠକ ଶେଷରେ ଧର୍ମେନ୍ଦ୍ର କହିଛନ୍ତି, ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ଆଦି ସ୍ଥାନରେ ମୋବାଇଲ ଏଟିଏମ୍ ଓ ପିଏସ୍‌ଓ ମେଶିନ୍ ଯୋଗାଇବା ପାଇଁ ବ୍ୟାଙ୍କଗୁଡ଼ିକୁ କୁହାଯାଇଛି। ଏହାମଧ୍ୟରେ ଏସ୍‌ବିଆଇ ଏକ ମଡେଲ ଡେଭଲପ୍ କରିଛି, ଯଦ୍ୱାରା ବ୍ୟାଙ୍କ ପାସବୁକ୍ ଦେଖାଇ ଜଣେ ଗ୍ରାହକ ୨୦୦୦ ହଜାର ଟଙ୍କା ନଗଦ ପାଇପାରିବ। ଏହି ବ୍ୟବସ୍ଥାକୁ ଅନ୍ୟାନ୍ୟ ବ୍ୟାଙ୍କ ଅନୁକରଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଯେଉଁ ଦୁର୍ଗମ ଅଞ୍ଚଳକୁ ଗାଡ଼ି ଯାଇପାରୁ ନାହିଁ, ସେଠାକୁ କିପରି ଯିବ ସେଥିପାଇଁ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ାଯାଇଛି। ବ୍ୟାଙ୍କଗୁଡିକ ପକ୍ଷରୁ ଜେନେରେଟର ଲଗାଇ କାର୍ଯ୍ୟ କରାଯାଉଥିବାବେଳେ ସେଠାରେ ଡିଜେଲ ପହଞ୍ଚାଇବାକୁ ପେଟ୍ରୋଲିୟମ କମ୍ପାନୀଗୁଡିକ ତତ୍ପର ହେବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ବାତ୍ୟାରେ ପୁରୀର ହୋଟେଲ ଶିଳ୍ପ ଧ୍ୱଂସ ହୋଇଯାଇଛି। ଏଥିରେ କିପରି ସୁଧାର ଆସିପାରିବ ସେଥିପାଇଁ ବ୍ୟାଙ୍କ ସହଯୋଗର ଆବଶ୍ୟକତା ରହିଛି। ହୋଟେଲ ବ୍ୟବସାୟୀଙ୍କୁ ଋଣ ଦେବା ପ୍ରକ୍ରିୟା କିପରି ସରଳୀକରଣ କରିହେବ ସେନେଇ ଦୃଷ୍ଟିଦେବାକୁ ବ୍ୟାଙ୍କ ଅଧିକାରୀମାନଙ୍କୁ କୁହାଯାଇଛି। ଏନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ମଧ ଧର୍ମେନ୍ଦ୍ର ଚିଠି ଲେଖିଛନ୍ତି।

ଚିଠିରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି ଯେ, ପୁରୀର ହୋଟେଲ ଶିଳ୍ପକୁ ପୁଣିଥରେ ଗତିଶୀଳ କରିବା ପାଇଁ ଆର୍ଥିକ ସହାୟତା ଜରୁରୀ। ଏଥିପାଇଁ ହୋଟେଲ ବ୍ୟବସାୟୀଙ୍କୁ ସୁହାଇଲା ଭଳି ପୁରୁଣା ଋଣର ସରଳୀକରଣ ଏବଂ ସହଜ ନୂଆ ଋଣ ପ୍ରଦାନ ପାଇଁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ସେହିପରି କୃଷି, କୁକୁଡ଼ା ପାଳନ, ମତ୍ସ୍ୟ ଚାଷ ଓ ପଶୁପାଳନ ଆଦି କ୍ଷେତ୍ରରେ ବ୍ୟାପକ କ୍ଷତି ହୋଇଥିବା ସେ ଚିଠିରେ ଦର୍ଶାଇଛନ୍ତି। ଏହି ସବୁ କ୍ଷେତ୍ରର ଚାଷୀଙ୍କୁ ଅଳ୍ପ ସୁଧରେ ସହଜ ଋଣ ଯୋଗାଇବା ଆବଶ୍ୟକ। ତେଣୁ ଏ ସମ୍ପର୍କରେ ବ୍ୟାଙ୍କଗୁଡିକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଉ। ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିପୁଳ ସମ୍ପତ୍ତି କ୍ଷତି ହୋଇଛି। ତେଣୁ ବୀମା କରିଥିବା ଲୋକମାନଙ୍କ ଇନ୍‌ସ୍ୟୁରାନ୍ସ କ୍ଲେମ୍‌କୁ ତ୍ୱରାନ୍ୱିତ କରାଯାଉ ବୋଲି ସେ ଜେଟ୍‌ଲୀଙ୍କୁ ଅନୁରୋଧ କରିଛନ୍ତି। ଏହାଛଡ଼ା ବ୍ୟାଙ୍କ ଅଧିକାରୀମାନଙ୍କ ସହ ହୋଇଥିବା ଉପରୋକ୍ତ ଆଲୋଚନା ବିଷୟରେ ମଧ ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ବର୍ତ୍ତମାନ ସୁଦ୍ଧା ପୁରୀରେ ୧୭୩ ଏଟିଏମ୍ ମଧ୍ୟରୁ ୨୦, ଖୋର୍ଦ୍ଧା ଓ ଭୁବନେଶ୍ୱରରେ ୧୧୬୪ରୁ ୧୯୭, କଟକ ଜିଲାରେ ୫୯୩ରୁ ୧୬୨, ଜଗତ୍‌ସିଂହପୁରରେ ୧୯୬ରୁ ୧୧୨, କେନ୍ଦ୍ରାପଡ଼ାରୁ ୧୬୯ରୁ ୧୦୫ ଏଟିଏମ୍ କାର୍ଯ୍ୟକ୍ଷମ ରହିଛି।



ଧର୍ମର ବାହ୍ୟ ଆଚାର ବିଚାରର ଯଦି ତୁମେ କ୍ରୀତଦାସ ପାଲଟି ଯାଅ–ତେବେ ଧର୍ମ ତୁମ ପାଇଁ ହୋଇଉଠେ ଏକ ପ୍ରତିବନ୍ଧକ ଓ ଶୃଙ୍ଖଳ। କିନ୍ତୁ ତୁମେ ଯଦି ଧର୍ମର ଗୂଢ଼ ତତ୍ତ୍ୱଗୁଡ଼ିକୁ ଆବିଷ୍କାର ଓ ଅନୁଶୀଳନ କରିପାର– ତେବେ ଏହିଠାରୁ ତୁମେ ଈଶ୍ୱରଙ୍କ ରାଜ୍ୟକୁ କୁଦାମାରି ଯାଇପାର।
–ଶ୍ରୀମା



# ବାଣିଜ୍ୟିକ ଯୁଦ୍ଧ

କିଛିଦିନର ବିରତି ପରେ ଚାଇନା ସହିତ ଆମେରିକାର ମୁହାଁମୁହିଁ ବୃଦ୍ଧି ପାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ସ୍ପଷ୍ଟ ସଂକେତ ଦେବା ପାଇଁ ଏକ ଏୟାରକ୍ରାଫ୍ଟ କ୍ୟାରିୟର୍ ଷ୍ଟ୍ରାଇକ୍ ଗ୍ରୁପ୍ ଏବଂ ଏକ ବମ୍ବର ଟ୍ୟାସ୍କ ଫୋର୍ସ ପଠାଇ ମଧ୍ୟପ୍ରାଚ୍ୟ ପରିବେଶକୁ ପୂରା ବିଗାଡ଼ି ଦେଇସାରିଛନ୍ତି। ଗତମାସରେ ଟ୍ରମ୍ପ ଇରାନର ତୈଳ ରପ୍ତାନି ଶୂନ୍ୟ କରିବା ଲକ୍ଷ୍ୟରେ ଭାରତ ପରି ଦେଶକୁ ଇରାନରୁ ତେଲ କିଣିବା କଟକଣାରୁ ଛାଡ଼ କରିବାକୁ ମନା କରିଦେବା ପରେ ଏହହି ଘଟଣା ଘଟିଛି। ଆମେରିକାର କାର୍ଯ୍ୟକଳାପ ଓ ଏହାର ବାକ୍‌ଚାତୁରି ଇରାନୀୟମାନଙ୍କୁ ଏପରି ଉତ୍ତେଜିତ କରିଛି ଯେ ତାହା ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ଆଡ଼କୁ ମୁହାଁଇପାରେ। ଯଦି ତୁରନ୍ତ କିଛି ପ୍ରତିକାର କରା ନ ଯାଏ, ତେବେ ସାରା ବିଶ୍ୱରେ ଏହା ଶାନ୍ତି ବ୍ୟାହତ କରିବା ସହ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି କରିପାରେ। ଗତ ଦଶବର୍ଷରୁ ଅଧିକ କାଳ ହେଲା ବିଶ୍ୱରେ ଅର୍ଥନୈତିକ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଆମେରିକାର ଏଭଳି କାର୍ଯ୍ୟ ପରିସ୍ଥିତିରେ ସୁଧାର ଆଣିବା ପରିବର୍ତ୍ତେ ତାହାକୁ ଅଧିକ ବିପର୍ଯ୍ୟୟ ଆଡ଼କୁ ଠେଲିଦେଇଛି। ଉତ୍ତର କୋରିଆ ସହ ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା କେତେଥର ଚେଷ୍ଟା କରିଥିଲେ ମଧ୍ୟ ଦୁଇ ଦେଶ ମଧ୍ୟ କୂଟନୈତିକ ସମ୍ପର୍କରେ ଉନ୍ନତି ଘଟିନାହିଁ। ଲାଟିନ ଆମେରିକୀୟ ଦେଶଗୁଡ଼ିକ ସହିତ ମଧ୍ୟ ଏହାର ସମ୍ପର୍କ ଭଲ ନାହିଁ। ପଡ଼ୋଶୀ ମେକ୍ସିକୋ ସହ ସମ୍ପର୍କ ମଳିନ ରହିଛି। ପାରମ୍ପରିକ ପ୍ରତିପକ୍ଷ ରୁଷିଆ ପରି ଦେଶ ସହିତ ମଧ୍ୟ ସମ୍ପର୍କର ସମୀକରଣ ପ୍ରତିକୂଳ ରହିଆସିଛି।

ଠିକ୍ ଯେତେବେଳେ ଆମେରିକା ଓ ଚାଇନା ମଧ୍ୟରେ ତିକ୍ତତା ହ୍ରାସ ପାଇବାକୁ ଆରମ୍ଭ କଲା ସେତିକିବେଳେ ହଠାତ୍ ଟ୍ରମ୍ପ ଟୁଇଟ କଲେ ଚାଇନାରୁ ଆମଦାନି ହେଉଥିବା ୩୨୫ ଶହ କୋଟି ଡଲାରର ସାମଗ୍ରୀ ଉପରେ ୧୦ ପ୍ରତିଶତ ବଦଳରେ ଆମେରିକା ୨୫ ପ୍ରତିଶତ ଆମଦାନୀ ଶୁଳ୍କ ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛି। ଚାଇନା ୩୭୫ ଶହ କୋଟି ଡଲାରର ବାଣିଜ୍ୟିକ ନିଅଣ୍ଟକୁ ହ୍ରାସ କରୁ ଓ ଚାଇନା ବଜାରରେ ଆମେରିକୀୟ ଜିନିଷ ଅଧିକ ପରିମାଣରେ ବିକ୍ରି ହେବାର ସୁଯୋଗ ସୃଷ୍ଟି କରୁ ବୋଲି ଟ୍ରମ୍ପ ଇଚ୍ଛା କରୁଛନ୍ତି। ସେ ୨୫ ହଜାର କୋଟି ଚାଇନିଜ୍ ରପ୍ତାନି ଉପରେ ଶୁଳ୍କ ବୃଦ୍ଧି କରିସାରିଛନ୍ତି ଏବଂ ଆଉ ୨୦ ହଜାର କୋଟି ଚାଇନିଜ୍ ଆମଦାନି ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଧମକ ଦେଇଛନ୍ତି। ଏହାର ପ୍ରତିକ୍ରିୟା ସ୍ୱରୂପ ଚାଇନା ମଧ୍ୟ ଆମେରିକାରୁ ଚାଇନାକୁ ଆମଦାନି ହେଉଥିବା କେତେକ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କରିଛି। ଉକ୍ତ ଦୁଇ ଦେଶ ଭିତରେ ଚାଲିଥିବା ଏହି ବାଣିଜ୍ୟିକ ଯୁଦ୍ଧ କିପରି ବନ୍ଦ ହେବ ସେ ନେଇ ଅନିଶ୍ଚୟତା ଦେଖାଦେଇଛି। ସେମାନଙ୍କର ଏହି ବାଣିଜ୍ୟିକ ଯୁଦ୍ଧର ପ୍ରଭାବ ଭାରତ ଉପରେ ପଡ଼ିବ କି ନାହିଁ 'ହଁ' ବା 'ନା'ରେ ଏହାର ଉତ୍ତର ଦେବା କଷ୍ଟକର। ଭାରତ ଉପରେ ଏହାର ପ୍ରଭାବ ଦୁଇ ପ୍ରକାର ହୋଇପାରେ: ଅନୁକୂଳ ଓ ପ୍ରତିକୂଳ। ଅନୁକୂଳ ହେଲା ଭାରତ ଏହି ବିବାଦରୁ ସୃଷ୍ଟି ହେଉଥିବା ଶୂନ୍ୟସ୍ଥାନ ପୂରଣ କରିବାକୁ ଯାଇ କିଛି ଫାଇଦା ଉଠାଇପାରେ।

## ଆଜିର ଅର୍ଥନୀତି

ପୋଷାକ, ରତ୍ନପଥର ଓ ଗହଣା ରପ୍ତାନି କରିବା କ୍ଷେତ୍ରରେ ଭାରତ ଅଧିକ ପ୍ରତିଯୋଗିତାକ୍ଷମ ହୋଇପାରେ। କାରଣ ଭାରତର ଏ କ୍ଷେତ୍ରରେ ଆଗରୁ ଦକ୍ଷତା ରହିଛି। ତେବେ ଚାଇନା ଯେଉଁ ବିପୁଳ ପରିମାଣର ସାମଗ୍ରୀ ଆମେରିକାକୁ ରପ୍ତାନି କରୁଥିଲା, ତାହା ହ୍ରାସ ପାଇବା ଫଳରେ ଆମେରିକାରେ ଯେଉଁ ଅଭାବ ସୃଷ୍ଟି ହେବ ଭାରତ ତାହା ପୂରଣ କରିବା କାଠିକର ପାଠ। ତେବେ ଏହାଦ୍ୱାରା ଭାରତକୁ ପୁଞ୍ଜି ପ୍ରବାହ ବୃଦ୍ଧି ପାଇବ, ଯାହାଦ୍ୱାରା ଟଙ୍କାର ମୂଲ୍ୟ ବଢ଼ିବ। ବର୍ତ୍ତମାନ ଟଙ୍କାର ମୂଲ୍ୟ ପ୍ରାୟ ମାସେ ହେଲା ୬୮ ପାଖାପାଖି ରହିଆସିଛି। ଦୁର୍ବଳ ଆମେରିକୀୟ ଡଲାର ଯୋଗୁ ଏହା ସମ୍ଭବ ହୋଇଥାଇପାରେ। ଏହା କେତେକ ପ୍ରକାର ଚେନ୍ ରିଆକ୍ସନ ସୃଷ୍ଟି କରି ଭାରତର ବାଣିଜ୍ୟିକ ନିଅଣ୍ଟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ଆମେରିକା ଓ ଚାଇନା ମଧ୍ୟରେ ପୂରା ଦମ୍‌ରେ ବାଣିଜ୍ୟିକ ଯୁଦ୍ଧ ଲାଗିଗଲେ ଅର୍ଥନୈତିକ ଅଭିବୃଦ୍ଧି ଓ ଆସେଟ୍ ମାର୍କେଟ ଉପରେ କୁପ୍ରଭାବ ପଡ଼ିବ। ବିଶ୍ୱର ଦୁଇଟି ବୃହତ୍ ଅର୍ଥନୀତି ଶିଙ୍ଗଲଢ଼େଇ ଜାରି ରଖିଲେ ବିଶ୍ୱ ଅର୍ଥନୀତି ବିପନ୍ନ ହୋଇପଡ଼ିବ। ଏହାର ପ୍ରଭାବ କେବଳ ବାଣିଜ୍ୟ ଓ ଅର୍ଥନୀତି ଉପରେ ସୀମିତ ରହିବ ନାହିଁ ଏବଂ ଏହାର ଭୂ–ରାଜନୈତିକ ପ୍ରଭାବ ଅଧିକ ମାରାତ୍ମକ ହୋଇପାରେ।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ମେ ୧୯୯୪

- ଚାଇନାର ପୂର୍ବାଞ୍ଚଳ ଜିଆଣ୍ଟ ଏବଂ ଫୁଜିୟାଂ ପ୍ରଦେଶରେ ପ୍ରବଳ ବର୍ଷା ସହିତ ଘୂର୍ଣ୍ଣିବାତ୍ୟା ହେବା ଫଳରେ ୧୬୫ ଜଣଙ୍କ ପ୍ରାଣହାନି।
- ତୁରସ୍କର ଦକ୍ଷିଣ ପୂର୍ବାଞ୍ଚଳରେ ସରକାରୀ ସେନା ଏବଂ କୁର୍ଦ୍ଦ ବିଦ୍ରୋହୀଙ୍କ ମଧ୍ୟରେ ଘମାଘୋଟ ଲଢେଇରେ ୫୩ ଜଣ କୁର୍ଦ୍ଦ ବିଦ୍ରୋହୀ ନିହତ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | | | | | 5 | | 8 | A | | | 4 | C | 1 |
| | | | | | | | A | 6 | 7 | 8 | 5 | | | |
| | D | | | | | | 1 | | | | 3 | | 2 | |
| 9 | | 0 | | | 4 | | | D | 1 | | 6 | 7 | | |
| | 1 | | A | | | | | 9 | 0 | | | | | 3 |
| | | | | B | D | | 0 | C | | | | | 6 | 7 |
| | | | | 9 | 3 | 7 | | 5 | 8 | E | B | C | A | |
| | | | | | 1 | | | A | | | | | B | |
| | | | | 0 | | | 6 | B | 5 | | | 3 | D | 9 |
| | | | | | | 8 | 3 | | 6 | 9 | | | 4 | |
| | | C | | | B | | | | 3 | A | 4 | 0 | | D |
| | | | | | 8 | | E | 4 | D | | 0 | | | |
| | | | | 3 | | | | | | 5 | | B | | |
| | 5 | | 2 | | A | | | | C | | | 6 | 7 | |
| 0 | | | | | | | 9 | | | | 1 | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 7 | 8 | 6 | D | 3 | A | 2 | E | 1 | 0 | 5 | C | 9 | 4 |
| 2 | C | 6 | 8 | 9 | A | 0 | 1 | 5 | 4 | 7 | 3 | D | B | E |
| 4 | D | 9 | 2 | 5 | 0 | 3 | 6 | C | E | A | B | 7 | 8 | 1 |
| 5 | 3 | 1 | 7 | C | E | B | 4 | D | 8 | 2 | 9 | A | 6 | 0 |
| A | E | 0 | 4 | B | 1 | 9 | 8 | 7 | C | 6 | D | 3 | 5 | 2 |
| E | B | 7 | A | 0 | 5 | 4 | 9 | 8 | 6 | 3 | C | 1 | 2 | D |
| 3 | 5 | 2 | D | E | C | 1 | 0 | 6 | A | B | 8 | 4 | 7 | 9 |
| 9 | A | C | 1 | 6 | 8 | E | 7 | 2 | 5 | D | 4 | B | 0 | 3 |
| 0 | 6 | D | B | 2 | 4 | 5 | 3 | A | 9 | 1 | 7 | E | C | 8 |
| 8 | 1 | 4 | 3 | 7 | 9 | C | D | B | 0 | E | 2 | 5 | A | 6 |
| 1 | 2 | A | E | 4 | B | 8 | 5 | 9 | 3 | C | 0 | 6 | D | 7 |
| 7 | 0 | B | 5 | 1 | 2 | 6 | A | 3 | D | 8 | E | 9 | 4 | C |
| C | 8 | 5 | 9 | 3 | 6 | D | E | 0 | 7 | 4 | A | 2 | 1 | B |
| D | 4 | 3 | 0 | A | 7 | 2 | C | 1 | B | 9 | 6 | 8 | E | 5 |
| 6 | 9 | E | C | 8 | D | 7 | B | 4 | 2 | 5 | 1 | 0 | 3 | A |

ଗତକାଲିର ଉତ୍ତର

# ଗାନ୍ଧୀ ଦେଖିଥିବା ସ୍ୱପ୍ନ



ଡ. ପ୍ରମୋଦିନୀ ଜେନା

ଆସନ୍ତାକାଲିକୁ ବହୁ ଆଗରୁ ଦେଖିପାରୁଥିବା ଚିନ୍ତାନାୟକ ମହାତ୍ମା ଗାନ୍ଧୀ କହିଥିଲେ 'ଆଗାମୀ ପୃଥିବୀ ନିଶ୍ଚିତ ଭାବେ ଏକ ହିଂସାମୁକ୍ତ ପୃଥିବୀ ଭାବେ ଗଢିଉଠିବ। ଏହା ପ୍ରାଥମିକ ଆଇନ, ଏଥିରୁ ଅନ୍ୟ ସମସ୍ତ ଶୁଭ ଆଶୀର୍ବାଦ ଛାଏଁ ପ୍ରବାହିତ ହେବ। ବ୍ୟକ୍ତି, ଗୋଷ୍ଠୀ ଏବଂ ରାଷ୍ଟ୍ର ଏହି ଅହିଂସାର ପଥ ଧରିବେ, ଯାହା ହେବ ପ୍ରେମମୟ ପଥ। ଆଗତ ପୃଥିବୀରେ ଦାରିଦ୍ର୍ୟ, ଯୁଦ୍ଧ, ବିପ୍ଳବ, ରକ୍ତପାତର ସମ୍ଭାବନା ମୁଁ ଦେଖୁନାହିଁ।'' ସାମ୍ପ୍ରତିକ ସମୟରେ ଏପରି ଏକ ସୁନ୍ଦର ସମ୍ଭାବନାର ପରିକଳ୍ପନା ଯେ କରିହେବ, ତାହା ଭାବିଲେ କାହିଁକି ପ୍ରତ୍ୟୟ ସୃଷ୍ଟି ହୋଇପାରେ ନାହିଁ। ଗାନ୍ଧୀଙ୍କର ଏ ସ୍ୱପ୍ନକୁ ଯଦି ଏକ ମୁକ୍ତ ବିତର୍କର ବିଷୟବସ୍ତୁ ରଖାଯାଏ, ତେବେ ବିତର୍କରେ ଭାଗ ନେଇଥିବା ପ୍ରବକ୍ତାମାନେ ଗାନ୍ଧୀବାଣୀର କାଣିଚାଏକୁ ବି ସମର୍ଥନ କରିବେ କି ନା ସନ୍ଦେହ।

ଆଜିର ଏ ବସ୍ତୁବାଦୀ ଭୋଗସର୍ବସ୍ୱ ବିଶ୍ୱରେ ଅପରାଧ, ଆପରାଧିକ ପୃଷ୍ଠଭୂମି ଓ ଅପରାଧପ୍ରବଣତା ଦାନବ ପରି କାୟାବିସ୍ତାର କରି ଦୁନିଆକୁ ଗ୍ରାସ କରିବାକୁ ଆଁ ମେଲାଇ ରହିଛି। ପ୍ରଗତିର ପଥ ଓଗାଳୁଛି ଦୁର୍ନୀତି ଓ ଭ୍ରଷ୍ଟାଚାର। ମିଥ୍ୟାଚାର ପରିବର୍ତ୍ତିତ ପରିସ୍ଥିତିରେ କୂଟନୈତିକ ବିଚାରଧାରାର ପ୍ରମୁଖ ଅଙ୍ଗରେ ପରିଣତ ହୋଇଛି। କେବଳ ବ୍ୟକ୍ତି ନୁହନ୍ତି, ସଙ୍ଗଠନ ନୁହେଁ, ଆନ୍ତର୍ଜାତିକ ସ୍ତରରେ ରାଷ୍ଟ୍ରମାନେ ମଧ୍ୟ ସେମାନଙ୍କ ବୈଦେଶିକ ନୀତିରେ ଫେଣ୍ଟି ଦେଇଛନ୍ତି ଅବାଞ୍ଛିତ କପଟାଚାର। ସନ୍ତ୍ରାସବାଦ, ଉଗ୍ରବାଦ, ମୌଳବାଦ, ଜାତିବାଦ ନାଁରେ ଚାଲିଛି ନରସଂହାର। ଜାତିର ଦ୍ୱାହିଦେଇ ଆଞ୍ଚଳିକତା, ବର୍ଣ୍ଣବୈଷମ୍ୟ ଓ ଅସହିଷ୍ଣୁତା ଏଭଳି ଚରମସୀମାରେ ପହଞ୍ଚିଛି, ଯେଉଁଥିରେ ଲହୁଲୁହାଣ ହୋଇ ତ୍ରାହି ତ୍ରାହି ଡାକୁଛନ୍ତି ବିଶ୍ୱ ସମୁଦାୟ। ରାଜରାସ୍ତାରେ ନାରୀଟିଏ ମଧ୍ୟ ସୁରକ୍ଷିତ ନୁହେଁ, ଏପରିକି ଅପ୍ରାପ୍ତବୟସ୍କା ଓ ଶିଶୁକନ୍ୟା ମଧ୍ୟ ପାଶବିକତାର ଯୂପକାଠରେ ବଳିପଡୁଛି। ଲଜ୍ଜା ମଧ୍ୟ ମୁହଁ ଲୁଚେଇଲାଣି ଅବିବେକିତା ପାଖରେ। ଏହା କୌଣସି ଆଞ୍ଚଳିକ ସମସ୍ୟା ନୁହେଁ। ସାରା ପୃଥିବୀ ଆଜି ଏଥିରେ ଆତଙ୍କିତ।

ଦୁର୍ନୀତି ଓ ଦୁର୍ଗତି ସବୁ ଯୁଗରେ ଥିଲା, ଏହା ସ୍ୱୀକାର୍ଯ୍ୟ। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଆତଙ୍କବାଦ ବ୍ୟାପିଛି ଚାରିଆଡକୁ ବିଭିନ୍ନ ନାଁରେ। ଅକ୍ଟୋପସ୍ ପରି ତା'ର ଦୁର୍ଦ୍ଦାନ୍ତ ପଞ୍ଝାରୁ ମଣିଷ ଖସିବା ସମ୍ଭବ ନୁହେଁ। ଏଭଳି ଏକ ବିଷମୟ ପରିସ୍ଥିତିରେ ଗାନ୍ଧିଜୀଙ୍କ ଏହି ଆପ୍ତବାଣୀର ମୂଲ୍ୟାୟନ କରିବା ଏକ ଆୟାସସାଧ୍ୟ ବ୍ୟାପାର। ଏହାର କାରଣ ମଧ୍ୟ ଅତିସ୍ପଷ୍ଟ। ଗାନ୍ଧିଜୀ ସ୍ୱାଧୀନତାର ପ୍ରାକ୍‌କାଳରେ ଯେତେବେଳେ ଅନୁଭବ କଲେ ଯେ ଭାରତ ବ୍ରିଟିଶ ଶାସନମୁକ୍ତ ହେବାକୁ ଯାଉଛି, ସେ ସ୍ୱାଧୀନ ଭାରତ ପାଇଁ ସ୍ୱରାଜର ସ୍ୱପ୍ନ ଦେଖିଥିଲେ। ତାଙ୍କ ବିଚାରରେ ବହୁବର୍ଷ ହେବ ପରାଧୀନ ରହି ରହି ଏ ଦେଶର ଜନତାଙ୍କ ନୈତିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଅତ୍ୟାଚାରିତ ଓ ନିଷ୍ପେଷିତ ହୋଇ କେବଳ ଉଦରଜ୍ୱାଳା ପ୍ରଶମିତ କରିବାକୁ ଭାରତବାସୀଙ୍କୁ କଠିନ ପରିଶ୍ରମ କରିବାକୁ ପଡୁଛି। ବିଦେଶୀମାନେ ସେମାନଙ୍କ କଷ୍ଟଲବ୍ଧ ରୋଜଗାରର ସିଂହଭାଗ ନିଜ ଦେଶକୁ ନେଇଯାଇଛନ୍ତି। ସ୍ୱରାଜ ଆସିଲେ ଦେଶବାସୀ ସ୍ୱାବଲମ୍ବୀ ହେବେ ଓ ସେମାନଙ୍କ ନୈତିକ ବଳ ବଢିବ। ନିଜ ପାଇଁ ନିଜର ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଢିବାକୁ ଭାରତବାସୀ ଉଦ୍ୟମ କରିବେ। ଫଳରେ ଉଭୟ ଶାରୀରିକ ଓ ମାନସିକ ସୁସ୍ଥ ଥିବା ଏ ଜାତି ନିଜ ପାଇଁ ଏକ ଗୌରବମୟ ପରମ୍ପରା ସୃଷ୍ଟି କରିବ। ନିଜ ବିଦେଶ ରହଣି କାଳରେ ପୃଥିବୀର ରାଜା ବୋଲାଉଥିବା ଇଂରେଜ ସଭ୍ୟତା ବିରୋଧରେ ବିଶ୍ୱସାରା ଲଢେଇ ଚାଲିଥିବା ଓ ବର୍ଣ୍ଣବୈଷମ୍ୟର ଶିକାର ହୋଇଥିବା କଳା ଲୋକମାନଙ୍କର ସ୍ୱାଧୀନତା ସୂର୍ଯ୍ୟ ଉଦିତ ହେବା ଆସନ୍ନ ଜାଣି ବିଶ୍ୱର ଏକ ସୁନ୍ଦର ଭବିଷ୍ୟତ କାମନା କରିବା କିଛି ବିଚିତ୍ର ନ ଥିଲା।

ସ୍ୱାଧୀନତାର ପ୍ରାକ୍‌କାଳରେ ଗାନ୍ଧୀ ଦେଖିଥିବା ସ୍ୱପ୍ନଗୁଡିକ ହେଲା– ମନ୍ତ୍ରୀ କିମ୍ବା ଲୋକପ୍ରତିନିଧିମାନେ ଦେଶର ମାଲିକ ନୁହନ୍ତି, ସେମାନେ ଜନତାଙ୍କର ପ୍ରତିନିଧି ଓ ସେବକ ମାତ୍ର। ଶାସନ ଚଳାଇବା ପାଇଁ ଲୋକେ ସେମାନଙ୍କୁ ବାଛିଥାନ୍ତି। ସରକାର ହେଉଛି ଜନସାଧାରଣଙ୍କ ମାଲିକାନାରେ ଏକ ଟ୍ରଷ୍ଟବୋର୍ଡ। ପ୍ରଧାନମନ୍ତ୍ରୀ, ମନ୍ତ୍ରୀ ଓ ଅନ୍ୟ ପ୍ରତିନିଧିଙ୍କ ସମେତ ଅଧିକାରୀମାନେ ହେଉଛନ୍ତି ଏହି ଟ୍ରଷ୍ଟବୋର୍ଡର ଜଣେ ଜଣେ ଟ୍ରଷ୍ଟି ଓ ସହକାରୀ। ତେଣୁ ମନ୍ତ୍ରୀ, ଅନ୍ୟ ପ୍ରତିନିଧି ଓ ଅଧିକାରୀମାନେ ଯେତେସବୁ ସୁବିଧାସୁଯୋଗ ପାଉଛନ୍ତି ତାହାକୁ ଆରାମଦାୟକ ଜୀବନଯାପନ କିମ୍ବା ବ୍ୟକ୍ତିଗତ ସ୍ୱାର୍ଥ ସାଧନ, ନିଜସ୍ୱ ପ୍ରତିଷ୍ଠା, ପାଣ୍ଠି ଓ ସମ୍ପତ୍ତି ବୃଦ୍ଧି ଲାଗି ବ୍ୟବହାର କରିବା ଠିକ୍ ନୁହେଁ। ପକ୍ଷପାତିତା କିମ୍ବା ଅନୁଗ୍ରହ ପ୍ରଦର୍ଶନ କରି ଏମାନେ ସରକାରୀ ଚାକିରି ବା ଅନ୍ୟ ପଦପଦବୀରେ ନିଜ ସମ୍ପର୍କୀୟମାନଙ୍କୁ ରଖନ୍ତୁ ନାହିଁ। ଯିଏ ଯୋଗ୍ୟ ସେ କେବଳ ନିଯୁକ୍ତି ପାଉ। ମନ୍ତ୍ରୀ ଓ ଅନ୍ୟ ଲୋକପ୍ରତିନିଧିମାନେ ନିଜ ପଦପଦୀବରୁ ଇସ୍ତଫା ଦେଇ ସାଧାରଣ କ୍ଷେତ୍ରରେ କାମ କରିବାକୁ ପ୍ରତିମୁହୂର୍ତ୍ତରେ ପ୍ରସ୍ତୁତ ହୋଇ ରୁହନ୍ତୁ। ମନ୍ତ୍ରିତ୍ୱକୁ ନେଇ କେହି ଏକ ପୁରସ୍କାର କିମ୍ବା ବ୍ୟକ୍ତିଗତ ପ୍ରତିଷ୍ଠା ବୋଲି ଭାବନ୍ତୁ ନାହିଁ। ଏ କାମ କରିବା ଲାଗି ସେମାନଙ୍କଠାରୁ ଢେର୍ ଅଧିକ ଦକ୍ଷ ଓ ଯୋଗ୍ୟ ବ୍ୟକ୍ତି ବି ଅଛନ୍ତି। ମଦ, ଜୁଆ, କ୍ଷୁଧା ଓ ଦାରିଦ୍ର୍ୟର ବିଲୋପ ପାଇଁ ସଂଘବଦ୍ଧ ଓ ସଙ୍କଳ୍ପବଦ୍ଧ ହୋଇ କାମ କରନ୍ତୁ। ସମାଜସେବା ଲାଗି ରାଜନୀତି କ୍ଷେତ୍ରକୁ ଆସିଥିବାରୁ ମୋଟା ଅଙ୍କର ବେତନ, ଭତ୍ତା, ଉପୁରି ଆଦି ପ୍ରତି ସେମାନେ ନଜର ଦିଅନ୍ତୁ ନାହିଁ।

୧୯୨୧ ଅଗଷ୍ଟ ୧୪ ତାରିଖ ନବଜୀବନ ପତ୍ରିକାରେ ସ୍ୱରାଜର ସଂଜ୍ଞା କ'ଣ ହେବ ଦର୍ଶାଇବାକୁ ଯାଇ ଗାନ୍ଧିଜୀ ଏହି ମର୍ମରେ ପ୍ରକାଶ କରିଥିଲେ। ଗାନ୍ଧିଜୀ ଏହା ମଧ୍ୟ ଆଶା କରିଥିଲେ ଯେ ଦେଶ ସ୍ୱାଧୀନ ହେଲେ ସାଧାରଣ ଲୋକଙ୍କ ହାତରେ ଶାସନର ଡୋରି ରହିବ। କେବଳ ପ୍ରତିରକ୍ଷା, ଆଇନ, ଆର୍ଥିକ ବ୍ୟବସ୍ଥା, ଆମଦାନି ଓ ରପ୍ତାନି ଏବଂ ସାର୍ବଭୌମତ୍ୱ ଉପରେ ରାଷ୍ଟ୍ରର ପୂର୍ଣ୍ଣ ନିୟନ୍ତ୍ରଣ ରହିବ। ନିଜ ପାଇଁ ଲୋକେ ଯୋଜନା ପ୍ରସ୍ତୁତ କରିବେ। ଦେଶସେବୀମାନେ ସର୍ବଦା ଲୋକମତକୁ ସମ୍ମାନ ଦେବେ। ସାଧାରଣ ଲୋକଙ୍କ ପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହର କୌଣସି ସମସ୍ୟା ରହିବ ନାହିଁ। ସ୍ୱାଧୀନ ଭାରତର ଆଇନ ଶୃଙ୍ଖଳା ଏପରି ହେବ ଏବଂ ସାଧାରଣ ନାଗରିକମାନଙ୍କର ଚରିତ୍ର ଏତେ ଉନ୍ନତ ଓ ସୁସଂହତ ହେବ ଯେ ନିଶାର୍ଦ୍ଧରେ ବି ଜଣେ ଯୁବତୀ ରାଜରାସ୍ତାରେ ନିରାପଦରେ ଯାଇ ଫେରିଆସି ପାରିବ। ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟମାନଙ୍କ ମଧ୍ୟରେ ସଦ୍‌ଭାବନା ରହିବ। ସର୍ବତ୍ର ନିଶା ନିବାରଣ ହେବ। ସମସ୍ତେ ସାଧାରଣ ଆଇନକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ମାନି ଚଳିବେ। ସମସ୍ତେ କର୍ତ୍ତବ୍ୟପରାୟଣ ହେବେ ଓ ସେମାନଙ୍କ ଶ୍ରମର ଉପଯୁକ୍ତ ପାରିଶ୍ରମିକ ପାଇବେ। ଦେଶୀୟ ଶାସନ ବ୍ୟବସ୍ଥା ସ୍ୱଚ୍ଛ ଓ ସେବାଭିମୁଖୀ ହେବ। ଦେଶର ସର୍ବୋଚ୍ଚ କର୍ତ୍ତା ଓ ସର୍ବନିମ୍ନ କର୍ମଚାରୀଙ୍କ ରୋଜଗାରରେ ଭାରସାମ୍ୟହୀନ ପାର୍ଥକ୍ୟ ରହିବ ନାହିଁ। କର୍ମଚାରୀମାନଙ୍କ ବେତନ ସର୍ବସାଧାରଣଙ୍କ ମୁଣ୍ଡପିଛା ଆୟ ଆଧାରରେ ନିର୍ଦ୍ଧାରିତ ହେବ। ନାରୀପୁରୁଷଙ୍କ ମଧ୍ୟରେ ଅଧିକାର ସମାନ ରହିବ ଓ ନାରୀ ସମ୍ମାନଜନକ ଭାବେ ଉପଯୁକ୍ତ ସ୍ନେହ ଓ ଆଦର ପାଇବେ। ଧର୍ମନିରପେକ୍ଷତା ସ୍ୱରାଜର ମୁଖ୍ୟ ଆଧାର ହେବ। ଅସ୍ପୃଶ୍ୟତା ରହିବ ନାହିଁ।

ପ୍ରତ୍ୟେକ ଭାରତୀୟ ଏକାଦଶ ବ୍ରତ ପାଳିବାକୁ ଓ ସାତଟି ପାପ ନ କରିବାକୁ ଗାନ୍ଧୀ ଆହ୍ୱାନ ଦେଇଛନ୍ତି। ସେଇ ସାତଟି ପାପ ହେଲା– ନୀତିବିହୀନ ରାଜନୀତି, ନୈତିକତାବିହୀନ ବାଣିଜ୍ୟ, ଚରିତ୍ରବିହୀନ ଶିକ୍ଷା, ଶ୍ରମବିହୀନ ସମ୍ପଦ, ବିବେକବିହୀନ ବିଳାସ, ମାନବିକତାବିହୀନ ବିଜ୍ଞାନ ଓ ତ୍ୟାଗବିହୀନ ଉପାସନା। ଗାନ୍ଧୀ ବିଚାରର ସର୍ବୋତ୍କୃଷ୍ଟ ମନ୍ତ୍ର ହେଲା ଜଣେ ବ୍ୟକ୍ତି କିପରି ତା' ନିଜ ଚରିତ୍ରକୁ ସୁଧାରିପାରିବ। ଏ ସମ୍ବନ୍ଧରେ ମହାତ୍ମା କହନ୍ତି– ''ଆପଣ ଯେତେବେଳେ ଦ୍ୱିଧାରେ ପଡିଛନ୍ତି ବା ନିଜ କଥା ଆପଣଙ୍କୁ ବେଶି ଘାରୁଛି, ସେତେବେଳେ ନିମ୍ନ କଥାଟି ପ୍ରୟୋଗ କରନ୍ତୁ। ଆପଣ ଯେଉଁ ଦରିଦ୍ରତମ ଓ ଦୁର୍ବଳତମ ଲୋକକୁ କେବେ ଦେଖିଥିବେ ତାହାରି ଚେହେରାକୁ ମନକୁ ଆଣନ୍ତୁ। ନିଜେ ନିଜକୁ ପଚାରନ୍ତୁ, ଆପଣ ଯାହା କରିବାକୁ ଯାଉଛନ୍ତି ତାହା ସେହି ଲୋକଟିର କିଛି ଉପକାର କରିବ କି? ଆପଣଙ୍କ ନାମ ସେହି ଲୋକର ଜୀବନ ଓ ଭବିଷ୍ୟତକୁ ବଦଳାଇବା ପାଇଁ କିଛି ଶକ୍ତି ବା ସାମର୍ଥ୍ୟ ଦେଇପାରିବ କି? ଅର୍ଥାତ୍ ଦେଶର ଅଗଣିତ ଭୋକିଲା ଓ ଆଧ୍ୟାତ୍ମିକତା ଦୃଷ୍ଟିରୁ ଅଧଃପତିତ ଲୋକଙ୍କ ପାଇଁ ସ୍ୱରାଜ୍ୟ ପ୍ରତିଷ୍ଠା କରିବା ଦିଗରେ ଆପଣଙ୍କ କାମ କିଛି ସାହାଯ୍ୟ କରିବ କି? ସେତେବେଳେ ଦେଖିବେ ଆପଣଙ୍କ ସନ୍ଦେହ ଓ ସ୍ୱାର୍ଥ ଭାବନା କୁଆଡେ ଉଭେଇ ଗଲାଣି।'' ସାଧନା ସବୁବେଳେ ନିଜଠାରୁ ଆରମ୍ଭ ହେବା ଉଚିତ– ଏହା ହିଁ ଗାନ୍ଧୀ ଦର୍ଶନ।

ଅଧ୍ୟାପିକା, କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର,
ମୋ–୯୮୬୧୨୫୭୦୯୯

# ଫନୀ ଦେଖାଇଲା ଗାଁକୁ ବାଟ



ମନ–ମାନଚିତ୍ର

ଡ. ନରହରି ବେହେରା

ବଡ଼ ବଡ଼ ସହରରେ ରହିବାକୁ କିଏ ବା ଭଲ ନ ପାଏ? ସେମିତି ସହର ନିଶାରେ ମଦନବାବୁ ଏବଂ ଚମ୍ପାବତୀ ଗାଁକୁ ପଛକରି ଚାଲି ଆସିଥିଲେ। ଲକ୍ଷ୍ୟ ଥିଲା, ସ୍ମାର୍ଟ ସିଟିରେ ରହିବେ, ପୁଅକୁ ଭଲ ସ୍କୁଲରେ ପାଠ ପଢ଼ାଇବେ। ଏଥିପାଇଁ ମଦନ ବାବୁ ଭୁବନେଶ୍ୱରକୁ ବଦଳି ହେଇ ଆସିବା ପାଇଁ ଗଳଦ୍ଘର୍ମ ହୋଇ ଶେଷକୁ ସଫଳ ହୋଇଥିଲେ। ସ୍ୱାମୀଙ୍କ ବଦଳି ପରେ ଚମ୍ପାବତୀ ଆଉ ଥୟ ହୋଇ ରହିପାରିଲେନି। ଶାଶୁ ବେଙ୍ଗବତୀଙ୍କୁ ଏକାକୀ ଗାଁରେ ଛାଡ଼ି ଭୁବନେଶ୍ୱର ଚାଲି ଆସିଲେ।

ସବୁ ଠିକ୍ ହେଲା। ବୋହୂ ସହର ନିଶାରେ କୁରୁଳି ଉଠୁଥିଲା ବେଳେ ବେଙ୍ଗବତୀ ଅସହାୟତାରେ ଗୁମୁରି ଗୁମୁରି କାନ୍ଦୁଥିଲା। ଏତେ ବଡ଼ ସଂସାରରେ ନିଜ ପୁଅନାତିକୁ ଛାଡ଼ି ଏକାକୀ ବିଧବା ବୁଢ଼ୀଟା କିପରି ବଞ୍ଚିବ? କିନ୍ତୁ ତା' ମନର ଏ ଦୁଃଖକୁ ବୁଝିବା ପାଇଁ କାହାରି ଅବକାଶ ନ ଥିଲା। ଅବଶ୍ୟ ମଦନବାବୁ ମାଆକୁ ପର କରିଦେଇ ନ ଥିଲେ। ପ୍ରତି ରବିବାର କିମ୍ବା ଛୁଟି ଦିନରେ ଗାଁକୁ ଆସି ମାଆର ଭଲମନ୍ଦ ବୁଝି ଯାଉଥିଲେ। ମାତ୍ର ଦୁଇ ତିନି ମାସ ପରେ ମଦନବାବୁ ଆଉ ପ୍ରତି ସପ୍ତାହରେ ଆସିପାରିଲେ ନାହିଁ। ଚମ୍ପାବତୀ ତାଙ୍କୁ ବୁଝାଇଦେଲେ, ଗାଁରେ ଦାଦାଖୁଡ଼ୀ ଆଉ ଅନ୍ୟମାନେ ଅଛନ୍ତି। ଏକଲା ମଣିଷ ସେ କ'ଣ ଚଳିଯିବେନି? ପ୍ରତି ସପ୍ତାହରେ ନ ଯାଇ ଦି' ସପ୍ତାହରେ ଥରେ ଗଲେ କ'ଣ ଅସୁବିଧା ହେବ? ମଦନବାବୁ ଶ୍ରୀମତୀଙ୍କ ଯୁକ୍ତିକୁ ନିର୍ବିବାଦରେ ଗ୍ରହଣ କରିନେଲେ। ମନେ ମନେ ଭାବିଲେ, ବୋଉକୁ ତ ଫୋନ୍ ନମ୍ବର ଦେଇଛି, ଅସୁବିଧା ହେଲେ ବଳେ ଫୋନ୍ କରିବ।

ପ୍ରତି ଶନିବାର ସଂଧ୍ୟା ଥିଲା ବେଙ୍ଗବତୀ ପାଇଁ ଆନନ୍ଦର ମୁହୂର୍ତ୍ତ। ପୁଅ ଆସିବ ବୋଲି ଭଲ ଶାଗ, ବଡ଼ି ଚୂରା, ସଜ ପଖାଳ ସହ ଆଚାର, କଞ୍ଚା ଲଙ୍କା ପ୍ରଭୃତି ସଜାଡ଼ି ରଖିଥାଏ। ନାତିଆ କଥା ଟିକିଏ ପଚାରି ବୁଝିବ ବୋଲି ତା'ର ଭାରି ଉତ୍କଣ୍ଠା। ମଦନବାବୁ ଆସିବାରେ ବିଳମ୍ବ ହେବାରୁ ପୁଅ ଦେଇଥିବା ଫୋନ୍ ନମ୍ବରଟାକୁ ନେଇ ଏ ଘର ସେ ଘର ବୁଲେ। ସେମାନେ ପ୍ରଥମେ ପ୍ରଥମେ ଥରେ ଅଧେ ଫୋନ୍ କରୁଥିଲେ। ମାତ୍ର କିଛିଦିନ ପରେ ବୁଢ଼ୀର ଫୋନ୍ କଥା ଶୁଣିବାମାତ୍ରେ ମୁହଁଟାକୁ ବିରୁଡ଼ି ମାରିବା ପରି କରି ନେଟୱର୍କ ନାହିଁ କିମ୍ବା ଫୋନ୍ କେହି ଉଠାଉ ନାହାନ୍ତି ବୋଲି କହି ବୁଢ଼ୀକୁ ନିରାଶ କରି ଦିଅନ୍ତି। ଅବଶ୍ୟ ସେମାନେ ସବୁବେଳେ ମିଛ କହନ୍ତି ନାହିଁ। ଅନେକ ସମୟରେ ଚମ୍ପାବତୀ ଫୋନ୍‌ଟା ପାଇଗଲେ କଲ୍‌ଟାକୁ କାଟି ଦିଅନ୍ତି। ପୁଅ ବୋହୂ ଯେତେବେଳେ ତାଙ୍କ ଆଡୁ ଫୋନ୍ କରି ମାଆର ଭଲ ମନ୍ଦ ପଚାରନ୍ତି ନାହିଁ, ଅନ୍ୟମାନେ କାହିଁକି ବା ଏତେ ଅନୁକମ୍ପା ଦେଖାଇବେ। ସଞ୍ଜବେଳେ ସବୁଆଡୁ ନିରାଶ ହୋଇ ବେଙ୍ଗବତୀ କାଳେ ପୁଅ ଡେରିରେ ଆସିବ ବୋଲି ଭାବି ପଖାଳ କଂସାକୁ ଘୋଡ଼ାଇ ଦେଇ ସେଇଠି ଶୋଇଯାଏ। ରାତି ପାହିଯାଏ, କିନ୍ତୁ ପୁଅ ଆସେନାହିଁ। ସକାଳୁ ଦୀର୍ଘଶ୍ୱାସ ଛାଡ଼ି ବେଙ୍ଗବତୀ ପୁଣି ଶନିବାର ଯାଏ ଅପେକ୍ଷା କରେ। ବେଳେ ବେଳେ ପଡ଼ିଶା ଘରକୁ ନେହୁରା ହୋଇ ଫୋନ୍ କରେ। ମଦନ ବାବୁ ହାତରେ ଫୋନ୍‌ଟା ପଡ଼ିଗଲେ ଦି'ପଦ ସୁଖ ଦୁଃଖ କଥା ହୁଏ, କେବେ ଆସିବୁ ବୋଲି ପଚାରେ। ମଦନ ବାବୁ ଯିବା ତାରିଖ ଜଣାଇ ଦିଅନ୍ତି। କେବେ ଆସନ୍ତି କେବେ ବି ଆସନ୍ତି ନାହିଁ। ବର୍ଷେ ଦି' ବର୍ଷ ପରେ ମଦନ ବାବୁ କେବେ ଫୋନ୍‌ରେ କଥା ହୁଅନ୍ତି, କିନ୍ତୁ ଗାଁକୁ ଆସନ୍ତି ନାହିଁ। ମାଆର ଦେଖାଶୁଣା କରିବା ପାଇଁ ସମ୍ପର୍କୀୟ ଭାଇ ଭାଉଜଙ୍କୁ ଅନୁରୋଧ କରି ମାତା ପ୍ରତି ଥିବା ପୁତ୍ରର କର୍ତ୍ତବ୍ୟ ନିର୍ବାହ କରନ୍ତି।

ବେଙ୍ଗବତୀ ଏକଲା। ଭାଗଚାଷରୁ ଯାହା ଧାନ ମିଳେ ତାକୁ ବିକ୍ରିବଟା କରି ଚଳେ। କାହାକୁ ନେହୁରା ହୋଇ ଘରକୁ ଜାଳ, ପରିବା କି ସଉଦା ଆଣେ। ବାଡ଼ି ଶାଗ ମୁଗରେ ନିଜକୁ ବଞ୍ଚାଇ ରଖେ। ବେଳେବେଳେ ସଞ୍ଜବେଳେ ଲୁଚାଇ ଲୁଚାଇ ଢେର୍ କାନ୍ଦେ। ନିଃସଙ୍ଗତାର ଯାତନା କେତେ ଦୁର୍ବିଷହ ଏ କଥା ଅନୁଭବୀ ବ୍ୟତୀତ କେହି କହିପାରିବେ ନାହିଁ। ଦେହ ଅସୁଖ ହେଲେ ବେଙ୍ଗବତୀ ଭାଇ ଘରିଆଙ୍କୁ କହି କା'ଘରେ ଖଣ୍ଡେ ରୁଟି କି ଦି' ମୁଠା ଭାତ ଖାଇ ଦିନ କାଟେ। କାଳ ତ କାହାକୁ ଅପେକ୍ଷା କରେ ନାହିଁ। ସେହି କାଳ ସହିତ ଭାସିଯାଏ ବେଙ୍ଗବତୀ।

ଏ ବର୍ଷ ଆସିଲା ଫନୀ। ଚାରିଆଡ଼େ ଫନୀର ଉଗ୍ରତାକୁ ନେଇ ପ୍ରଚାର ଚାଲିଲା। ଓଡ଼ିଶାର ସ୍ମାର୍ଟ ସିଟି ଭୁବନେଶ୍ୱର ଉପରେ ସେ ଦାଉ ସାଧିଲା। ସତେ ଯେମିତି ବେଙ୍ଗବତୀର ଆଖି ଲୁହ ଏବଂ ଦୀର୍ଘଶ୍ୱାସକୁ ଏକତ୍ର କରି ଫନୀ ଆକ୍ରମଣ କଲା ମଦନବାବୁଙ୍କ ଘରକୁ। ଗଛ ପଡ଼ି ଘରଟା ଫାଟିଗଲା। ଅଳ୍ପକେ ବର୍ତ୍ତିଗଲେ ମଦନ ବାବୁଙ୍କ ପରିବାର। ତା'ପରେ ବାତ୍ୟା ନୀରବୀ ଗଲା, ଠିକ୍ ସବୁ କଷ୍ଟ ସହି ଗାଁର କା'ଘରେ ନୀରବରେ ପଡ଼ିଥିବା ବେଙ୍ଗବତୀ ପରି। ଏଥର ଚମକିଲେ ଚମ୍ପାବତୀ। ପାଣି ନାହିଁ, ବିଜୁଳି ନାହିଁ, ତାତିରେ ମୁଣ୍ଡ ଫାଟୁଛି। ପୁଅଟା ଟିକିଏ ଶୋଇପାରୁନି। ମନେପଡ଼ିଗଲେ ଶାଶୁ ବେଙ୍ଗବତୀ। ଯିଏ ଦିନେ କଳିହୁଡ଼ି ମନେ ହେଉଥିଲେ, ସେ ଏବେ ଖୁବ୍ ସୁଧାର ଏବଂ ଶାନ୍ତଶିଷ୍ଟ ଜଣାଗଲେ। ସ୍ୱାମୀଙ୍କୁ ମନକଥା ଜଣାଇ କହିଲେ– ଚାଲ ଗାଁକୁ ପଳାଇବା। ଗାଁରେ ଯଦି ବିଜୁଳି ନ ଥିବ ଗଛବୃଛ ତ ଅଛି, ଥଣ୍ଡା ଲାଗିବ। ପାଣିର ଅସୁବିଧା ନାହିଁ। ଶାଗ ପଖାଳରେ ଚଳି ହେବ। ଏଠି ତ କିଛି ମିଳୁନି। ମଦନବାବୁ ସବୁ ଶୁଣି ଗୁମ୍ ମାରିଗଲେ। ଯେଉଁ ଗାଁରେ ଦି'ବର୍ଷ ହେଲା ପାଦ ଦେଇ ନାହାନ୍ତି, ବୁଢ଼ୀ ମାଆର ଖବର ରଖିନାହାନ୍ତି, ଆଜି କୋଉ ମୁହଁରେ ସେହି ଗାଁକୁ ଯିବେ? କିନ୍ତୁ ଉପାୟ ନ ଥିଲା।

ମଦନବାବୁ ସପରିବାର ଘରେ ପହଞ୍ଚିବାବେଳକୁ ବେଙ୍ଗବତୀ ଫନୀର ଆଘାତ ସହି ନ ପାରି ଡାଳପତ୍ର ହରାଇ ଥୁଣ୍ଟା ଗଛଟିଏ ପରି ବେକ ଭାଙ୍ଗି ପିଣ୍ଡାରେ ବସିଥିଲା। କେହି ଜଣେ ମଦନବାବୁ ଆସିବା ଖବର ଦେବାରୁ ଧଡ଼ପଡ଼ ହୋଇ ଉଠି ଆସିଲା। ଆନନ୍ଦରେ ଭୋଭୋ ହୋଇ କାନ୍ଦି ବି ପକାଇଲା। ନାତିଟାକୁ ଧରି ଚୁମା ଦେଲା। ବୋହୂ ସାଆନ୍ତାଣୀ ବି ଶାଶୁଙ୍କୁ ଧରି ସୁଁ ସୁଁ ହୋଇ କାନ୍ଦିଲେ। କାଠ ପାଲଟି ଯାଇଥିଲେ ସାଇଲୋକେ ଏବଂ ମଦନବାବୁ। ଏ ମିଳନ ପର୍ବରେ ମଦନବାବୁ ଭାବୁଥିଲେ, ନିଜ ଜନ୍ମମାଟି ଏବଂ ଜନ୍ମଦାତ୍ରୀଙ୍କ ସହିତ ସମ୍ପର୍କ ଛିନ୍ନ କରି, ସେମାନଙ୍କୁ ଏକାନ୍ତ ପର କରି ସେ କେତେ ଭୁଲ କରି ନ ଥିଲେ ସତେ!

ମୋ– ୭୯୭୮୯୦୩୫୦୯

## ଏଇ ଭାରତରେ

ଶତାୟୁଙ୍କୁ ସମ୍ମାନ। ଶହେ ବର୍ଷ ଓ ଏହାଠୁ ଅଧିକ ବୟସର ଭୋଟରଙ୍କୁ ଭିଭିଆଇପି ଭଳି ସମ୍ମାନ ପ୍ରଦର୍ଶନ କରାଯିବ। ଭୋଟଦିନ ସେମାନଙ୍କୁ ଫୁଲତୋଡା ଉପହାର ଦିଆଯାଇ ସେମାନଙ୍କ ସହ ସେଲ୍‌ଫି ଉଠାଇବେ ପୋଲିଂ କର୍ମଚାରୀ। ଏଥିପାଇଁ ଦିଲ୍ଲୀରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କୁ ସୁବିଧାରେ ଭୋଟଦାନ କେନ୍ଦ୍ରକୁ ନିଆଯିବା ସହିତ ଘରେ ମଧ୍ୟ ଛାଡିବା ବ୍ୟବସ୍ଥା କରାଯିବ। ଭାରତ ସ୍ୱାଧୀନତାପ୍ରାପ୍ତି ପୂର୍ବରୁ ଜନ୍ମ ହୋଇଥିବା ଏବଂ ୧୯୫୨ରେ ପ୍ରଥମ ସାଧାରଣ ନିର୍ବାଚନରେ ମତଦାନ କରିଥିବା ଏହି ବ୍ୟକ୍ତିମାନଙ୍କୁ ସମ୍ମାନ ପ୍ରଦର୍ଶନ ପାଇଁ ପ୍ରଥମ କରି ଏଭଳି ଏକ ପଦକ୍ଷେପ ନିଆଯାଇଛି। ଦିଲ୍ଲୀରେ ମେ ୧୨ରେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ହେଉଥିବା ବେଳେ ମୁଖ୍ୟ ନିର୍ବାଚନ ଅଧିକାରୀ ଶତାୟୁ ଭୋଟରଙ୍କ ସୁବିଧାଜନକ ଭୋଟଦାନ ନିମନ୍ତେ ଏଭଳି ଏକ ନିଷ୍ପତ୍ତି ନେଇଛନ୍ତି। ଦିଲ୍ଲୀ ମହାନଗରୀରେ ୯୬ ଶତାୟୁ ମହିଳା ଓ ପୁରୁଷ ଭୋଟର ଅଛନ୍ତି। ଏଥିପାଇଁ ସେମାନଙ୍କୁ ଚିହ୍ନଟ ଲାଗି ୪ମାସ ତଳୁ ଉଦ୍ୟମ ହୋଇଥିଲା। ଏହି ଶତାୟୁଙ୍କ ମଧ୍ୟରୁ ୪୨ ପୁରୁଷ ହୋଇଥିବା ବେଳେ ୫୪ ମହିଳା ଭୋଟର। ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କ ଘରକୁ ଜଣେ ଲେଖାଏ ବରିଷ୍ଠ ଅଫିସର ଯାଇ ତାଙ୍କୁ ବୁଥ୍‌କୁ ଆଣିବାର ବ୍ୟବସ୍ଥା କରିବେ।

## ଚିରନ୍ତନୀ

ରଖି ଦେବ ନାହିଁ କି ଆଜି ଏ ବାଆ?
ତିଳେ ହେଲେ ତାର ଗୋ ନାହିଁ ତ ମାୟା।
ଦିନେ ପରା ବଇଁଶୀ ଶବଦ ଶୁଣି
ତିଆରିଲେ ଲାଜ ଗୋ ଗୋପ ତରୁଣୀ।
ଫିଟିଗଲା କବରୀ ତୁଟିଲା ହାର
ପୁଲକରେ ଝରିଲା ଲୋତକ ଧାର,
ତୁଆ ତୁଆ ହୋଇ ଯେ ଶୁଭିଲା 'ସ୍ୱନ'
ଛନ ଛନ ହୋଇଲା ପରାଣ ମନ।
ଖସିଗଲା କଳସୀ କାଖରୁ ତଳେ
ଚରଣ ଯୁଗଳ ଯେ ତିନ୍ତିଲା ଜଳେ,
ଅଯତନ ବେଶ ଗୋ ବାସ ଭୂଷଣ
କି ଶବଦ ବିହିଲା ଏତେ କଷଣ!
(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମିଛ ବାହାଦୁରି

ମହାଶୟ,

ଫନୀ ବାତ୍ୟା ପରେ ସରକାରୀ କଳ ଯେପରି ସ୍ଥାଣୁ ପାଲଟିଯାଇଛି। ଭୁବନେଶ୍ୱରରେ ଏବେ ୭ ଦିନ ପରେ ମଧ୍ୟ କୁଡ଼ କୁଡ଼ ଅଳିଆ ରାସ୍ତା କଡ଼ରେ ପଡ଼ିରହିଛି। ନିର୍ବାଚନ ସରିଯାଇଥିବାରୁ କୌଣସି ରାଜନୈତିକ ଦଳଙ୍କର ଟିକିଏ ହେଲେ ସୋରଶବ୍ଦ ନାହିଁ। ରାସ୍ତାକଡରୁ ଗଛ କାଟିବା ଏବଂ ବିଦ୍ୟୁତ୍ ଖୁଣ୍ଟ ସଜାଡିବାରେ ୭ ଦିନ ବିତିଗଲାଣି। ଓପିଟିସିଏଲ୍ ତରଫରୁ ଗତ ୬ ମାସ ତଳେ ରାସ୍ତା ପାର୍ଶ୍ୱରେ ପୋତା ଯାଇଥିବା କେବୁଲର ଏପର୍ଯ୍ୟନ୍ତ ସଦୁପଯୋଗ ହୋଇପାରିନାହିଁ। ବଡ ବଡ ଫ୍ଲାଟ୍‌ରେ, ଯେଉଁଠି ଅଲଗା ଟ୍ରାନ୍ସଫର୍ମର ଅଛି, ସେଠାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନିଜ ସଫଳତାର ଡିଣ୍ଡିମ ପିଟାଯାଉଛି। ୧୯୯୯ରେ ୮ ଦିନରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ହୋଇଥିବା ବେଳେ ଏବେ ଫନୀ ଯିବାର ୭ ଦିନ ପରେ ମଧ୍ୟ କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇନାହିଁ। ପାଣି ଓ ବିଜୁଳି ଅଭାବରେ ଚଳି ନ ପାରି ବସ୍ ଓ ରେଳରେ ବହୁ ଲୋକ ପିଲାଛୁଆଙ୍କୁ ଧରି ଗାଁକୁ ପଳାଇ ଯାଉଛନ୍ତି। ତା' ସତ୍ତ୍ୱେ ସରକାର ବାତ୍ୟାର ସଫଳ ମୁକାବିଲା କରିଛନ୍ତି ବୋଲି ବାହାଦୁରି ନେଉଛନ୍ତି।

ଗୋପବନ୍ଧୁ ମହାପାତ୍ର, ଝାରପଡା, ଭୁବନେଶ୍ୱର

### ମେଣ୍ଟ ସରକାରର ସ୍ଥାୟିତ୍ୱ

ଆମ ଦେଶରେ ମେଣ୍ଟ ସରକାର ପୂର୍ଣ୍ଣକାଳ ତିଷ୍ଠିବା ନେଇ ସନ୍ଦେହ ରହିଥାଏ। ନିର୍ବାଚନ ପରେ ସଂଖ୍ୟା ଯୋଗାଡ଼ ପାଇଁ ଘୋଡ଼ାବେପାର ହୁଏ। ସ୍ୱାର୍ଥରେ ବାଧା ଉପୁଜିଲେ ସମର୍ଥନ ପ୍ରତ୍ୟାହାର ବା ସରକାରରୁ ଓହରିବା ପରି ପରିସ୍ଥିତି ସୃଷ୍ଟି ହୁଏ। ତା'ପରେ ରାଷ୍ଟ୍ରପତି ଶାସନ କିମ୍ବା ପୁନଃନିର୍ବାଚନ। କେନ୍ଦ୍ରରେ ଆଞ୍ଚଳିକ ଦଳ ସରକାର ତ ଗଢ଼ିପାରନ୍ତି ନାହିଁ, କିନ୍ତୁ ଅସ୍ଥିରତା ସୃଷ୍ଟି କରିପାରନ୍ତି। ଥରେ ସମର୍ଥନ ପ୍ରତିଶ୍ରୁତିବଦ୍ଧ ହେଲେ ଅବଧି ଶେଷ ପର୍ଯ୍ୟନ୍ତ ତାହା ଅବ୍ୟାହତ ରହିବା ଉଚିତ। ଏଥିପାଇଁ ଆଇନ ହେବା ଆବଶ୍ୟକ। ମନ୍ତ୍ରିପଦ ସହମତିରେ ଆନୁପାତିକ ଭିତ୍ତିରେ ଭାଗବଣ୍ଟାଆରା ହେବା ଯୁକ୍ତିଯୁକ୍ତ। ଏହି ନିୟମ କଡ଼ାକଡ଼ି ପାଳନ ହେଲେ ମେଣ୍ଟ ସରକାର ଚାଲିବାରେ କିଛି ବାଧା ରହିବ ନାହିଁ।

ଅର୍ଜ୍ଜୁନ ରଣା, ବାଲିଶଙ୍କରା, ସୁନ୍ଦରଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଦିଲ୍ଲୀର ଭୋଟରମାନେ ଅନ୍ୟ ଦଳଗୁଡ଼ିକଠାରୁ ଟଙ୍କା ନିଅନ୍ତୁ। କିନ୍ତୁ ଏଏପିକୁ ଭୋଟ ଦିଅନ୍ତୁ।

-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



# ସୁପ୍ରିମକୋର୍ଟରେ ରାହୁଲଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୯।୫(ପି.ଟି.)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଗୁରୁବାର ସୁପ୍ରିମକୋର୍ଟ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ତାଙ୍କ ନାଗରିକତ୍ୱ ପ୍ରସଙ୍ଗ ଉପରେ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ତାଙ୍କୁ ଲୋକ ସଭା ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ବାଦ୍ ଦେବା ଲାଗି ହୋଇଥିବା ଆବେଦନ ସର୍ବୋଚ୍ଚ ଅଦାଲତରେ ଖାରଜ ହୋଇଯାଇଛି। ରାହୁଲ ନିଜକୁ ଜଣେ ବ୍ରିଟିଶ୍ ନାଗରିକ ଭାବେ ଉଲ୍ଲେଖ କରିଥିବା ବ୍ରିଟେନର ଏକ କମ୍ପାନୀର ୨୦୦୫-୦୬ ବର୍ଷରୁ ଜଣାପଡିଛି। ସେଥିପାଇଁ ତାଙ୍କ ପ୍ରାର୍ଥିତ୍ୱକୁ ନାକଚ କରିବା ଲାଗି ଆବେଦନ କରାଯାଇଥିଲା। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହାକୁ ଖାରଜ କରିଦେଇଥିଲେ। କୌଣସି କମ୍ପାନୀ ଜଣେ ବ୍ୟକ୍ତିଙ୍କୁ ବ୍ରିଟିଶ୍ କହିଲେ ସେ କ'ଣ ବ୍ରିଟେନ ନାଗରିକ ହୋଇଯିବେ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଖଣ୍ଡପୀଠରେ ଜଷ୍ଟିସ ଦୀପକ ଗୁପ୍ତା ଏବଂ ସଞ୍ଜୀବ ଖାନ୍ନା ସଦସ୍ୟ ରହିଛନ୍ତି।

ଏ ସମ୍ପର୍କିତ ତଥ୍ୟ ପ୍ରମାଣ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ନିର୍ବାଚନ କମିଶନଙ୍କ ପାଖରେ ଦାଖଲ ହୋଇସାରିଥିବା ଆବେଦନକାରୀ ଜୟ ଭଗବାନ୍ ଗୋୟଲ ଏବଂ ସି.ପି. ତ୍ୟାଗୀ କହିଛନ୍ତି। ସେଥିପାଇଁ ରାହୁଲଙ୍କୁ ନିର୍ବାଚନ ଲଢ଼ିବା ଲାଗି ସୁଯୋଗ ଦିଆଯିବା ଉଚିତ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଥିଲେ। ସୂଚନାଯୋଗ୍ୟ ଏଥର ଲୋକ ସଭା ନିର୍ବାଚନରେ ରାହୁଲ ଉତ୍ତରପ୍ରଦେଶର ଅମେଠି ସମେତ କେରଳର ୱ୍ୟାନାଡ' ଆସନରୁ ଲଢ଼ୁଛନ୍ତି। ଆଇନଜୀବୀ ବରୁଣ କୁମାର ସିହ୍ନା ତାଙ୍କ ବିରୋଧରେ ଆବେଦନ ତେଜବାହାଦୁରଙ୍କ ଆବେଦନ ଖାରଜ କରିଥିଲେ।



## ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ବାଦ୍‌ଦେବା ଆବେଦନ ଖାରଜ

## ତେଜବାହାଦୁର ନିରାଶ

ନୂଆଦିଲ୍ଲୀ,୯।୫(ପି.ଟି.)

ବହିଷ୍କୃତ ବିଏସ୍‌ଏଫ୍ ଯବାନ ତେଜବାହାଦୁର ଯାଦବଙ୍କୁ ସୁପ୍ରିମକୋର୍ଟରେ ନିରାଶ ହେବାକୁ ପଡିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବାରାଣସୀ ଲୋକ ସଭା ଆସନରୁ ସେ ନାମାଙ୍କନପତ୍ର ଦାଖଲ କରିଥିଲେ। ନିର୍ବାଚନ କମିଶନ ଏହାକୁ ନାକଚ କରିଦେଇଥିବାରୁ ସେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟ ତେଜ ବାହାଦୁରଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ତାଙ୍କ ଆବେଦନକୁ ଶୁଣାଣି ପାଇଁ ଗ୍ରହଣ କରିବା ନିମନ୍ତେ କୌଣସି କାରଣ ଥିବା ସେ ଅନୁଭବ କରୁନାହାନ୍ତି ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ କହିଥିଲେ। ବାରାଣସୀ ଆସନର ରିଟର୍ନିଂ ଅଫିସର ତେଜବାହାଦୁରଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ସହଜ ବିଜୟ ଉଦ୍ଦେଶ୍ୟରେ ଏପରି କରାଯାଇଥିବା ତେଜବାହାଦୁର ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ନିର୍ବାଚନ କମିଶନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ ହାଜର ହୋଇ କହିଥିଲେ, ନିର୍ବାଚନ ସମ୍ପର୍କିତ ଆବେଦନ କେବଳ ଭୋଟଦାନ ପରେ ଦାଏର କରାଯାଇପାରିବ। ଏହା ପୂର୍ବରୁ ଆବେଦନ କରାଗଲେ ତାହା ନିର୍ବାଚନ ପ୍ରକ୍ରିୟାର ଉଲ୍ଲଂଘନ କରିବ ବୋଲି ସେ କହିଥିଲେ।



## ଆତିଶୀଙ୍କ ଅଭିଯୋଗକୁ ଗମ୍ଭୀରଙ୍କ ଖଣ୍ଡନ

ନୂଆଦିଲ୍ଲୀ,୯।୫(ପି.ଟି.)

ପୂର୍ବ ଦିଲ୍ଲୀ ଲୋକ ସଭା ଆସନରେ ଭାଜପା ତାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଥିବା ପ୍ରଚାରପତ୍ର ବାଣ୍ଟିଛି ବୋଲି ଏଏପି ପ୍ରାର୍ଥୀ ଆତିଶୀ ଅଭିଯୋଗ କରିଛନ୍ତି। ଏହାକୁ ଭାଜପା ପ୍ରାର୍ଥୀ ତଥା କ୍ରିକେଟର ଗୌତମ ଗମ୍ଭୀର ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ମୋ ବିରୋଧରେ ଆଣିଥିବା ଅଭିଯୋଗର ପ୍ରମାଣ ଦେଲେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେବି। ମୋତେ ବଦନାମ୍ କରାଯାଇଥିବାରୁ ମୁଁ ଏଏପି ବିରୋଧରେ ମାନହାନି ମାମଲା ରୁଜୁ କରିବି ବୋଲି ଗମ୍ଭୀର ଚେତାବନୀ ଦେଇଛନ୍ତି।





ବିଶ୍ୱକବି ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ୧୫୮ତମ ଜନ୍ମବାର୍ଷିକୀ ପାଳନ ଅବସରରେ ନୂଆଦିଲ୍ଲୀର ପାର୍ଲାମେଣ୍ଟ ହାଉସ୍ଥିତ ତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡଭାନୀ।

## ରାଜୀବ ହତ୍ୟା ମାମଲା: ଅଭିଯୁକ୍ତଙ୍କ ମୁକ୍ତିବିରୋଧୀ ଆବେଦନ ଖାରଜ

ନୂଆଦିଲ୍ଲୀ,୯।୫(ପି.ଟି.)

ତାମିଲନାଡୁ ସରକାର ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ୭ ଜଣ ଅଭିଯୁକ୍ତଙ୍କୁ ଖଲାସ କରିବା ଲାଗି ୨୦୧୪ରେ ନିଷ୍ପତ୍ତି ନେଇଥିଲାବେଳେ ଏହାକୁ ବିରୋଧ କରି ମୃତକଙ୍କ ପରିବାର ପକ୍ଷରୁ କରାଯାଇଥିବା ଆବେଦନକୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ପୂର୍ବ ସାମ୍ବିଧାନିକ ଖଣ୍ଡପୀଠ ଏ ସମ୍ପର୍କରେ ତର୍ଜମା କରି ରାୟ ଦେଇସାରିଛନ୍ତି। ତେଣୁ ଏହାକୁ ପୁଣି ପର୍ଯ୍ୟାଲୋଚନା କରାଯିବାର କୌଣସି ଆବଶ୍ୟକତା ନାହିଁ। ପ୍ରକାଶଥାଉ କି, ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ରାଜୀବ ଗାନ୍ଧୀଙ୍କୁ ଆତ୍ମଘାତୀ ବିସ୍ଫୋରଣରେ ହତ୍ୟା କରାଯାଇଥିଲା। ଏଥିରେ ଅନେକ ମୃତାହତ ମଧ୍ୟ ହୋଇଥିଲେ।

## ଭାଜପାରେ ଜୈଲ୍ ସିଂଙ୍କ ଜ୍ୱାଇଁ

ନୂଆଦିଲ୍ଲୀ,୯।୫(ପି.ଟି.)

ପୂର୍ବତନ ରାଷ୍ଟ୍ରପତି ଜ୍ଞାନୀ ଜୈଲ୍ ସିଂଙ୍କ ଜ୍ୱାଇଁ ସର୍ବନ୍ତ ସିଂ ଚାନ୍ନି ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ଓ ଦଳର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ସେ ଦଳରେ ମିଶିଛନ୍ତି। ପଞ୍ଜାବ କ୍ୟାଡର ପୂର୍ବତନ ଆଇଏଏସ୍ ଅଧିକାରୀ ସର୍ବନ୍ତ ୨୦୧୪ରୁ ୨୦୧୯ ମେ ୩ ପର୍ଯ୍ୟନ୍ତ ପଞ୍ଜାବର ମୁଖ୍ୟ ସୂଚନା କମିଶନର ଭାବେ କାର୍ଯ୍ୟ କରିଥିଲେ। ଏହାସହ ସେ ରାଜ୍ୟର ଗୃହ ସଚିବ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ।

## 'ହାଉସ୍‌ଫୁଲ ୪'ରେ ନୱାଜୁଦ୍ଦିନ୍

ମୁମ୍ବାଇ,୯।୫(ପି.ଟି.): ଅକ୍ଷୟ କୁମାର ଅଭିନୀତ 'ହାଉସ୍‌ଫୁଲ ୪'ରେ ଅଭିନେତା ନୱାଜୁଦ୍ଦିନ୍ ସିଦ୍ଦିକିଙ୍କୁ ଦେଖିବାକୁ ମିଳିବ। ଫିଲ୍ମ ନିର୍ମାତା ସାଜିଦ୍ ନାଡିଆଡ୍‌ୱାଲା ଏହି ଫିଲ୍ମରେ ସିଦ୍ଦିକି ପ୍ରମୁଖ ଭୂମିକାରେ ଅଭିନୟ କରୁଥିବା କହିଛନ୍ତି। ନୱାଜୁଦ୍ଦିନ୍‌ଙ୍କ ସହ ୬ ସାଥୀ କଳାକାରଙ୍କୁ ନେଇ ଏକ ଗୀତ ଶୁଟ୍ କରାଯିବ, ଯେଉଁଥିରେ ସେ ପ୍ରମୁଖ ଭୂମିକାରେ ଅଭିନୟ କରିବେ ବୋଲି ସାଜିଦ୍ ପ୍ରକାଶ କରିଛନ୍ତି। ଏହି ଗୀତଟି ବହୁତ ବଡ଼ ଓ ଏଥିରେ ୫୦୦ ନର୍ତ୍ତକୀ ସେମାନଙ୍କର ନୃତ୍ୟାଭିନୟ ପ୍ରଦର୍ଶନ କରିବେ। ଗଣେଶ ମାଷ୍ଟର ଏହାର କୋରିଓଗ୍ରାଫି କରୁଥିବା ଜଣାପଡ଼ିଛି। ଏଥିଲାଗି ଆମେ ୫ ଦିନର ସମୟ ଧାର୍ଯ୍ୟ କରିଛୁ। ଟିମ୍ ସହ ନିର୍ଦ୍ଦେଶକ ଫରହଦ୍ ସାମ୍‌ଜୀ ଗତ ୨ ସପ୍ତାହ ହେବ କିପରି ଏହାକୁ ସଠିକଭାବେ କରାଯାଇ ପାରିବ, ସେଥିଲାଗି ପ୍ରୟାସ କରୁଛନ୍ତି। ମେ ଶେଷବେଳକୁ ଏହା ଶୁଟିଂ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଫିଲ୍ମରେ ରିତେଶ ଦେଶ୍‌ମୁଖ୍, ବବି ଦେଓଲ୍, କ୍ରିତି ସାନୋନ୍, କ୍ରିତି ଖର୍‌ବନ୍ଦ ଓ ପୂଜା ହେଗ୍‌ଡେଙ୍କ ସହ ରାଣା ଦୁଗୁବତ୍ତି ଅଭିନୟ କରୁଛନ୍ତି।



Khallikote University, Berhampur-760001, Odisha
Post Graduate Admission Notice 2019-20

No.KUB/PGC/ADMN.19-20/209 Date: 30.04.2019

Khallikote University, Berhampur, Odisha invites application(s) from eligible candidates for admission to the following Post Graduate (Master Degree) courses for the Academic year **2019-20.**

Courses offered

- M.Sc. in Biosciences and Bioinformatics
- Master in Natural Resources Management and Geoinformatics
- Master in Library and Information Science
- Master in Economics and Management
- MBA in Travel and Tourism Management
- Master in Mass Communication and Media Technology

The application form is available on the University website **(www.khallikoteuniversity.ac.in)** from **30th April 2019** onwards. Candidates may also obtain the application form and prospectus by requesting the email: **admission@khallikoteuniversity.ac.in;** admission.kub@gmail.com. Admission will be done through entrance examination (70%) and career assessment (30%). Entrance test will be conducted at Berhampur, Bhubaneswar, Rourkella, Rayagada, Balasore and Keonjhar.

For relevant information the candidates are advised to go through the prospectus and read the instructions carefully before filling up the application form. **The last date of submission of application form** along with relevant documents by post is **7th June 2019.**

Date of Entrance Examination: 23rd June 2019.

*Chairman, PG Council*

## ଇତିହାସର ଆଇନାରେ

### ମେ ୧୦ର ପ୍ରମୁଖ ଘଟଣା

୧୮୫୭ ମେ ୧୦ରେ ଭାରତରେ ସିପାହୀ ବିଦ୍ରୋହ ଆରମ୍ଭ ହୋଇଥିଲା। ଏହାକୁ ଦେଶର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ କୁହାଯାଏ। ଏହିଦିନ ଭାରତୀୟ ସିପାହୀମାନେ ମିରଟ କ୍ୟାଣ୍ଟନମେଣ୍ଟରେ ବୋମାମାଡ କରିବା ସହ ଅନେକ ବ୍ରିଟିଶ୍ ଅଫିସରଙ୍କୁ ହତ୍ୟା କରିଥିଲେ। ଅତ୍ୟାଚାରୀ ବ୍ରିଟିଶ ଅଫିସରଙ୍କ ବିରୋଧରେ ଏହା ସେମାନଙ୍କ ଦୀର୍ଘଦିନ କ୍ରୋଧର ପ୍ରତିଫଳନ ଥିଲା। ସିପାହୀମାନଙ୍କୁ ଯୋଗାଇ ଦିଆଯାଉଥିବା ଗୁଳିରେ ଗୋରୁ ଓ ଘୁଷୁରି ଚର୍ବିକୁ ବ୍ୟବହାର କରାଯାଉଥିଲା।

୧୯୯୪ ମେ ୧୦ରେ ନେଲ୍‌ସନ ମାଣ୍ଡେଲା ଦକ୍ଷିଣ ଆଫ୍ରିକାର ପ୍ରଥମ ଅଣଶ୍ୱେତାଙ୍ଗ ରାଷ୍ଟ୍ରପତି ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ସେ ୧୯୯୯ ଜୁନ ୧୪ ପର୍ଯ୍ୟନ୍ତ ଦେଶର ରାଷ୍ଟ୍ରପତି ରହିଥିଲେ।

ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା





ସ୍ୱସ୍ତିକ ସୁମନ ପାଣିଗ୍ରାହୀ (କାହ୍ନା)
ବଡ଼ଗଡ଼ ବ୍ରିଟ କଲୋନି, ଭୁବନେଶ୍ୱର

ଆଜି ତୁମର ଅଷ୍ଟମ ଜନ୍ମବାର୍ଷିକ ଅବସରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭେ ପ୍ରାର୍ଥନା କରୁଛୁ କି ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଦୀର୍ଘାୟୁ କରନ୍ତୁ ଏବଂ ସର୍ବଦା ବିଦ୍ୟା ବୁଦ୍ଧି ପ୍ରଦାନ କରନ୍ତୁ।

ଶୁଭେଚ୍ଛା ସହ
ପାପା, ମାମା, ଜେଜେ, ମା, ପିଉସା, ପିଉସୀ, ମାମୁ, ଆଣ୍ଟି, ଆଇ, ବଡ଼ଆଇ, ଗୁରୁଜନ, ବନ୍ଧୁ ଓ ପରିବାରବର୍ଗ। ଧ-୪୮୭୧୫

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ଗାଲ୍‌ଭାଲ୍ୟୁମ୍ ଶିଟ୍ ଏବଂ ସ୍ପ୍ରିଙ୍କଲର୍‌ର ବ୍ୟବସ୍ଥା ନିମନ୍ତେ ଇ-ଟେଣ୍ଡର ବିଜ୍ଞପ୍ତି

କ୍ର.ସଂ. (୧) ଇ-ଟେଣ୍ଡର ନଂ.: ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୩୭-୧୯-୨୦, ତାରିଖ: ୦୬।୦୫।୨୦୧୯

କାର୍ଯ୍ୟ: ବିଲାସପୁର ଡିଭିଜନର ଏଡିଇଏନ୍/ଚମ୍ପାଙ୍କ କ୍ଷେତ୍ରାଧିକାର ଅଧୀନରେ ଖରସିଆଠାରେ ଗୁଡ୍‌ସ ଶେଡ୍‌ରେ ଗାଲ୍‌ଭାଲ୍ୟୁମ୍ ଶିଟ୍ ଏବଂ ସ୍ପ୍ରିଙ୍କଲର୍‌ର ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ: ₹୨,୩୯,୬୪,୯୨୯.୧୪/-, ଇଏମଡି: ₹୨,୬୯,୮୦୦/-, ସମାପ୍ତି ଅବଧି: ୦୯ ମାସ।

ଟେଣ୍ଡର ଦାଖଲ ଆରମ୍ଭ ତାରିଖ: ତା୧୪।୦୫।୨୦୧୯ରିଖ ୧୧.୦୦ ଘଟିକା, ଟେଣ୍ଡର ଦାଖଲର ଶେଷ ତାରିଖ: ତା୨୮।୦୫।୨୦୧୯ରିଖ ୧୧.୦୦ ଘଟିକା।

ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍: https://www.ireps.gov.inରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟାନ୍ୟ ବିଡ୍ ଗ୍ରହଣ କରାଯିବ ନାହିଁ।

ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.),
CPR/10/65 ଏସ୍.ଇ.ସି. ରେଳପଥ/ବିଳାସପୁର

ସ୍ୱଚ୍ଛ ଭାରତ ଅଭିଯାନ

ODISHA STATE ROAD TRANSPORT CORPORATION, BHUBANESWAR

No. 5464 Date: 08.05.19

ADVERTISEMENT FOR THE POST OF CIVIL ENGINEER CONSULTANT & H.R. CONSULTANT

Applications are invited from the O.A.S. Officers (Retired) & Civil Engineers (Retired) (not below the rank of Executive Engineer) upto 65 years on contractual basis for the post of H.R. Consultant & Civil Engineer Consultant respectively in OSRTC for a period of one year subject to renewal each year considering their performance. The applications in the format appended to this notice should reach the General Manager (A), OSRTC, A.G. Square, Bhubaneswar- 751009 on or before 15.05.2019 with offering their monthly remuneration.

The details of the term & conditions of engagement for each post along with the Application format is available in OSRTC website i.e. **www.osrtc.nic.in**.

**ELIGIBILITY CRITERIA:**

1. The candidate must be Citizen of India.
2. He must be less than 65 years of age.
3. He should have the requisite qualification/ Equivalent to the above.
4. The application must be affixed with the copy of the requisite documents/ testimonials / certificates of merit in support of the Educational/ Technical Qualification/ Details of service rendered and Two P.P. size photograph.

*By order of the Chairman-cum-Managing Director*
***Sd./- General Manager(A), OSRTC***

See Career Appointment on every Wednesday & Saturday

कार्पोरेशन बैंक Corporation Bank
(ସାର୍ବଜନିକ କ୍ଷେତ୍ରର ଅଗ୍ରଣୀ ବ୍ୟାଙ୍କ)

କର୍ପୋରେଶନ ବ୍ୟାଙ୍କ
ଭୁବନେଶ୍ୱର ମୁଖ୍ୟ ଶାଖା,
ପ୍ଲଟ୍ ନଂ.: ୧୨୧ ଏବଂ ୧୨୨, ଖାରବେଳ ନଗର, ଷ୍ଟେସନ ସ୍କୋୟାର, ଭୁବନେଶ୍ୱର

ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍

ଏହି ନୋଟସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ କର୍ପୋରେଶନ ବ୍ୟାଙ୍କ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ "ଗଠନାତ୍ମକ / ଭୌତିକ/ସାଙ୍କେତିକ ଦଖଲ" ନେଇ "ଯାହାବି ସେଠାରେ ଅଛି", ଯେଉଁଠାରେ ଯେପରି ଅଛି" ଏବଂ ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ନିମ୍ନଲିଖିତ ତାରିଖ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ କର୍ପୋରେଶନ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

| ଋଣଗ୍ରହୀତା, କୋ-ଆପ୍ଲିକାଣ୍ଟ ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
| --- | --- |
| ଋଣଗ୍ରହୀତା: ମେସର୍ସ ଷ୍ଟପ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ, ପ୍ଲଟ୍ ନଂ.: ବି-୬୩, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭, କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତା: ଡଃ. ଅରୁଣ ସାମଲ, ପିତା: ଡଃ. ସର୍ବେଶ୍ୱର ସାମଲ, ପ୍ଲଟ୍ ନଂ.: ୧୦୬/୧୫୦୩, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୨୨ | ୩୦.୦୮.୨୦୧୧ ସୁଦ୍ଧା ଟ.୫୭,୬୭,୩୭୬.୦୦ ସହିତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ: ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୭୪୪/୧୩୯୦, ଖାତା ନଂ.: ୪୮୩/୨, କ୍ଷେତ୍ର: ୧.୫୦ଏକର (୬୫୩୪୦ ବର୍ଗଫୁଟ), ମୌଜା: ମହୁରା, ଥାନା: ଖଣ୍ଡଗିରି, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ୨୯.୦୫.୨୦୧୯ ପୂର୍ବାହ୍ନ ୧୧.୪୫ ଘଟିକାରୁ ଅପରାହ୍ନ ୧.୧୫ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ ସମୟ ସହିତ)

ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୪୦,୦୦,୦୦୦/- / ଅମାନତ ଜମା: ଟ.୪,୦୦,୦୦୦/- / ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ବିବରଣୀ ନିମନ୍ତେ ୱେବ୍‌ସାଇଟ୍: https://corpbank.com/sites/default/files/corpbank-page-files/tender/m_s_stop.pdf ଲିଙ୍କ୍ ଦେଖନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୯.୦୫.୨୦୧୯ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କର୍ପୋରେଶନ ବ୍ୟାଙ୍କ

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା: ଭଦ୍ରକ,
ମାଷ୍ଟର ବାବୁ କମ୍ପ୍ଲେକ୍ସ, ଛପୁଲିଆ, ବାଏପାସ୍ ରୋଡ଼, ଜିଲ୍ଲା: ଭଦ୍ରକ
ଶାଖା ଫୋନ୍ ନଂ.: ୦୬୭୮୪-୨୫୦୩୫୩, ଶାଖା ଇ-ମେଲ: sbi.18397@sbi.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ, ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି।

ଇ-ନିଲାମ ତାରିଖ ଏବଂ ସମୟ: ତା.୧୦.୦୬.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

କ୍ଷମତାପ୍ରାପ୍ତ ଅଧିକାରୀ: ଜାମିନୀ ରଞ୍ଜନ ସାହୁ, ଇ-ମେଲ: jamini.sahu@sbi.co.in, ମୋ: ୯୪୩୭୪୯୭୦୫୩

| କ୍ର. ନଂ. | ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
| --- | --- | --- | --- | --- | --- |
| ୧. | କଲରଙ୍ଗିଅତା ଶାଖା / ଋଣଗ୍ରହୀତା: ମେସର୍ସ ରାଉତ ଇଞ୍ଜିନିୟରିଂ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅଲେଖ କୁମାର ରାଉତ, ପିତା: ଅଭିମନ୍ୟୁ ରାଉତ, କଣ୍ଟ୍ରାକ୍ଟର୍ସ କଲୋନୀ, ଟିସ୍କୋ କ୍ୟାମ୍ପସ୍, କଲରଙ୍ଗିଅତା, ଜିଲ୍ଲା: ଯାଜପୁର (ଓଡ଼ିଶା), ପିନ୍-୭୫୫୦୨୮ / ଆକାଉଣ୍ଟ ନଂ.: ୩୧୭୫୨୮୭୪୦୦୮, ୩୨୯୫୪୯୧୧୬୩୬ ଏବଂ ୩୨୯୫୪୯୨୩୫୩୯ | ଜାମିନ୍‌ଦାର: ଶ୍ରୀ ପ୍ରଫୁଲ୍ଲ କୁମାର ଧିର, ପିତା: ଅନନ୍ତ ଚରଣ ଧିର, କ୍ୱାର୍ଟର ନଂ.: ବି୫/୮, ଏସ୍‌ସିଏମ୍, ଟିସ୍କୋ, କଲରଙ୍ଗିଅତା, ଜିଲ୍ଲା: ଯାଜପୁର | ଶ୍ରୀ ଅଲେଖ କୁମାର ରାଉତ, ପିତା: ଅଭିମନ୍ୟୁ ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ମୌଜା: ୟୁନିଟ୍-୧୬, ସୋବରା, ତହସିଲ: ବ୍ୟାସନଗର, ଟାଉନ୍: ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର ଠାରେ ପଞ୍ଜିକୃତ, ଖାତା ନଂ.: ୩୭୨/୬୭୯, ପ୍ଲଟ୍ ନଂ.: ୬୭୭/୨୩୮୬, କ୍ଷେତ୍ର: ଏକର୦.୦୮ଡିସିମିଲି, କିସମ: ଘରବାରି | ୩୧.୦୧.୨୦୧୮ ସୁଦ୍ଧା ଟ.୮୦,୭୦,୮୬୮/- + ୦୧.୦୨.୨୦୧୮ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୩୧.୦୧.୨୦୧୮ | ଟ.୭୧,୦୦,୦୦୦/- / ଟ.୭,୧୦,୦୦୦/- / ଟ.୫୦,୦୦୦/- |
| ୨. | ଏସ୍‌ଏଲ୍ ମାଇନିଂ ଶାଖା, ଜୁରୁଡି / ଋଣଗ୍ରହୀତାମାନେ: ୧) ରୋଜ୍ ମହମ୍ମଦ, ପିତା: ଅବଦୁଲ ସତାର, ୨) ଶେହନାଜ୍ ବାନୋ, ସ୍ୱାମୀ: ରୋଜ୍ ମହମ୍ମଦ, ଉଭୟଙ୍କ ଠିକଣା: ସା: ଜୁରୁଡି, ପୋ: ଜଜାଙ୍ଗ, ଭାୟା: ଯୋଡା, ଜିଲ୍ଲା: କେନ୍ଦୁଝର-୭୫୮୦୩୪ / ଆକାଉଣ୍ଟ ନଂ.: ୩୦୯୬୧୮୩୩୮୬୬ | | ରୋଜ୍ ମହମ୍ମଦ ଏବଂ ଶେହନାଜ୍ ବାନୋଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜାରୋଲି, ଖାତା ନଂ.: ୮୬/୨୨୭, ପ୍ଲଟ୍ ନଂ.: ୩୭୨/୭୪୩, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରୀ | ୩୦.୦୪.୨୦୧୬ ସୁଦ୍ଧା ଟ.୬୩,୮୭,୯୦୬/- + ୦୧.୦୫.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୦୨.୦୫.୨୦୧୬ | ଟ.୯୭,୪୦,୦୦୦/- / ଟ.୯,୭୪,୦୦୦/- / ଟ.୫୦,୦୦୦/- |

ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ତା.୦୩.୦୬.୨୦୧୯ରିଖ ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୪.୦୦ ଘଟିକା

ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୦୭.୦୬.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

ନିଲାମର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୱେବସାଇଟ୍ www.sbi.co.in at link https://bank.sbi/portal/web/home/auction-notices ଦେଖନ୍ତୁ

ତାରିଖ : ୦୯.୦୫.୨୦୧୯
ସ୍ଥାନ: ଭଦ୍ରକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

CLASSIFIED DISPLAY

MORE SPACE • SAME PRICE

CLASSIFIED DISPLAY

(On Tuesday & Friday All Orissa Edition)

| | SIZE | COLOR | B/W |
| --- | --- | --- | --- |
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**

Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

Life Care Emporium Upto 50% OFF

AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841



ଏକ ବିବାହ ପଞ୍ଜୀକରଣ ସାର୍ଟିଫିକେଟ କରାଇଦେବା ପାଇଁ ୨ ହଜାର ଟଙ୍କା ଲାଞ୍ଚ ନେଇ କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ଜିପିଇଓ) ଅନୀତ ବଡସେଠ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

■ ତେଲେଙ୍ଗାନା ଅଞ୍ଚଳରେ ଚୋରି: ଖାନତଲାସି କରିବାକୁ ଆସି ହୀନସ୍ତା

# ଗଞ୍ଜାମରେ ମାଡ଼ ଖାଇଲା ତେଲେଙ୍ଗାନା ପୋଲିସ

■ତେଲେଙ୍ଗାନାର ପୋଲିସକୁ ନକଲି ଭାବି ପିଟିଲେ ଲୋକେ
■ଉଦ୍ଧାର କଲା ପୋଲିସ

ପାଟପୁର,୯।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପାଟପୁର ଥାନା ଅଞ୍ଚଳରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ପିଲାଚୋର ଓ ନକଲି ପୋଲିସ ସନ୍ଦେହରେ ଲୋକେ ତେଲେଙ୍ଗାନାର ଅସଲି ପୋଲିସକୁ ନିସ୍ତୁକ ମାଡ ମାରିଛନ୍ତି। ଲୋକଙ୍କ ମାଡରେ ଗୁରୁତର ହୋଇଥିବା ତେଲେଙ୍ଗାନା ପୋଲିସକୁ ପାଟପୁର ପୋଲିସ ଉଦ୍ଧାର କରିଛି।

ପ୍ରକାଶ ଯେ, ହାଇଦ୍ରାବାଦ ଆଲୁୱାଲା ଜିଲା ପୋଲିସ ଡେଙ୍ଗାଡି ଗ୍ରାମର ସନାତନ ସ୍ୱାଇଁଙ୍କ ପୁଅ ମନୋଜ ସ୍ୱାଇଁ (୨୪) ଓ ବାଲେଶ୍ୱର ଜିଲା ବାଲିଆପାଳର ତାଙ୍କ ପ୍ରେମିକାଙ୍କୁ ତେଲେଙ୍ଗାନା ଅଞ୍ଚଳର ଏକ ଡକାୟତି ଓ ଚୋରି କେସରେ ଗିରଫ କରିଥିଲା। ଅଭିଯୁକ୍ତଙ୍କ ବୟାନ ଆଧାରରେ ତେଲେଙ୍ଗାନା ପୋଲିସ ଓ କ୍ରାଇମ୍‌ବ୍ରାଞ୍ଚର ୧୧ଜଣିଆ ଟିମ୍ ମନୋଜଙ୍କ ଗାଁ ଡେଙ୍ଗାଡିକୁ ଗୁରୁବାର ସର୍ଚ୍ଚ ପାଇଁ ଆସିଥିଲେ। ଭୋର ପ୍ରାୟ ସାଢେ ୬ଟାରେ ୨ଟି କାରରେ ୧୧ ଜଣିଆ ଟିମ୍ ମନୋଜ ଓ ତାଙ୍କ ପ୍ରେମିକାଙ୍କୁ ଧରି ଡେଙ୍ଗାଡି ଗ୍ରାମରେ ପହଞ୍ଚିଥିଲେ। ମନୋଜଙ୍କ ଘର ଖାନ୍‌ତଲାସି କଲା ପରେ ସେଠାରୁ ଚୋରି ସାମଗ୍ରୀ ପାଇ ନ ଥିଲେ। ପରେ ଅଭିଯୁକ୍ତଙ୍କୁ ଧରି ପୋଲିସ ଆସିଥିବା ଗାଡି ପାଖକୁ ଯାଇ ବସିବା ବେଳେ ମନୋଜଙ୍କ ମା' ଓ ବାପା ବଡ ପାଟିରେ ପିଲାଚୋର ମୋ ପୁଅକୁ ନେଇ ଯାଉଛନ୍ତି କହି ପାଟି କରିଥିଲେ। ଗାଁ ଲୋକେ ପାଟିଶୁଣି ରୁଣ୍ଡ ହୋଇଯାଇଥିଲେ। ପୋଲିସଙ୍କୁ ଆପଣମାନେ କିଏ, କେଉଁଠୁ ଆସିଛନ୍ତି ବୋଲି ପଚାରିଥିଲେ। ମାତ୍ର ତେଲେଙ୍ଗାନା ପୋଲିସ ଓଡ଼ିଆ ଭାଷା ବୁଝିପାରିନଥିଲେ। ହିନ୍ଦୀ ଭାଷାରେ ଉତ୍ତର ଦେବାରୁ ଗାଁ ଲୋକଙ୍କ ସନ୍ଦେହ ବଢିଥିଲା। ପରେ ସମ୍ପୃକ୍ତ ପୋଲିସ କର୍ମଚାରୀ ତାଙ୍କ ପରିଚୟପତ୍ର ଦେଖାଇଥିଲେ। ମାତ୍ର ସେଥିରେ ଇଂଲିଶ ଓ ତେଲୁଗୁରେ ଲେଖାଥିବାରୁ ଲୋକେ କିଛି ବୁଝି ନ ପାରି ନକଲି ପୋଲିସ ଭାବିଥିଲେ। ପରେ ଠେଙ୍ଗାବାଡି ସହ ପଥରରେ ସେମାନଙ୍କୁ ଆକ୍ରମଣ କରିବା ସହ କାର୍ ଭଙ୍ଗାରୁଜା କରିଥିଲେ। ପ୍ରଥମ ଗାଡିରୁ ସମସ୍ତେ ବାହାରିବା ପରେ ସେମାନଙ୍କୁ ଛାଡି ଦ୍ୱିତୀୟ ଗାଡି ପାଖକୁ ଆସି ସେଥିରେ ବସିଥିବା ୩ ଜଣ ଷ୍ଟାଫ୍ ଓ ଅଭିଯୁକ୍ତମାନଙ୍କୁ ବାହାରକୁ ବାହାରିବା ପାଇଁ ଲୋକେ ବାଧ୍ୟ କରିଥିଲେ। ମାତ୍ର ଗହଳି ଭିତରେ ଅଭିଯୁକ୍ତମାନେ ଖସିଯିବା ଆଶଙ୍କାରେ ପୋଲିସ କର୍ମଚାରୀମାନେ କାରର ଡୋର୍ ଖୋଲି ନ ଥିଲେ। ପରେ ଲୋକେ ଉତ୍ତ୍ୟକ୍ତ ହୋଇ ଉକ୍ତ ଗାଡିର କାଚ ଭାଙ୍ଗି ୩ ଜଣ ଷ୍ଟାଫଙ୍କୁ ନିର୍ଘୁମ ପିଟିଥିଲେ। ଲୋକଙ୍କ ଆକ୍ରମଣରେ ହାଇଦ୍ରାବାଦ ସାଇବାବାଦ୍ କମିଶନରେଟ ପୋଲିସର ପି. ରବି କୁମାର, ଏସ. ଶ୍ରୀନିବାସ ରେଡ୍ଡୀ, ବି. ଶେଖର ପ୍ରମୁଖ ଆହତ ହୋଇଥିଲେ। ଖବର ପାଇ ପାଟପୁର ଆଇଆଇସି ରମେଶ କୁମାର ପ୍ରଧାନ ସଦଳବଳ ପହଞ୍ଚି ଆହତ ୩ ପୋଲିସଙ୍କୁ ଉଦ୍ଧାର କରି ସ୍ଥାନୀୟ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ଅନ୍ୟ ପୋଲିସ ଓ ୨ଅଭିଯୁକ୍ତଙ୍କୁ ନେଇ ମନୋଜଙ୍କ ଘର ସର୍ଚ୍ଚ କରିଥିଲେ। ଉଭୟ ପୋଲିସ ଷ୍ଟାଫ ସେଠାରେ ବହୁ ସମୟ ଖୋଜାଖୋଜି ପରେ କିଛି ସୁନା ଗହଣା ଓ ନଗଦ ଟଙ୍କା ପାଇଥିଲେ। ପରେ ମନୋଜ ଓ ତାଙ୍କ ପ୍ରେମିକାଙ୍କ ସହ ବାପା ସନାତନଙ୍କୁ ଧରି ପାଟପୁର ଥାନାକୁ ଆଣିଥିଲେ। ସେଠାରୁ ତେଲେଙ୍ଗାନା ପୋଲିସ ଟିମ୍ ମନୋଜ, ତାଙ୍କ ପ୍ରେମିକା ଓ ବାପାଙ୍କୁ ନେଇ ତେଲେଙ୍ଗାନା ଅଭିମୁଖେ ଯାଇଥିଲେ।



ଉତ୍ତ୍ୟକ୍ତ ଗ୍ରାମବାସୀ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସବୁ କାଳେ ନ ପଡ଼ଇ ପ୍ରାଣୀଙ୍କୁ ପ୍ରମାଦ,**
**ସବୁଦିନେ ପ୍ରାଣୀଙ୍କର ନ ଥାଏ ସମ୍ପଦ ।**

ସମୟ ଓ ପରିସ୍ଥିତି ଚିର ପରିବର୍ତ୍ତନଶୀଳ। ସବୁଦିନ ସମାନ ଯାଇ ନ ଥାଏ। ଦିନରାତି, ଖରାଛାଇ ଭଳି ଦୁଃଖସୁଖ ଆଗପଛ ଲାଗି ରହିଥାଏ। ଆଜି ଯେ ଦୁଃଖରେ ଅଛି କାଲି ହୁଏତ ସୁଖଭୋଗ କରିପାରେ। ସେହିପରି ସୁଖସ୍ୱାଚ୍ଛନ୍ଦ୍ୟରେ ବୁଡ଼ି ରହିଥିବା ବ୍ୟକ୍ତି ବେଳ ପଡ଼ିଲେ ଦୁଃଖଶୋକରେ ଘାଣ୍ଟି ହେବା କିଛି ବି ଅସମ୍ଭବ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସାଣ୍ଡ ବୋଲି ଏତିକି**
**ବାଣ୍ଟ କରିବି କେତିକି ?**

ଧନର ସ୍ୱଳ୍ପତା ମନର ବ୍ୟସ୍ତତାକୁ ବଢ଼ାଇଦିଏ। ଅଳପ ଧନ ମଣିଷର ଆବଶ୍ୟକତାକୁ କେବେହେଲେ ପୂରଣ କରିପାରି ନ ଥାଏ। ଧନ ଦରବ କମ୍ ଥିଲେ ମଣିଷର ଅକଲ୍ ଗୁଡୁମ୍ ହୋଇଯାଏ, ବୁଦ୍ଧିବାଟ ମିଳି ନ ଥାଏ। ଏତିକି ଧନରେ କାହାକୁ କେମିତି ତୃପ୍ତି କରାଇବ ସେ ନେଇ ମନରେ ଭାଳେଣି ଅବସ୍ଥା ସୃଷ୍ଟି ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା. ଲି.

# ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ

**ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲା**

**କୁଜଙ୍ଗ,୯।୫(ସ୍ୱ.ପ୍ର.):** ୨୦୧୬ ଅକ୍ଟୋବର ୨୬ରେ ପାରାଦୀପ ସିଓ୍ୱେଜ ସିପିଂ କମ୍ପାନୀର ପରିଚାଳକ ମହେନ୍ଦ୍ର ସ୍ୱାଇଁଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଗୁରୁବାର ଅଭିଯୁକ୍ତ ଶିଳ୍ପପତି ମହିମାନନ୍ଦ ମିଶ୍ର, ବସନ୍ତ ବଳ, ବାପି ସର୍ଖେଲ, ଶୁଭ ଆଚାର୍ଯ୍ୟ, ଦେବୀ ତ୍ରିପାଠୀ, ସୁଶାନ୍ତ ସେଠୀ, ରାକେଶ ଚୋବେ, ଅଶୋକ ବିହାରୀ ପ୍ରମୁଖଙ୍କ ବିରୋଧରେ କୁଜଙ୍ଗ ଅତିରିକ୍ତ ଜିଲା ଓ ଦୌରାଜଜଙ୍କ କୋର୍ଟରେ ଚାର୍ଜଫ୍ରେମ୍ ହୋଇଛି। ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟଙ୍କ କୋର୍ଟରେ ଚାର୍ଜପ୍ରେମ୍ ହେବା ସହ ସାକ୍ଷ ଗ୍ରହଣ ପାଇଁ ଆସନ୍ତା ଜୁନ୍ ୧୦ ଓ ୧୧ ତାରିଖ ଧାର୍ଯ୍ୟ କରାଯାଇଛି।

# ରିଲିଫ ସହାୟତା ପାଇଁ ଅଭିନବ ପ୍ରୟାସ




ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମାଙ୍କ ସହ ପୋଲିସ ପ୍ରଶାସନର ଅଧିକାରୀମାନେ ହାତରେ ଥାଳି ଧରି ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ରିଲିଫ୍ ସହାୟତା ପାଣ୍ଠି ସଂଗ୍ରହ କରୁଛନ୍ତି।

ପାରଳାଖେମୁଣ୍ଡି, ୯।୫ (ସ୍ୱ.ପ୍ର.)

ଫନୀ ପ୍ରଭାବରେ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲାରେ ହୋଇଥିବା କ୍ଷତିଗ୍ରସ୍ତ ଅଞ୍ଚଳକୁ ରିଲିଫ ଯୋଗାଇବା ସକାଶେ ଗଜପତି ପୋଲିସ ପ୍ରଶାସନ ସହାୟତାର ହାତ ବଢ଼ାଇଛି । ବୁଧବାର ରାତି ୮ଟାରେ ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମା ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଉପକୂଳ ଜିଲାଗୁଡ଼ିକରେ ବାତ୍ୟା ଫନୀ ବ୍ୟାପକ କ୍ଷୟକ୍ଷତି କରିଛି। ବର୍ତ୍ତମାନ ପ୍ରଭାବିତ ଅଞ୍ଚଳର ଲୋକଙ୍କ ପାଇଁ ଖାଦ୍ୟ, ପାନୀୟଜଳ ଏବଂ ଔଷଧ ଆଦିର ଜରୁରୀ ଆବଶ୍ୟକତା ରହିଛି। ଏସବୁ ଅତ୍ୟାବଶ୍ୟକ ସାମଗ୍ରୀ ଆମକୁ କ୍ଷତିଗ୍ରସ୍ତଙ୍କ ନିକଟରେ ପହଞ୍ଚାଇବା ଦରକାର। ଏହାବ୍ୟତୀତ ଯେ କୌଣସି ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଅର୍ଥଦାନ କରିବାକୁ ଚାହିଁଲେ ସେମାନେ ସିଏମ୍‌ଆର୍‌ଏଫ୍‌କୁ ଚେକ୍ ମାଧ୍ୟମରେ ଦେଇପାରିବେ ବୋଲି ସେ କହିଛନ୍ତି। ଏସ୍‌ପି ନିଜ ଅଫିସିଆଲ ଟିମ୍‌ର ସହଯୋଗରେ ସହରରେ ଏକ ଶୋଭାଯାତ୍ରା କରି ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ସହ ସହରବାସୀଙ୍କୁ ସହାୟତା ପାଇଁ ନିବେଦନ କରିଥିବା ଜଣାପଡ଼ିଛି। ଏହାସହ ସେ ବ୍ୟକ୍ତିଗତ ଭାବେ ୧୦ହଜାର ଟଙ୍କା ଦେଇଛନ୍ତି। ୪ଦିନର ଦରମା ମଧ୍ୟ ପ୍ରଦାନ କରିଥିବା ଦେଖାଯାଇଛି। ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଢେଙ୍କାନାଳର ସୁରକ୍ଷା କବଚ 'ପାଣିଓହଳା'

ଢେଙ୍କାନାଳ ଅଫିସ, ୯।୫ (ରତନ ନାୟାର)




୧୯୯୯ ମହାବାତ୍ୟା ହେଉ କି ଫାଇଲିନ, ହୁଡ୍‌ହୁଡ୍ ହେଉ ଅବା ତିତ୍‌ଲି କିମ୍ବା ଫନୀ, ସବୁଥିରେ ଶକ୍ତି ଦେଖାଇଛି ପ୍ରକୃତି। ଉଜାଡ଼ିଛି ଓଡ଼ିଶାର ଅନେକ ଜିଲା। ନେଇଛି ହଜାର ହଜାର ଜୀବନ। ଛାରଖାର କରିଦେଇଛି ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା। ହେଲେ ଏହି ଭୀଷଣ କ୍ଷୟକ୍ଷତିରୁ ସବୁବେଳେ ବର୍ତ୍ତିଆସିଛି ଢେଙ୍କାନାଳ ସହର। ଏସବୁ ବାତ୍ୟାର ସେତେଟା ପ୍ରଭାବ ଦେଖାଯାଇନି ଏଠାରେ। ଜିଲାର ବିଭିନ୍ନ ବ୍ଲକ କ୍ଷତିଗ୍ରସ୍ତ ହୋଇଥିଲେ ବି ଢେଙ୍କାନାଳ ସହରର ଧନ ଜୀବନ ଗୁରୁତର ପ୍ରଭାବିତ ହୋଇନାହିଁ। କାରଣ ପ୍ରକୃତିର ବରଦାନ ପାଣିଓହଳା ପାହାଡ଼ ସବୁବେଳେ ସୁରକ୍ଷା କବଚ ସାଜି ଢେଙ୍କାନାଳକୁ ସୁରକ୍ଷିତ ରଖିଆସିଛି। 'ଫନୀ' ଯିବା ପରେ ଏପରି ଚର୍ଚ୍ଚା ଏବେ ଢେଙ୍କାନାଳରେ ଜୋର ଧରିଛି।

ଗବେଷକମାନଙ୍କ ମତରେ ଢେଙ୍କାନାଳ ସହରର ଚତୁଃପାର୍ଶ୍ୱରେ ୪ଟି ପାହାଡ଼ ଘେରି ରହିଛି। ପୂର୍ବରେ ମେଘା, ପଶ୍ଚିମରେ କୋରିଆଁ, ଉତ୍ତରରେ ରଞ୍ଜା ଓ ଦକ୍ଷିଣରେ ପାଣିଓହଳା ପାହାଡ଼ ସହରକୁ ବିପଦଆପଦରୁ ରକ୍ଷା କରୁଛି। ବିଶେଷକରି ପାଣିଓହଳା ସହରର ପରିଚୟ ସାଜିବା ସହ ଏହାକୁ ସର୍ବଦା ସୁରକ୍ଷା ଦେଇ ଆସିଛି। ଏହି ପାହାଡ ଖୋଲରେ ଥିବା ଜଳଧାରା ସନ୍ଧ୍ୟାରେ ସହରକୁ ଶୀତଳ ପବନ ଦେଉଛି। ଅତୀତରେ ପୂର୍ବତନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ମଧ୍ୟ ଏହାର ପ୍ରମାଣ ପାଇଛନ୍ତି। ସେ ଥରେ ଢେଙ୍କାନାଳ ବାଟଦେଇ ଗସ୍ତ କରୁଥିବା ବେଳେ କିଛି ସମୟ ପାଇଁ ବାଇପାସ ପାନ୍ଥ ନିବାସଠାରେ ଅଟକିଥିଲେ। ବାହାରେ ଚୌକିରେ ବସି ଢେଙ୍କାନାଳର ସବୁଜିମାମୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କଲାବେଳେ ଢେଙ୍କାନାଳ ହେଉଛି ନେଚର୍ସ ପାରାଡାଇଜ୍ ବୋଲି କହିଥିଲେ। ସହରରକୁ ବିପର୍ଯ୍ୟୟରୁ ସୁରକ୍ଷା ଦେଉଥିବା ଏହି ପାଣିଓହଳା ପାହାଡ଼ ସମ୍ପର୍କରେ ସ୍ଥାନୀୟ ଲୋକେ ମଧ୍ୟ ସମାନ ମତ ରଖିଛନ୍ତି। ସେମାନେ କହିଛନ୍ତି, ୧୯୯୯ ମହାବାତ୍ୟା ପୂର୍ବରୁ ପ୍ରଶାସନ ସହରବାସୀଙ୍କୁ ସତର୍କ କରିଥିଲା। ପବନର ବେଗ ପ୍ରଳୟ ରଚିବ ବୋଲି ସେତେବେଳେ କୁହାଯାଇଥିଲା। ସତକୁ ସତ ମହାବାତ୍ୟା ଉପକୂଳ ସହ ଏହି କେନ୍ଦ୍ରସ୍ଥଳରେ ଥିବା ଜିଲାରେ ବଡ଼ଧରଣର ବିପର୍ଯ୍ୟୟ ସୃଷ୍ଟି କରିଥିଲା। କିନ୍ତୁ ଢେଙ୍କାନାଳ ସହରରେ ପବନର ବେଗ ସେତେଟା ଅନୁଭବ ହୋଇ ନ ଥିଲା। ଫଳରେ ମହାବାତ୍ୟାର ମାତ୍ର ୩ ଦିନ ମଧ୍ୟରେ ଢେଙ୍କାନାଳରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇପାରିଥିଲା। ସେହିପରି ଫାଇଲିନ, ହୁଡହୁଡ, ତିତ୍‌ଲି ଓ ଗତ ୩ ତାରିଖର ଫନୀ ଜିଲାର ଗଁଦିଆ, ଭୁବନ ଓ ସଦର ବ୍ଲକରେ ବ୍ୟାପକ କ୍ଷୟକ୍ଷତି କରିଥିବା ବେଳେ ଏହାର କୋପରୁ ସହର ରକ୍ଷା ପାଇଯାଇଛି। ବାତ୍ୟାଦିନ ରାତିରେ ହିଁ ସହରବାସୀ ବିଦ୍ୟୁତ୍ ଆଲୋକ ପାଇଛନ୍ତି। ଏହା କେବଳ ପାଣିଓହଳା ପାହାଡ଼ ଯୋଗୁ ହିଁ ସମ୍ଭବ ହୋଇପାରିଛି ବୋଲି ସହରବାସୀ ମତବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ସେସୁ ନିର୍ବାହୀଯନ୍ତ୍ରୀ ସ୍ୱପ୍ନସରିତ ମିଶ୍ର କୁହନ୍ତି, ପାଣିଓହଳା ନ ଥିଲେ କ୍ଷୟକ୍ଷତି ଦେଖି ହୋଇ ନ ଥାନ୍ତା। ସେହିପରି ବୁଧବାର ଜିଲା କାର୍ଯ୍ୟାଳୟରେ ରେଡକ୍ରସ ଦିବସ ପାଳନ ଅବସରରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ମଧ୍ୟ ପାଣିଓହଳା ପାହାଡକୁ ଢେଙ୍କାନାଳର ସୁରକ୍ଷା କବଚ ବୋଲି କହିଥିଲେ। ବିଶିଷ୍ଟ ଗବେଷକ ତଥା ଗ୍ରନ୍ଥକାର ପଣ୍ଡିତ ଅନ୍ତର୍ଯାମୀ ମିଶ୍ର କହିଛନ୍ତି, ପୂର୍ବରୁ ପାଣିଓହଳା ପାହାଡ ଉପରେ ଲୋକେ ବାଦଲ ଦେଖିଲେ ସହରରେ ବର୍ଷା ହେବ ବୋଲି ଜାଣିପାରୁ ଥିଲେ। ତେଣୁ ଏହି ପାହାଡ଼ର ଐତିହ୍ୟ ରହିଛି। ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ କହିଛନ୍ତି, ପାଣିଓହଳା ପାହାଡ଼ ଯୋଗୁ ପବନର ବେଗ ସହର ମଧ୍ୟକୁ ନ ଆସି ଗଁଦିଆ ଅଭିମୁଖେ ଚାଲିଯାଇଥିଲା। ତେଣୁ ନିଶ୍ଚିତ ଭାବେ ଏହା ସୁରକ୍ଷା ପ୍ରାଚୀର କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ରଥ କହିଛନ୍ତି।

## ଛୁଟିରେ ଆସିଥିବା ସୀମା ସୁରକ୍ଷାକର୍ମୀଙ୍କ ଆତ୍ମହତ୍ୟା

ଭୁବନ, ୯।୫(ଡି.ଏନ.ଏ.)

ସୀମା ସୁରକ୍ଷାକର୍ମୀ ଢେଙ୍କାନାଳ ଜିଲା ଭୁବନ ଥାନା ବାଲିବୋ ଗ୍ରାମର ଶୁଭ୍ରାଂଶୁ ଶେଖର ସ୍ୱାଇଁ(୩୩) ବୁଧବାର ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଆତ୍ମହତ୍ୟା ପାଇଁ କେହି ଦାୟୀ ନୁହନ୍ତି ବୋଲି ସେ ସୁଇସାଇଡାଲ ନୋଟରେ ଲେଖିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ନଂ. ୯/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶୁଭ୍ରାଂଶୁ ୧୪୬ ନଂ ସୀମାରେ କାର୍ଯ୍ୟ କରୁଥିଲେ। କିଛି ଦିନ ତଳେ ସେ ଛୁଟି ନେଇ ଘରକୁ ଆସିଥିଲେ। ବୁଧବାର ସେ ବାମ ହାତ କାଟିବା ସହ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ତାଙ୍କ ଦାଦା ବିନୋଦ କୁମାର ସ୍ୱାଇଁ ଅଭିଯୋଗରେ ଦର୍ଶାଇଛନ୍ତି। ଶୁଭ୍ରାଂଶୁ ଛାଡିଯାଇଥିବା ୩ ଫର୍ଦ୍ଦର ସୁଇସାଇଡାଲ ଚିଠିରେ ଆତ୍ମହତ୍ୟା ପାଇଁ କେହି ଦାୟୀ ନୁହନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଜୀବନରେ ଦିନକୁ ଦିନ ବଢିଚାଲିଥିବା ସମସ୍ୟାର ସାମ୍‌ନା କରିପାରୁ ନ ଥିବାରୁ ଏଭଳି ପଦକ୍ଷେପ ନେଇଥିବା ନୋଟ୍‌ରେ ଲେଖିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165




B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299




FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

FINANCE
ବିଶ୍ୱାସର ପ୍ରତୀକ, ଲୋନ୍‌ର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, ଆଧାରକାର୍ଡ ଲୋନ୍ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9910673658
Address:
Vishal Enclave, New Delhi

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001




GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
8676907143, 9348274623




ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ – ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ରିୟଲ୍ ହିରୋ

'ଫନୀ'ରେ ଭୁଶୁଡ଼ିପଡ଼ିଛି ବିଦ୍ୟୁତ୍ ଭିତ୍ତିଭୂମି। ଫଳରେ ଦିନବେଳା ଅସହ୍ୟ ତାତି ଓ ରାତିରେ ଗୁଳୁଗୁଳିରେ ବାତ୍ୟା ପ୍ରଭାବିତ ଅଞ୍ଚଳର ଜନଜୀବନ ହେଉଛି ଦହଗଞ୍ଜ। କେବେ ଘରକୁ ବିଦ୍ୟୁତ୍ ଆସିବ, ଆଲୁଅ ଜଳିବ, ପଙ୍ଖା ବୁଲିବ ସେହି ଚିନ୍ତାରେ ରହିଛନ୍ତି ଲୋକେ। ଗତ ୩ ତାରିଖଠାରୁ ଏଭଳି ଦୁର୍ଦ୍ଦଶା ଲାଗି ରହିଥିବାବେଳେ ରାଜ୍ୟ ଓ ରାଜ୍ୟ ବାହାରର କେତେଜଣ ବିଦ୍ୟୁତ୍ କର୍ମଚାରୀ, ଶ୍ରମିକଙ୍କ ନିଷ୍ଠାପର କାର୍ଯ୍ୟ ଯୋଗୁ କଟକ, ଭୁବନେଶ୍ୱର ସହର ସମେତ ଅନ୍ୟ କେତେକ ଅଞ୍ଚଳର ନିର୍ଦ୍ଦିଷ୍ଟ ସ୍ଥାନରେ ଲୋକେ ବିଦ୍ୟୁତ୍ ପାଇବାରେ ସକ୍ଷମ ହୋଇଛନ୍ତି। ସମସ୍ତ ବାତ୍ୟା ପ୍ରଭାବିତ ଅଞ୍ଚଳକୁ ଯଥାଶୀଘ୍ର ବିଦ୍ୟୁତ୍ ପହଞ୍ଚାଇବାକୁ ପଣ ନେଇ କାର୍ଯ୍ୟ କରୁଥିବା ଏହି ରିୟଲ୍ ହିରୋମାନଙ୍କୁ ବିଭିନ୍ନ ମହଲରୁ ମିଳୁଛି ପ୍ରଶଂସା। ଅନ୍ୟପକ୍ଷରେ ଦୁର୍ଦ୍ଦଶାରେ ପଡ଼ି ଧୈର୍ଯ୍ୟହରା ହୋଇପଡ଼ିଥିବା କେତେଜଣ ଲୋକଙ୍କ ଆକ୍ରୋଶର ସେମାନେ ଶିକାର ହେଉଛନ୍ତି। ମାଡ଼, ଗାଳିକୁ ମଧ ସାମ୍ନା କରୁଛନ୍ତି। କିନ୍ତୁ ନିଜ କର୍ତ୍ତବ୍ୟ ପଥରୁ ନ ହଟି ଅବିଶ୍ରାନ୍ତ କାର୍ଯ୍ୟ ଜାରି ରଖି ସେମାନେ ଅନ୍ୟମାନଙ୍କ ପାଇଁ ସାଜିଛନ୍ତି ଉଦାହରଣ।

ଫଟୋ
ବିକାଶ ନାୟକ
ମନୋରଞ୍ଜନ ମିଶ୍ର


ଭୁବନେଶ୍ୱର ହାଇଟେକ୍ ରୋଡ୍






ଭୁବନେଶ୍ୱର ଶହୀଦନଗର


ଭୁବନେଶ୍ୱର ରସୁଲଗଡ଼


ଭୁବନେଶ୍ୱର ରସୁଲଗଡ଼


ଭୁବନେଶ୍ୱର ପାଣ୍ଡରା




ଭୁବନେଶ୍ୱର କୋରଡ଼କଣ୍ଟା ରାସ୍ତା


ପୁରୀ ସତ୍ୟବାଦୀ

## ବାସନ୍ଦ ପରିବାରଙ୍କୁ ରିଲିଫ ମନା

ବ୍ରହ୍ମଗିରି, ୯।୫(ଡି.ଏନ୍.ଏ.): ବାତ୍ୟାରେ କ୍ଷତିଗ୍ରସ୍ତ ହୋଇ ଖୋଲା ଆକାଶ ତଳେ ପଡିରହିଥିବା ବିପନ୍ନ ପରିବାର ସରକାରୀ ସାହାଯ୍ୟକୁ ଚାହିଁ ରହିଛନ୍ତି। ବାତ୍ୟା ଯିବାର ଏକ ସପ୍ତାହ ବିତିଥିଲେ ବି ଏପର୍ଯ୍ୟନ୍ତ ସେମାନଙ୍କ ନିକଟରେ ପଲିଥିନଟେ ମଧ ପହଞ୍ଚି ପାରିନି। ପ୍ରଶାସନ ତରଫରୁ ଗ୍ରାମ ପଞ୍ଚାୟତ ଦ୍ୱାରା ଯାହାକିଛି ସାହାଯ୍ୟ ଗାଁ କୋଠକୁ ଆସିଛି ସେଥିରୁ ଗାଁରୁ ବାସନ୍ଦ ହୋଇଥିବା ଦୁଇଟି ବିପନ୍ନ ପରିବାରକୁ ବାରଣ କରାଯାଇଥିବା ନେଇ ସଙ୍ଗିନ ଅଭିଯୋଗ ଆସିଛି। ମହାବିପତ୍ତି ବେଳେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି ପୁରୀ ଜିଲା ବ୍ରହ୍ମଗିରି ବ୍ଲକରେ। ପ୍ରଳୟଙ୍କରୀ ବାତ୍ୟାରେ କ୍ଷତିଗ୍ରସ୍ତ ବ୍ରହ୍ମଗିରି ବ୍ଲକର ଚାପମାଣିକ ଗ୍ରାମ ପଞ୍ଚାୟତ ଛାରଖାର ହୋଇଯାଇଛି। ଏହି ପଞ୍ଚାୟତର ବେଢାସୁନ୍ଦର ଗ୍ରାମ କ୍ଷତିଗ୍ରସ୍ତ ହୋଇଥିବାବେଳେ ଉକ୍ତ ଗ୍ରାମକୁ ପ୍ରଶାସନ ତରଫରୁ ପଲିଥିନ, ଚାଉଳ ଓ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ପ୍ରତି କ୍ଷତିଗ୍ରସ୍ତ ପରିବାରଙ୍କୁ ସୁସମ ବଣ୍ଟନ ପାଇଁ ଗ୍ରାମ କୋଠଘରେ ରିଲିଫ ସାମଗ୍ରୀକୁ ମହଜୁଦ ରଖାଯାଇ ବଣ୍ଟନ କରାଯାଇଛି। କିନ୍ତୁ ଏଥିରୁ ବାଦ୍ ପଡ଼ିଛନ୍ତି ଗ୍ରାମର ସୌରୀ ପୂଜାରୀ ଓ ଭିକାରି ପୂଜାରୀ। ସୌରୀ ଜଣେ ବିଧବା ମହିଳା। ଏହି ପରିବାରକୁ ୨୦୧୫ରୁ ଗାଁରୁ ବାସନ୍ଦ କରିବା ସହ ସମସ୍ତ କାର୍ଯ୍ୟରୁ ତାଙ୍କୁ ବାରଣ କରାଯାଇଛି। ଗାଁ କୋଠଘରେ ଦୁଇଦିନ ତଳେ ରିଲିଫ ସାମଗ୍ରୀ ଦିଆଯାଇଥିବାବେଳେ ଏହା ତାଙ୍କୁ ମିଳି ନ ଥିବା ଅଭିଯୋଗ କରନ୍ତି ଭିକାରି। ବାତ୍ୟାରେ ଛାତ ଉଡିଯାଇ ଖୋଲା ଆକାଶ ତଳେ ଏହି ବିପନ୍ନ ପରିବାର ପଡିରହିଥିବାବେଳେ ସେମାନଙ୍କୁ ରିଲିଫ ସାମଗ୍ରୀ ନ ମିଳିବା ସେମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ କଳ୍ପନା ସେଠଙ୍କୁ ପଚାରିବାରେ ସେ କୁହନ୍ତି, ଉକ୍ତ ପରିବାର ଗାଁରେ ବାସନ୍ଦ ଥିବାରୁ କୋଠଘରକୁ ଆସି ରିଲିଫ ନେଇ ନ ଥିବା ଖବର ପାଇଛି। ଶୁକ୍ରବାର ନିଜେ ଯାଇ ସେମାନଙ୍କୁ ରିଲିଫ ଦେଇଆସିବି ବୋଲି କହିଥିଲେ।

■ ବେଳାଭୂମି ଖାଁ ଖାଁ

# ଘାରିଛି ଜୀବିକା ଚିନ୍ତା

■ ମୁଣ୍ଡରେ ହାତ ଦେଇ ବସିଛନ୍ତି ଉଠା ଦୋକାନୀ, ବୁଲା ବେପାରୀ

■ ଘରେ ଚୁଲି ଜଳୁନି, ରିଲିଫକୁ ଭରସା

ପ୍ରଭାତ ପାଣିଗ୍ରାହୀ
ପୁରୀ ଅଫିସ, ୯।୫:

ସ୍ୱର୍ଣ୍ଣାଭ ପୁରୀ ବେଳାଭୂମି ହେଉଛି ଶତାଧିକ ବେପାରୀଙ୍କ ଜୀବନ ଜୀବିକାର ମାଧ୍ୟମ। ଏହା ଉପରେ ବହୁ ଉଠାଦୋକାନୀ, ବୁଲା ବେପାରୀ, ଫଟୋଗ୍ରାଫର, ମସାଜ ମ୍ୟାନ, ଲାଇଫ ଗାର୍ଡ ଏବଂ ନୋଳିଆ ନିର୍ଭର କରି ନିଜ ଗୁଜରାଣ ମେଣ୍ଟାନ୍ତି। ବାତ୍ୟା 'ଫନୀ' ଏମାନଙ୍କ ଜୀବନ ଜୀବିକାକୁ ବେଶ୍ ପ୍ରଭାବିତ କରିଛି। ବେଳାଭୂମିକୁ ଏବେ ପର୍ଯ୍ୟଟକ ଆସୁ ନ ଥିବାରୁ ଏମାନେ ଜୀବିକା ହରାଇଛନ୍ତି। ପେଟପାଟଣା ଚିନ୍ତା ଏମାନଙ୍କୁ ବ୍ୟତିବ୍ୟସ୍ତ କରିପକାଉଛି।

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟଠାରୁ ଷ୍ଟଲିନ ପର୍ଯ୍ୟନ୍ତ ୮କିମି ପରିବ୍ୟାପ୍ତ ପୁରୀ ବେଳାଭୂମି ଏବେ ପର୍ଯ୍ୟଟକଙ୍କ ବିନା ଖାଁ ଖାଁ। ବାତ୍ୟାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ବେଳାଭୂମିର ଉଭୟ ମାର୍ଗରେ ଥିବା ହୋଟେଲରୁ ପର୍ଯ୍ୟଟକଙ୍କୁ ଖାଲି କରିବା ଲାଗି ନିର୍ଦ୍ଦେଶ ଦେଇଥିଲା। ଫଳରେ ବାତ୍ୟା ପୂର୍ବଦିନ ଅର୍ଥାତ୍ ୨ତାରିଖରୁ ପର୍ଯ୍ୟଟକମାନେ ହୋଟେଲ ଛାଡ଼ିଥିଲେ। ଫନୀ ପ୍ରଭାବରେ ସବୁଠୁ ଅଧିକ ପ୍ରଭାବିତ ହୋଇଛି ହୋଟେଲ ଶିଳ୍ପ। ପୁରୀ ସହରର ତାରକା ହୋଟେଲ ସମେତ ଶତାଧିକ ହୋଟେଲ କ୍ଷତିଗ୍ରସ୍ତ ହୋଇଛି।



ପୁରୀ ବେଳାଭୂମୀରେ ବାତ୍ୟାରେ ଭାଙ୍ଗିଯାଇଥିବା ଉଠାଦୋକାନ।

ସେହିପରି ମହାପ୍ରଭୁଙ୍କ ଦର୍ଶନ ସହ ସମୁଦ୍ର ବେଳାଭୂମି ବୁଲିବା ଲାଗି ଶ୍ରୀକ୍ଷେତ୍ରକୁ ପ୍ରତିଦିନ ଛୁଟିଆସେ ଭକ୍ତ ଓ ପର୍ଯ୍ୟଟକଙ୍କ ସୁଅ। ବର୍ଷସାରା ଏଠି ପର୍ଯ୍ୟଟକଙ୍କ ଭିଡ଼ ଜମେ। ତେବେ ଫନୀ ପ୍ରଭାବରେ ପର୍ଯ୍ୟଟକଶୂନ୍ୟ ହୋଇପଡ଼ିଛି ବେଳାଭୂମି। ଦିଗବାରେଣୀ ଖୁଣ୍ଟିଠାରୁ ଶୁଭମ ପ୍ୟାଲେସ ଓ ରାଜଭବନ ପଛପଟ ବେଳାଭୂମିଠାରୁ ମେ'ଫେୟାର ପର୍ଯ୍ୟନ୍ତ ବେଳାଭୂମିରେ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ଏବେ ଏହି ସ୍ଥାନ କୋଳାହଳଶୂନ୍ୟ। ବାତ୍ୟା ଯୋଗୁ ବେଳାଭୂମିର ଉଠାଦୋକାନୀ ଓ ବୁଲା ବେପାରୀଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି। ଦୈନିକ ବୁଲା ବେପାରୀମାନେ ମାଳି, ଶଙ୍ଖ, ଷ୍ଟୋନ, ଶାମୁକା, ଝାଲମୁଢି, ଦହିବରା, ପଇଡ ଆଦି ବିକି ଗୁଜୁରାଣ ମେଣ୍ଟାନ୍ତି। ଏବେ ପର୍ଯ୍ୟଟକ ଆସୁ ନ ଥିବାରୁ ଏମାନଙ୍କ ପେଟପାଟଣା ଚିନ୍ତା ବଢ଼ିଯାଇଛି। ବେଳାଭୂମିରେ ଶତାଧିକ ଫଟୋଗ୍ରାଫର ପର୍ଯ୍ୟଟକଙ୍କ ଫଟୋ ଉଠାଇ ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ଏମାନେ ମଧ ଏବେ ହାତ ବାନ୍ଧି ବସିଛନ୍ତି। ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ନିୟୋଜିତ ଥିବା ଅଗ୍ନିଶମ ବିଭାଗର ଲାଇଫଗାର୍ଡଙ୍କ ସମେତ ଘରୋଇ ଲାଇଫଗାର୍ଡ ଓ ନୋଳିଆମାନେ ପର୍ଯ୍ୟଟକଙ୍କୁ ସମୁଦ୍ରରେ ସ୍ନାନ କରିବାରେ ସହଯୋଗ କରି ଏବଂ ବେଳାଭୂମିରେ ପ୍ଲାଷ୍ଟିକ ଚେୟାର ପକାଇ ଘଣ୍ଟାକ ହିସାବରେ କିଛି ଟଙ୍କା ଆଦାୟ କରିଥାନ୍ତି। ସେହିପରି ପର୍ଯ୍ୟଟକଙ୍କୁ ମସାଜ କରି କେତେଜଣ ମସାଜ ମ୍ୟାନ କିଛି ଟଙ୍କା ପାଇଥାନ୍ତି। ବିଦେଶୀ ପର୍ଯ୍ୟଟକ ବର୍ତ୍ତମାନ ବେଳାଭୂମିକୁ ଆସିବା ବନ୍ଦ ରହିଛି। ଫଳରେ ଏମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ବେଳାଭୂମିରେ ଘୋଡ଼ା, ଓଟରେ ପର୍ଯ୍ୟଟକଙ୍କୁ ବସାଇ ବୁଲାଉଥିବା ବେପାରୀମାନେ ମଧ ଏଥିରୁ ବାଦ୍ ପଡ଼ିନାହାନ୍ତି। ଏପରିକି ବହୁ ଟ୍ରାଭେଲ୍ସ ସଂସ୍ଥାଙ୍କ ବେପାର ଠପ୍ ହୋଇଯାଇଛି। ସେହିପରି ବାତ୍ୟାରେ କାହାର ଚାଳ ଛପର ତ ଆଉ କାହାର ଆଜବେଷ୍ଟସ ଉଡ଼ିଯାଇଛି। ଘର ଉପରେ ଗଛ, ବିଦ୍ୟୁତ ଖୁଣ୍ଟ ପଡ଼ିରହିଛି। ଭୋକ ଉପାସରେ ଦିନ କାଟୁଛନ୍ତି ବହୁ ବେପାରୀ, ନୋଳିଆଙ୍କ ପରିବାର। ସେମାନେ ରିଲିଫ ସାମଗ୍ରୀକୁ ଚାହିଁବସିଛନ୍ତି।

# ବାତ୍ୟାରେ ଉଜୁଡ଼ିଗଲା ସତ୍ୟବାଦୀ ବକୁଳବନ

■ ଅସୁରକ୍ଷିତ ଅବସ୍ଥାରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି

■ ସାକ୍ଷୀଗୋପାଳ ମନ୍ଦିରରେ କୋଟିଏ ଟଙ୍କାର କ୍ଷତି

କିଶୋର ମହାପାତ୍ର
ସାକ୍ଷୀଗୋପାଳ, ୯।୫(ଡି.ଏନ୍.ଏ.)

ଫନୀ ତାଣ୍ଡବରେ ଉଜୁଡ଼ିଯାଇଛି ଐତିହାସିକ ବକୁଳବନ। ବାତ୍ୟାରେ ବକୁଳବନରେ ରହିଥିବା ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ବୃକ୍ଷ କ୍ଷତିଗ୍ରସ୍ତ ହୋଇଛି। ଗ୍ରାମୀଣ ପର୍ଯ୍ୟଟନ ବିକାଶ ଜରିଆରେ ଏଠାରେ କରାଯାଇଥିବା ଉନ୍ନୟନ କାମ ଧୂଳିସାତ୍ ହୋଇଛି। ଓଡ଼ିଆ ଜାତିର ଦୀପଶିଖା କୁହାଯାଉଥିବା ପଞ୍ଚସଖାଙ୍କ ବ୍ରୋଞ୍ଜ ନିର୍ମିତ ମୂର୍ତ୍ତି ଅସୁରକ୍ଷିତ ଅବସ୍ଥାରେ ଭଙ୍ଗା ଗଛଲତା ଘେରରେ ରହିଛି। ବଉଳ, ଛୁରିଆନା, କଦମ୍ବ, ଆମ୍ବ, ପୋଲାଙ୍ଗ, ଖିରିକୋଳି, ଚାକୁଣ୍ଡା, ଝାଉଁ, ଆକାଶୀ, ଓଉ, ତେନ୍ତୁଳି ପରି ଅନେକ ଗଛ ଭାଙ୍ଗିପଡ଼ିଛି। ଗଛ ପଡ଼ିଯିବାରୁ ପଞ୍ଚସଖା ମଣ୍ଡପ, ପର୍ଯ୍ୟଟକଙ୍କ ବିଶ୍ରାମ ପିଣ୍ଡି, ମୁକ୍ତାକାଶ ରଙ୍ଗମଞ୍ଚ, ଗ୍ୟାଲେରି, ଗ୍ରୀନ୍ ରୁମ୍, ପାଦଚଲା ରାସ୍ତା ଆଦି ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳିଛି।

ବକୁଳବନର ବିକଶିତ ଅଞ୍ଚଳ ୧୯ ଏକର ୫୬ ଡେସିମିଲ୍ ପାଖକୁ ଲାଗିରହିଥିବା ସିଦ୍ଧବକୁଳ ମନ୍ଦିର, ପଞ୍ଚସଖା ସମାଧିପୀଠ ସଂଲଗ୍ନ ୧୦ ଏକର ସହ ସମୁଦାୟ ୨୯ ଏକର ଜମିର ସବୁଜ ବଳୟ ଛାର୍‌ଖାର ହୋଇଯାଇଛି। ଶ୍ରୀଜୀଉଙ୍କ ସେନାପଟା ଓ ବାହୁଟ ସେବା ନିମନ୍ତେ ପ୍ରସ୍ତୁତ କରାଯାଇଥିବା ବଉଳ ବାଟିକାରେ ଅନେକ ବଉଳ ଗଛ ଭାଙ୍ଗିପଡ଼ିଛି। ଏହା ବ୍ୟତୀତ ସାକ୍ଷୀଗୋପାଳଙ୍କ ନଡ଼ିଆ ବଗିଚା ମଧ୍ୟରେ ବ୍ରହ୍ମଚାରୀ, ଜାଇବଗିଚା, ବାଲିଆଖିଆ, ବଙ୍ଗଳାବାଡି, ଛଚିହୋତା, ନଆର ବାଡ଼ି, ପଣସପାଟଣା, ଗୋପାଳପୁରପାଟଣା, ବିଜେଦାଣ୍ଡ ଆଖପାଖରେ ରହିଥିବା ୧୫ଶହ ନଡିଆ ଗଛରୁ କାଁ ଭାଁ ଅଳ୍ପ କିଛି ବାତ୍ୟା ପ୍ରକୋପରୁ ବର୍ତ୍ତିଯାଇଛି। ଘରଭଡ଼ା, ପାର୍କିଂ, ଭେଟ ଓ ଦାନ ଆଦିରୁ ମନ୍ଦିରର ଆୟ ହେଉଥିବା ପ୍ରାୟ ଏକକୋଟି ଟଙ୍କାର


ବିଶ୍ୱବିଦ୍ୟାଳୟ ସ୍ଥାପନ ବେଳେ ମୁଖ୍ୟମନ୍ତ୍ରୀ ରୋପଣ କରିଥିବା ବଉଳ ଚାରା ବଞ୍ଚିଛି।

କ୍ଷତି ହୋଇଛି ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର କହିଛନ୍ତି। ପ୍ରତିଦିନ ଠାକୁରଙ୍କ ନୀତିରେ ଲାଗୁଥିବା ୧୧ଟି ପଇଡ଼, ୫ଟି ନଡ଼ିଆ ସହିତ ପର୍ବପର୍ବାଣିରେ ଆବଶ୍ୟକ ଅଧିକ ନଡ଼ିଆ ଓ ପଇଡ ଯୋଗାଇବା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ବାତ୍ୟାରେ ବିଦ୍ୟୁତ୍ ସେବା ବନ୍ଦ ରହିଥିବାରୁ ମନ୍ଦିରରେ ଦୈନିକ ୧୫ରୁ ୧୮ଘଣ୍ଟା ଜେନେରେଟର ଚଳାଇବାକୁ ୧୫ ହଜାର ଅଧିକ ଖର୍ଚ୍ଚ ତୁଲାଇବାକୁ ପଡୁଛି।

ଏସବୁ ସତ୍ତ୍ୱେ ଚର୍ଚ୍ଚାକୁ ଆସିଥିବା ମୁଖ୍ୟମନ୍ତ୍ରୀ ଲଗାଇଥିବା ବଉଳ ଚାରା ଜୀବିତ ରହିଛି। ସେଥିରୁ କିଛି ସବୁଜପତ୍ର ବାତ୍ୟା ମାଡ଼ରେ ଝଡ଼ିପଡ଼ିଛି। ସୁରକ୍ଷା ନିମନ୍ତେ ରହିଥିବା ଘେର ଉଡ଼ିଯାଇ ଗଛଟି ଖୋଲାରେ ଥିବା ଦେଖାଯାଇଛି।

# ୧୫ ଯାଏ ରାଜ୍ୟ ସଂଗ୍ରହାଳୟ ବନ୍ଦ

ଭୁବନେଶ୍ୱର,୯।୫(ବ୍ୟୁରୋ)

ବାତ୍ୟା 'ଫନୀ' ପ୍ରଭାବରେ ରାଜ୍ୟ ସଂଗ୍ରହାଳୟ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ସଂସ୍କୃତି ବିଭାଗ ପକ୍ଷରୁ କୁହାଯାଇଛି। ସଂଗ୍ରହାଳୟ ପରିସରରେ ରହିଥିବା ଉଦ୍ୟାନ ସମେତ ସୌନ୍ଦର୍ଯ୍ୟକରଣରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିରାଟ ଗଛଗୁଡ଼ିକ ଧରାଶାୟୀ ହୋଇଯାଇଛି। ପ୍ରବଳ ବର୍ଷା, ପବନରେ ଝରକାଗୁଡ଼ିକ ଭାଙ୍ଗିରୁଜି ଯିବା ସହ ପାଣି ମାଡ଼ରେ କେତେକ ଗ୍ୟାଲେରି କ୍ଷତିଗ୍ରସ୍ତ ହୋଇଛି।

### ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ବିଶେଷ କ୍ଷତିଗ୍ରସ୍ତ

ବିଭିନ୍ନ ସ୍ଥାନରେ ଥିବା ବିଦ୍ୟୁତ୍ ସଂଯୋଗ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏସିଗୁଡ଼ିକ କାର୍ଯ୍ୟ କରୁନି। ଏହିସବୁ କାରଣରୁ ସଂଗ୍ରହାଳୟରେ ଦର୍ଶକଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରି ନ ଥିବାରୁ ସଂଗ୍ରହାଳୟ ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ସବୁକିଛି ବ୍ୟବସ୍ଥିତ କରିବା ସହିତ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି। ସ୍ଥିତି ସ୍ୱାଭାବିକ ହେଲେ ୧୬ତାରିଖରୁ ସଂଗ୍ରହାଳୟ ଖୋଲିଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

ଅନ୍ୟପକ୍ଷରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମଧ ସମାନ ଅବସ୍ଥା ଉପୁଜିଛି। ମଦନପୁରସ୍ଥିତ ଏହି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ର ପ୍ରାଚୀର, ପ୍ରଶାସନିକ କୋଠାର କାଚ ଝରକା, ସମ୍ମିଳନୀ କକ୍ଷ ଝରକା, ଛାତ୍ରାବାସ ଦ୍ୱୟର ଦୁଆର ଝରକା, ଛାତ୍ରୀନିବାସ ମୁଖ୍ୟ ଫାଟକ, ଛାତ୍ରାବାସର ଆଜ୍‌ବେଷ୍ଟସ୍ ଛାତ ଭାଙ୍ଗିବା ସହିତ ପରିସରରେ ବହୁ ସଂଖ୍ୟାରେ ଗଛ ଭାଙ୍ଗିପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଉଭୟ ଛାତ୍ରାବାସକୁ ବନ୍ଦ କରିଦିଆଯାଇଛି। ସଂସ୍କୃତି ବିଭାଗ ଅଧୀନରେ ରହିଥିବା ରାଜ୍ୟ ସଂଗ୍ରହାଳୟ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ସବୁପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି।


ସତ୍ୟବାଦୀ ସରକାରୀ କୃଷି ଫାର୍ମରେ ଫନୀରେ ଭାଙ୍ଗି ଓ ଉପୁଡ଼ି ପଡ଼ିଥିବା ନଡ଼ିଆ ଗଛ ।


ଗୁରୁଦ୍ୱାର ସିଂ ସେବା ପକ୍ଷରୁ ଗୁରୁବାର ଭୁବନେଶ୍ୱରର ବାତ୍ୟା ବିପନ୍ନଙ୍କୁ ରନ୍ଧାଖାଦ୍ୟ ବଣ୍ଟାଯାଉଛି।


ଭୁବନେଶ୍ୱର ବସ୍ତି ଅଞ୍ଚଳରେ ବାତ୍ୟା ଦ୍ୱାରା ସୃଷ୍ଟି ହୋଇଥିବା ବର୍ଜ୍ୟବସ୍ତୁ ହଟାଯାଉଛି।


ଭୁବନେଶ୍ୱର ଭିଏସ୍‌ଏସ୍ ନଗର ଏକ ଘର ଉପରେ ବାତ୍ୟାରେ ପଡ଼ିଯାଇଥିବା ଟେଲିକମ୍ ଟାୱାର ।

# ପୁରୀ ସଦର ଶିକ୍ଷା ଭିତ୍ତିଭୂମି ବିଧ୍ୱସ୍ତ

■ ସବୁ ଆଜବେଷ୍ଟସ୍ ସ୍କୁଲ ଗୃହ ଭାଙ୍ଗିଯାଇଛି

■ ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଅନୁଦାନ ଦାବି

ଫନୀ କୋପ

ଚିଦାନନ୍ଦ ଜେନା
ଭୁବନେଶ୍ୱର, ୯।୫(ବ୍ୟୁରୋ)

ସାମୁଦ୍ରିକ ଝଡ଼ 'ଫନୀ' ପ୍ରଭାବରେ ପୁରୀ ସହର ଓ ସଦରବାସୀ ବହୁମାତ୍ରାରେ ପ୍ରଭାବିତ ହୋଇଛନ୍ତି। ସହରରେ ଥିବା ଅଧିକାଂଶ ପର୍ଯ୍ୟଟନ, ବାଣିଜ୍ୟ, ଟେଲିଫୋନ୍ ସେବା ଭିତ୍ତିଭୂମି ଧ୍ୱଂସସ୍ତୂପରେ ପରିଣତ ହୋଇଛି। ସେହିପରି ପୁରୀ ସଦରରେ ଥିବା ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ହାଇସ୍କୁଲ ଘର କ୍ଷତିଗ୍ରସ୍ତ ହୋଇଛି। କେବଳ କୋଠାଘର ଥିବା କିଛି ବିଦ୍ୟାଳୟ ଫନୀ ପ୍ରକୋପରୁ ବର୍ତ୍ତିଯାଇଛି, ହେଲେ କେତେକ ଘର ଉପରେ ଏବେ ବି ନଡ଼ିଆ ଗଛ ପଡ଼ିରହିଛି। ପୁରୀ ସଦର ଅନ୍ତର୍ଗତ ବାଲିଗୁଆଳି, ସମଗରା, ବେଲଦଳ, ବୀରହରେକୃଷ୍ଣପୁର, ଗୋପୀନାଥପୁର, ବୀରନରସିଂହପୁର ଆଦି ଅଞ୍ଚଳର ଆଜବେଷ୍ଟସ ଥିବା ସ୍କୁଲ ଗୃହ କ୍ଷତିଗ୍ରସ୍ତ ହୋଇଛି। ତୃଣମୂଳସ୍ତରରେ ଫନୀଜନିତ ବିଦ୍ୟାଳୟ କ୍ଷୟକ୍ଷତି ଅନୁଧ୍ୟାନ ପାଇଁ ଧରିତ୍ରୀ ପକ୍ଷରୁ ବାଲିଗୁଆଳି ପଞ୍ଚାୟତର ବାଲିଗୁଆଳି, ସମଗରା ପଞ୍ଚାୟତର ସମଗରା, ନାଗାପାଟଣା ସ୍କୁଲ ଗସ୍ତ କରାଯାଇଥିଲା।

ମୁଖଶାଳାରୁ ପ୍ରଥମ ୧୦ଟି ଶ୍ରେଣୀ ପାଇଁ ଥିବା ଆଜବେଷ୍ଟସ ଗୃହ ଭାଙ୍ଗିଯାଇଛି। ଅବିଭକ୍ତ ବାଲିଗୁଆଳି ପଞ୍ଚାୟତର ବହୁସଂଖ୍ୟକ ଛାତ୍ରୀଛାତ୍ର ଏଠାରେ ଶିକ୍ଷା ଗ୍ରହଣ କରିଛନ୍ତି। ୫୦୦ରୁ ଅଧିକ ପିଲା ଏହି ବିଦ୍ୟାଳୟ ଉପରେ ନିର୍ଭରଶୀଳ। ସେହିପରି ସମଗରା ହାଇସ୍କୁଲ ମୁଖ୍ୟଦ୍ୱାର ବାମପଟେ ଥିବା କିଛି କୋଠାଘର ସୁରକ୍ଷିତ ଥିବା ବେଳେ ସମସ୍ତ ଆଜବେଷ୍ଟସ ଶ୍ରେଣୀଗୃହ ଭାଙ୍ଗିଯାଇଛି। ନିକଟସ୍ଥ ନାଗାପାଟଣା ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟ ମଧ କ୍ଷତିଗ୍ରସ୍ତ ହୋଇଛି। ବର୍ତ୍ତମାନ ଖରାଛୁଟି ସମୟ। ବିଦ୍ୟାଳୟ ବନ୍ଦ ରହିଛି, ଛୁଟି ମଧରେ ଯଦି ଶ୍ରେଣୀ ଗୃହଗୁଡିକର ପୁନରୁଦ୍ଧାର କରା ନ ଯାଏ, ତେବେ ଶିକ୍ଷାଦାନ ବାଧାପ୍ରାପ୍ତ ହେବ। ସଦରର ଏହି ସ୍କୁଲଗୁଡିକ କେବଳ ଶିକ୍ଷାଦାନ ନୁହେଁ, ଗାଁର ଅନେକ ସାମାଜିକ କାର୍ଯ୍ୟରେ ମଧ ବ୍ୟବହୃତ ହୋଇଥାଏ। କ୍ଷୟକ୍ଷତି ସମ୍ପର୍କରେ ବାଲିଗୁଆଳିର ବିଭୂତି ପ୍ରଧାନ କୁହନ୍ତି ଯେ, ଅଶୀ ଦଶକରୁ ନିର୍ମିତ ଏହି ଗାଁ ସ୍କୁଲ ସହ ସମସ୍ତଙ୍କ ସ୍ମୃତି ଜଡ଼ିତ। ଅତୀତରେ ସ୍କୁଲ ଅନେକ କ୍ଷୟକ୍ଷତି ସହିଛି। ହେଲେ ଫନୀ ତାଣ୍ଡବ ସ୍କୁଲକୁ ପୂରା ବିଧ୍ୱଂସ କରିଦେଇଛି। ଆଜବେଷ୍ଟସ ବାତ୍ୟା ସମ୍ଭାଳିପାରୁନାହିଁ। ତେଣୁ ଭାଙ୍ଗିଯାଇଥିବା ଗୃହ ଗୁଡିକୁ ପକ୍କାଘର କରାଯାଉ ବୋଲି ବିଭୂତି କହିଛନ୍ତି। ସେହିପରି ରମେଶ କୁମାର ଜେନା କହିଛନ୍ତି ଯେ, ୪ଟି ବଡ଼ସାହିକୁ ନେଇ ବାଲିଗୁଆଳି ଗାଁ। କାହାର


ଫନୀରେ କ୍ଷତିଗ୍ରସ୍ତ ବାଲିଗୁଆଳିରେ ଥିବା ଶାରଦା ବିହାର ବିଦ୍ୟାଳୟ। ଫଟୋ–ଯଜ୍ଞେଶ୍ୱର ମହାନ୍ତି

ବାହାଘର କିମ୍ବା ମୃତ୍ୟୁଜନିତ କାର୍ଯ୍ୟରେ ସ୍କୁଲ ଘରେ ଭୋଜି ହୁଏ। ଅଙ୍ଗନୱାଡ଼ି କାର୍ଯ୍ୟ, ଭୋଟଦାନ ମଧ ସ୍କୁଲ ଘରେ ହୋଇଥାଏ। ଗାଁର ଯୁବକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏଠାରେ ପ୍ରଶିକ୍ଷଣ ନେଇଥାଆନ୍ତି। ତେଣୁ ଶିକ୍ଷାଦାନ ସହ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ବିଦ୍ୟାଳୟ କ୍ଷୟକ୍ଷତିକୁ ଆକଳନ କରାଯାଉ। ପ୍ରଶାସନ କ୍ଷୟକ୍ଷତି ଆକଳନ କରି ତୁରନ୍ତ ସହାୟତା ପ୍ରଦାନ କରୁ। ବିଦ୍ୟାଳୟ ପୁନରୁଦ୍ଧାରରେ ପ୍ରଶାସନକୁ ଗାଁବାସୀଙ୍କ ପକ୍ଷରୁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ରମେଶ ପ୍ରକାଶ କରିଛନ୍ତି। ବୀରହରେକୃଷ୍ଣପୁର ବିଦ୍ୟାଳୟ ମଧ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରିଥାଏ। ୧୯୭୧ ମସିହାରେ ଏହି ସ୍କୁଲର ଛାତ୍ର ଚନ୍ଦ୍ରଶେଖର ଦାସ ସାରା ରାଜ୍ୟରେ ସର୍ବୋଚ୍ଚ ନମ୍ବର ରଖି ମାଟ୍ରିକ୍ ଟପ୍ପର ହୋଇଥିଲେ। ପରବର୍ତ୍ତୀ ସମୟରେ ଏହି ବିଦ୍ୟାଳୟରୁ ଅନେକ ଛାତ୍ର ଦକ୍ଷ ପ୍ରଶାସକ, ସୈନିକ ଏବଂ ରାଜନୀତିଜ୍ଞ ହୋଇ ବାହାରିଛନ୍ତି। ଫନୀ ଦ୍ୱାରା ଗାଁର ପ୍ରାଥମିକ ସ୍କୁଲ ସହ ହାଇସ୍କୁଲର କିଛି ପୁରୁଣା ଶ୍ରେଣୀଗୃହ କ୍ଷତିଗ୍ରସ୍ତ ହୋଇଛି। ସଦର ଅଞ୍ଚଳର ଅନେକ ଗୃହ କ୍ଷୟକ୍ଷତି ନେଇ ସର୍ଭେ ଆରମ୍ଭ ହୋଇଥିବାବେଳେ ସ୍କୁଲଗୁଡ଼ିକ ପ୍ରତି ଦୃଷ୍ଟି ଦିଆଯାଇନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଇଛି। ଶିକ୍ଷାବିତ୍ ଅଜୟ କୁଅଁରଙ୍କ କହିବାନୁଯାୟୀ ରାଜ୍ୟ ସରକାର ଫନୀ ପ୍ରଭାବିତ ଗ୍ରାମୀଣ ଶିକ୍ଷା ଭିତ୍ତିଭୂମିର ସ୍ୱତନ୍ତ୍ର ଆକଳନ କରନ୍ତୁ। ଖରାଛୁଟିରେ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସହ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ଭଳି ଗୃହ ନିର୍ମାଣ କରନ୍ତୁ। ସେହିପରି ନାଗାପାଟଣା ବାସିନ୍ଦା କୈଳାସ ସ୍ୱାଇଁ କହିଛନ୍ତି ଯେ, ପ୍ରାୟ ଦେଢ ବର୍ଷ ତଳେ 'ମୋ ସ୍କୁଲ' ଯୋଜନା ଆରମ୍ଭ କରାଯାଇଥିଲା। ଏହି ଯୋଜନାର ସୁପରିଚାଳନା କରାଯାଇପାରିଲେ, ତାହା ଫଳପ୍ରଦ ହୋଇପାରିବ।



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନାଁ କାହିଁକି, ତୁମେ ଅପରକୁ କୌଣସି ପ୍ରକାର ଆଘାତ ଦିଅନାହିଁ।
- ଗୌତମବୁଦ୍ଧ



## ସଂକ୍ଷେପରେ

### ରାଶନ କାର୍ଡ ନ ଥିବା ବସ୍ତିବାସିନ୍ଦାଙ୍କୁ ରିଲିଫ ପ୍ରଦାନ ପାଇଁ ଦାବି
ଏସ୍ଆର୍ସିଙ୍କୁ ଭେଟିଲା ଭୁବନେଶ୍ୱର ଉନ୍ନୟନ ପରିଷଦ

**ଭୁବନେଶ୍ୱର,୯।୫(ବ୍ୟୁରୋ):** ରାଶନ କାର୍ଡ ନଥିବା ବସ୍ତିବାସିନ୍ଦଙ୍କୁ ତୁରନ୍ତ ରିଲିଫ ପ୍ରଦାନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ ପରିଷଦ ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀଙ୍କୁ ଦାବି ଜଣାଇଛି। ପ୍ରଳୟଙ୍କରୀ ବାତ୍ୟା 'ଫନୀ' ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ଭୁବନେଶ୍ୱରର ବସ୍ତିବାସିନ୍ଦା ହୋଇଛନ୍ତି। ସମସ୍ତ ବସ୍ତିବାସିନ୍ଦାଙ୍କ ଘରର ଛପର ପ୍ରାୟତଃ ଉଡ଼ିଯାଇଛି। ପିଲାଛୁଆ ଧରି ଅତି ଦୟନୀୟ ଅବସ୍ଥାରେ ରହିଛନ୍ତି। ସରକାର ରାଶନ କାର୍ଡ ଥିବା ଲୋକଙ୍କୁ କେବଳ ରିଲିଫ୍ ପ୍ରଦାନ କରୁଛନ୍ତି। ବସ୍ତିରେ ଅନେକ ଲୋକଙ୍କର ରାଶନ କାର୍ଡ ନାହିଁ। ସେମାନଙ୍କ ଅବସ୍ଥା କହିଲେ ନ ସରେ। ସରକାର ବିଗତ ଦିନରେ ଏକ ହାଉସ ହୋଲ୍ଡ ସର୍ଭେ କରିଥିଲେ। ବାତ୍ୟା କ୍ଷତିଗ୍ରସ୍ତ ସମସ୍ତ ବସ୍ତିବାସିନ୍ଦାଙ୍କୁ ରିଲିଫ୍ ପ୍ରଦାନ ପାଇଁ ଉନ୍ନୟନ ପରିଷଦର ଏକ ଜରୁରୀ ବୈଠକରେ ପ୍ରସ୍ତାବ ଆସିବା ପରେ ପରିଷଦର କର୍ମକର୍ତ୍ତାମାନେ ଏସ୍ଆର୍ସିଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଦାବି ଜଣାଇଥିଲେ। ଏସ୍ଆର୍ସି ସଙ୍ଗେ ସଙ୍ଗେ ପଦକ୍ଷେପ ନେଇ ଭୁବନେଶ୍ୱର ମହାନଗର ନିଗମର କମିଶନଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ରାଶନ କାର୍ଡ ନ ଥିବା ବସ୍ତିବାସିନ୍ଦାଙ୍କୁ ରିଲିଫ ପ୍ରଦାନ କରାଯିବ। ଏହି ପ୍ରତିନିଧି ମଣ୍ଡଳୀରେ ପରିଷଦର ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ଜାତୀୟ ମାନବାଧିକାର କମିଶନ କୋର ସଦସ୍ୟ ମନୋଜ ଜେନା, ଷ୍ଟେଟ ପ୍ରୋଗ୍ରେସିଭ ଓ୍ୱିମେନ୍ସ ଫୋରମ ଅଧ୍ୟକ୍ଷା ଡ. ମମତା ସାମନ୍ତରାୟ, ଓଡ଼ିଶା ଅଭିଭାବକ ମହାସଂଘ ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

### ବାଇକ୍ ଚୋରି ଉଦ୍ୟମ, ୪ ଗିରଫ

**ବାଲିଅନ୍ତା,୯।୫(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ଗଣ୍ଡିଲୋ ଗ୍ରାମରେ ମଙ୍ଗଳବାର ରାତିରେ ଜଣଙ୍କ ଘରେ ପଶି ବାଇକ୍ ଚୋରି ଉଦ୍ୟମ କରୁଥିବା ୪ଜଣ ଯୁବକଙ୍କୁ ଗ୍ରାମବାସୀ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ନେଇ ପୋଲିସ ସେମାନଙ୍କୁ ପଚରାଉଚୁରା ପରେ ଗିରଫ କରିଛି। ସେମାନେ ହେଲେ ପଞ୍ଚଳ ଗ୍ରାମର ସନ୍ତୋଷ ଦାସ(୨୪), ଚମ୍ପାବସ୍ତ ଗ୍ରାମର ସୁଶାନ୍ତ କୁମାର ଦାସ(୩୭), ଶୁଦ୍ଧଷଡଙ୍ଗୀର କବିନ୍ଦ୍ର ମଲ୍ଲିକ(୨୬) ଓ ବ୍ରାହ୍ମଣଝରିଲୋ ଗ୍ରାମର ତୋଫାନ ଦାସ(୨୫)। ପୋଲିସ ସେମାନଙ୍କଠାରୁ ନଂ ଓଡି ୩୩ପି ୭୪୬୫ ବିଶିଷ୍ଟ ଏକ ଅଟୋକୁ ଜବତ କରିଛି। ଏ ସମ୍ପର୍କରେ ପୋଲିସ ନଂ ୧୧୬/୧୯ରେ ଏକ ମାମଲା ରୁଜୁ କରିଛି।

## ଅଣ୍ଟା ସଳଖୁଛନ୍ତି ରାଜଧାନୀବାସୀ

# ଗ୍ରାହକଙ୍କୁ ଲୁଟୁଛନ୍ତି ହୋଟେଲ, ଢାବା

ଭୁବନେଶ୍ୱର, ୯।୫(ବ୍ୟୁରୋ)

ବାତ୍ୟା 'ଫନୀ' ରାଜଧାନୀବାସୀଙ୍କୁ ଦେଇଯାଇଛି ଯନ୍ତ୍ରଣା। ଖାଦ୍ୟଠାରୁ ଆରମ୍ଭ କରି ପାନୀୟ ଜଳ ପର୍ଯ୍ୟନ୍ତ ସବୁଠି ଅଭାବ ଦେଖିବାକୁ ମିଳୁଛି। ହେଲେ ଏବେ ପରିସ୍ଥିତି କିଛିଟା ସୁଧୁରିଛି। ଧୀରେ ଧୀରେ ଦୋକାନ ବଜାର ଖୋଲିଲାଣି। ସେମାନେ ପୂର୍ବ ଅପେକ୍ଷା ଚଢାଦାମ ନେଉଛନ୍ତି। ବିଶେଷକରି ଏହାର ଫାଇଦା ଅନେକ ଦୋକାନୀ ନେଉଛନ୍ତି। ସେମାନେ ଏହିସବୁ ଦାମର ନିର୍ଦ୍ଧାରିତ ଦାମଠାରୁ ଅଧିକ ଚଢା ଦାମରେ ସାମଗ୍ରୀ ବିକ୍ରି କରୁଛନ୍ତି। ଗ୍ରାହକ ବିଚରା ବଞ୍ଚିବା ପାଇଁ ବାଧହୋଇ ଏହି ସବୁ ସାମଗ୍ରୀ କିଣି ନେଉଛନ୍ତି। ହେଲେ ଏ ନେଇ ପ୍ରଶାସନ ନିକଟରେ କୌଣସି ଖବର ନାହିଁ। ସାଧାରଣ ଲୋକଙ୍କୁ ସୁବିଧା ଯୋଗାଇ ଦେବାରେ ପ୍ରଶାସନ ଏକ ପ୍ରକାର ଫେଲ ମାରିଛି। ବିଶେଷ କରି ରାଜଧାନୀରେ ଥିବା ଏକାଧିକ ହୋଟେଲ ଏବଂ ଢାବା ଗ୍ରାହକଙ୍କୁ ଲୁଟୁଛନ୍ତି। କାଁ ଭାଁ କେଉଁଠି ଯଦି ହୋଟେଲ ଖୋଲୁଛି ସେମାନେ ମୁଣ୍ଡପିଛା ମିଲ୍ ୧୫୦ ଟଙ୍କା ନେଉଛନ୍ତି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ହେଲେ ବଞ୍ଚିବା ପାଇଁ ବାଧହୋଇ ଲୋକମାନେ ଖାଉଥିବା ଦେଖିବାକୁ ମିଳିଛି। ହାତଗଣତି ହୋଟେଲ ନୁହେଁ ଏକାଧିକ ହୋଟେଲ ଏଭଳି କରୁଥିବା ଦେଖିବାକୁ ମିଳିଛି। ଏଭଳି ଚଢାଦାମ କାହିଁକି କରିଥିବା ପଚାରିବାରୁ ସେମାନେ ପଲଟା ଜବାବ ଦେଉଛନ୍ତି, ଖାଇବ ଯଦି ଖାଅ, ନ ହେଲେ ଆଗକୁ ଯାଅ ଦେଖିବ। ଏ ସମୟରେ ତୁମକୁ କେହି ରୋଷେଇ କରି ଦେବେ ନାହିଁ। ପରିବା ଓ ପାଣି ଦାମ୍ ଯାହା ଏଥିରେ ରୋଷେଇ କରିବା କଷ୍ଟକର ହୋଇପଡୁଛି। ତେଣୁ ମିଲ୍ ଦାମ ଏଭଳି ବଢାଇ ଦିଆଯାଇଛି।

### ଏନ୍‌ଡିଆରଏଫ୍ ଟିମ୍‌କୁ ବି ଛାଡିଲେନି



ବାତ୍ୟା କ୍ଷତିଗ୍ରସ୍ତ ହେବା ପରେ ଉପୁଡି ପଡିଥିବା ଗଛ କାଟିବାକୁ ରାଜ୍ୟ ବାହାରୁ ଏନ୍‌ଡିଆରଏଫ୍ ଟିମ୍ ଏଠାକୁ ଆସିଛନ୍ତି। ସେମାନଙ୍କୁ ଖାଇବାକୁ

### ଗୋଟିଏ ମିଲ୍‌କୁ ନେଉଛନ୍ତି ୧୫୦ ଟଙ୍କା

ସମସ୍ୟା ଦେଖାଦେଉଛି। ବିଶେଷ କରି ସେମାନେ ଲେମ୍ବୁ ଓ ଚିନି ପାଣି କରି ନିଜର ଶୋଷ ମେଣ୍ଟାଉଛନ୍ତି। ସେମାନେ ଖାଇବାକୁ ରାଜଧାନୀରେ ଖୋଲା ଥିବା ଏକ ହୋଟେଲକୁ ଯାଇଥିଲେ। ହେଲେ ସେମାନଙ୍କଠାରୁ ମିଲ୍ ପିଛା ୧୫୦ ଟଙ୍କା ଦେବାକୁ କୁହାଯାଇଥିଲା। ଏହାକୁ ନେଇ ଗୁରୁବାର ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ହୋଟେଲ ଏନ୍‌ଡିଆରଏଫ୍ ଟିମଠାରୁ ଚଢା ଦାମ୍ ନେଉଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଜଣେ ଲୋକ ଏହାର ବିରୋଧ କରିଥିଲେ। ସେ କହିଥିଲେ ଅନ୍ୟ କୌଣସି ଲୋକଙ୍କଠାରୁ ଟଙ୍କା ନେବା ଠିକ୍ ଅଛି। ହେଲେ ଆମକୁ ସହଯୋଗ କରିବାକୁ ବାହାର ରାଜ୍ୟରୁ ଆସିଥିବା ଟିମ୍‌ଠାରୁ ଏଭଳି ଦାମ୍ ନେବା ଠିକ୍ ନୁହେଁ। ଏହାକୁ ନେଇ ହୋଟେଲ ମାଲିକ ଓ ବ୍ୟକ୍ତିଙ୍କ ମଧ୍ୟରେ ବଚସା ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ହୋଟେଲ ମାଲିକ ଟଙ୍କା କମାଇବାରୁ ସବୁ ଠିକ୍ ହୋଇଥିଲା।

### ବଡବଡ଼ିଆଙ୍କ ପାଇଁ ତାରକା ହୋଟେଲ

ରାଜଧାନୀର କେତେକ ଅଞ୍ଚଳବାସୀଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଗଲାଣି। ହେଲେ ଏବେବି ଅଧିକାଂଶ ଅଞ୍ଚଳକୁ ବିଦ୍ୟୁତ୍ ଦିଆଯାଇନାହିଁ। ଫଳରେ ରାତି ହେଉ ଅବା ଦିନ ତାତିରେ ଘରେ ରହି ହେଉନାହିଁ। ଏହାସହ ପାଣି ସମସ୍ୟା ଆହୁରି ଉତ୍କଟ ରୂପ ଧାରଣ କରିଛି। ତେଣୁ ଗରିବ ଶ୍ରେଣୀର ଲୋକେ ଅଭ୍ୟାସ ଥିବାରୁ ସେମାନେ ଗରମକୁ ଖାତିରି ନ କରି ରହି ଯାଉଛନ୍ତି। ହେଲେ ପଇସା ବାଲା ବ୍ୟକ୍ତି ସବୁବେଳେ ଏସିରେ ରହୁଥିବାରୁ ସେମାନେ ବିଦ୍ୟୁତ୍ ବିନା ରହି ପାରୁନାହାନ୍ତି। ତେଣୁ ସେମାନେ ରାଜଧାନୀରେ ଥିବା ତାରକା ହୋଟେଲକୁ ବୁକ୍ କରି ନେଇଛନ୍ତି। ରାଜଧାନୀରେ ଥିବା ଏକାଧିକ ତାରକା ହୋଟେଲ ଏବେ ଫାଙ୍କା ନାହିଁ। ସବୁଠୁ ବଡ କଥା ହେଲା ଯେଉଁମାନେ ଏହିସବୁ ତାରକା ହୋଟେଲରେ ରହିଛନ୍ତି ସେମାନେ ସବୁ ସ୍ଥାନୀୟ ଲୋକ। ହୋଟେଲଗୁଡିକ ରାତି ୧୧ଟାରୁ ଏସିର ସୁବିଧା ଯୋଗାଉ ଥିବାରୁ ଏହିସବୁ ଲୋକେ ନିଜର ସମ୍ପର୍କୀୟମାନେ ହୋଟେଲରେ ଶାନ୍ତିରେ ଶୋଇ ପାରୁଛନ୍ତି।

### ରାଜଧାନୀକୁ ନିଆଁ ଭୟ

ବାତ୍ୟା ଫନୀ ପ୍ରଭାବରେ ରାଜଧାନୀରେ ଥିବା ଏକାଧିକ ବୃହତ ଗଛ ଉପୁଡି ପଡିଛି। ଏବେ ରାଜଧାନୀର ତାପମାତ୍ରା ୪୦ ଛୁଇଁଲାଣି। ତେଣୁ ଉପୁଡି ପଡିଥିବା ଗଛଗୁଡିକର ପତ୍ର ଏବଂ ଡାଳ ଶୁଖି ଗଲାଣି। ଯଦି କେଉଁଠାରେ ନିଆଁ ଲାଗେ ତେବେ ରାଜଧାନୀକୁ ଧ୍ୱଂସ କରିପାରେ। କାରଣ ଚାରିଆଡେ ଏବେ ଶୁଖିଲା ପତ୍ର ଏବଂ ଡାଳ ପଡି ରହିଛି। ବିଶେଷ କରି ବିଦ୍ୟୁତ୍ ସଂଯୋଗ ହୋଇଥିବା ଖୁଣ୍ଟ ଏବଂ ଟ୍ରାନ୍ସଫର୍ମର ନିକଟରୁ ପତ୍ର ଏବଂ ଡାଳ ଗୁଡିକୁ ହଟାଯାଉଛି। ଏହାସହ ଯେଉଁମାନେ ସିଗାରେଟ ଏବଂ ବିଡି ଭଳି ଧୂମପାନ କରୁଛନ୍ତି ସେମାନେ ଏଣେ ତେଣେ ନ ଫିଙ୍ଗିବାକୁ ଅଗ୍ନିଶମ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

### ଜେନେରେଟର ଫାଟିବା ଭୟ



ବୁଧବାର ସାଇବର ସିଟି ନିକଟରେ ଏକ ଜେନେରେଟର ଫାଟି ଦୁଇଜଣ ଆହତ ହୋଇଥିଲେ। ବିଦ୍ୟୁତ୍ ନ ଥିବାରୁ ଜେନେରେଟର ବହୁ ସମୟ ଲାଗି ରହୁଛି। ଏହାସହ ସେଥିରେ ମଧ୍ୟ ଆବଶ୍ୟକ କ୍ଷମତାଠାରୁ ଅଧିକ ଲୋଡ୍ ଦିଆଯାଉଛି। ଫଳରେ ଏସବୁ ଜେନେରେଟର ଫାଟିବାର ଯଥେଷ୍ଟ ସମ୍ଭାବନା ରହିଛି।

### ଏୟାରପୋର୍ଟ ରୋଡରେ ଜମୁଛି ଭିଡ

ଫନୀ ପ୍ରଭାବରେ ରାଜଧାନୀରେ ଏକାଧିକ ବିଦ୍ୟୁତ୍ ଖୁଣ୍ଟ ଉପୁଡିଛି। ଫଳରେ ବହୁ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ତେଣୁ ସନ୍ଧ୍ୟା ପରେ ଘରେ ପଶି ହେଉନାହିଁ। ତେଣୁ ଅପରାହ୍ନ ୫ଟା ପରଠୁ ଏୟାରପୋର୍ଟ ରାସ୍ତାରେ ଖୋଲା ପବନ ଖାଇବାକୁ ଲୋକଙ୍କ ଭିଡ ଦେଖିବାକୁ ମିଳୁଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକେ ସେଠାରେ ବସି ହସଖୁସି କରୁଛନ୍ତି।

(ରିପୋର୍ଟ–ତ୍ରିନାଥ ମହାନ୍ତି)

### ଭେଙ୍କଟେଶ୍ୱର ଛାତ୍ରୀଛାତ୍ରଙ୍କ ସଫଳତା

ଭୁବନେଶ୍ୱର,୯।୫

ଚଳିତ ବର୍ଷ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ (ସିବିଏସ୍ଇ) ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଚନ୍ଦ୍ରଶେଖରପୁରର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଏଥିରେ ବିଦ୍ୟାଳୟର ବିଜ୍ଞାନ ଓ ବାଣିଜ୍ୟରେ ମୋଟ ୧୨୬ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୮ ଜଣ ପ୍ରଥମ ସ୍ଥାନରେ ଏବଂ ୩୧ ଜଣ ଦ୍ୱିତୀୟ ସ୍ଥାନରେ କୃତକାର୍ଯ୍ୟ ହୋଇଛନ୍ତି। ବିଜ୍ଞାନରେ ଶ୍ରେୟାସ ଦାସ ୯୫.୪% ରଖି ପ୍ରଥମ ସ୍ଥାନ, ଆକାଶ ପଣ୍ଡିତ ୯୨% ଏବଂ ଜ୍ଞାନ ରଞ୍ଜନ ମହାନ୍ତି ୯୧.୪% ରଖି ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ବାଣିଜ୍ୟରେ ୭୮.୮% ନମ୍ବର ରଖି ଅନୁରାଗ ଅଗ୍ରୱାଲ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଚେୟାରମ୍ୟାନ ଚନ୍ଦ୍ରଶେଖର ପତି, ସମ୍ପାଦକ ବସନ୍ତ କୁମାର ତ୍ରିପାଠୀ, ଅଧ୍ୟକ୍ଷ ଜି.ରାମ କିଶୋର, ଉପାଧ୍ୟକ୍ଷ ବିଜୟ କୁମାର ନାୟକ କୃତୀ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଫ୍ୟୁଚର ଭୁବନେଶ୍ୱର ସ୍କୁଲର ସିବିଏସ୍ଇ ଫଳାଫଳ

ଭୁବନେଶ୍ୱର,୯।୫

ସିବିଏସ୍ଇ ବୋର୍ଡ ଦଶମ ଶ୍ରେଣୀ ପରୀକ୍ଷାରେ ଫ୍ୟୁଚର ଭୁବନେଶ୍ୱର ସ୍କୁଲର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ ସ୍କୁଲର ସଫଳତା ହାର ୧୦୦% ରହିଥିବା ବେଳେ ୯୫% ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪୯୫(୯୯%) ମାର୍କ ସହ ମାଷ୍ଟର ଆଦିତ୍ୟ ଦାସ ସ୍କୁଲ ଟପ୍ପର ହୋଇଛନ୍ତି। ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ମାଷ୍ଟର ସୁରଜ କୁମାର ଜେନା ଏବଂ ନିଶିକା ରାଉତ ରହିଛନ୍ତି। ସେମାନେ ଯଥାକ୍ରମେ ୯୬.୨% ଏବଂ ୯୫.୪% ମାର୍କ ରଖିଛନ୍ତି। ବୋର୍ଡ ପରୀକ୍ଷା ଦେଇଥିବା ସ୍କୁଲର ୪୫% ଛାତ୍ରୀଛାତ୍ର ୯୦%ରୁ ଅଧିକ ମାର୍କ ରଖିଛନ୍ତି। ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ମଧ୍ୟ ବିଦ୍ୟାଳୟ ଛାତ୍ରୀଛାତ୍ର ଉନ୍ନତ ଫଳାଫଳ ହାସଲ କରିଛନ୍ତି। ଛାତ୍ରୀଛାତ୍ରୀଙ୍କ ସଫଳତା ଲାଗି ଏସ୍ଏମ୍ସି ଚେୟାରମ୍ୟାନ ନିତାଇ ଗୌର ଧଳ ଏବଂ ପ୍ରିନ୍ସିପାଲ ମାଥ୍ୟୁ ଥୋମାସ ଶୁଭେଚ୍ଛା ଜଣାଇଛନ୍ତି।

## ରାସ୍ତାକୁ ଓହ୍ଲାଇଲେ କେଦାରପଲ୍ଲୀ ବସ୍ତିବାସିନ୍ଦା

ଭୁବନେଶ୍ୱର, ୯।୫(ବ୍ୟୁରୋ)

ବାତ୍ୟାରେ ରାଜଧାନୀର ଅନେକ ବସ୍ତି ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ସେଠାରେ ଖାଦ୍ୟ ଓ ପାନୀୟଜଳର ଘୋର ଅଭାବ ଦେଖାଦେଇଛି। ବସ୍ତିବାସିନ୍ଦା ରିଲିଫ ପାଇ ନ ଥିବାବେଳେ ପାଣି ପାଇଁ ଦୂର ସ୍ଥାନକୁ ଯାଉଛନ୍ତି। ଏଭଳି ସ୍ଥିତିରେ ପ୍ରଶାସନ କେବଳ ଅଢେଇ ହଜାର ଟଙ୍କା ସହାୟତା ଦେଇ ବସିପଡ଼ିଛି ବୋଲି କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିବାସିନ୍ଦା ଅଭିଯୋଗ ଆଣିଛନ୍ତି। ଏ

### ରିଲିଫ, ପାଣି ଯୋଗାଉନି ପ୍ରଶାସନ

ନେଇ ସେମାନେ ଗୁରୁବାର ମଧ୍ୟାହ୍ନରେ ଶିଶୁଭବନ–ବାପୁଜୀନଗର ରାସ୍ତାରେ ସାଇକେଲ ରଖି ପ୍ରତିବାଦ ଜଣାଇବା ସହ ରାସ୍ତାରୋକୋ କରିଥିଲେ। ସେମାନେ କହିଥିଲେ, ପ୍ରଶାସନ ଘଟଣାସ୍ଥଳକୁ ଯାଉନାହିଁ। ସମସ୍ୟା ବୁଝିବାରେ ଅବହେଳା ପ୍ରଦର୍ଶନ କରୁଛି। କେଦାରପଲ୍ଲୀ ବସ୍ତିରେ ଅନେକ ଲୋକ ଠିକ ଭାବେ ଖାଦ୍ୟ ଓ ପାଣି ପାଇପାରୁନାହାନ୍ତି। ଅନେକଙ୍କ ଘର ଭାଙ୍ଗିରୁଜି ଯାଇଥିଲେ ମଧ୍ୟ ପଲିଥିନ ମିଳିନାହିଁ। ଯେଉଁମାନଙ୍କର ରାଜନୈତିକ ବ୍ୟକ୍ତିଙ୍କ ସହ ଭଲ ସମ୍ପର୍କ ରହିଛି, ସେମାନଙ୍କୁ ହିଁ କେବଳ କିଛି ସହାୟତା ମିଳୁଛି। ସେହିପରି ଏ ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆଯାଇନଥିବା ବସ୍ତିବାସିନ୍ଦା ଅଭିଯୋଗ କରିଥିଲେ। କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ଆନ୍ଦୋଳନରୁ ଓହରି ଯାଇଥିଲେ।

## ମହିଳାଙ୍କୁ ମାଡ଼ ଘଟଣା: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୯।୫(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ମାଡ଼ ଓ ଅସଦାଚରଣ ମାମଲାରେ ପୋଲିସ ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନ ନୀଳାଦ୍ରି ବିହାର ଅଞ୍ଚଳର ସିଲୁ ମହାକୁଡ଼ (୨୩)। ସୂଚନା ମୁତାବକ, ବସ୍ତି ଗଣ୍ଡଗୋଳକୁ ନେଇ ଅଭିଯୁକ୍ତ ସିଲୁଙ୍କ ସହ ସମ୍ପୃକ୍ତ ମହିଳାଙ୍କର ପୂର୍ବ ଶତ୍ରୁତା ରହିଥିଲା। ଗତ ମାର୍ଚ୍ଚ ୨୨ତାରିଖ ରାତିରେ ସିଲୁ ମହିଳାଙ୍କ ଘରେ ପଶି ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଏହାକୁ ମହିଳା ଜଣକ ବିରୋଧ କରିବାରୁ ତାଙ୍କୁ ସିଲୁ ମାଡ଼ ମାରିବା ସହ ପିନ୍ଧା ଲୁଗା ଚିରି ଫେରାର ହୋଇଯାଇଥିଲେ। ଏ ନେଇ ମହିଳାଙ୍କ ପରିବାର ପକ୍ଷରୁ ଥାନରେ ଏତଲା ଦିଆଯାଇଥିଲା। ପୋଲିସ ଏକ କେସ୍ (ନଂ. ୧୩୪/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଗୁରୁବାର ଅଭିଯୁକ୍ତଙ୍କୁ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରୁ ଗିରଫ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ସାମୁଦ୍ରିକ ବାତ୍ୟା ଫନୀ ପ୍ରଭାବରେ ଭୁବନେଶ୍ୱର ସହରରେ ଥିବା ଗଛ ସବୁ ଉପୁଡ଼ିଯାଇଥିବାରୁ ଛାଇ ଆଶାରେ ଗୁରୁବାର ରସୁଲଗଡ଼ସ୍ଥିତ ଓଭରବ୍ରିଜ ତଳେ କେତେକ ଆଶ୍ରୟୀ ଶୋଇ ରହିଛନ୍ତି।

## ବ୍ୟବସାୟୀଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର, ୯।୫ (ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଗୁରୁବାର ଜଣେ ପରିବା ବ୍ୟବସାୟୀଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ନୟାପଲ୍ଲୀ ଥାନା ଅଧୀନ ସାଲିଆସାହି ବାସିନ୍ଦା ରାମଚନ୍ଦ୍ର ଜେନା(୬୩)। ତାଙ୍କୁ ଦୋକାନ ନିକଟ ପଡ଼ିଆରୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶୌଚ ପାଇଁ ଯାଇଥିବାବେଳେ ପ୍ରବଳ ତାତି ଯୋଗୁ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ସୂଚନା ମୁତାବକ ଚନ୍ଦ୍ରଶେଖରପୁର ଥାନା ଅଧୀନ ଇନଫୋଗ୍ରୀନ ଆପାର୍ଟମେଣ୍ଟ ନିକଟରେ ରାମଚନ୍ଦ୍ରଙ୍କ

### ଅଂଶୁଘାତ ଆଶଙ୍କା

ପରିବା ଦୋକାନ ରହିଛି। ଗୁରୁବାର ସକାଳୁ ସେ ପରିବା ଧରି ବେପାର କରିବାକୁ ଘରୁ ବାହାରିଥିଲେ। ଅପରାହ୍ନ ପ୍ରାୟ ୨ଟା ବେଳକୁ ସେ ଶୌଚ ହେବା ପାଇଁ ନିକଟସ୍ଥ ପଡ଼ିଆକୁ ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ନ ଫେରିବାରୁ ଗ୍ରାହକ ଏବଂ ପାଖ ଦୋକାନୀ ଡାକ ପକାଇଥିଲେ। ମାତ୍ର କିଛି ଉତ୍ତର ନ ମିଳିବାରୁ ସେମାନେ ଉକ୍ତ ପଡ଼ିଆକୁ ଯାଇଥିଲେ। ସେଠାରେ ଗାମୁଛା ପିନ୍ଧା ଅବସ୍ଥାରେ ରାମଚନ୍ଦ୍ର ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେମାନେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତ ଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ସହର ସଫେଇ ନେଇ ତତ୍ପରତା

ଭୁବନେଶ୍ୱର,୯।୫(ବ୍ୟୁରୋ)

ରାଜଧାନୀର ସବୁଜିମା ଓ ସୌନ୍ଦର୍ଯ୍ୟକୁ ଉଜାଡ଼ି ଦେଇଛି ବାତ୍ୟା 'ଫନୀ'। ୭ଦିନ ହେବ ଭୁବନେଶ୍ୱରବାସୀ ଅନ୍ଧାରରେ ରହୁଛନ୍ତି। ବିଦ୍ୟୁତ୍ ଓ ପାଣି ସମସ୍ୟା ସାଙ୍ଗକୁ ଦିନରେ ଅସହ୍ୟ ଗରମ ଓ ରାତିରେ ଗୁଲୁଗୁଲି ପାଇଁ କଲବଲ ହେଉଛନ୍ତି। କିଛି ସ୍ଥାନରେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇଥିଲେ ମଧ୍ୟ ସବୁ ଅଞ୍ଚଳରେ ଏଯାବତ୍ ବିଦ୍ୟୁତ ସେବା ମିଳିପାରିନାହିଁ। ଫଳରେ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ଏପରି ସ୍ଥିତିରେ ସହରକୁ ପୁଣି ତା'ର ପୂର୍ବରୂପକୁ ଫେରାଇ ଆଣିବା ଲାଗି ଅଣ୍ଟାଭିଡ଼ିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)। ଗତ ଦୁଇଦିନ ହେବ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଅଧିକରୁ ଅଧିକ ସଫେଇ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଟ୍ରକ୍, ଟିପ୍ପର, ଟ୍ରାକ୍ଟର ଓ ଜେସିବିଗୁଡ଼ିକ ସାହାଯ୍ୟରେ ଟିମ୍ କରାଯାଇ ସଫେଇ ଚାଲିଛି। ସେହିପରି ପଡ଼ିରହିଥିବା ବିଦ୍ୟୁତ ତାରକୁ ଉଠାଯାଇ ଖୁଣ୍ଟି ସହ ଯୋଡ଼ାଯାଉଛି। ଅଗ୍ନିଶମ ବିଭାଗ, ଏନ୍‌ଡ଼ିଆର୍ଏଫ୍, ଓଡ୍ରାଫ, ବିଦ୍ୟୁତ୍ ବିଭାଗ କର୍ମଚାରୀ ଓ ବିଏମ୍ସି ଏନ୍‌ଫୋର୍ସମେଣ୍ଟ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଅଛନ୍ତି। ସହରର ୩୦ପ୍ରତିଶତ ସ୍ଥାନରେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା କୁହାଯାଇଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୫୦ ପ୍ରତିଶତ ସ୍ଥାନରେ ବିଦ୍ୟୁତ ସଂଯୋଗ କରାଯିବ। ଏଥିଲାଗି ଅଗ୍ନିଶମ ବିଭାଗର କର୍ମଚାରୀମାନେ ଏବେ ସେସୁ ସହିତ ହାତ ମିଳାଇଛନ୍ତି। ଭାଙ୍ଗିପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ ଓ ତାରକୁ ଭିଡ଼ି ସ୍ୱାଭାବିକ୍ କରିବାରେ ଅଧିକ ସମୟ ଲାଗୁଛି। ନଚେତ୍ ବର୍ତ୍ତମାନ ସୁଦ୍ଧା ସହରର ୫୦% ଅଞ୍ଚଳରେ ବିଦ୍ୟୁତ ସଂଯୋଗ ହୋଇସାରନ୍ତାଣି ବୋଲି ବିଏମ୍ସି ଅତିରିକ୍ତ ଆୟୁକ୍ତ ସୁରଥଚନ୍ଦ୍ର ମଲ୍ଲିକ କହିଛନ୍ତି। ଗୁରୁବାର ଗଣମାଧ୍ୟମକୁ ସେ କହିଛନ୍ତି ଯେ, ଭୁବନେଶ୍ୱରବାସୀ ବିଏମ୍ସିକୁ ସହଯୋଗ କରିବା ଆବଶ୍ୟକ। ସମସ୍ତ ଆବଶ୍ୟକ ସାମଗ୍ରୀ ଓ ଉପକରଣ ସହ ପର୍ଯ୍ୟାପ୍ତ କର୍ମଚାରୀ ବିଏମ୍ସି ପାଖରେ ଅଛି, କିନ୍ତୁ ବାତ୍ୟାରେ ହୋଇଥିବା କ୍ଷୟକ୍ଷତିକୁ ଗୋଟିଏ କି ଦୁଇ ଦିନରେ ପୂରା କରିହେବ ନାହିଁ। ଟିକେ ସମୟ ଦରକାର, ୧୨ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ସାରି ସହରକୁ ପୁଣି ପୂର୍ବପରି ଆଲୋକିତ କରିବାକୁ ଚେଷ୍ଟା କରୁଛୁ ବୋଲି ମଲ୍ଲିକ ପ୍ରକାଶ କରିଛନ୍ତି।

### ସଫେଇରେ ନିୟୋଜିତ ୩ ହଜାର କର୍ମଚାରୀ

ସହରର ସମ୍ପୂର୍ଣ୍ଣ ସଫେଇ ସହ ପରିଷ୍କାର ପରିଚ୍ଛନ୍ନତାକୁ ବିଏମ୍ସି ଗୁରୁତ୍ୱ ଦେଇଛି। ଭାଙ୍ଗି ପଡ଼ିଥିବା ବହୁ ଗଛ ସହ ଅଳିଆ ଆବର୍ଜନା ଉଠାଇବା ଲାଗି ସହରର ବିଭିନ୍ନ ସ୍ଥାନରେ ମୋଟ ୫୫୦ ଯାନବାହନ ସମେତ ୩ହଜାର ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଆଗକୁ ବର୍ଷାଋତୁ ଆସୁଥିବାରୁ ସହରର ମୁଖ୍ୟ ଡ୍ରେନେଜ୍ ଓ ସବ୍ ଡ୍ରେନଗୁଡ଼ିକ ସଫା କରିବା ଲାଗି ଏବେଠାରୁ ନିର୍ଦ୍ଦେଶ ଦିଆଯାଇଛି।



### ଦୂର ହେଉଛି ପାଣି ସମସ୍ୟା

ପାଣି ପାଇଁ ଲୋକେ ଡହଳବିକଳ ହେଉଥିବାବେଳେ ଦିନକୁ ଦିନ ପାଣି ସମସ୍ୟା ଦୂର କରିବା ଲାଗି ଚେଷ୍ଟା ଜାରି ରହିଛି। ଦିନକୁ ଦୁଇ ଥର ଏବେ ସପ୍ଲାଏ ପାଣି ଆସୁଥିବା ବେଳେ ପିଏଚ୍‌ଡ଼ି ଓ ନଗର ସ୍ୱାସ୍ଥ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଲୋକଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉଛି। ବସ୍ତି ଅଞ୍ଚଳରେ ପାଣି ଟ୍ୟାଙ୍କର ଉପଲବ୍ଧ ରହୁଥିବାବେଳେ ସମସ୍ତ ପମ୍ପ ହାଉସରେ ବିଦ୍ୟୁତ୍ ସଂଯୋଗ କରାଯାଇଛି।

### ୪୦% ଲୋକ ବିଦ୍ୟୁତ୍ ପାଇଛନ୍ତି

ସହରର ୪୦ ପ୍ରତିଶତ ଲୋକ ଗୁରୁବାର ସନ୍ଧ୍ୟା ସୁଦ୍ଧା ବିଦ୍ୟୁତ ପାଇଥିବା ବେଳେ ରବିବାର ମଧ୍ୟରେ ସମସ୍ତ ଅଞ୍ଚଳରେ ବିଦ୍ୟୁତ ସେବା ଉପଲବ୍ଧ ହେବ ବୋଲି ବିଏମ୍ସି ପକ୍ଷରୁ କୁହାଯାଇଛି। ବିଦ୍ୟୁତ୍ ସେବା ଯୋଗାଇବା ଲାଗି ବାହାରୁ କୁଶଳୀ ଶ୍ରମିକମାନଙ୍କୁ ଅଣାଯାଇଛି। ସମସ୍ତ ମେଡିକାଲ ଓ ଶିକ୍ଷାନୁଷ୍ଠାନକୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯାଇଛି।

### ସର୍ଭେ ପରେ ମିଳିବ ଘରଭଙ୍ଗା ସହାୟତା

ବାତ୍ୟାରେ ଭାଙ୍ଗିଥିବା ଘରର ପୁନରୁଦ୍ଧାର ଲାଗି ସରକାରଙ୍କ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯିବ। କିନ୍ତୁ ତାହା ସଙ୍ଗେ ସଙ୍ଗେ ମିଳିବ ନାହିଁ। ଯେଉଁମାନଙ୍କର ଘର ଭାଙ୍ଗିଛି ସେସବୁର ସର୍ଭେ ହେବା ପରେ ବିଭାଗୀୟ କର୍ତ୍ତୃପକ୍ଷମାନେ ଏନେଇ ରିପୋର୍ଟ ଦେବେ। ତା'ପରେ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ମିଳିବ। ବର୍ତ୍ତମାନ କେବଳ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୨ହଜାର ୫ଶହ ଟଙ୍କା ଓ ୫୦କେଜି ଚାଉଳ ମିଳିବ। ବସ୍ତ୍ର ପାଇଁ ୨ହଜାର ଟଙ୍କା ଓ ପାଲ ପାଇଁ ୫ଶହ ଟଙ୍କା ଦିଆଯିବ।



### ମହାମାରୀ ନ ବ୍ୟାପିବା ଉପରେ ଗୁରୁତ୍ୱ

ବାତ୍ୟା ପରେ ଭୁବନେଶ୍ୱରର କୌଣସି ସ୍ଥାନରେ ଯେପରି ମହାମାରୀ କିମ୍ବା ଅନ୍ୟ କୌଣସି ପ୍ରକାରର ରୋଗ ନ ବ୍ୟାପେ ସେଥିଲାଗି ବିଏମ୍ସି ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ବସ୍ତି ଅଞ୍ଚଳରେ ସଫେଇ କରାଯାଇ ବ୍ଲିଚିଂ ପକାଯିବା ସହ ଅଞ୍ଚଳକୁ ସଫାସୁତୁରା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଡାଇରିଆ, ଜଣ୍ଡିସ୍, ଜ୍ୱର, ସାପ କାମୁଡ଼ା ସହ କିଛି ବି ଇନ୍‌ଫେକ୍ସନ୍ ରୋଗରେ ଯେପରି କେହି ଆକ୍ରାନ୍ତ ନ ହୁଅନ୍ତି ସେଥିଲାଗି ପଦକ୍ଷେପ ନେବାକୁ ବିଏମ୍ସି କମିଶନର ସମର୍ଥ ବର୍ମା ଗୁରୁବାର ଏକ ବୈଠକରେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଏମ୍ସି କର୍ମଚାରୀମାନେ ଏ ନେଇ ତତ୍ପରତା ଦେଖାଇଛନ୍ତି।

### ନୌସେନା ଦେଲା ରିଲିଫ

ଭାରତୀୟ ନୌବାହିନୀ ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ରିଲିଫ ବଣ୍ଟା ଚାଲିଛି। ଗୁରୁବାର ସୁଦ୍ଧା ଭୁବନେଶ୍ୱରର ୬୭ଟି ଓ୍ୱାର୍ଡ଼ରେ ମୋଟ ୯ହଜାର ଲିଟର ପାନୀୟଜଳ ଏବଂ ବିସ୍କୁଟ ବଣ୍ଟନ କରାଯାଇଛି। ଲୋକଙ୍କୁ ଖାଦ୍ୟ ଓ ପାନୀୟରେ ଅଧିକ କିଛି ସମସ୍ୟା ନ ହେବା ଲାଗି ନୌସେନା ପକ୍ଷରୁ ଏହା କରାଯାଇଛି ବୋଲି କ୍ୟାପ୍‌ଟେନ୍ ସରୋଜ ପ୍ରଧାନ କହିଛନ୍ତି।

### ଶୁକ୍ରବାରଠାରୁ ଫଗିଂ

ସହରରେ ମଶାଙ୍କ ପ୍ରାଦୁର୍ଭାବ ବଢିଛି। ବିଭିନ୍ନ ସ୍ଥାନରେ ପାଣି ଜମିବା କାରଣରୁ ମଶାମାନେ ସେମାନଙ୍କ ବଂଶ ବିସ୍ତାର କରୁଛନ୍ତି। ଫଳରେ ଲୋକେ ରୋଗରେ ପଡୁଛନ୍ତି। ଏଥିପାଇଁ ଶୁକ୍ରବାରଠାରୁ ବିଏମ୍ସି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଫଗିଂ ପ୍ରକ୍ରିୟା ଆରମ୍ଭ କରାଯିବା ସହ ମଶା ମାରିବା ଲାଗି ମଶାଧୂଆଁ ଗାଡ଼ି ବୁଲାଯାଇ ଟିଫା ଧୂଆଁ ଛଡ଼ାଯିବ ବୋଲି ବିଏମ୍ସି ପକ୍ଷରୁ ସୂଚନା ଦିଆଯାଇଛି।

### ୭୧ ହଜାର ଲୋକଙ୍କୁ ମିଳିଲା ସହାୟତା

ଗତ ୪ଦିନରେ ମୋଟ ୭୧ହଜାର ଲୋକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯାଇଛି। ଗୁରୁବାର ୬୭ଟି ଓ୍ୱାର୍ଡ଼ରେ ୨୧ହଜାର ଲୋକଙ୍କୁ ଏହି ସହାୟତା ଦିଆଯାଇଛି। ରାଶନ କାର୍ଡ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ଥିବା ଲୋକଙ୍କୁ ଏହି ସହାୟତା ପ୍ରଦାନ କରାଯାଇଥିବାବେଳେ ମୋଟ ୧ଲକ୍ଷ ୪ହଜାର ୮ଶହ ୧୬ଜଣ ଲୋକ ଏଥିରେ ଉପକୃତ ହେବେ।

ରିପୋର୍ଟ: ସ୍ମିତପ୍ରଜ୍ଞ ମିଶ୍ର



ଗ୍ରାଣ୍ଡମାଷ୍ଟର ନର୍ମ ପ୍ରମାଣପତ୍ର ହାସଲ ଅବସରରେ ସ୍ୱୟମ୍ଭ (ଡାହାଣ)।



# ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ

ସାମୁଦ୍ରିକ ଝଡ଼ ଫନୀର ପ୍ରଭାବରେ ରାଜ୍ୟର ଅନେକ ଅଞ୍ଚଳ ପ୍ରପୀଡ଼ିତ ଥିବାବେଳେ ଓଡ଼ିଶା ଚେସ୍‌କୁ ଆସିଥିଲା ଏକ ବଡ଼ ଖବର। ଦୀର୍ଘଦିନର ପ୍ରତୀକ୍ଷା ପରେ ରାଜ୍ୟର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର(ଜିଏମ୍) ପାଇଥିଲା ଓଡ଼ିଶା। ୨୦୧୩ ଅକ୍ଟୋବର ୧୮ରେ ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟ ପାଇଥିଲେ ଦେବାଶିଷ ଦାସ। ଗ୍ରାଣ୍ଡମାଷ୍ଟର ଟାଇଟଲ ଓଡ଼ିଶା ଖେଳାଳିଙ୍କ ପାଇଁ ଯେ ଅପହଞ୍ଚ ଇଲାକା ନୁହେଁ ତାହା ପ୍ରଥମେ ଦେବାଶିଷ ପ୍ରମାଣିତ କରିଥିଲେ। ଏହା ଦୀର୍ଘ ୬ ବର୍ଷର ବ୍ୟବଧାନ। ୨୦୧୯ ମେ ୫ରେ ଏହି ସଫଳତାକୁ ଦୋହରାଇ ଓଡ଼ିଆଙ୍କ ଛାତିକୁ କୁଣ୍ଢେମୋଟ କରିଥିବା ଖେଳାଳି ହେଲେ ସ୍ୱୟମ୍ଭ ମିଶ୍ର। ସେ ହେଲେ ଓଡ଼ିଶାର ଦ୍ୱିତୀୟ ଓ ଭାରତର ୬୨ତମ ଗ୍ରାଣ୍ଡମାଷ୍ଟର। କଠିନ ପରିଶ୍ରମ କେବେ ବ୍ୟର୍ଥ ଯାଏ ନାହିଁ। ନିଷ୍ଠା ଏବଂ ଧୈର୍ଯ୍ୟର ସହିତ ଯେ କୌଣସି କାର୍ଯ୍ୟ କରାଯିବ ସଫଳତା ଅବସମ୍ଭାବୀ ବୋଲି କାମରେ କରି ଦେଖାଇଛନ୍ତି ଓଡ଼ିଶା ଚେସ୍‌ର ଏହି ଉଜ୍ଜ୍ୱଳ ତାରକା।

ଜଣେ ସ୍ୱଳ୍ପଭାଷୀ, ସରଳ ନିଷ୍କପଟ ବ୍ୟକ୍ତିତ୍ୱଭାବେ ସ୍ୱୟମ୍ଭ ପରିଚିତ। ମାତ୍ର ଚେସ୍ ବୋର୍ଡରେ ଏହାର ବିପରୀତ ଧର୍ମ ଦେଖିବାକୁ ମିଳେ। ସାଧାରଣରେ ବେଶ୍ ଧୀର ସ୍ଥିର ଓ ଚୁପଚାପ ପ୍ରକୃତିର ସ୍ୱୟମସ୍ଙ୍କର ଚେସ୍ ବୋର୍ଡ କିନ୍ତୁ କୁହେ ଅନେକ କଥା । ତାହା ଏବେ ଫଳରେ ରୂପାନ୍ତରିତ ହୋଇଛି। ନିକଟରେ ପୋଲାଣ୍ଡରେ ଅନୁଷ୍ଠିତ ପୋଲୋନିଆ ରୋକ୍ଲ ମାଷ୍ଟର୍ସ କପ୍‌ରେ ସେ କ୍ୟାରିୟରର ତୃତୀୟ ତଥା ଅନ୍ତିମ ଜିଏମ୍ ନର୍ମ ହାସଲ କରିବା ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ସ୍ୱୟମ୍ଭଙ୍କୁ କେବଳ ଯେ ଗ୍ରାଣ୍ଡମାଷ୍ଟର ଟାଇଟଲ ଦେଇଥିଲା ତା' ନୁହେଁ ସେଥିରେ ୭ ପଏଣ୍ଟ ହାସଲ କରି ସେ ଚାମ୍ପିୟନ ମଧ୍ୟ ହୋଇ ଥିଲେ। ୨୦୧୪ରେ ଭୁବନେଶ୍ୱରରେ ଅନୁଷ୍ଠିତ କିଟ୍ ଓପନରେ ପ୍ରଥମ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିଥିବା ସ୍ୱୟମ୍ଭ ଏହାର ଗୋଟିଏ ବର୍ଷ ପରେ ଆଇଜଲ ଅଫ୍ ମ୍ୟାନ୍‌ଠାରେ ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ନର୍ମ ପାଇଥିଲେ। ଏବେ ତାଙ୍କର ରେଟିଂ ୨୪୭୩ ଥିଲେ ହେଁ ୨୦୧୪ରେ ସେ ମ୍ୟାଜିକ୍ ସଂଖ୍ୟା ୨୫୦୦ ସ୍ପର୍ଶ କରିଥିବାରୁ ଗ୍ରାଣ୍ଡମାଷ୍ଟର ଟାଇଟଲର ହକ୍‌ଦାର ହୋଇ ଯାଇଛନ୍ତି। ୧୯୯୭ରେ ରାଜ୍ୟସ୍ତରରେ ପ୍ରଥମ ପଦକ, ୨୦୦୨ରେ ଜାତୀୟ ଚେସ୍ ଓ ୨୦୦୫ରେ ଅନ୍ତର୍ଜାତୀୟ ଚେସ୍‌ରେ ପଦାର୍ପଣ, ୧୯୯୭ ଓଡ଼ିଶାର ପ୍ରଥମ ଓଡ଼ିଆ କ୍ରୀଡ଼ାବିତ୍ ଭାବେ ବିଶ୍ୱ ଯୁବ ଚେସ୍ ଅଲିମ୍ପିଆଡରେ ଦଳଗତ ସ୍ୱର୍ଣ୍ଣ ଜିତିବା, ସମ୍ମାନଜନକ ମୁମ୍ବାଇ ମେୟର୍ସ କପ୍ ଗ୍ରାଣ୍ଡମାଷ୍ଟର ଚେସ୍‌ରେ ପ୍ରଥମ ଓଡ଼ିଆ ଭାବେ ତୃତୀୟ ସ୍ଥାନ ଲାଭ କରିବା ତାଙ୍କ ଦକ୍ଷତାର ପରିଚୟ ଦିଏ। ଏହାଛଡ଼ା ଭାରତ ପକ୍ଷରୁ ସେ ବହୁବାର ବିଶ୍ୱ ଯୁବଚେସ୍‌ରେ ଭାଗ ନେଇ ସଫଳତାର ଶୀର୍ଷରେ ପହଞ୍ଚିପାରିଥିଲେ। ୨୦୧୨ରେ ରାଜ୍ୟଗୋଷ୍ଠୀ ଚେସ୍‌ରେ ରୌପ୍ୟ ପଦକ ଜିତିଥିବା ସ୍ୱୟମ୍ଭ ସେହିବର୍ଷ ଓଡ଼ିଶାର ୫ମ ଓଡ଼ିଆ ଭାବେ ସମ୍ମାନଜନକ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ଲାଭ କରିଥିଲେ। ଜଣେ ସଫଳ ଖେଳାଳି ବ୍ୟତୀତ ସେ ଅନ୍ ଲାଇନ୍ ଓ ଅଫ୍ ଲାଇନ୍ କୋଚ୍ ଭାବେ ମଧ୍ୟ ବିଶେଷ ପରିଚିତ।

## ବାତ୍ୟା ସହ ସମ୍ପର୍କ

ଚେସ୍ ଇତିହାସରେ ଓଡ଼ିଶା ଏପର୍ଯ୍ୟନ୍ତ ମାତ୍ର ୨ ଜଣ ଗ୍ରାଣ୍ଡମାଷ୍ଟରଙ୍କୁ ପାଇଛି। ପ୍ରଥମେ ଦେବାଶିଷ ଦାସ ଓ ଏବେ ସ୍ୱୟମ୍ଭ ମିଶ୍ର ଏହି ମାଇଲଖୁଣ୍ଟ ସ୍ପର୍ଶ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ତେବେ ସଂଯୋଗବଶତଃ ଓଡ଼ିଶାରେ ବାତ୍ୟାର ବିଭୀଷିକା ଦେଖା ଦେଇଥିବାବେଳେ ଏହି ଦୁଇଟି ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ ହୋଇଛି। ୨୦୧୩ ଅକ୍ଟୋବର ପ୍ରଥମ ଭାଗରେ ଫାଇଲିନ୍ ବାତ୍ୟାରେ ଓଡ଼ିଶା ପ୍ରଭାବିତ ହୋଇଥିଲା। ସେହିବର୍ଷ ଅକ୍ଟୋବର ୧୮ରେ ଦେବାଶିଷ ହାସଲ କରିଥିଲେ ଗ୍ରାଣ୍ଡମାଷ୍ଟର ଟାଇଟଲ। ସେତେବେଳେ ଓଡ଼ିଶାରେ ବାତ୍ୟା ସହ ଦେବାଶିଷଙ୍କ ସଫଳତା ଚର୍ଚ୍ଚାର କେନ୍ଦ୍ରରେ ରହିଥିଲା। ୨୦୧୯ ମେ ୩ରେ ସାମୁଦ୍ରିକ ଝଡ଼ ଫନୀର କୋପରେ ଓଡ଼ିଶାର ଅନେକ ଅଞ୍ଚଳ ପ୍ରଭାବିତ ହୋଇଥିବାବେଳେ ମେ ୫ରେ ବିରଳ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି ସ୍ୱୟମ୍ଭ ମିଶ୍ର। ମେଟ୍ରୋ ସହର ବିଶେଷ ପ୍ରଭାବିତ ହୋଇଥିବାରୁ ସ୍ୱୟମ୍ଭଙ୍କ ଏହି ସଫଳତା ଯେପରି ପ୍ରଚାର ଓ ପ୍ରସାର ହେବାକଥା ତାହା ହୋଇପାରି ନ ଥିଲେ ହେଁ ଚେସ୍ ମହଲ ବେଶ୍ ଆନନ୍ଦିତ।

**୨୦୧୩ ଅକ୍ଟୋବର ୧୮ରେ ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟ ପାଇଥିଲେ ଦେବାଶିଷ ଦାସ। ଗ୍ରାଣ୍ଡମାଷ୍ଟର ଟାଇଟଲ ଓଡ଼ିଶା ଖେଳାଳିଙ୍କ ପାଇଁ ଯେ ଅପହଞ୍ଚ ଇଲାକା ନୁହେଁ ତାହା ପ୍ରଥମେ ଦେବାଶିଷ ପ୍ରମାଣିତ କରିଥିଲେ। ଏହାପରେ ଦୀର୍ଘ ୬ ବର୍ଷର ବ୍ୟବଧାନ। ୨୦୧୯ ମେ ୫ରେ ଏହି ସଫଳତାକୁ ଦୋହରାଇ ଓଡ଼ିଆଙ୍କ ଛାତିକୁ କୁଣ୍ଢେମୋଟ କରିଥିବା ଖେଳାଳି ହେଲେ ସ୍ୱୟମ୍ଭ ମିଶ୍ର...**


ଭାରତର ପ୍ରଥମ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ୍ ଆନନ୍ଦଙ୍କ ସହ।

# ପରିଶ୍ରମ ସହ ଧୈର୍ଯ୍ୟ ହିଁ ମାପକାଠି

**ପ୍ରଃ** ପ୍ରଥମେ ତୁମକୁ ଅଭିନନ୍ଦନ। ଦୀର୍ଘ ୬ ବର୍ଷ ବ୍ୟବଧାନରେ ଓଡ଼ିଶାକୁ ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ମିଳିଲା। ଅନୁଭବ କେମିତି ଥିଲା ?

**ଉଃ** ଆପଣଙ୍କୁ ଧନ୍ୟବାଦ। ଭଲ ଅନୁଭବ ରହିଲା। ଓଡ଼ିଶାକୁ ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ମିଳିଥିବାରୁ ପିଲାମାନଙ୍କୁ ନିଶ୍ଚିତ ଉତ୍ସାହ ମିଳିବ। କଠିନ ପରିଶ୍ରମର ଫଳ ମୋତେ ମିଳିଛି। ଚେସ୍ ଏକ ଲମ୍ବା ଗେମ୍। ଏଥିରେ ଧୈର୍ଯ୍ୟ ଧରିବାକୁ ହୁଏ। ସେହିପରି ଜୀବନରେ ମଧ୍ୟ ଧୈର୍ଯ୍ୟର ବହୁତ ବଡ଼ ଫାଇଦା ରହିଛି ବୋଲି ମୁଁ ଅନୁଭବ କଲି।

**ପ୍ରଃ** ଟାଇଟଲ ଜିତିବା ସମୟର ଅନୁଭବ ସମ୍ପର୍କରେ କ'ଣ କହିବେ ?

**ଉଃ** ମୁଁ ବହୁତ ଖୁସି ହୋଇ ଯାଇଥିଲି। ଦୀର୍ଘଦିନ ପ୍ରତୀକ୍ଷାର ଅବସାନ ଘଟିଥିଲା।

**ପ୍ରଃ** ପୋଲାଣ୍ଡ ଟୁର୍ନାମେଣ୍ଟ କେତେ ଟପ୍ ଥିଲା ?

**ଉଃ** ପୋଲାଣ୍ଡରେ ମୁଁ ଯେତେ ପ୍ରତିଯୋଗିତା ଖେଳିଛି ତା'ଠାରୁ ଏହା ସବୁଠାରୁ ଟପ୍ ଥିଲା ଏବଂ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଜଣେ ହେଲେ ଦୁର୍ବଳ ଖେଳାଳି ଏଥିରେ ନ ଥିଲେ। ସବୁ ଶକ୍ତିଶାଳୀ ଖେଳାଳିଙ୍କୁ ନେଇ ଏହି ପ୍ରତିଯୋଗିତା ହୋଇଥିଲା। ୧୮ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ଖେଳାଳି ମଧ୍ୟ ଏଥିରେ ଖେଳୁଥିଲେ। ତେଣୁ ଟୁର୍ନାମେଣ୍ଟ ସହଜ ନ ଥିଲା।

**ପ୍ରଃ** ଗ୍ରାଣ୍ଡମାଷ୍ଟର ପାଇଁ ଅପରିହାର୍ଯ୍ୟ ୨୫୦୦ ଏଲୋ ରେଟିଂର ମ୍ୟାଜିକ୍ ସଂଖ୍ୟାକୁ କେବେ ଛୁଇଁଥିଲେ ?

**ଉଃ** ୨୦୧୪ରେ ମୁଁ ବୁଲଗେରିଆରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୨୫୦୦ ରେଟିଂ ଛୁଇଁଥିଲି।

**ପ୍ରଃ** ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ନର୍ମ ପରେ ଦୀର୍ଘ ଦିନର ପ୍ରତୀକ୍ଷା, ମନରେ କ'ଣ ଚାଲିଥିଲା ?

**ଉଃ** ମୋର ଦୃଢ଼ ଆତ୍ମବିଶ୍ୱାସ ଥିଲା। କାରଣ ନିକଟ ଅତୀତରେ ମୁଁ ପ୍ରାୟ ସମସ୍ତ ଟୁର୍ନାମେଣ୍ଟରେ ଭଲ ଖେଳିଥିଲି। ଗତ ଜାନୁୟାରୀରେ ଅନୁଷ୍ଠିତ ୨ଟି ଟୁର୍ନାମେଣ୍ଟରେ ମାତ୍ର ୦.୫ ପଏଣ୍ଟ ପାଇଁ ଟାଇଟଲ ହାତଛଡ଼ା କରିଥିଲି। ମୁଁ ପାରିବି ବୋଲି ଭଲଭାବେ ଜାଣିଥିଲି। ମାନସିକ ସ୍ତରରେ ମୋତେ ପୂର୍ବରୁ ଆଉଟିକେ ଦୃଢ଼ ହେବାର ଥିଲା। ଏବେ ତାହା କରିବାରୁ ମୁଁ ସଫଳ ହେଲି।

**ପ୍ରଃ** ଟାଇଟଲ ସ୍ପଷ୍ଟ ହେବାପରେ ପ୍ରଥମେ କାହା ସହିତ ଶେୟାର କରିବାକୁ ଇଚ୍ଛା କରିଥିଲେ ?

**ଉଃ** ଓଡ଼ିଶାରେ ବାତ୍ୟା ଫନୀ ପାଇଁ କାହା ସହିତ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ତେବେ ମୁଁ ପ୍ରଥମେ ମୋ ପରିବାର ସହିତ ଭାବାବେଗକୁ ଶେୟାର କରିବାକୁ ଚାହିଁଥିଲି। ମାତ୍ର ତାହା ହେବା ପୂର୍ବରୁ ମୋ ସାଙ୍ଗମାନେ ଇଣ୍ଟରନେଟ୍‌ରେ ମୋ ସହିତ କଥା ହୋଇଥିଲେ।

**ପ୍ରଃ** ପରବର୍ତ୍ତୀ ଲକ୍ଷ୍ୟ କ'ଣ ରହିଛି ?

**ଉଃ** ରେଟିଂ ବଢ଼ାଇବା ମୋର ପ୍ରଥମ ଲକ୍ଷ୍ୟ। ଏଥିପାଇଁ ବଡ଼ ଟୁର୍ନାମେଣ୍ଟରେ ଖେଳିବାକୁ ହେବ।

**ପ୍ରଃ** ଜଣେ ଖେଳାଳି ସହ ଫିଡେ ଟ୍ରେନରଭାବେ ତୁମର ଖ୍ୟାତି ରହିଛି। ଏ ଭୂମିକାକୁ କେମିତି ନିର୍ବାହ କରୁଛନ୍ତି, ଏବେ କେତେ ପିଲା ତୁମ ପାଖରୁ ଟ୍ରେନିଂ ନେଉଛନ୍ତି ?

**ଉଃ** ସର୍ବଭାରତୀୟ ସ୍ତରରେ ଏବଂ ଭାରତ ବାହାରର ପିଲାଙ୍କୁ ମୁଁ ଇଣ୍ଟରନେଟ୍‌ରେ କୋଚିଂ ଦେଉଛି। ବିଶେଷ କରି ମୁମ୍ବାଇ, ଦିଲ୍ଲୀ, ହାଇଦ୍ରାବାଦ,ନାଗପୁର ଓ ଓଡ଼ିଶା ପିଲାମାନେ ମୋ ସହିତ ଟଚ୍‌ରେ ଅଛନ୍ତି। ମୋ ନିକଟରୁ ଟ୍ରେନିଂ ନେଇ ବହୁତ ପିଲା ସଫଳ ହେଲେଣି।

**ପ୍ରଃ** ତୁମ ଅଧୀନରେ ଟ୍ରେନିଂ ନେଇଥିବା ପିଲାଙ୍କ ମଧ୍ୟରୁ କିଏ ତୁମକୁ ଅଧିକ ଖୁସି କରିଛନ୍ତି ?

**ଉଃ** ପଙ୍କଜ ଗୁପ୍ତା। ସେ ଏବେ ଆଇଏମ୍ (ଇଲେକ୍ଟ) ଅଛନ୍ତି। ସେ ଜାତୀୟ ୧୫ ବର୍ଷରୁ କମ ଟାଇଟଲ ଜିତିବା ସହ ରାଜ୍ୟଗୋଷ୍ଠୀ ଚେସ୍‌ରେ ମଧ୍ୟ ପଦକ ପାଇଛନ୍ତି।

**ପ୍ରଃ** ଏବେ କେତେ ପିଲା ତୁମ ନିକଟରୁ ଟ୍ରେନିଂ ନେଉଛନ୍ତି ?

**ଉଃ** ପାଖାପାଖି ୧୦ରୁ ୧୫।

**ପ୍ରଃ** ଜଣେ ଟ୍ରେନର ହେଲେ ମଧ୍ୟ ସ୍ୱୟମ୍ଭ ଏବେ ନିଜେ କାହା ନିକଟରୁ କୋଚିଂ ନେଉଛନ୍ତି। କେମିତି ଅଭ୍ୟାସ କରୁଛନ୍ତି ?

**ଉଃ** ମୁଁ ପିଲାବେଳେ ସତ୍ୟରଞ୍ଜନ ପଟ୍ଟନାୟକ, ରାଜେନ୍ଦ୍ର ସାହୁ, ମନୋଜ ପାଣିଗ୍ରାହୀ, ସୁବାସ ସାହୁ ପ୍ରଭୃତିଙ୍କଠାରୁ କୋଚିଂ ନେଇଥିଲି। ପରେ ଶେଖର ସାହୁ ଓ ନୀରଜ ମିଶ୍ରଙ୍କଠାରୁ କୋଚିଂ ନେଲି। ତା ପରେ ମୁଁ ନିଜେ ଅଭ୍ୟାସ କରି ୨ଟି ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କଲି। ପରେ ୩-୪ ଜଣ ଗ୍ରାଣ୍ଡମାଷ୍ଟରଙ୍କ ସଂସ୍ପର୍ଶରେ ଆସିଥିଲି। ଗତ ୬ ମାସଧରି ମୁଁ ଆଉ ଜଣେ କୋଚ୍‌ଙ୍କ ସଂସ୍ପର୍ଶରେ ଆସିବାଦ୍ୱାରା ପ୍ରଦର୍ଶନରେ ଉନ୍ନତି ଆସିଲା ଏବଂ ୩ୟ ନର୍ମ ସମ୍ଭବ ହୋଇ ପାରିଲା। ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ମୋତେ ସବୁବେଳେ ସପୋର୍ଟ କରି ଆସିଛନ୍ତି। ମୋତେ ଗାଇଡ୍ କରନ୍ତି। ଚେସ୍‌ରେ ହେଉ କି ସାଧାରଣ ଜୀବନରେ କିଛି ସମସ୍ୟା ହେଲେ ସେ ସମାଧାନର ବାଟ ବତାନ୍ତି।

**ପ୍ରଃ** ଅଭ୍ୟାସ ପାଇଁ କେଉଁ ସଫ୍ଟୱେର ବ୍ୟବହାର କରୁଛନ୍ତି ?

**ଉଃ** ଚେସ୍ ବେସ୍ ସଫ୍ଟୱେର ବହୁତ ଆଧୁନିକୀକରଣ ହୋଇଛି। ଏହା ଚେସ୍ ପାଇଁ ବହୁତ ଭଲ। ଅନେକ ପେସାଦାର ଖେଳାଳି ଏହାକୁ ବ୍ୟବହାର କରୁଛନ୍ତି। ମୁଁ ଏହାକୁ ବ୍ୟବହାର କରେ ଏବଂ ଅନ୍ୟ ଖେଳାଳିମାନେ ମଧ୍ୟ ଏହା କରିବା ଉଚିତ ବୋଲି ମୋର ମତ।

**ପ୍ରଃ** ଏବେ ଏଜୁକେଶନ କ'ଣ କେମିତି ଚାଲିଛି ?

**ଉଃ** ମୁଁ ବିଟେକ୍ ଶେଷ କରିଛି। କିଟ୍ ପକ୍ଷରୁ ମୋତେ ବହୁତ ସପୋର୍ଟ ମିଳିଛି। ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ମୋତେ ବହୁତ ସହଯୋଗ କରିଛନ୍ତି।

**ପ୍ରଃ** ସ୍ୱୟମ୍ଭ ଆଜି ଯେଉଁଠି ପହଞ୍ଚିଛନ୍ତି ତା'ର ଶ୍ରେୟ କାହାକୁ ଦେବାକୁ ଚାହିଁବେ ?

**ଉଃ** ଶ୍ରେୟ ସମସ୍ତଙ୍କ ନିକଟକୁ ଯିବ। ଏହା ମଧ୍ୟରେ ମୋ କୋଚ୍, ପରିବାର, ବନ୍ଧୁ ଏବଂ ଷ୍ଟୁଡେଣ୍ଟମାନେ ଯିବେ।

**ପ୍ରଃ** ପରିବାରରୁ କିପରି ସପୋର୍ଟ ମିଳୁଛି ?

**ଉଃ** ପରିବାରରୁ ମୋତେ ଭରପୂର ସମର୍ଥନ ମିଳିଥିଲା ଏବଂ ଏବେ ମଧ୍ୟ ଜାରି ରହିଛି। କୌଣସି ଟୁର୍ନାମେଣ୍ଟରେ ଖରାପ ହେଲେ ସେମାନେ ମୋତେ ବୁଝାଇଥାନ୍ତି।

**ପ୍ରଃ** ଏବେ ଓଡ଼ିଶା ଚେସ୍‌ର ସ୍ଥିତି କିପରି ଅଛି, ଉନ୍ନତି ପାଇଁ ଆଉ କ'ଣ ଆବଶ୍ୟକ ଅଛି ?

**ଉଃ** ତାମିଲନାଡୁ, ମହାରାଷ୍ଟ୍ର ରାଜ୍ୟରେ ଚେସ୍ ଏବେ ବହୁତ ଆଗକୁ ଯାଇଛି। ସେହି ତୁଳନାରେ ଆମେ ପଛରେ। ତେବେ ଏଠାରେ ସୁଯୋଗ ରହିଛି।

**ପ୍ରଃ** ଓଡ଼ିଶାର ପରବର୍ତ୍ତୀ ଗ୍ରାଣ୍ଡମାଷ୍ଟର କିଏ ବୋଲି ସ୍ୱୟମ୍ଭ ଭାବୁଛନ୍ତି ?

**ଉଃ** ଓଡ଼ିଶାରେ ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରଜ୍ଞ ୪ଟି ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରି ସାରିଛନ୍ତି। ଆଇଏମ ପଦ୍ମିନୀ ରାଉତ ଗୋଟିଏ ନର୍ମ କରିଛନ୍ତି, ଅବଶିଷ୍ଟ ନର୍ମ ଓ ରେଟିଂ ବାକିଅଛି। ରାକେଶ ଜେନା, ସିଦ୍ଧାନ୍ତ ମହାପାତ୍ର, ଉତ୍କଳ ରଞ୍ଜନ ସାହୁଙ୍କୁ ନେଇ ଆମେ ପରବର୍ତ୍ତୀ ଜିଏମ ସ୍ୱପ୍ନ ଦେଖି ପାରିବା। ଏମାନଙ୍କ ନିକଟରେ ଭଲ ସୁଯୋଗ ଅଛି। କେବଳ ସେତିକି ନୁହେଁ ଯିଏବି କଠିନ ପରିଶ୍ରମ କରିବ ସେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ। ଅସମ୍ଭବ କିଛି ନାହିଁ।

**ପ୍ରଃ** ଜଣେ ଚେସ୍ ଖେଳାଳି ପାଇଁ ପ୍ରାୟୋଜକ କେତେ ଆବଶ୍ୟକ ?

**ଉଃ** ପ୍ରାୟୋଜକ ମିଳିଲେ ଭଲ କଥା, ନ ହେଲେବି ସଫଳତା ପାଇହେବ। ମୁଁ ବିନା ପ୍ରାୟୋଜକରେ ଆଜି ଏଠାରେ ପହଞ୍ଚିଛି। ପରିବାର ଓ କିଟ୍‌ର ସମର୍ଥନ ଯୋଗୁ ମୁଁ ଆଗକୁ ବଢ଼ି ପାରିଛି।

**ପ୍ରଃ** ଓଡ଼ିଶା ଚେସ୍‌କୁ ନେଇ ସ୍ୱୟମ୍ଭଙ୍କର କ'ଣ ଭବିଷ୍ୟତ ଲକ୍ଷ୍ୟ ରହିଛି ?

**ଉଃ** ମୁଁ ଏବେ ୩ ଜଣ ଓଡ଼ିଶା ପିଲାଙ୍କୁ କୋଚିଂ ଦେଉଛି। ମୁଁ ଓ ସ୍ୱୟଂଶୁ ସତ୍ୟପ୍ରଜ୍ଞ ମିଶି ମେ ୧୭ରୁ ୨୦ ପର୍ଯ୍ୟନ୍ତ ଓଡ଼ିଶା ଖେଳାଳିଙ୍କ ପାଇଁ ଏକ କ୍ୟାମ୍ପ କରିବା ଲକ୍ଷ୍ୟ ରହିଛି। ଭବିଷ୍ୟତରେ ମଧ୍ୟ ସେପରି କିଛି କରିବି। ଏବେ ଆମ ରାଜ୍ୟରେ ୨ ଗ୍ରାଣ୍ଡମାଷ୍ଟର, ୭ ଅନ୍ତର୍ଜାତୀୟ ମାଷ୍ଟର ଏବଂ ଅନ୍ୟ ଟାଇଟଲଧାରୀ ଅଛନ୍ତି। ତାମିଲନାଡୁରେ ପ୍ରତିବର୍ଷ ୩ରୁ ୪ ଜଣ ଜିଏମ ହେଉଛନ୍ତି। ଜାତୀୟ ସ୍ତରରେ ମଧ୍ୟ ସବୁବେଳେ ତାମିଲନାଡୁ, ମହାରାଷ୍ଟ୍ର ଆଦି ଖେଳାଳିମାନେ ଚାମ୍ପିୟନ ହେଉଛନ୍ତି। ଆମ ଓଡ଼ିଶାରେ ପିଲାମାନେ ଏଜ୍ ଗ୍ରୁପରେ ଭଲ କରୁଛନ୍ତି ମାତ୍ର ତା'ପରେ ପ୍ରଦର୍ଶନରେ ଅବନତି ଘଟୁଛି। ଏଥର ରାକେଶ ଜେନା ଜାତୀୟ ୧୯ ବର୍ଷରୁ କମ୍ ଚେସ୍‌ରେ ଟପ୍ପର ହୋଇଥିଲେ। ସେ ଓ ସାଇନା ସାଲୋନିକା ଏବେ ଉଚ୍ଚସ୍ତରରେ ଭଲ ପ୍ରଦର୍ଶନ କରୁଛନ୍ତି। ଏହା ଆମପାଇଁ ଶୁଭ ସୂଚନା।

**ପ୍ରଃ** ଚେସ୍‌କୁ କ୍ୟାରିୟର କରୁଥିବା ପିଲାମାନଙ୍କୁ ସ୍ୱୟମ୍ଭ କ'ଣ କହିବାକୁ ଚାହିଁବେ ?

**ଉଃ** କଠିନ ପରିଶ୍ରମ କରିବା ସହ ଧୈର୍ଯ୍ୟ ନିହାତି ଜରୁରୀ। ବିନା ଧୈର୍ଯ୍ୟରେ କିଛି ହୋଇ ପାରିବ ନାହିଁ। ଏହା ବ୍ୟତୀତ ଏଜୁକେଶନକୁ ଗୁରୁତ୍ୱ ଦିଅନ୍ତୁ। ଏଜୁକେଶନ ଭବିଷ୍ୟତରେ ସେମାନଙ୍କୁ ବହୁତ ସାହାଯ୍ୟ କରିବ। ପଢ଼ା ଓ ଚେସ୍ ଏକ ସଙ୍ଗେ ସମ୍ଭବ ବୋଲି ଅନେକ ଖେଳାଳି ପ୍ରମାଣିତ କରି ସାରିଛନ୍ତି।

**ପ୍ରଃ** ସ୍ୱୟମ୍ଭ ଖାଦ୍ୟପ୍ରିୟ ବୋଲି ସମସ୍ତେ ଜାଣନ୍ତି, କେଉଁ ଖାଦ୍ୟପ୍ରତି ଅଧିକ ରୁଚି ରହିଛି ?

**ଉଃ** ସେମିତି କିଛି ନିର୍ଦ୍ଦିଷ୍ଟ ଖାଦ୍ୟପ୍ରତି ରୁଚି ନାହିଁ। ନିଜେ ରାନ୍ଧି ଖାଇବା ପାଇଁ ମୋତେ ଭଲ ଲାଗେ। ନିଜେ ରୋଷେଇ କରିବାକୁ ମୁଁ ପସନ୍ଦ କରେ।

**ପ୍ରଃ** ପରବର୍ତ୍ତୀ ଟୁର୍ନାମେଣ୍ଟ କ'ଣ ଅଛି ?

**ଉଃ** ନିକଟରେ ଜଳନ୍ଧରରେ ଆସନ୍ତା ୨୫ରୁ ୨୭ ପର୍ଯ୍ୟନ୍ତ ନ୍ୟାଶନାଲ ଚେସ୍ ଟୁର୍ନାମେଣ୍ଟ ଅଛି। ମୁଁ ସେଥିପାଇଁ ପ୍ରସ୍ତୁତ ହେବି।

**-ପ୍ରସ୍ତୁତିଃ ତପନ ସ୍ୱାଇଁ**


ହଜିଲା ଅତୀତ: ଜେଜେବାପା ଓ ଭଉଣୀଙ୍କ ସହ ସ୍ୱୟମ୍ଭ (ମଝି)।

## ସଂକ୍ଷେପରେ ସ୍ୱୟମ୍ଭ

ନାମ: ସ୍ୱୟମ୍ଭ ମିଶ୍ର
ଡାକନାମ: ଗୁରୁ
ଜନ୍ମ: ୧୯୯୨ ଅଗଷ୍ଟ ୧୩, କଟକ
ପରିବାର: ମା'-ପ୍ରତିଭା ମିଶ୍ର, ପିତା-ଦିଲୀପ ମିଶ୍ର, ଭଉଣୀ-ସୌମ୍ୟା।
ଘର: କୃତ୍ତିବାସ ଭବନ, ଚରମ୍ପା, ଭଦ୍ରକ।
ବର୍ତ୍ତମାନ ରହଣି: କଟକ
ଫିଡେ ରେଟିଂ: ୨୪୭୩
ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ: ୨୦୧୨
ପ୍ରଥମ ଗ୍ରାଣ୍ଡମାଷ୍ଟର ନର୍ମ: ୨୦୧୪, ଭୁବନେଶ୍ୱର
ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ନର୍ମ: ୨୦୧୫, ଆଇଜଲ ଅଫ୍ ମ୍ୟାନ୍
ତୃତୀୟ ଗ୍ରାଣ୍ଡମାଷ୍ଟର ନର୍ମ: ୨୦୧୯, ପୋଲାଣ୍ଡ
ଗ୍ରାଣ୍ଡମାଷ୍ଟର ଟାଇଟଲ: ୨୦୧୯


ଓଡ଼ିଶାର ୩ ଶ୍ରେଷ୍ଠ ତାରକା(ବାମରୁ) ସ୍ୱୟଂଶୁ ସତ୍ୟପ୍ରଜ୍ଞ, ସ୍ୱୟମ୍ଭ ମିଶ୍ର ଓ ଦେବାଶିଷ ଦାସ।

## ରିୟଲ

ବାତ୍ୟା ଫନୀ ଏବେ ଉଡ଼ାଇ ନେଇଛି
ବିଜୁଳି, ବିଜୁଳି ଖୁଣ୍ଟ
ରାଜଧାନୀ ସହ ବାତ୍ୟା ଅଞ୍ଚଳରେ
ଲାଗୁନି ଇଣ୍ଟରନେଟ
କ୍ରୀଡ଼ାପ୍ରେମୀ ଛଟପଟ
ଆଇପିଏଲରେ ଧୂଆଁଧାର ମାଡ଼
ଯାଇଅଛି କେତେବାଟ।
ଫନୀ ଧୂଆଁଧାର ମାଡ଼ରେ ବେହାଲ
କୋଣାର୍କ, କଟକ, ପୁରୀ
ସବୁଜ ସୁନ୍ଦର ପର୍ଯ୍ୟଟନ କ୍ଷେତ୍ର
ହରାଇଛି ତା'ର ଶିରି
ଗ୍ଲୋବାଲ ୱାର୍ମିଂ ଘୂରି
ଏହିପରି ପ୍ରାକୃତିକ ବିପର୍ଯ୍ୟୟ
ଡାକି ଆଣିଥାଏ ହରି।
ନିଜକଥା ଭୁଲି ଅନ୍ୟକୁ ସୁରକ୍ଷା
ଦେଇ ଯିଏ ଆନନ୍ଦିତ
ଫନୀପରି ବିପର୍ଯ୍ୟୟ ବେଳେ ଯିଏ
ଶ୍ରମଦାନ କରେ ମିତ
ଦେଶ ମା' ବୀର ପୁତ
ପରି ଟିମ୍ ସବୁ ରିୟଲ ଖେଳାଳି
ପ୍ରଣିପାତ ଘେନ ସତ।

-ସୁବାସଚନ୍ଦ୍ର ପ୍ରଧାନ

Dollar 69.94 (23) | Sensex 37,558.91 (230.22) | Nifty 11,301.80 (57.65) | Gold 32,890.00 (₹40) | Silver 38,220.00 (₹0)



"ବିଶାଖାପାଟନାମ ପୋର୍ଟ ଟ୍ରଷ୍ଟର କାର୍ଗୋ ହ୍ୟାଣ୍ଡଲିଂ କ୍ଷମତା ଦ୍ୱିଗୁଣିତ ହୋଇଥିବା ବେଳେ ଆସନ୍ତା ୨ବର୍ଷରେ ଏହାକୁ ୧୪୫ ମିଲିୟନ ଟନରେ ପହଞ୍ଚାଇବା ଲକ୍ଷ୍ୟ ରହିଛି।

– ଏମ୍.ଟି.କ୍ରିଷ୍ଣା ବାବୁ, ଅଧ୍ୟକ୍ଷ, ଭାଇଜାଗ୍ ପୋର୍ଟ

"ମାନୁଫାକ୍ଚରିଂ କ୍ଷେତ୍ରରେ ନିରନ୍ତର ପ୍ରୟାସ ଏବଂ ନୂଆ ଔଷଧ ନିର୍ମାଣରେ ସଫଳତା ଯୋଗୁ ଗ୍ରାନ୍ୟୁଲ୍ସ ଇଣ୍ଡିଆ ଲାଭ ବଢ଼ିବାରେ ଲାଗିଛି।

–କ୍ରିଷ୍ଣ ପ୍ରସାଦ ଛିଗୁରୁପତି, ସିଏମ୍‌ଡି, ଗ୍ରାନ୍ୟୁଲ୍ସ ଇଣ୍ଡିଆ ଲିମିଟେଡ



## ସଂକ୍ଷେପରେ

### ୩ ଲକ୍ଷ କୋଟି ଟପିବ ମୁଦ୍ରା ଋଣ

ନୂଆଦିଲ୍ଲୀ,୯-୫: ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ଦିଆଯାଉଥିବା ଋଣ ପରିମାଣ ଚଳିତ ଆର୍ଥିକ ବର୍ଷରେ ୩ ଲକ୍ଷ କୋଟି ଟଙ୍କା ଟପିଯିବ ବୋଲି ଆଶାକରାଯାଉଛି। ଗୁରୁବାର ଅର୍ଥ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇଛି। ଗତ ଆର୍ଥିକ ବର୍ଷରେ ମାର୍ଚ୍ଚ ୨୨,୨୦୧୯ ସୁଦ୍ଧା ଉକ୍ତ ଯୋଜନାରେ ୫୪୧.୨୭ ଲକ୍ଷ ଋଣଗ୍ରହୀତାଙ୍କୁ ୨.୮୨ ଲକ୍ଷ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ସୂଚନାଥାଉ କି, ପ୍ରାରମ୍ଭିକ ସ୍ତରରୁ ବ୍ୟବସାୟ ଆରମ୍ଭ କରିବା କ୍ଷେତ୍ରରେ ମୁଦ୍ରା ଋଣ ଦିଆଯାଇଥାଏ। ଏହା ଔପଚାରିକ ବ୍ୟାଙ୍କିଙ୍ଗ କ୍ରେଡିଟ ଚ୍ୟାନେଲ ଅନ୍ତର୍ଗତରେ ମିଳେ। ସର୍ବାଧିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଏ। ଏହି ଋଣକୁ ୩ ଶ୍ରେଣୀରେ ବଣ୍ଟା ଯାଇଛି। ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣକୁ 'ଶିଶୁ', ୫୦୦୦୧ରୁ ୫ ଲକ୍ଷ ଟଙ୍କା ଋଣକୁ 'କିଶୋର' ଏବଂ ୫.୦୧ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣକୁ 'ତରୁଣ' ଭାବେ ଉଲ୍ଲେଖ କରାଯାଉଛି।

### ନୂଆ ପ୍ରିମିୟମରେ ଏସ୍‌ବିଆଇ ଲାଇଫ୍‌ର ଅଭିବୃଦ୍ଧି

ନୂଆଦିଲ୍ଲୀ,୯-୫:ନୂଆ ବୀମା ପ୍ରିମିୟମ ସଂଗ୍ରହରେ ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ ୨୬% ଅଭିବୃଦ୍ଧି ହାସଲ କରିଛି। ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଏସ୍‌ବିଆଇ ଲାଇଫ ନୂଆ ପ୍ରିମିୟମ ବାବଦକୁ ୧୩,୭୯୨ କୋଟି ଟଙ୍କା ସଂଗ୍ରହ କରିଛି। ଏହାର ପୂର୍ବବର୍ତ୍ତୀ ବର୍ଷ ସମାନ ସମୟରେ ଏହା ୧୦,୯୬୬ କୋଟି ଟଙ୍କା ରହିଥିଲା। କମ୍ପାନୀର ପ୍ରୋଟେକ୍ସନ ନିୟୁ ବିଜନେସ ପ୍ରିମିୟମ ୧୬୪୩ କୋଟି ଟଙ୍କା ଥିବା ବେଳେ ଏଥିରେ ୧୭୪% ବୃଦ୍ଧି ଘଟିଛି। ଏହା ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ୬୦୦ କୋଟି ଟଙ୍କା ଥିଲା। ବ୍ୟକ୍ତିଗତ ନୂଆ ବିଜନେସ୍ ପ୍ରିମିୟମ ସଂଗ୍ରହ ୧୫% ବୃଦ୍ଧି ଘଟି ୯,୬୩୬ କୋଟି ଟଙ୍କା ରହିଛି।

### ସ୍ପାଇସ୍‌ଜେଟ୍ ବିଜ୍‌ନେସ କ୍ଲାସ୍ ଯାତ୍ରା ୧୧ରୁ

ନୂଆଦିଲ୍ଲୀ,୯-୫: ଶସ୍ତାରେ ବିମାନ ଯାତ୍ରା ଯୋଗାଣକାରୀ ଏୟାରଲାଇନ୍ସ କମ୍ପାନୀ ସ୍ପାଇସ୍‌ଜେଟ୍ ଆସନ୍ତା ୧୧ରୁ ବିଜନେସ କ୍ଲାସ୍‌ରେ ଯାତ୍ରା ସୁବିଧା ଯୋଗାଇବ ବୋଲି ଗୁରୁବାର ଘୋଷଣା କରିଛି। କମ୍ପାନୀ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, କେତେକ ବଛା ବଛା ରୁଟ୍ ଯଥା- ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ, ହାଇଦ୍ରାବାଦ, ବେଙ୍ଗାଲୁରୁ, ବାରାଣସୀ, ବାଗଡୋଗ୍ରା ଏବଂ ଶ୍ରୀନଗରରୁ ଉଡୁଥିବା ବୋଇଂ ୭୩୭ ବିମାନରେ ବିଜ୍‌ନେସ କ୍ଲାସରେ ବିମାନ ଯାତ୍ରା ସୁବିଧା ଦିଆଯିବ।

### ସ୍ୱାଧୀନ ନିର୍ଦ୍ଦେଶକଙ୍କ ଇ-ପଞ୍ଜୀକରଣ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୯-୫: ଦେଶର ସମସ୍ତ ସ୍ୱାଧୀନ ନିର୍ଦ୍ଦେଶକଙ୍କ ପାଇଁ ଇ-ପଞ୍ଜୀକରଣ ବାଧ୍ୟତାମୂଳକ କରାଯିବ। ଏଥିପାଇଁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଏହାଛଡ଼ା ସେମାନଙ୍କୁ ଇଲେକ୍ଟ୍ରୋନିକ ମୋଡ୍ୟୁଲରେ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯିବ ଯାହା କି, ଇଚ୍ଛାଧୀନ ହେବ। ଡାଇରେକ୍ଟର୍ସ ଆଇଡେଣ୍ଟିଫିକେଶନ ନମ୍ବର ପାଇଁ ହେଉଥିବା ପଞ୍ଜୀକରଣ ବ୍ୟତୀତ ଉକ୍ତ ପଞ୍ଜୀକରଣ ସ୍ୱତନ୍ତ୍ର ହେବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଗୋଟିଏ କମ୍ପାନୀର ପ୍ରମୋଟର ଅଥବା ମାଲିକ ଅନ୍ୟ କମ୍ପାନୀ ବୋର୍ଡରେ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ସାମିଲ ହେଲେ, ତାଙ୍କୁ ମଧ୍ୟ ଉକ୍ତ ଇ-ପଞ୍ଜୀକରଣ କରିବାକୁ ହେବ।

### ୫୦ କୋଟି ଛୁଇଁବ ଅନ୍‌ଲାଇନ ଭିଡିଓ ଦେଖଣାହାରି ସଂଖ୍ୟା

ନୂଆଦିଲ୍ଲୀ,୯-୫:ଅନ୍‌ଲାଇନ ଭିଡିଓ ଆଜି ଭାରତୀୟ ଉପଭୋକ୍ତାଙ୍କ ଲାଗି ସୂଚନା ଏକତ୍ରିତ କରିବା ତଥା କିଣାକିଣି ସମ୍ପର୍କରେ ନିଷ୍ପତ୍ତି ନେବାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇଛି। ଗୁଗଲର ରିପୋର୍ଟରେ କୁହାଯାଇଛି ଯେ, ୨୦୨୦ ସୁଦ୍ଧା ଅନ୍‌ଲାଇନ ଭିଡ଼ିଓ ଦେଖଣାହାରିଙ୍କ ସଂଖ୍ୟା ୫୦ କୋଟିରେ ପହଞ୍ଚିଯିବ। ଏଥିରେ କୁହାଯାଇଛି ଯେ, ଅନ୍‌ଲାଇନ ଭିଡ଼ିଓ ଲାଗି ଏକତୃତୀୟାଂଶ ସର୍ଚ୍ଚ ମନୋରଞ୍ଜନ ସହ ଜଡ଼ିତ। ଏହାବ୍ୟତୀତ ଗତ ୨ ବର୍ଷ ଭିତରେ ଅନ୍ୟ ଶ୍ରେଣୀ ଯଥା- ଜୀବନଶୈଳୀ, ଶିକ୍ଷା ଏବଂ ବ୍ୟବସାୟରେ ମଧ୍ୟ ସର୍ଚ୍ଚ ଦେଢ଼ଗୁଣରୁ ୩ ଗୁଣ ବଢ଼ିଯାଇଛି।

---

■ ମୋଦିଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ ସଦସ୍ୟଙ୍କ ଚେତାବନୀ

# ଅର୍ଥନୀତିରେ ମାଡ଼ିଆସୁଛି ମାନ୍ଦାବସ୍ଥା

ନୂଆଦିଲ୍ଲୀ,୯-୫



■ ସଙ୍କଟ ଆଡ଼କୁ ଗତିକରୁଛି ଅର୍ଥନୀତି
■ ବ୍ରାଜିଲ, ଦକ୍ଷିଣ ଆଫ୍ରିକା ରାସ୍ତାରେ ଚାଲିଛି ଭାରତ
■ ୧୯୯୧ ପରେ ରପ୍ତାନି ଆଧାରିତ ନୁହେଁ ଅର୍ଥନୀତି
■ ମାତ୍ର ୧୦ କୋଟି ଉପଭୋକ୍ତା ବଢ଼ାଉଛନ୍ତି ଅର୍ଥନୀତି

ସାଧାରଣ ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ସରକାରଙ୍କ ଆର୍ଥିକ ସଫଳତାର ଗୁଣଗାନ କରିବାରେ ଥକିପଡୁନାହାନ୍ତି। କିନ୍ତୁ ତାଙ୍କର ଆର୍ଥିକ ପରାମର୍ଶଦାତା ପରିଷଦର ଜଣେ ସଦସ୍ୟ ରଥୀନ ରାୟ ଭାରତର ଅର୍ଥନୀତି ଗଭୀର ସଙ୍କଟ ଆଡ଼କୁ ଗତି କରୁଛି ବୋଲି ଚେତାବନୀ ଶୁଣାଇଛନ୍ତି। ତାଙ୍କ ମତରେ ବିକାଶଶୀଳ ଦେଶ ଭାବେ ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକାର ଆର୍ଥିକ ବିକାଶ ଧିମା ହୋଇଯାଇଥିବା ବେଳେ ଭାରତ ମଧ୍ୟ ସେହି ରାସ୍ତାରେ ପାଦ୍ ଥାପିଛି। ଅର୍ଥନୀତିରେ ବାନ୍ଦାବସ୍ଥା ମାଡ଼ିଆସୁଛି ବୋଲି ସେ କହିଛନ୍ତି। ଦେଶର ଅର୍ଥବ୍ୟବସ୍ଥା ଧିମାହେବା ନେଇ ପ୍ରଶ୍ନ ଉଠୁଥିବା ବେଳେ ରାୟଙ୍କ ଏହି ବିବୃତି ବିଶେଷ ପ୍ରଣିଧାନଯୋଗ୍ୟ। ଏକ ନ୍ୟୁଜ୍ ଚ୍ୟାନେଲକୁ ସାକ୍ଷାତ୍‌କାର୍ ଦେଇ ରାୟ କହିଛନ୍ତି ଯେ, ଆମେ ଏକ ଢାଞ୍ଚାଗତ ମାନ୍ଦାବସ୍ଥା ଆଡ଼କୁ ଗତି କରୁଛୁ। ଏହା ଏକ ପ୍ରାରମ୍ଭିକ ଚେତାବନୀ କୁହାଯାଇପାରେ। ୧୯୯୧ ପରେ ଦେଶର ଅର୍ଥନୀତି ରପ୍ତାନି ଆଧାରିତ ଭାବେ ବିକାଶିତ ହେଉ ନାହିଁ। ବରଂ ଏହା ଶୀର୍ଷ ୧୦ କୋଟି ଜନସଂଖ୍ୟାର ଉପଭୋଗ ଯୋଗୁ ହେଉଛି। ସେ କହିଛନ୍ତି ଯେ, ଏହି ଉପଭୋକ୍ତା ଦେଶର ବିକାଶ ଇତିହାସ ରଚନା କରୁଛନ୍ତି। ତାଙ୍କ ମତରେ ଚାଇନାର ଆର୍ଥିକ ବିକାଶ ହ୍ରାସ ପାଉଥିବାରୁ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହୋଇପାରିଛି। ଏବେ ଆମ ଅର୍ଥନୀତି ୬.୧-୬.୬ ପ୍ରତିଶତ ହାରରେ ବଢୁଛି। ଆସନ୍ତା ୫ରୁ୬ ବର୍ଷ ଭିତରେ ଏହା ୫ରୁ୬ ପ୍ରତିଶତ ହେବ। ସମୟ ଆସିବ ତାହା ମଧ୍ୟ ବନ୍ଦ ହୋଇଯିବ। ସେ ଏ ସମ୍ପର୍କରେ ସରକାରଙ୍କୁ ଜଣାଇଛନ୍ତି କି ବୋଲି ପ୍ରଶ୍ନ ହେବାରୁ ରାୟ କହିଛନ୍ତି ଯେ, ସର୍ବସାଧାରଣରେ ସେ ଲେଖିସାରିଛନ୍ତି। ତାଙ୍କର କହିବାନୁଯାୟୀ, ମାନ୍ଦାବସ୍ଥା ଆମ ଆଡ଼କୁ ମାଡି ଆସୁଛି। ଏହାର ଅର୍ଥ ସଂକ୍ଷେପରେ କହିବାକୁ ଗଲେ ଆମେ ଦକ୍ଷିଣ କୋରିଆ, ଚାଇନା ଭଳି ହେବା ନାହିଁ। ବରଂ ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକା ଭଳି ହେବା। ସେ କହିଛନ୍ତି ଯେ, ବିଶ୍ୱର ଇତିହାସରେ ଦେଶଗୁଡ଼ିକ ମଧ୍ୟବିତ୍ତ ଆୟ ଜାଲରୁ ରକ୍ଷା ପାଇବାକୁ ଚାହୁଁଛି। କିନ୍ତୁ ଯିଏ ଥରେ ଏଥିରେ ଫସିଛି, ସେ ଆଉ ବାହାରି ପାରିନାହିଁ। ସୂଚନାଯୋଗ୍ୟ ଯେ, କେଜେଏମ୍ ଫାଇନାନ୍ସିଆଲ ରିପୋର୍ଟ 'ରୁରାଲ୍ ସଫାରୀ ଷ୍ଟିଲ୍ ଅନ୍ ବମ୍ପି ରୋଡ୍'ରେ କୁହାଯାଇଛି ଯେ, ସାଧାରଣ ନିର୍ବାଚନ ପରେ ଦୁଇଚକିଆ ଓ ଚାରିଚକିଆ ଯାନ ଭଳି ବିବେକାଧୀନ ଉପଭୋଗରେ ସାମାନ୍ୟ ବୃଦ୍ଧି ଦେଖାଯିବ। କିନ୍ତୁ ବଜାର ସମର୍ଥିତ ସ୍ଥାୟୀ ଅଭିବୃଦ୍ଧି ଧୀରେ ଧୀରେ ହେବ, ଯାହା କି, ପୂର୍ବାନୁମାନରୁ ଅଧିକ ମାନ୍ଦା ହେବ। ନୂଆ ସରକାରଙ୍କୁ ଦେଶର ଖରାପ ଗ୍ରାମୀଣ ଅର୍ଥନୀତି ଉତ୍ତରାଧିକାର ସୂତ୍ରରେ ମିଳିବାକୁ ଯାଉଛି। କାରଣ ଦେଶର କୃଷି ଆଧାରିତ ଅର୍ଥନୀତିର ଅନେକ ଅଂଶ ଅନୌପଚାରିକ କ୍ଷେତ୍ର ଅନ୍ତର୍ଗତରେ ଆସୁଛି। ଯାହାକୁ ଗତ କିଛି ମାସ ଧରି ଅନେକ ବାଧାର ସମ୍ମୁଖୀନ ହେବାକୁ ପଡୁଛି ଏବଂ ସେମାନଙ୍କୁ ଏଥିରୁ ବାହାରି ଆସିବାକୁ ଏବେ ଆହୁରି ସମୟ ଲାଗିବ। ଜେଏମ ଫାଇନାନ୍ସିଆଲ ପକ୍ଷରୁ କୁହାଯାଇଛି ଯେ, କମ୍ପାନୀ ଅଟୋ ସେକ୍ଟର ଲାଗି ନିଜର ଅନୁମାନ ହ୍ରାସ କରିଛି ଏବଂ ଖାଦ୍ୟପଦାର୍ଥ ଆୟ କମିବାରେ ଲାଗିଛି। କମ୍ପାନୀ ମତରେ ଆର୍ଥିକ ବର୍ଷ ୨୦୨୦ରେ କେବଳ ଗ୍ରାମୀଣ କ୍ଷେତ୍ରର ପ୍ରଦର୍ଶନ ମାନ୍ଦା ରହିବ। ଗ୍ରାମୀଣ କ୍ଷେତ୍ରାର ବିକାଶ ହାର ବର୍ତ୍ତମାନ ୧୩ ମଧ୍ୟରୁ ୧୦ ରାଜ୍ୟରେ ଗତବର୍ଷ ସେପ୍ଟେମ୍ବର ମୁକାବିଲାରେ ଧିମା ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ବିକ୍ରି କମିବା ଏବଂ ଅଣକୃଷି ଆୟ ହ୍ରାସ ପାଇବା ଏହାର କାରଣ ବୋଲି ଦର୍ଶାଯାଇଛି। ଫସଲ ମୂଲ୍ୟ କ୍ରମାଗତ ହ୍ରାସ ପାଇବା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଅର୍ଥ ମନ୍ତ୍ରଣାଳୟର ମାର୍ଚ୍ଚ, ୨୦୧୯ର ମାସିକ ଆର୍ଥିକ ରିପୋର୍ଟରେ ମଧ୍ୟ ଏଭଳି ସଙ୍କେତ ଦିଆଯାଇଛି। ଭାରତର ଅର୍ଥନୀତି ୨୦୧୮-୧୯ରେ ସାମାନ୍ୟ ଧିମା ହୋଇଥିବା ଏଥିରେ ସ୍ୱୀକାର କରାଯାଇଛି। ବ୍ୟକ୍ତିଗତ ଖର୍ଚ୍ଚ ହ୍ରାସ ପାଇବା, ନିଶ୍ଚିତ ନିବେଶ ସାମାନ୍ୟ ବୃଦ୍ଧି ଏବଂ ରପ୍ତାନି ମୌନ ହେବା ମାନ୍ଦାବସ୍ଥା ଲାଗି ଦାୟୀ ବୋଲି କୁହାଯାଇଛି। ରଥୀନ ରାୟ ଚେତାବନୀ ଶୁଣାଇ କହିଛନ୍ତି ଯେ, ଦେଶର ଅର୍ଥନୀତି ଲାଗି ବିପଦ ଅଧିକ ଗଭୀର। ଯାହାର ସଙ୍କେତ ମିଳିସାରିଲାଣି।

### ସୁଧ ହାର ହ୍ରାସ କରିପାରେ ଆର୍‌ବିଆଇ

ମୁମ୍ବାଇ,୯-୫

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଜୁନରେ ପୁଣି ଥରେ ସୁଧ ହାର ହ୍ରାସ କରିପାରେ। ମୁଦ୍ରାସ୍ଫୀତିର ପ୍ରଭାବ ସାମାନ୍ୟ ରହିଥିବା ବେଳେ ବିତ୍ତୀୟ ନିଅଣ୍ଟ ଜନିତ ଚାପ ହ୍ରାସ କମିଥିବାରୁ ଆର୍‌ବିଆଇ ଏଭଳି ନିଷ୍ପତ୍ତି ନେଇପାରେ ବୋଲି ଆଇଏଚ୍‌ଏସ୍ ମାର୍କିଟ ବୁଧବାର ସୂଚନା ଦେଇଛି। ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଆର୍‌ବିଆଇ ଫେବୃୟାରୀ ଏବଂ ଏପ୍ରିଲରେ ୨୫ ବେସିସ ପଏଣ୍ଟ ସୁଧ ହାର ହ୍ରାସ କରିଥିଲା। ଜୁନ ପରେ ମୁଦ୍ରାସ୍ଫୀତି ଚାପ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ଦେଖିଲେ ଚଳିତ ବର୍ଷ ଆଉ ସୁଧହାର ହ୍ରାସ ହେବାର ସମ୍ଭାବନା ନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ନିର୍ବାଚନ ପରେ ବିତ୍ତୀୟ ଆବଣ୍ଟନ, ମୁଦ୍ରାନୀତିରେ ଋଣ ପ୍ରଦାନକୁ ନିୟମରେ କୋହଳ କରାଯାଉଥିବାରୁ ୨୦୧୯-୨୦ର ପ୍ରଥମାର୍ଦ୍ଧରେ ଏହା ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ୨୦୧୯ର ଦ୍ୱିତୀୟାର୍ଦ୍ଧରେ ମୁଦ୍ରାସ୍ଫୀତି ୫% ହାର ଟପିବା ନେଇ ଅନୁମାନ କରାଯାଉଛି। ଏହା ୨୦୧୯ରେ ହାରାହାରି ୪.୨% ଥିବା ବେଳେ ୨୦୨୦ରେ ୫.୩% ରହିବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

## ଅନୁଗୋଳରେ ସୋନିର ନୂଆ ଶୋ'ରୁମ୍

ଭୁବନେଶ୍ୱର,୯-୫




ଅନୁଗୋଳସ୍ଥିତ ଶଙ୍କର ସିନେମା ରୋଡଠାରେ ସୋନି ପକ୍ଷରୁ ନୂଆ ଶୋ'ରୁମ ଶୁଭାରମ୍ଭ ହୋଇଛି। ଏଠାରେ ଗ୍ରାହକମାନେ ସୋନିର ସମ୍ପୂର୍ଣ୍ଣ ପ୍ରଡକ୍ଟ ରେଞ୍ଜ୍ ପାଇ ପାରିବେ। ଏହା ମଧ୍ୟରେ ଟିଭି, ପାର୍ଟି ସ୍ପିକର, ଅଡିଓ, ଡିଆଇ, ପ୍ଲେଷ୍ଟେଶନ ସହ ଅନ୍ୟ ପ୍ରଡକ୍ଟ ସାମିଲ ରହିଛି। ଗ୍ରାହକମାନେ ଏଠାରେ ପ୍ରଡକ୍ଟଗୁଡିକର ଲାଇଭ୍ ଡେମୋ ସହ ୟୁସେଜ ମଧ୍ୟ ଦେଖିପାରିବେ। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ ଗ୍ରାହକଙ୍କ ଲାଗି ବିଶେଷ ସ୍କିମ ପ୍ରଦାନ କରାଯାଉଛି। ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ସୁବିଧା ରହିଛି। ଏହି ଅବସରରେ ସୋନି ପକ୍ଷରୁ ସୁଧୀର ପଣ୍ଡା ଏବଂ ମାର୍କେଟିଂ ମୁଖ୍ୟ ବିଶ୍ୱ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

## ଜେଟ୍ ଅଫିସ ବିକିବ ଏଚ୍‌ଡିଏଫ୍‌ସି

ନୂଆଦିଲ୍ଲୀ,୯-୫

ଘର, ଦୋକାନ ଓ ଜମି ପାଇଁ ଋଣ ଦେଉଥିବା ଏଚ୍‌ଡିଏଫ୍‌ସି ବକେୟା ଅସୁଲ ଲାଗି ସଙ୍କଟଗ୍ରସ୍ତ ଜେଟ୍ ଏୟାରୱେଜ୍‌ର ଅଫିସ୍‌କୁ ବିକ୍ରି କରିଦେବ ବୋଲି ଜଣାପଡିଛି। ଏଥିପାଇଁ ସଂରକ୍ଷିତ ମୂଲ୍ୟ ୨୪୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ସାମୟିକ ଭାବେ ବନ୍ଦ ହୋଇଯାଇଥିବା ବେଳେ ଏହାଠାରୁ ଏଚ୍‌ଡିଏଫ୍‌ସି ୪୧୪.୮୦ କୋଟି ଟଙ୍କା ବକେୟା ଋଣ ପାଇବାକୁ ବାକି ରହିଛି। ବକେୟା ଫେରସ୍ତ ଲାଗି ଜେଟ୍ ଏୟାରୱେଜ ବିଫଳ ହେବାରୁ ଏହା ବନ୍ଧା ପଡିଥିବା କମ୍ପାନୀର ସ୍ଥାବର ସମ୍ପତ୍ତି ବିକ୍ରି କରିପାରିବ ବୋଲି ଏଚ୍‌ଡିଏଫ୍‌ସି ଏକ ସାର୍ବଜନୀନ ନୋଟିସ ଦେଇଛି। ଜେଟ୍ ଏୟାରୱେଜର ମୁମ୍ବାଇସ୍ଥିତ ଅଫିସ୍ କେନ୍ଦ୍ରୀୟ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ୫୨,୭୭୫ ବର୍ଗଫୁଟ୍‌ରେ ନିର୍ମିତ




ହୋଇଛି। ନୋଟିସ ମୁତାବକ ଆସନ୍ତା ୧୫ରେ ଅଫିସ୍‌ର ଇ-ନିଲାମୀ କରାଯିବ। ଜେଟ୍ ବର୍ତ୍ତମାନ ପ୍ରବଳ ଆର୍ଥିକ ସଙ୍କଟ ଦେଇ ଗତିକରୁଛି। ଏହାକୁ ବିକ୍ରି କରିବା ଲାଗି ପ୍ରୟାସ ଜାରି ରହିଛି। ଏହା ସମ୍ଭବ ନ ହେଲେ ଏହାକୁ ଏନ୍‌ସିଏଲ୍‌ଟି ଅଦାଲତ ମାଧ୍ୟମରେ ସମାଧାନ ଯୋଜନାରେ ସାମିଲ କରାଯିବ। ସେହିଭଳି ଜେଟ୍ ଏୟାରୱେଜର ମୁଣ୍ଡବିନ୍ଧା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଏୟାରଲାଇନ୍ସ କମ୍ପାନୀ ଏତିହାଦ ୨୦୧୪ରେ ଜେଟ୍ ଏୟାରୱେଜ୍‌ରେ ୯୦୦ କୋଟି ଟଙ୍କାର ନିବେଶକୁ ନେଇ ଏବେ ବିବାଦ ଉଠିଛି। ଦୁଇ ବିମାନ କମ୍ପାନୀ ମଧ୍ୟରେ ପୂର୍ବରୁ ଏ ନେଇ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏଥିରେ ବିଦେଶୀ ବିନିମୟ ସହ ଜଡ଼ିତ ନିୟମ ଉଲ୍ଲଂଘନ ହୋଇଛି କି ନା ଜାଣିବା ଲାଗି ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଯାଞ୍ଚ ଆରମ୍ଭ କରିଛି।

## ରିଲାଏନ୍ସ ହାତକୁ ଗଲା ହ୍ୟାମଲେଜ୍

ମୁମ୍ବାଇ,୯-୫




ମୁକେଶ ଅମ୍ବାନୀଙ୍କ ନେତୃତ୍ୱାଧୀନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଗୁରୁବାର ବ୍ରିଟେନର ୨୫୯ ବର୍ଷ ପୁରୁଣା ଖେଳନା କମ୍ପାନୀ ହ୍ୟାମଲେଜ୍‌କୁ କିଣିଛି। ଏହି କିଣାବିକାର ପ୍ରକୃତ ମୂଲ୍ୟ କେତେ ତାହା କମ୍ପାନୀ ପକ୍ଷରୁ କୁହାଯାଇ ନ ଥିଲେ ହେଁ ପ୍ରାୟ ୬୭.୯୬ ମିଲିୟନ ପାଉଣ୍ଡ ଅର୍ଥାତ୍ ୬୨୦ କୋଟି ଟଙ୍କାରେ ଏହି ଡିଲ୍ ହୋଇଥିବା କୁହାଯାଉଛି। ଗତ କିଛିଦିନ ଧରି ଦୁଇ କମ୍ପାନୀ ମଧ୍ୟରେ ଏହାକୁ ନେଇ ଆଲୋଚନା ଚାଲିଥିଲା। ନିକଟ ଅତୀତରେ ହ୍ୟାମଲେଜ୍ କମ୍ପାନୀର ଲାଭ କମିବାରେ ଲାଗିଥିଲା। ୨୦୧୭ରେ ଏହା ୧୧.୨୪ ମିଲିୟନ ପାଉଣ୍ଡ କ୍ଷତି ସହିବା ପରେ ୨୦୧୮ରେ ଏହା ୨.୪୪ ମିଲିୟନ ପାଉଣ୍ଡ ଲାଭ କରିଥିଲା। ଚାଇନିଜ ଫ୍ୟାଶନ କଙ୍ଗଲୋମେରେଟ ସି.ବ୍ୟାନର ଇଣ୍ଟରନ୍ୟାସନାଲ ଉକ୍ତ ବ୍ରିଟିଶ କମ୍ପାନୀକୁ ୨୦୧୫ରେ ୧୦୦ ମିଲିୟନ ପାଉଣ୍ଡରେ କିଣିଥିଲା। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ସହାୟକ କମ୍ପାନୀ ରିଲାଏନ୍ସ ବ୍ରାଣ୍ଡ୍ସ ଲିମିଟେଡ ଓ ସି.ବ୍ୟାନର ଇଣ୍ଟରନ୍ୟାଶନାଲ ହୋଲ୍‌ଡିଙ୍ଗ ମଧ୍ୟରେ ଗୁରୁବାର ଏକ ନିଷ୍ପତ୍ତିମୂଳକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ତଦନୁଯାୟୀ, ସି.ବ୍ୟାନର ଠାରୁ ରିଲାଏନ୍ସ ବ୍ରାଣ୍ଡ୍ସ ୧୦୦ ପ୍ରତିଶତ ମାଲିକାନା ହାସଲ କରିବ ବୋଲି କମ୍ପାନୀ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି। ସୂଚନାଥାଉ କି, ୧୭୬୦ ମସିହାରେ ହ୍ୟାମଲେଜ୍ ବ୍ରାଣ୍ଡ ନୋହ୍ ଅର୍କରେ ଗୋଟିଏ ଷ୍ଟୋର ଦୋକାନରୁ ତା'ର ବ୍ୟବସାୟ ଆରମ୍ଭ କରିଥିଲା। ବର୍ତ୍ତମାନ ଏହାର ୧୮ ଦେଶରେ ୧୬୭ ଷ୍ଟୋର ରହିଛି। ଚାଇନା, ଜର୍ମାନୀ, ରୁଷିଆ, ଭାରତ, ଦକ୍ଷିଣ ଆଫ୍ରିକା ଏବଂ ପଶ୍ଚିମ ଏସିଆରେ ଏହାର ଷ୍ଟୋର ରହିଛି। ଏହି ଅଧିଗ୍ରହଣ ଜରିଆରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ବିଶ୍ୱର ଖେଳନା ରିଟେଲ ଶିଳ୍ପରେ ନିଜର ପ୍ରଭୁତ୍ୱ ବିସ୍ତାର କରିପାରିବ ବୋଲି ଉଦ୍ୟୋଗ ଜଗତ ପକ୍ଷରୁ ମତପ୍ରକାଶ କରାଯାଇଛି। ଭାରତରେ ହ୍ୟାମଲେଜ୍‌ର ମାଷ୍ଟର ଫ୍ରାଞ୍ଚାଇଜ୍ ଭାବେ ରିଲାଏନ୍ସ ୨୯ ସହରରେ ଅବସ୍ଥିତ ଏହାର ୮୮ ଷ୍ଟୋରରେ ଖେଳନା ବିକ୍ରି କରୁଛି। ରିଲାଏନ୍ସ ବ୍ରାଣ୍ଡ୍ସ ପ୍ରେସିଡେଣ୍ଟ ତଥା ସିଇଓ ଦର୍ଶନ ମେହଟା କହିଛନ୍ତି ଯେ, ହ୍ୟାମଲେଜ ଭଳି ଏକ ବିଶ୍ୱବିଖ୍ୟାତ ବ୍ରାଣ୍ଡକୁ କିଣିବା ବ୍ୟକ୍ତିଗତ ଭାବେ ଏକ ସ୍ୱପ୍ନ ସାକାର ହେଲା ବୋଲି ମନେ କରାଯାଇପାରେ। ହ୍ୟାମଲେଜ୍ ବ୍ରାଣ୍ଡ ଜରିଆରେ ରିଲାଏନ୍ସ ରିଟେଲ କ୍ଷେତ୍ରରେ ଖେଳନା ବ୍ୟବସାୟରେ ଭଲ ଲାଭ କରୁଛି ବୋଲି ସେ କହିଛନ୍ତି। ରିଲାଏନ୍ସର ଅଧିଗ୍ରହଣ ପରେ ହ୍ୟାମଲେଜ୍ କମ୍ପାନୀ ଚତୁର୍ଥ ଥର ପାଇଁ ବିକ୍ରି ହେଲା।

## ହ୍ୟୁଣ୍ଡାଇର ରିଲିଫ ଟାସ୍କଫୋର୍ସ

ଭୁବନେଶ୍ୱର,୯-୫

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ସାମୁଦ୍ରିକ ବାତ୍ୟା ଫନୀ ଯୋଗୁ ପ୍ରଭାବିତ ହୋଇଥିବା ଗ୍ରାହକଙ୍କ ଲାଗି ସହାୟତାର ହାତ ବଢାଇଛି। ଏଥି ଲାଗି କମ୍ପାନୀ ରିଲିଫ୍ ଟାସ୍କଫୋର୍ସ ଗଠନ କରିଛି। ପ୍ରଭାବିତ ଗ୍ରାହକଙ୍କୁ ସର୍ଭିସ ପ୍ରଦାନ ଲାଗି କମ୍ପାନୀ ପକ୍ଷରୁ ଏମର୍ଜେନ୍ସି ରୋଡ ସର୍ଭିସ ଟିମ କାର୍ଯ୍ୟ କରୁଛି। ଏହି କାର୍ଯ୍ୟଲାଗି ୨୬ ଫ୍ଲାଟବ୍ଲେଡ ଟ୍ରକ ୨୧ ସ୍ୱତନ୍ତ୍ର ଟ୍ରକ କାର୍ଯ୍ୟରତ ରହିଛି। ପ୍ରଭାବିତ ଯାନଗୁଡିକୁ ଠିକ୍ କରିବା ଲାଗି ୪୦ ଟେକ୍ନିସିଆନ ନିୟୋଜିତ ଅଛନ୍ତି। ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ୧୫ ଏମର୍ଜେନ୍ସି ରୋଡ ଆସିଷ୍ଟାନ୍ସ ଟିମ ସଜାଗ ରହିଛି। ଏହି ସମୟରେ ପାର୍ଟସ ଏବଂ ଲୁବ୍ରିକାଣ୍ଟ କ୍ଷେତ୍ରରେ ସ୍ୱତନ୍ତ୍ର ରିହାତି ପ୍ରଦାନ କରାଯାଉଛି। ଏହାବାଦ ବୀମା କ୍ଲେମ କ୍ଷେତ୍ରରେ ସୁବିଧା ଦିଆଯାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

## ବାତ୍ୟା ପ୍ରଭାବିତଙ୍କୁ ସିଣ୍ଡିକେଟ ବ୍ୟାଙ୍କର ସହାୟତା

ଭୁବନେଶ୍ୱର,୯-୫

ବାତ୍ୟା ପ୍ରଭାବିତଙ୍କ ଲାଗି ସିଣ୍ଡିକେଟ ବ୍ୟାଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଭାବିତ ଅଞ୍ଚଳଗୁଡିକରେ ଥିବା ବ୍ୟାଙ୍କର ଶାଖା ଗୁଡିକରେ ରନ୍ଧା ଖାଦ୍ୟ ଏବଂ ପାନୀୟ ଜଳ ଯୋଗାଣ ନେଇ ବ୍ୟାଙ୍କ ପକ୍ଷରୁ ଶାଖାଗୁଡ଼ିକୁ କୁହାଯାଇଛି। କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ଯୋଗାଇବା ଲାଗି ବ୍ୟାଙ୍କର କର୍ମଚାରୀଙ୍କୁ ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ମୃତ୍ୟୁଞ୍ଜୟ ମହାପାତ୍ର ଅନୁରୋଧ କରିଛନ୍ତି। ଏଭଳି ସ୍ଥିତିରେ ବିଭିନ୍ନ ସହାୟତା ଯୋଗାଣ ନେଇ ବ୍ୟାଙ୍କ ପଦକ୍ଷେପ ନେଉଥିବା ଆଞ୍ଚଳିକ ପ୍ରବନ୍ଧକ ମୁରଲୀଧର ବେହେରା କହିଛନ୍ତି।



ଇଣ୍ଡିଆନ ଅଏଲ ଓଡ଼ିଶା ରାଜ୍ୟ ଅଫିସର ଚିଫ୍ ଜେନେରାଲ ମ୍ୟାନେଜର ଶୁଭଜିତ ଘୋଷ (ବାମ) ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ଗୁରୁବାର ଭେଟି ୫ କୋଟି ଟଙ୍କାର ଚେକ୍ ହସ୍ତାନ୍ତର କରୁଛନ୍ତି। ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଶ୍ରୀମନ୍ଦିରର ଉନ୍ନତୀକରଣ ଲାଗି ଇଣ୍ଡିଆନ ଅଏଲ ଏହି ଅର୍ଥରାଶି ପ୍ରଦାନ ନେଇ ଘୋଷଣା କରିଥିଲା।

## ଜୁଲାଇରେ ଆସିବ ପୂର୍ଣ୍ଣକାଳୀନ ବଜେଟ

ନୂଆଦିଲ୍ଲୀ,୯-୫

### ଅର୍ଥ ମନ୍ତ୍ରଣାଳୟର ପ୍ରସ୍ତୁତି ଆରମ୍ଭ




କେନ୍ଦ୍ରରେ ନୂଆ ସରକାର ଗଠନ ଲାଗି ଦେଶରେ ଏବେ ମଧ୍ୟ ସାଧାରଣ ନିର୍ବାଚନ ଜାରି ରହିଛି। ତେବେ ଆସନ୍ତା ଜୁଲାଇରେ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ସଂସଦରେ ପୂର୍ଣ୍ଣକାଳୀନ ବଜେଟ୍ ଉପସ୍ଥାପନ କରାଯିବ। ଏଥିଲାଗି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ମନ୍ତ୍ରଣାଳୟ ପକ୍ଷରୁ ଉଦ୍ୟୋଗ ଜଗତର ବିଭିନ୍ନ ସଂଗଠନ, କର୍ପୋରେଟ ହାଉସ ନିକଟକୁ ପତ୍ର ଲେଖାଯାଇ ସେମାନଙ୍କଠାରୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ ବାବଦରେ ପରାମର୍ଶ ଲୋଡାଯାଇଛି। ଜିଏସ୍‌ଟି ଲାଗୁ ହେବା ପରେ ଅଧିକାଂଶ ପରୋକ୍ଷ ଟିକସ ବ୍ୟବସ୍ଥା ବଜେଟ୍‌ରୁ ବାଦ୍ ପଡିଥିବାରୁ ପୂର୍ଣ୍ଣକାଳୀନ ବଜେଟ୍‌ରେ ସୀମା ଶୁଳ୍କ ଏବଂ ପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାରେ ସଂଶୋଧନ ହେବ ବୋଲି ଉଦ୍ୟୋଗ ଜଗତ ଆଶାବାନ୍ଧିଛି। ଶିଳ୍ପ ଜଗତର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ମୋଦି ସରକାର ବ୍ୟତିରେକ ଅନ୍ୟ ନୂଆ ସରକାର କେନ୍ଦ୍ରରେ କ୍ଷମତାକୁ ଆସିଲେ ବର୍ତ୍ତମାନର ବଜେଟ୍‌ରେ ବିଶେଷ ପରିବର୍ତ୍ତନ କରିବେ ନାହିଁ। କାରଣ ତାଙ୍କ ନିକଟରେ ଏଥିଲାଗି ପର୍ଯ୍ୟାପ୍ତ ସମୟ ମିଳିବ ନାହିଁ। ସେମାନେ ଆସନ୍ତା ଆର୍ଥିକ ବର୍ଷ ୨୦୨୦-୨୧ ବଜେଟ୍‌ରେ ପରିବର୍ତ୍ତନ ଆଣିପାରିବେ। ଆସନ୍ତା ୧୦ ତାରିଖ ସୁଦ୍ଧା ନିଜର ମତାମତ ଦେବାକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଶିଳ୍ପ ଜଗତ ପ୍ରତିନିଧିଙ୍କୁ କୁହାଯାଇଛି। ଇତିମଧ୍ୟରେ ଫିକି, ସିଆଇଆଇ ଏବଂ ଆସୋଚାମ୍ ନିଜ ନିଜର ମତାମତ ଦେବା ନେଇ ଆଲୋଚନା ଆରମ୍ଭ କରିଦେଇଛନ୍ତି।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ : (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବସାଇଟ୍ - www.oshb.org

ପତ୍ର ସଂଖ୍ୟା 4022 — ବିଜ୍ଞାପନ — ତା 25.04.2019

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଦ୍ୱିତୀୟ ପର୍ଯ୍ୟାୟ, ରାୟଗଡ଼ା ହାଉସିଂ ପ୍ରକଳ୍ପରେ ଘର ନଂ-ଏମ.ଆଇ.ଜି.-୧-୪୨ (MIG -I-42)କୁ ଶ୍ରୀମତୀ ଦମୟନ୍ତୀ ସାହୁ, ସ୍ୱା-ଅଜିତ କୁମାର ସାହୁ, ଗ୍ରା/ପୋ-ମୁନିଗୁଡା, ଜି-ରାୟଗଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଶ୍ରୀମତୀ ଦମୟନ୍ତୀ ସାହୁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ପରମେଶ୍ୱର ପ୍ରସାଦ ସାହୁ, ପି-ପଦ୍ମଚରଣ ସାହୁ, ଗାୟତ୍ରୀ ନଗର, ତୃତୀୟ ଲେନ୍, ରାୟଗଡ଼ା, ପୋ/ଥା/ଜି-ରାୟଗଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଯୁବ ଖେଳାଳିମାନଙ୍କ ମଧ୍ୟରେ ସାଥୀ ରିଷଭ ପନ୍ତ ଶ୍ରେଷ୍ଠ ଫିନିଶର ।

–ପୃଥ୍ୱୀ ଶ’, ଦିଲ୍ଲୀ କ୍ୟାପିଟାଲ୍ସ ଓପନର



କ୍ୟାଚ୍ ଧରିବା ଓ ବୋଲିଂରେ ଦୁର୍ବଳ ଯୋଗୁ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ଏଲିମିନେଟରରେ ଆମ ଦଳ ହାରିଲା ।

–କେନ୍ ୱିଲିୟମସନ, ସନରାଇଜର୍ସ ହାଇଦ୍ରାବାଦ ଅଧିନାୟକ



## ସଂକ୍ଷେପରେ

### ରନ୍ ଆଉଟ୍‌ରୁ ବର୍ତ୍ତିବା ଲାଗି ଷ୍ଟମ୍ପ ଆଗକୁ ଆସିଲେ ମିଶ୍ରା

ବିଶାଖାପାଟଣା, ୯।୫- ଏଠାରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ବୁଧବାର ଖେଳାଯାଇଥିବା ଏଲିମନେଟର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ଅମିତ ମିଶ୍ରା ବିବାଦୀୟ ଶୈଳୀରେ ଆଉଟ୍ ହୋଇଛନ୍ତି। ମ୍ୟାଚ୍‌ର ଅନ୍ତିମ ଓଭରରେ ବୋଲରଙ୍କ ହାତକୁ ବଲ ଦେଇ ସେ ଏକ ରନ୍ ଚୋରାଇବାକୁ ଉଦ୍ୟମ କରିଥିଲେ। ହେଲେ ବୋଲର ଖଲିଲ ଅହମ୍ମଦ ବଲ ଉଠାଇ ଥ୍ରୋ କରୁଥିବାବେଳେ ମିଶ୍ରା ଷ୍ଟମ୍ପ ଆଗକୁ ଚାଲି ଆସିଥିଲେ। ଏଥିଯୋଗୁ ବଲ ଷ୍ଟମ୍ପରେ ବାଜି ନ ଥିଲା। କିନ୍ତୁ ହାଇଦ୍ରାବାଦ ଦଳର ଖେଳାଳିମାନେ ଅପିଲ କରିବା ପରେ ୩ୟ ଅମ୍ପାୟରଙ୍କୁ ମିଶ୍ରାଙ୍କୁ ଫିଲ୍ଡରେ ବାଧା ଦେବା ନେଇ ଆଉଟ୍ ଘୋଷଣା କରିଥିଲେ। ତେବେ ଏଭଳି ଆଉଟ୍ ଆଇପିଏଲରେ ପ୍ରଥମ ଥର ଦେଖିବାକୁ ମିଳିନାହିଁ। ଏଥିପୂର୍ବରୁ ୨୦୧୩ ସଂସ୍କରଣରେ କେକେଆର ପାଇଁ ଖେଳୁଥିବାବେଳେ ୟୁସୁଫ ପଠାନ ପୁଣେ ୱାରିୟର୍ସ ବିପକ୍ଷ ମ୍ୟାଚ୍‌ରେ ସମାନ ଶୈଳୀରେ ଆଉଟ୍ ହୋଇଥିଲେ।

### ଫାଇନାଲ ଟିକେଟ୍ ୨ ମିନିଟରେ ଶେଷ

ହାଇଦ୍ରାବାଦ,୯।୫: ଚଳିତ ଆଇପିଏଲର ଫାଇନାଲ ମ୍ୟାଚ୍‌ର ସମସ୍ତ ଟିକେଟ୍ ମାତ୍ର ୨ ମିନିଟ୍ ମଧ୍ୟରେ ବିକ୍ରି ହୋଇଯାଇଛି। ମାତ୍ର ୧୨୦ ସେକେଣ୍ଡରେ ଟିକେଟ୍ ଶେଷ ହୋଇଯିବା ଘଟଣା ପ୍ରଶଂସକଙ୍କୁ ଚକିତ କରିବା ସହ ବିସିସିଆଇ କାର୍ଯ୍ୟର ପାରଦର୍ଶିତା ଉପରେ ପ୍ରଶ୍ନ ଉଠାଇଛି। ବିନା କୌଣସି ପୂର୍ବ ସୂଚନା ନ ଦେଇ ବିସିସିଆଇ ପକ୍ଷରୁ ଗତ ମଙ୍ଗଳବାର ଆଇପିଏଲ ଫାଇନାଲ ଟିକେଟ୍ ବିକ୍ରି ପାଇଁ ଉପଲବ୍ଧ କରାଯାଇଥିଲା। ଏ ସମ୍ପର୍କରେ ସେହିଦିନ ସକାଳେ ଘୋଷଣା ହୋଇଥିଲା। ହେଲେ ପ୍ରଶଂସକମାନେ ଟିକେଟ୍ କିଣିବା ପାଇଁ ‘ଇଭେଣ୍ଟସନାଓ’ ୱେବସାଇଟ୍‌ରେ ଲଗ୍ ଇନ କରିବା ପରେ କୌଣସି ଟିକେଟ୍ ଉପଲବ୍ଧ ନ ଥିବା ଜାଣିପାରିଥିଲେ। କିଛି ମିନିଟ୍‌ରେ ସମସ୍ତ ଟିକେଟ୍ ବିକ୍ରି ହୋଇଯିବା ଘଟଣା ପ୍ରଶଂସକଙ୍କ ହଜମ ହେଉନାହିଁ। ଏଥିନେଇ ବିସିସିଆଇକୁ ଉତ୍ତର ରଖିବାକୁ ପଡ଼ିବ ବୋଲି ହାଇଦ୍ରାବାଦ କ୍ରିକେଟ ବୋର୍ଡ କାର୍ଯ୍ୟକାରୀ କମିଟିର ପୂର୍ବତନ ସଦସ୍ୟ କହିଛନ୍ତି। ଏଠାକାର ଷ୍ଟାଡିୟମର ଦକ୍ଷତା ୩୯ ହଜାର। ସାଧାରଣତଃ ୨୫ରୁ ୩୦ ହଜାର ଦର୍ଶକଙ୍କ ଲାଗି ଟିକେଟ୍ ଉପଲବ୍ଧ କରାଯାଏ। କିନ୍ତୁ ଏଥର କେତେ ସଂଖ୍ୟାରେ ଟିକେଟ୍ ବିକ୍ରି କରାଯିବ ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିଲା।

### ବେକ୍‌ହାମ ଦଣ୍ଡିତ

ଲଣ୍ଡନ, ୯।୫ (ଏଏଫ୍‌ପି)-ଇଂଲଣ୍ଡର ପୂର୍ବତନ ଫୁଟ୍‌ବଲ ଖେଳାଳି ଡେଭିଡ ବେକହାମ୍ ଦଣ୍ଡିତ ହୋଇଛନ୍ତି। ଗାଡ଼ି ଚଳାଉଥିବା ବେଳେ ମୋବାଇଲ ବ୍ୟବହାର କରିଥିବାରୁ ସେ ୬ ମାସ ପାଇଁ ଡ୍ରାଇଭିଂ ଲାଗି ଅଯୋଗ୍ୟ ହୋଇଛନ୍ତି। ୪୪ ବର୍ଷୀୟ ବେକହାମ୍ ଗତ ନଭେମ୍ବରରେ ଲଣ୍ଡନରେ ତାଙ୍କ ବେଣ୍ଟ୍ଲି କାର୍ ଚଳାଉଥିବାବେଳେ ମୋବାଇଲ୍ ଫୋନ୍‌ରେ କଥା ହେଉଥିବା ଦେଖିବାକୁ ମିଳିଥିଲା। ସାଉଥ୍‌ୱେଷ୍ଟ ଲଣ୍ଡନର ବ୍ରୋମ୍‌ଲି ମାଜିଷ୍ଟ୍ରେଟ୍ କୋର୍ଟ ଆହୁରି ମଧ୍ୟ ବେକହାମ୍‌ଙ୍କୁ ୭୫୦ ପାଉଣ୍ଡ ଜରିମାନା କରିଛନ୍ତି। ଏହାଛଡ଼ା ୭ ଦିନ ମଧ୍ୟରେ ଆଇନଗତ ଖର୍ଚ୍ଚ ବାବଦରେ ୧୦୦ ପାଉଣ୍ଡ ଏବଂ ସର୍ଚାର୍ଜ ଫି’ ବାବଦରେ ୭୫ ପାଉଣ୍ଡ ଜମା କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଥମ ଫାଇନାଲ ଲକ୍ଷ୍ୟରେ ଦିଲ୍ଲୀ

## କ୍ୱାଲିଫାୟର-୨ ମୁକାବିଲା ଆଜି

ବିଶାଖାପାଟଣା,୯।୫(ପି.ଟି.)

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଚଳିତ ଦ୍ୱାଦଶ ସଂସ୍କରଣ ଏବେ ଅନ୍ତିମ ପର୍ଯ୍ୟାୟରେ। ପ୍ରଥମ କ୍ୱାଲିଫାୟରରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରି ମୁମ୍ବାଇ ଇଣ୍ଡିଆନ୍ସ ଫାଇନାଲରେ ପ୍ରବେଶ କରିଛି। ରବିବାର ଟାଇଟଲ ପାଇଁ କେଉଁ ଦଳ ଫାଇନାଲରେ ମୁମ୍ବାଇକୁ ଭେଟିବ ତାହା ଏବେ ଦେଖିବାକୁ ବାକି ରହିଛି। ସ୍ଥାନୀୟ ୱାଇଏସ୍‌ଆର ରାଜଶେଖର ରେଡ୍ଡୀ ଷ୍ଟାଡିୟମରେ ଶୁକ୍ରବାର ଦ୍ୱିତୀୟ କ୍ୱାଲିଫାୟରରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ମୁହାଁମୁହିଁ ହେବେ। ପ୍ରଥମ କ୍ୱାଲିଫାୟରରେ ମୁମ୍ବାଇଠାରୁ ଚେନ୍ନାଇ ପରାସ୍ତ ହୋଇଥିଲା। ଫାଇନାଲକୁ ଉଠିବା ପାଇଁ ଚେନ୍ନାଇ ଓ ଦିଲ୍ଲୀ ନିକଟରେ ଅନ୍ତିମ ସୁଯୋଗ ଉପନୀତ ହୋଇଛି। ଚେନ୍ନାଇକୁ ହରାଇ ଦିଲ୍ଲୀ ପ୍ରଥମଥର ପାଇଁ ଆଇପିଏଲ୍ ଫାଇନାଲ ଟିକେଟ ହାସଲ କରିବା ଲକ୍ଷ୍ୟରେ ରହିଛି।

ଚେପକ୍ ଷ୍ଟାଡିୟମରେ ଦିଲ୍ଲୀକୁ ୮୦ ରନ୍‌ରେ ଚେନ୍ନାଇ ପରାସ୍ତ କରିଥିଲା। ଫଳରେ ପଏଣ୍ଟ ତାଲିକାର ଶ୍ରେଷ୍ଠ ଦୁଇଟି ସ୍ଥାନରେ ଦିଲ୍ଲୀ ରହିପାରି ନ ଥିଲା। ବୁଧବାର ତାରକା ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ସାହସିକ ପ୍ରଦର୍ଶନ ବଳରେ ଦିଲ୍ଲୀ ରୋମାଞ୍ଚକ ଏଲିମିନେଟର ମୁକାବିଲାରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇ କ୍ୱାଲିଫାୟର-୨ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ୨୧ ବଲରୁ ପନ୍ତ ୪୯ ରନ୍‌ର ଦ୍ରୁତ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏଥିସହ ଭାରତୀୟ ବିଶ୍ୱକପ୍ ଦଳରେ ପନ୍ତଙ୍କୁ ସାମିଲ ନ କରାଯିବା ନେଇ ପୁଣି ଚର୍ଚ୍ଚା ଜୋର୍ ଧରିଛି। କ୍ୱାଲିଫାୟର -୨ରେ ପନ୍ତ ପୁଣି ଏହି ପରି ଇନିଂସ୍ କରି ଦଳକୁ ବିଜୟୀ କରାଇବେ ବୋଲି ଆଶା କରାଯାଉଛି। ପନ୍ତଙ୍କୁ ବାଦ୍ ଦେଲେ ଅନ୍ୟତମ ଯୁବ ଖେଳାଳି ପୃଥ୍ୱୀ ଶ ମଧ୍ୟ ଚମତ୍କାର ଇନିଂସ ଖେଳିଥିଲେ। ସେ ଗତ କେତୋଟି ଇନିଂସ୍‌ରେ ଭଲ ଖେଳି ନ ଥିଲେ ମଧ୍ୟ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ୫୬ ରନ୍‌ର ଦ୍ରୁତ ପାଳି ଖେଳିଥିଲେ। ଏଠାରେ ଦିଲ୍ଲୀ ଏକ ମ୍ୟାଚ୍ ଖେଳିସାରିଥିବାରୁ ପାରିପାର୍ଶ୍ୱିକ ପରିସ୍ଥିତିରୁ ଫାଇଦା ଉଠାଇବାରେ ସଫଳ ହେବ। କାଗିସୋ ରାବାଡ଼ାଙ୍କ ଅନୁପସ୍ଥିତିରେ ଟ୍ରେଣ୍ଟ ବୋଲ୍ଟ ଓ ଇଶାନ୍ତ ଶର୍ମା ଭଲ ପ୍ରଦର୍ଶନ କରିଛନ୍ତି। କିମୋ ପଲ ମଧ୍ୟ ଆଶାନୁରୂପ ସହାୟତା ପ୍ରଦାନ କରିଛନ୍ତି। ମୂଲ୍ୟବାନ ୩ ଉଇକେଟ୍ ଅକ୍ତିଆର କରି ପଲ ଦିଲ୍ଲୀକୁ ବିଜୟୀ କରାଇଥିଲେ। ଅଭିଜ୍ଞ ସ୍ପିନର ଅମିତ ମିଶ୍ରା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଉଇକେଟ ହାସଲ କରି ଦଳକୁ ସୁବିଧାଜନକ ସ୍ଥିତିରେ ପହଞ୍ଚାଇଥିଲେ। ଚେନ୍ନାଇର ଦୁଇ ଅଭିଜ୍ଞ ସ୍ପିନର ଇମ୍ରାନ ତାହିର ଓ ହରଭଜନ ସିଂ ଦିଲ୍ଲୀ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ। ତେଣୁ ଦିଲ୍ଲୀ ଟିମ୍ ମ୍ୟାନେଜ୍‌ମେଣ୍ଟ ଏଥିପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଥିବ।

ଅନ୍ୟପଟେ ଚେନ୍ନାଇ ସୁପର କିଙ୍ଗ୍ସ ପୂର୍ବରୁ ଏଭଳି ବଡ଼ ତଥା ନିର୍ଣ୍ଣାୟକ ମ୍ୟାଚ୍ ଖେଳିବାର ଅଭିଜ୍ଞତା ହାସଲ କରସାରିଛି। ଚେନ୍ନାଇ ୩ଥର ଆଇପିଏଲ୍ ଟାଇଟଲ ଜିତିଛି। ଏହା ବ୍ୟତୀତ ୪ଥର ରନର୍ସଅପ୍ ମଧ୍ୟ ହୋଇଛି। କ୍ୱାଲିଫାୟର-୧ରେ ଚେନ୍ନାଇ ପରାସ୍ତ ହୋଇଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବାର କ୍ଷମତା ରଖୁଛି। ମୁମ୍ବାଇ ବିପକ୍ଷରେ ଚେନ୍ନାଇର ବ୍ୟାଟିଂ ବିଫଳ ହୋଇଥିଲା। ତେଣୁ ବ୍ୟାଟ୍ସମ୍ୟାନ୍‌ମାନେ ପ୍ରଦର୍ଶନରେ ସୁଧାର ଆଣିବେ ବୋଲି ଧୋନୀ ଆଶା ରଖିଥିବେ। ଗୋଟିଏ ମ୍ୟାଚ୍‌କୁ ବାଦ୍ ଦେଲେ ଓପ୍‌ନର ଶେନ୍ ୱାଟସନ ଭଲ ଖେଳିନାହାନ୍ତି। ଏପ୍ରିଲ ୨୩ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ସେ ୫୩ ବଲରୁ ୯୬ ରନ୍ ସଂଗ୍ରହ କରିବା ପରେ ଆଉ ଚମକ ଦେଖାଇପାରି ନାହାନ୍ତି। ବ୍ୟାଟ୍ସମ୍ୟାନ୍‌ମାନେ ଶଟ୍ ଚୟନ ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ଚେନ୍ନାଇ ଟିମ୍ ମ୍ୟାନେଜ୍‌ମେଣ୍ଟ ହୃଦୟଙ୍ଗମ କରିଥିବ। ବ୍ୟାଟିଂ ଲାଇନ୍ ଭଲ ଥିଲେ ମଧ୍ୟ ଆମକୁ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ କାମରେ କରି ଦେଖାଇବାକୁ ହେବ ବୋଲି ଧୋନୀ କହିଛନ୍ତି। ଫାଇନାଲ ଟିକେଟ ପାଇଁ ଚେନ୍ନାଇ ଓ ଦିଲ୍ଲୀ ପ୍ରାଣପଣେ ଚେଷ୍ଟା କରିବେ। ଫଳରେ ଏହି ନିର୍ଣ୍ଣାୟକ ମ୍ୟାଚ୍ ରୋମାଞ୍ଚକ ହେବା ଆଶା କରାଯାଉଛି।



ଟ୍ରେନିଂ ସେସନରେ ଚେନ୍ନାଇ ସୁପର କିଙ୍ଗ୍ସର ସୁରେଶ ରାଇନା, ଇମ୍ରାନ ତାହିର ଓ ମୁରଲୀ ବିଜୟ।

### ଇଣ୍ଡିଆନ ଓମ୍ୟାନ୍ସ ଲିଗ୍ ଗୋକୁଳମର ବିଜୟ

ଲୁଧିଆନା, ୯।୫(ପି.ଟି.)

ଇଣ୍ଡିଆନ ଓମ୍ୟାନ୍ସ ଫୁଟବଲ ଲିଗ୍‌ରେ ଗୋକୁଳମ୍ କେରଳ ବୃହତ୍ ବିଜୟ ହାସଲ କରିଛି। ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଗୋକୁଳମ ୫-୦ ଗୋଲରେ ଏସ୍‌ଏସ୍‌ବି ମହିଳା ଫୁଟବଲ କ୍ଲବକୁ ପରାସ୍ତ କରିଛି। ଗୋକୁଳମ ତରଫରୁ ଅଞ୍ଜୁ ତମାଙ୍ଗ ଦୁଇଟି ଗୋଲ ଦେଇଥିଲେ। ସେ ପ୍ରଥମ ଓ ୮୯ତମ ମିନିଟରେ ଗୋଲ ସ୍କୋର କରିଥିଲେ। ସେହିପରି ୩୯ତମ ମିନିଟରେ ଅନୀତା ରାଓ୍ୱତ, ୪୬ତମ ମିନିଟରେ ରଞ୍ଜାନ ଚାନୁ ଗୋଲ ଦେଇଥିବା ବେଳେ ୭୪ତମ ମିନିଟ୍‌ରେ ବର୍ଣ୍ଣିଲୁଙ୍ଗ୍ ଭାନଲାହରିଆଟିରି ଗୋଲ ସ୍କୋର କରିଥିଲେ। ସାରା ମ୍ୟାଚ୍‌ରେ ଗୋକୁଳମ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଓ ଏସ୍‌ଏସ୍‌ବିକୁ ଗୋଟିଏ ହେଲେ ବି ସୁଯୋଗ ଦେଇ ନ ଥିଲା। ଫଳରେ ଏସ୍‌ଏସ୍‌ବି ଗୋଲ ଦେବାରେ ସଫଳ ହୋଇ ନ ଥିଲା। ଏହି ବିଜୟ ସହ ଗୋକୁଳମ ମୋଟ ୯ ପଏଣ୍ଟ ପାଇ ଗ୍ରୁପ୍-୨ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି ଓ ସେମିଫାଇନାଲର ନିକଟତର ହୋଇଛି। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ପାନଜିମ୍ ଫୁଟବଲର୍ସ ୨-୧ ଗୋଲରେ ଏଫ୍‌ସି ଅଲଖପୁରାକୁ ପରାସ୍ତକରିପ୍ରଥମବିଜୟହାସଲକରିଛି। ପାନଜିମ ତରଫରୁ କରିସ୍ମା ଶିର୍ଭୋଇକର ଦୁଇଟି ଯାକ ଗୋଲ ଦେଇଥିଲେ।

# ଭେଲୋସିଟି- ସୁପରନୋଭା ଫାଇନାଲ

## ମହିଳା ଟି୨୦ ଚ୍ୟାଲେଞ୍ଜ୍

ଜୟପୁର,୯।୫(ପି.ଟି.)

ସ୍ଥାନୀୟ ସବାଇ ମାନସିଂ ଷ୍ଟାଡିୟମରେ ଚାଲିଥିବା ମହିଳା ଟି୨୦ ଚ୍ୟାଲେଞ୍ଜ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଶନିବାର ଟାଇଟଲ ପାଇଁ ଭେଲୋସିଟି ଓ ସୁପରନୋଭା ଫାଇନାଲ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବେ। ଗୁରୁବାର ଏଠାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଅନ୍ତିମ ତଥା ତୃତୀୟ ଲିଗ୍ ମ୍ୟାଚ୍‌ରେ ସୁପରନୋଭା ୧୨ ରନରେ ଭେଲୋସିଟିକୁ ପରାସ୍ତ କରିଛି। ସୁପରନୋଭା, ଭେଲୋସିଟି ଓ ଟ୍ରେଲବ୍ଲେଜର୍ସ ଦଳ ଦୁଇଟି ଲେଖାଏ ମ୍ୟାଚ୍ ଖେଳିଛନ୍ତି। ପ୍ରତ୍ୟେକ ଦଳ ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ସହ ସମାନ ୨ ଲେଖାଏ ପଏଣ୍ଟ ହାସଲ କରିଛନ୍ତି। ତେବେ ଉନ୍ନତ ନେଟ୍ ରନ୍‌ରେଟ୍ କାରଣରୁ ସୁପରନୋଭା ପଏଣ୍ଟ ତାଲିକାର ପ୍ରଥମ ଓ ଭେଲୋସିଟି ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଦୁଇ ଦଳ ପୁଣିଥରେ ଫାଇନାଲ ମ୍ୟାଚ୍ ଖେଳାଯିବ।

ଅନ୍ତିମ ରାଉଣ୍ଡ ରବିନ ମୁକାବିଲାରେ ଟସ୍ ଜିତି ଭେଲୋସିଟି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ସୁପରନୋଭା ୨୦ ଓଭରରେ ୩ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ ଭେଲୋସିଟି ୩ ଉଇକେଟ ହରାଇ ୧୩୦ ରନରେ ସୀମିତ ରହି ପରାସ୍ତ ହୋଇ ଥିଲେ ମଧ୍ୟ ଉନ୍ନତ ରନ୍‌ରେଟ୍‌ରେ ଫାଇନାଲରେ ପ୍ରବେଶ କରିଛି। ୧୪୩ ରନ ବିଜୟ ଲକ୍ଷ୍ୟର ପିଛା କରି ଭେଲୋସିଟି ୨୧ ରନରେ ୨ ଉଇକେଟ ହରାଇଥିଲା। ସେଫାଳି ବର୍ମା ୨, ହେଲି ମାଥ୍ୟୁସ ୧୧ ରନ କରି ଅନୁଜା ପାଟିଲ ଓ ରାଧା ଯାଦବଙ୍କ ଦ୍ୱାରା ଆଉଟ ହୋଇଥିଲେ। ଡାନିଏଲ ୱାଟ୍ ୪୩ ରନ (୩୩ ବଲ, ୪ ଚୌକା, ୨ ଛକା) କରି ପୁନମ ଯାଦବଙ୍କ ଶିକାର ହୋଇଥିଲେ। ଏହାପରେ ଅଧିନାୟିକା ମିଥାଲି ରାଜ ୪୦ ରନ (୪୨ ବଲ, ୩ ଚୌକା) ଓ ବେଦା କ୍ରିଷ୍ଣାମୂର୍ତ୍ତି ୩୦ ରନ (୨୯ ବଲ, ୩ ଚୌକା) ସଂଗ୍ରହ କରିଥିଲେ ମଧ୍ୟ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ନ ଥିଲା। ଫଳରେ ଦଳ ବିଜୟଠାରୁ ୧୩ ରନ ଦୂରରେ ରହିଯାଇଥିଲା। ବୋଲିଂରେ ଭେଲୋସିଟି ତରଫରୁ ସୁପରନୋଭା ତରଫରୁ ରାଧା, ଅନୁଜା ଓ ପୁନମ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ସୁପରନୋଭା ତରଫରୁ ୧୮ ବର୍ଷୀୟ ଜେମିମା ରୋଡ୍ରିଗୁଏଜ୍ ଦମ୍‌ଦାର ପ୍ରଦର୍ଶନ କରି ଦ୍ରୁତ ଅର୍ଦ୍ଧଶତକ ହାସଲ କରି ଅପରାଜିତ ରହିବା ସହ ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ରୋଡ୍ରିଗୁଏଜ୍ ମାତ୍ର ୪୮ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୧ ଛକା ସହ ୭୭ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଲଙ୍କାର ଚମାରୀ ଆଟାପାଟ୍ଟୁ ୩୧ (୩୮ ବଲ, ୫ ଚୌକା), ପ୍ରିୟା ପୁନିୟା ୧୬ (୧୬ ବଲ, ୨ ଚୌକା), ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍ ୧୪ ବଲରୁ ୯ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ଅଧିନାୟିକା ହରମନପ୍ରୀତ କୌର ୧ ରନ କରି ଅପରାଜିତ ରହିଥିଲେ। ଏକଦା ୧୦ ଓଭରରେ ୧ ଉଇକେଟ ହରାଇ ସୁପରନୋଭା ୬୩ ରନ ସଂଗ୍ରହ କରିଥିଲା। ତେବେ ଏହା ପରେ ଦଳ ଆଶାନୁରୂପ ସ୍କୋର ହାସଲ କରି ନ ଥିଲା। ଶେଷ ୫ ଓଭରରେ ମାତ୍ର ୩୩ ରନ ସଂଗୃହୀତ ହୋଇଥିଲା। ରୋଡ୍ରିଗୁଏଜ୍ ଦ୍ୱିତୀୟ ଉଇକେଟରେ ଆଟାପାଟ୍ଟୁଙ୍କ ସହ ୪୫ ଓ ତୃତୀୟ ଉଇକେଟରେ ଡିଭାଇନ୍‌ଙ୍କ ସହ ୫୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭେଲୋସିଟି ତରଫରୁ ନ୍ୟୁଜିଲାଣ୍ଡ ଲେଗ୍ ସ୍ପିନର ଆମେଲି କେର ଦୁଇଟି ଓ ଦ୍ରୁତ ବୋଲର ଶିକ୍ଷା ପାଣ୍ଡେ ଗୋଟିଏ ଉଇକେଟ ହାସଲ କରିଥିଲେ।



ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଜେମିମା ରୋଡ୍ରିଗୁଏଜ।

### ସଂକ୍ଷିପ୍ତ ସ୍କୋର

- ସୁପରନୋଭା ୨୦ ଓଭରରେ ୧୪୨/୩ (ରୋଡ୍ରିଗୁଏଜ- ୭୭*, ଆଟାପାଟ୍ଟୁ- ୩୧, ପ୍ରିୟା- ୧୬, ଆମେଲିଆ- ୨/୨୧, ଶିକ୍ଷା- ୧।୧୭ )।
- ଭେଲୋସିଟି ୨୦ ଓଭରରେ ୧୩୦/୩ (ୱାଟ- ୪୩, ମିଥାଲି- ୪୦*, କ୍ରିଷ୍ଣାମୂର୍ତ୍ତି- ୩୦*, ରାଧା- ୧/୩୦, ଅନୁଜା- ୧/୨୮, ପୁନମ- ୧/୧୩)।

# ଚିଟ୍‌କେଙ୍କୁ ଦଣ୍ଡ କୋହଳ କରାଗଲା

## ଡୋପିଂ ମାମଲା

ନୂଆଦିଲ୍ଲୀ, ୯।୫ (ପି.ଟି.)

ଡୋପିଂ ମାମଲାରେ ହକି ଗୋଲକିପର ଆକାଶ ଚିଟ୍‌କେଙ୍କୁ ହୋଇଥିବା ଦଣ୍ଡକୁ କୋହଳ କରାଯାଇଛି। ପ୍ରକୃତରେ ତାଙ୍କୁ ଦୁଇ ବର୍ଷ ପାଇଁ ସସ୍‌ପେଣ୍ଡ କରାଯାଇଥିଲା। ମାତ୍ର ସେ ଉଦ୍ଦେଶ୍ୟମୂଳକ ଭାବେ ନିଷିଦ୍ଧ ଉପାଦାନ ସେବନ କରି ନ ଥିବା ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା)ର ହୃଦ୍‌ବୋଧ ହୋଇଛି। ପୂର୍ବତନ ଭାରତୀୟ ଖେଳାଳିଙ୍କର ଗତବର୍ଷ ପ୍ରତିଯୋଗିତା ବାହାରେ ଫେବୃୟାରୀ ୨୭ରେ ବାଙ୍ଗାଲୋରଠାରେ ସିନିୟର ହକି ଦଳ କ୍ୟାମ୍ପ ସମୟରେ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ନମୁନାରେ ନିଷିଦ୍ଧ ଆନାବୋଲିକ୍ ଷ୍ଟେରଏଡ୍ (ନୋରାନଡୋଷ୍ଟେରୋନ)ର ମାତ୍ରା ଠାବ କରାଯାଇଥିଲା। ଏଥିପାଇଁ ନାଡାର ଆଣ୍ଟି-ଡୋପିଂ ଡିସିପ୍ଲିନାରି ପ୍ୟାନେଲ(ଏଡିଡିପି) ତାଙ୍କୁ ତୁରନ୍ତ ସାମୟିକ ୨ବର୍ଷ ପାଇଁ ସସ୍‌ପେଣ୍ଡ କରିଥିଲା। ମାତ୍ର ଗୁରୁବାର ଆଣ୍ଟି ଡୋପିଂ ଅପିଲ ପ୍ୟାନେଲ (ଏଡିଏପି)ର ଏକ ଶୁଣାଣି ପରେ ଚିଟ୍‌କେଙ୍କ ଦଣ୍ଡକୁ କୋହଳ କରାଯାଇଛି। ଡିସିପ୍ଲିନାରି ପ୍ୟାନେଲ ସମସ୍ତ ରେକର୍ଡକୁ ତର୍ଜମା କରିବା ପରେ ଆବେଦନକାରୀ ଜାଣିଶୁଣି ଆଣ୍ଟି ଡୋପିଂ ନିୟମ ଉଲ୍ଲଂଘନ କରିନାହାନ୍ତି ବୋଲି ହୃଦୟଙ୍ଗମ କରିଥିଲା।

ଭାରତୀୟ ନର୍ସିଂ କାଉନ୍‌ସିଲ
୮ମ ମହଲା, ଏନ୍‌ବିସିସି ସେଣ୍ଟର, ପ୍ଲଟ୍ ନଂ.୨, କମ୍ୟୁନିଟି ସେଣ୍ଟର, ଓଖ୍‌ଲା ଫେଜ୍-I, ନୂଆଦିଲ୍ଲୀ-୧୧୦୦୨୦
ଫୋନ୍: +୯୧-୦୧୧-୬୬୬୧୬୮୦୦, ୬୬୬୧୬୮୦୫, ୬୬୬୧୬୮୦୪

ଏଫ୍.ନଂ.୨-୬/୨୦୧୯-ଆଇଏନ୍‌ସି ତାରିଖ: ୦୯।୦୫।୨୦୧୯

ଡେପୁଟେଶନ ଭିତ୍ତିରେ ସେକ୍ରେଟାରୀ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି

ସେକ୍ରେଟାରୀ, ଭାରତୀୟ ନର୍ସିଂ କାଉନ୍‌ସିଲ ପଦବୀକୁ ସ୍ତର ୧୩ ପେ’ ମାଟ୍ରିକ୍ସ ଅର୍ଥାତ୍ ଟ.୧୨୩୧୦୦-୨୧୫୯୦୦ (ପ୍ରାକ୍-ସଂଶୋଧିତ ବେତନ ପିବି ୪ରେ – ଟ. ୩୭୪୦୦-୬୭୦୦୦+ ଗ୍ରେଡ୍ ପେ’ ଟ.୮୭୦୦)ରେ ଡେପୁଟେଶନ ଭିତ୍ତିରେ ପୂରଣ କରାଯିବ। କେନ୍ଦ୍ର/ରାଜ୍ୟ ସରକାର ଅଧୀନସ୍ଥ ସ୍ୱୟଂଶାସିତ/ବୈଧାନିକ ନିକାଶ/ବିଶ୍ୱବିଦ୍ୟାଳୟ/ବିଦ୍ୟାଳୟ/ନର୍ସିଂ ମହାବିଦ୍ୟାଳୟରେ କାର୍ଯ୍ୟରତ ଯୋଗ୍ୟ ଅଧିକାରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ପଦବୀର ଆବଶ୍ୟକତା ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ଏବଂ ନିର୍ଦ୍ଧାରିତ ଦରଖାସ୍ତ ଫର୍ମାଟ୍ ତଥା ପ୍ରାର୍ଥୀଙ୍କ ପାଇଁ ନିର୍ଦ୍ଦେଶାବଳୀ ଡାଉନ୍‌ଲୋଡିଂ ନିମନ୍ତେ ଦୟାକରି ଆଇଏନ୍‌ସି ୱେବ୍‌ସାଇଟ୍: www.indiannursingcouncil.org ଦେଖନ୍ତୁ।
ନିର୍ଦ୍ଧାରିତ ଫର୍ମାଟ୍‌ରେ ପୂରଣ ହୋଇଥିବା ଦରଖାସ୍ତ ଉପଯୁକ୍ତ ପଦ୍ଧତି ମାଧ୍ୟମରେ ଅଧ୍ୟକ୍ଷ, ଆଇଏନ୍‌ସି, ଏନ୍‌ବିସିସି ସେଣ୍ଟର, ୮ମ ମହଲା, ଓଖ୍‌ଲା ଫେଜ୍-I, ନୂଆଦିଲ୍ଲୀ-୧୧୦୦୨୦ଙ୍କ ନିକଟକୁ ୧୦ ଜୁନ୍, ୨୦୧୯ କିମ୍ବା ତାହା ପୂର୍ବ ସୁଦ୍ଧା ପଠାଯିବା ଆବଶ୍ୟକ।

ସ୍ୱା./-
(ଡା. ଟି. ଦିଲୀପ କୁମାର)
ଅଧ୍ୟକ୍ଷ, ଆଇଏନ୍‌ସି

davp 17111/11/0006/1920

# ଷ୍ଟିମାକ୍ ହେବେ ନୂଆ ଫୁଟ୍‌ବଲ କୋଚ୍

ନୂଆଦିଲ୍ଲୀ, ୯।୫ (ପି.ଟି.)



କ୍ରୋଏସିଆର ବିଶ୍ୱକପ୍ ଖେଳାଳି ତଥା ପୂର୍ବତନ ମ୍ୟାନେଜର ଇଗୋର ଷ୍ଟିମାକ୍ ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ହେବା ପ୍ରାୟ ନିଶ୍ଚିତ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଟେକ୍‌ନିକାଲ କମିଟି ଗୁରୁବାର ତାଙ୍କ ନାମ ସୁପାରିସ କରିଛି। ୫୧ ବର୍ଷୀୟ ଷ୍ଟିମାକ୍ ୧୯୯୮ ବିଶ୍ୱକପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିବା କ୍ରୋଏସିଆ ଫୁଟ୍‌ବଲ ଦଳର ଅନ୍ୟତମ ସଦସ୍ୟ ଥିଲେ। ଟେକ୍‌ନିକାଲ କମିଟି ଭାରତୀୟ ଫୁଟବଲ ଦଳର ମୁଖ୍ୟ କୋଚ୍ ପଦବୀ ପାଇଁ ପ୍ରାର୍ଥୀଙ୍କ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ୪ଜଣଙ୍କର ଗୁରୁବାର ସାକ୍ଷାତ୍‌କାର ନେଇଥିଲା। ସେମାନଙ୍କ ମଧ୍ୟରେ ଷ୍ଟିମାକ୍ ଶ୍ରେଷ୍ଠ ବିବେଚିତ ହୋଇଥିବା କମିଟିର ଚେୟାରମ୍ୟାନ୍ ଶ୍ୟାମ ଥାପ୍ପା ପ୍ରକାଶ କରିଛନ୍ତି। ଏଆଇଏଫ୍‌ଏଫ୍ ଶନିବାର ତାଙ୍କ ନିଯୁକ୍ତିକୁ ବିଧିବଦ୍ଧ ଘୋଷଣା କରିବ। ଷ୍ଟିମାକ୍ କେବଳ ଏକମାତ୍ର ପ୍ରାର୍ଥୀ ବ୍ୟକ୍ତିଗତ ଭାବେ ସାକ୍ଷାତ୍‌କାରର ସାମ୍ନା କରିଥିଲେ। ଅନ୍ୟପକ୍ଷରେ ଦକ୍ଷିଣ କୋରିଆର ଲି ମିନ୍-ସଙ୍ଗ୍, ସ୍ପେନର ଆବର୍ଟୋ ରୋକା ଏବଂ ସ୍ୱିଡେନର ହାକାନ ଏରିକ୍‌ସନ ସ୍କାଇପ୍ ଜରିଆରେ ସାକ୍ଷାତ୍‌କାର ଦେଇଥିଲେ। ପ୍ରାର୍ଥୀଙ୍କ ଇଣ୍ଟରଭ୍ୟୁ ବେଳେ ନବନିଯୁକ୍ତ ଟେକ୍‌ନିକାଲ ଡାଇରେକ୍ଟର ଡୋରୁ ଇସାକ୍ ମଧ୍ୟ ଉପସ୍ଥିତ ଥିଲେ। ପ୍ରଥମାବସ୍ଥାରେ ଷ୍ଟିମାକ୍‌ଙ୍କ ସହିତ ୩ ବର୍ଷିଆ ଚୁକ୍ତି କରାଯିବ। ତାଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମେ ଥାଇଲାଣ୍ଡରେ ହେବାକୁ ଥିବା କିଙ୍ଗ୍ସ କପ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବ। ଏଥିରେ ଭାରତ ଏହାର ପ୍ରଥମ ମ୍ୟାଚ ଜୁନ୍ ୫ରେ ବୁରିରାମ୍‌ଠାରେ କ୍ୟାରିବିୟନ ଦେଶ କୁରାକାଓ ବିପକ୍ଷରେ ଖେଳିବ। ଏଠାରେ ଭାରତୀୟ ଦଳର ଏକ ଜାତୀୟ କ୍ୟାମ୍ପ ମେ ୨୦ ତାରିଖରୁ ଆରମ୍ଭ ହେବ। ସୂଚନାଯୋଗ୍ୟ, ଚଳିତ ବର୍ଷ ପ୍ରାରମ୍ଭରେ ଭାରତର ଏଏଫ୍‌ସି କପ୍ ଅଭିଯାନ ଶେଷ ପରେ ଷ୍ଟିଫେନ କନ୍‌ଷ୍ଟାଣ୍ଟିନ ତାଙ୍କ ପଦ ତ୍ୟାଗ କରିବା ପରେ ମୁଖ୍ୟ କୋଚ୍ ପଦବୀ ଖାଲି ପଡ଼ିଥିଲା। ଷ୍ଟିମାକଙ୍କର ଭାରତରେ ମଧ୍ୟ ଅଭିଜ୍ଞତା ରହିଛି। ୨୦୧୬-୧୮ରେ ବାଙ୍ଗାଲୋର ଏଫ୍‌ସିର କୋଚ୍ ଭାବେ ସଫଳତାର ସହିତ ଦାୟିତ୍ୱ ତୁଲାଇଛନ୍ତି।

ODISHA ADARSHA VIDYALAYA SANGATHAN
N-I/9, NAYAPALLI, PO.- SAINIK SCHOOL,
BHUBANESWAR-751005

No.-04-n

**Recruitment of Principals and Teachers in Odisha Adarsha Vidyalayas (OAVs) in Odisha.**

**Announcement for Computer Based Test (CBT) & List of facilitation counters**

The Computer Based Test (CBT) for recruitment of Principals and Teachers for Odisha Adarsha Vidyalayas (OAVs) will be conducted by EdCIL India Limited on 19th, 20th & 21st May, 2019 in different cities.

1. The facility of downloading of e-admit cards has been provided in the website www.oavs.in in the link http://cdn.digialm.com/EForms/configuredHtml/1258/60378/login.html.
2. It has also been decided to open facilitation counters for different test centers of different cities which is available in the website www.oavs.in. In case of any difficulty in getting admit card, the candidates are advised to attend the respective facilitation counter on 18.05.2019 from 10:00AM to 02:00 PM.
3. The candidates have been intimated through SMS & registered email-id regarding conduct of Computer Based Test (CBT).
4. All candidates are advised to visit OAVS website regularly to know the updates.

27029/11/0001/1920

Sd./- State Project Director OAVS

ବିଜ୍ଞାପନ

No.14-D

ଦୁର୍ଗପତିଙ୍କ କାର୍ଯ୍ୟାଳୟ ୩ୟ ଓ.ଏସ୍.ଏ.ପି. (ସ୍ୱତନ୍ତ୍ର ସୁରକ୍ଷା) ବାହିନୀ, ଗଜପତି

ନାମ – ବିଷ୍ଣୁ ପ୍ରସାଦ ମାଝି, ସିପାହୀ/୨୯୮
ବାପା– ଗୌରେଶ୍ୱର ମାଝି, ସା : ସାନତମାରି,
ପୋ: ଅଉରିବେଡି, ଥାନା : ଜୟପାଟଣା, ଜିଲ୍ଲା : କଳାହାଣ୍ଡି
ଏହି ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଉଛି କି ଆପଣ ୦୪ ଦିନ ଆକସ୍ମିକ ଛୁଟି ନେଇ ତା ୧୩.୦୯.୨୦୧୮ରିଖ ରୁ ତା ୧୭.୦୯.୨୦୧୮ ରିଖ ପର୍ଯ୍ୟନ୍ତ ଯାଇଥିଲେ। ଆପଣ ତା ୧୮.୦୯.୧୮ ରିଖରେ କାର୍ଯ୍ୟରେ ଯୋଗଦେବାର ଥିଲା କିନ୍ତୁ ତାହା ଆପଣ କଲେନାହିଁ କି ସେ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଏ ପର୍ଯ୍ୟନ୍ତ କିଛି ଜଣାଇଲେ ନାହିଁ ଏବଂ ଯୋଗ ନଦେବାର କାରଣ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କଲେନାହିଁ। ଇତିମଧ୍ୟରେ ଆପଣଙ୍କ ଠିକଣା ଅନୁସାରେ ଥରକୁ ଥର କାର୍ଯ୍ୟରେ ଯୋଗଦେବା ନିମନ୍ତେ ଚିଠି ପଠାଯାଇଥିଲା ଏବଂ ଶେଷରେ ନିର୍ବାଚନ (୨୦୧୯) ନିମନ୍ତେ ମଧ୍ୟ ଆପଣଙ୍କୁ କାର୍ଯ୍ୟରେ ଯୋଗଦାନ ନିମନ୍ତେ ଚିଠି ପ୍ରେରଣ କରାଯାଇ ଥିଲେ ମଧ୍ୟ ଆପଣ କାର୍ଯ୍ୟର ଯୋଗଦାନ କଲେ ନାହିଁ। ଏହା ଏକ ଗର୍ହିତ ଅପରାଧ ଅଟେ।
ଏଣୁ ଏତଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ଏହି ଖବର ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ଆସି ନିଜ କାର୍ଯ୍ୟରେ ଯୋଗ ଦିଅନ୍ତୁ, ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଦୁର୍ଗପତି, ୩ୟ ଓ.ଏସ୍.ଏ.ପି.
(ସ୍ୱତନ୍ତ୍ର ସୁରକ୍ଷା) ବାହିନୀ, ଗଜପତି

12029/11/0005/1920



" କୌଣସି ମ୍ୟାଚ୍‌ରେ ଯେତେବେଳେ ଛକା ମାରିବା ଲାଗି ନିଷ୍ପତ୍ତି ନିଏ ବୋଲର ଯିଏ ବା ହୋଇଥାନ୍ତୁ ନା କାହିଁକି ମୋର ପରବାୟ ନ ଥାଏ ।
–ରିଷଭ ପନ୍ତ, ଦିଲ୍ଲୀ କ୍ୟାପିଟାଲ୍ସ ଖେଳାଳି



" ଜୋଫ୍ରା ଆର୍ଚର ଏବେ ଭଲ ଫର୍ମରେ ଥିବାରୁ ତାଙ୍କୁ ସାମିଲ କଲେ ଇଂଲଣ୍ଡର ବିଶ୍ୱକପ୍ କ୍ରିକେଟ ଦଳ ଅଧିକ ଶକ୍ତିଶାଳୀ ହେବ ।
–ଲିଆମ ପ୍ଲଙ୍କେଟ୍, ଇଂଲଣ୍ଡ କ୍ରିକେଟର

## ସଂକ୍ଷେପରେ

### ଚାମ୍ପିୟନ୍ସ ଲିଗ୍ ଫାଇନାଲରେ ଲିଭରପୁଲ-ଟୋଟେନହାମ

ମାଡ୍ରିଡ୍,୯।୫- ପ୍ରଥମ ଲେଗ୍‌ରେ ୩-୦ ବ୍ୟବଧାନରେ ପଛୁଆ ରହିବା ସତ୍ତ୍ୱେ ଲିଭରପୁଲ ସ୍ପାନିଶ କ୍ଲବ ବାର୍ସିଲୋନାକୁ ହରାଇ ଚାମ୍ପିୟନ୍ସ ଲିଗ୍ ଫାଇନାଲରେ ପ୍ରବେଶ କରିଛି। ଏଠାରେ ଖେଳାଯାଇଥିବା ବାର୍ସିଲୋନା ବିପକ୍ଷ ଦ୍ୱିତୀୟ ଲେଗ୍ ମ୍ୟାଚ୍‌କୁ ଲିଭରପୁଲ ଦଳ ୪-୦ ଗୋଲରେ ଜିତି ଚାମ୍ପିୟନ୍ସ ଲିଗ୍ ଟାଇଟଲ ପାଇଁ ଦାବିଦାର ହୋଇପାରିଛି। ବିଜୟୀ ଦଳ ପକ୍ଷରୁ ଡିଭୋକ ଓରିଗି (୭ ଓ ୭୯ତମ ମିନିଟ୍) ଓ ଜର୍ଜିନା ୱିଜିନାଡମ (୫୪ ଓ ୫୬ତମ) ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ୭୯ତମ ମିନିଟ୍‌ରେ ଲିଭରପୁଲକୁ ଏକ କର୍ନର ମିଳିଥିଲା। ବାର୍ସିଲୋନା ଦଳର ଡିଫେଣ୍ଡରମାନେ ଏକତ୍ର ହେବା ପୂର୍ବରୁ ଟ୍ରେଣ୍ଟ ଆଲେକ୍ସଜାଣ୍ଡର ଆର୍ନୋଲ୍ଡ ତୁରନ୍ତ ଶଟ୍ ଖେଳିଥିଲେ। ଏହାକୁ ଓରିଗି ଗୋଲରେ ପରିଣତ କରି ଦଳ ପାଇଁ ଫାଇନାଲ ପଥ ପରିଷ୍କାର କରିଥିଲେ। ଲିଗ୍‌ର ଅନ୍ୟ ଏକ ସେମିଫାଇନାଲରେ ଆଜାକ୍ସକୁ ୩-୨ ଗୋଲରେ ପରାସ୍ତ କରି ଟୋଟେନହାମ ଫାଇନାଲରେ ସ୍ଥାନ ପକ୍କା କରିଛି। ଆସନ୍ତା ଜୁନ ୧ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ।

### ପରାଜୟ ସହ ଫେରରଙ୍କ କ୍ୟାରିୟର ଶେଷ

ମାଡ୍ରିଡ୍,୯।୫(ଏଏଫ୍‌ପି)- ଏଠାରେ ଚାଲିଥିବା ମାଡ୍ରିଡ୍ ଓପନ ଟେନିସ ଟୁର୍ନାମେଣ୍ଟରେ ପରାଜୟ ସହ ସ୍ପାନିଶ୍ ଖେଳାଳି ଡେଭିଡ ଫେରର କ୍ୟାରିୟର ଶେଷ କରିଛନ୍ତି। କ୍ୟାରିୟରର ଅନ୍ତିମ ମ୍ୟାଚ୍‌ରେ ସେ ୪-୬, ୧-୬ ସେଟ୍‌ରେ ଆଲେକ୍ସଜାଣ୍ଡର ଜାଭରେଭଙ୍କଠାରୁ ହାରିଛନ୍ତି। ଅବସର ପୂର୍ବରୁ ଏହା ଥିଲା ତାଙ୍କ କ୍ୟାରିୟରର ଅନ୍ତିମ ଟୁର୍ନାମେଣ୍ଟ। ୩୭ ବର୍ଷୀୟ ଖେଳାଳି କ୍ୟାରିୟରରେ ୨୭ ଏଟିପି ଟାଇଟଲ ଜିତିଛନ୍ତି। ୨୦୧୪ରେ ସେ ଫ୍ରେଞ୍ଚ ଓପନ ଫାଇନାଲ ଖେଳିଥିଲେ। ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ। ଅନ୍ୟପକ୍ଷରେ ତାଙ୍କ ଦେଶର ରାଫାଲ ନାଡାଲ କାନାଡାର ଫେଲିକ୍ସ ଅଗର ଆଲିଆସିମେଙ୍କୁ ୬-୩, ୬-୩ ବ୍ୟବଧାନରେ ହରାଇ ଦେଇଛନ୍ତି। ୩୨ ବର୍ଷୀୟ ନାଡାଲ ଆଗାମୀ ମ୍ୟାଚ୍‌ରେ ଆମେରିକାର ଫ୍ରାନ୍ସେ ଟାଏଫୋଙ୍କୁ ଭେଟିବେ। ପରବର୍ତ୍ତୀ ମ୍ୟାଚ୍‌ରେ କିମ୍ବଦନ୍ତୀ ସ୍ପାନିଶ ଖେଳାଳିଙ୍କୁ ଷ୍ଟାନ ୱାରିଙ୍କା କିମ୍ବା କେଇ ନିଶିକୋରୀଙ୍କ ସହ ମୁକାବିଲା କରିବାକୁ ପଡ଼ିପାରେ।

### ଆଫ୍ରିଦୀଙ୍କ ସପକ୍ଷରେ ଅଖ୍ତର



କରାଚୀ,୯।୫- ପୂର୍ବତନ ପାକିସ୍ତାନ ସ୍ପିଡ୍‌ଷ୍ଟର ଶୋଏବ ଅଖତର ସାଥୀ ଖେଳାଳି ଶାହିଦ ଆଫ୍ରିଦୀ ନିଜ ଆତ୍ମଜୀବନୀ 'ଗେମ୍ ଚେଞ୍ଜର'ରେ କରିଥିବା ଦାବିରେ ସତ୍ୟତା ରହିଥିବା କହିଛନ୍ତି। ନିକଟରେ ଉନ୍ମୋଚିତ ହୋଇଥିବା ଆତ୍ମଜୀବନୀରେ ଆଫ୍ରିଦୀ ଉଲ୍ଲେଖ କରିଛନ୍ତି ଯେ, ଖେଳିବାବେଳେ ଦଳର ସିନିୟର ଖେଳାଳିମାନେ ଅପମାନିତ କରୁଥିଲେ। ଏହାର ଉଦାହରଣ ମଧ ଦେଇଛନ୍ତି। ପୂର୍ବତନ ଅଧିନାୟକ ଜାଭେଦ ମିଆଁଦାଦ ୧୯୯୯ ଚେନ୍ନାଇ ଟେଷ୍ଟ ପୂର୍ବରୁ ବ୍ୟାଟିଂ ଅଭ୍ୟାସ କରିବାକୁ ଆଫ୍ରିଦୀଙ୍କୁ ଦେଇ ନ ଥିଲେ। ଆଫ୍ରିଦୀଙ୍କୁ ସମର୍ଥନ ଜଣାଇ ଅଖତର କହିଛନ୍ତି, ଆଫ୍ରିଦୀ ସିନିୟର ଖେଳାଳିଙ୍କ ନିଷ୍ଠୁରତାର ସମ୍ମୁଖୀନ ହୋଇଥିଲେ। ସିନିୟର ଖେଳାଳିମାନେ ଜୁନିୟରଙ୍କ ପ୍ରତି ନିଷ୍ଠୁରତା ସମ୍ପର୍କରେ ଖୁବ କମ୍ ଲେଖିଛନ୍ତି। କିଛି ଘଟଣା ମୋ ଉପସ୍ଥିତିରେ ମଧ ଘଟିଛି। କିନ୍ତୁ ପରେ ଖରାପ ବ୍ୟବହାର ଲାଗି ସିନିୟର ଖେଳାଳିମାନେ କ୍ଷମାପ୍ରାର୍ଥନା କରିଥିବା ଅଖତର ସ୍ଥାନୀୟ ବୈଦ୍ୟୁତିକ ଗଣମାଧ୍ୟମର ଏକ ସାକ୍ଷାତ୍‌କାରରେ କହିଛନ୍ତି।

# ଧୋନୀଙ୍କ ପଛରେ ରହିବେ କୋହଲି

କୋଲକାତା,୯।୫ (ପି.ଟି.)

ବିରାଟ କୋହଲି ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ହୋଇପାରନ୍ତି। କିନ୍ତୁ ମ୍ୟାଚ୍‌କୁ ବୁଝିବାରେ ସେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ପଛରେ ରହିବେ ବୋଲି ତାଙ୍କ ପିଲାବେଳର କୋଚ୍ କେଶବ ରଞ୍ଜନ ବାନାର୍ଜୀ କହିଛନ୍ତି। ଡେଥ୍ ଓଭର ବୋଲିଂ କରାଯାଉଥିବା ବେଳେ ଧୋନୀ ରଣନୀତି ସ୍ଥିର କରିବା ସହ ଫିଲ୍ଡିଂ ସମ୍ପର୍କରେ ବିଭିନ୍ନ ନିଷ୍ପତ୍ତି ନେଇଥାନ୍ତି ଓ କୋହଲି ସେତେବେଳେ ଡିପ୍‌ରେ ଫିଲ୍ଡିଂ କରିବାର ଲକ୍ଷ୍ୟ କରାଯାଇଥାଏ। ମ୍ୟାଚ୍ ବୁଝିବାରେ ଧୋନୀ ଏବେ ବି ସମସ୍ତଙ୍କଠାରୁ ଆଗରେ ରହିବେ। ତେବେ କୋହଲି ଏ ବାବଦରେ ଟିକିଏ ପଛରେ ରହିବେ ବୋଲି ସେ କହିଛନ୍ତି। ତେଣୁ ଧୋନୀଙ୍କଠାରୁ କୋହଲି ପରାମର୍ଶ ନେବା ଉଚିତ। ଧୋନୀ ବିଶ୍ୱକପ୍ ଦଳରେ ସ୍ଥାନ ପାଇ ନ ଥିଲେ କୋହଲିଙ୍କୁ ସାହାଯ୍ୟ କରିବାକୁ କେହି ନ ଥାନ୍ତେ ବୋଲି ବାନାର୍ଜୀ ସ୍ପଷ୍ଟ କରିଛନ୍ତି। ଜଣେ ପରିପକ୍ୱ ଅଧିନାୟକ ହେବା ପାଇଁ କୋହଲିଙ୍କୁ ଆଉ କିଛି ସମୟ ଆବଶ୍ୟକ। ଜୁନ୍ ୫ ତାରିଖରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ତା'ର ଅଭିଯାନ ଆରମ୍ଭ କରିବ। ଭାରତୀୟ ମିଡଲ ଅର୍ଡର ଦୁର୍ବଳ ବୋଲି ଚର୍ଚ୍ଚା ହେଉଛି। ୪ ନମ୍ବରରେ କିଏ ବ୍ୟାଟିଂ କରିବ ସେ ଦ୍ୱନ୍ଦ୍ୱ ଜାରି ରହିଛି। ୪ ନମ୍ବରରେ ବ୍ୟାଟିଂ କରିବାକୁ ଧୋନୀ ହିଁ ଉପଯୁକ୍ତ ବ୍ୟାଟ୍ସମ୍ୟାନ ବୋଲି ବାନାର୍ଜୀ କହିଛନ୍ତି। ବିଶ୍ୱକପ୍‌ରେ ଧୋନୀ ୪ ନମ୍ବରରେ ବ୍ୟାଟିଂ କରିବା ଉଚିତ। ଏହା ହେଲେ ତାଙ୍କ ପରେ ବାକି ବ୍ୟାଟ୍ସମ୍ୟାନ ସ୍ୱାଧୀନ ଭାବେ ବ୍ୟାଟିଂ କରିପାରିବେ। ବିଶ୍ୱକପ୍ ବେଳକୁ ଧୋନୀ ୩୮ ବର୍ଷରେ ପଦାର୍ପଣ କରିଥିଲେ। ଧୋନୀଙ୍କ ଫିଟ୍‌ନେସ ଉଚ୍ଚକୋଟୀର ରହିଛି। ତେଣୁ ବିଶ୍ୱକପ୍ ପରେ ତାଙ୍କ ଅବସର ନେଇ ପ୍ରଶ୍ନ କରାଯିବା ଉଚିତ ନୁହଁ ବୋଲି ସେ କହିଛନ୍ତି।

# ଶ୍ରୀୟଙ୍କାଙ୍କୁ ୧ ସ୍ୱର୍ଣ୍ଣ, ୧ ରୌପ୍ୟ

ଭୁବନେଶ୍ୱର, ୯।୫(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଶୁଟିଂ ଆଇକନ୍ ଶ୍ରୀୟଙ୍କା ଷଡ଼ଙ୍ଗୀ ୪ ଦିନ ବ୍ୟବଧାନରେ ଆଉ ୨ଟି ଅନ୍ତର୍ଜାତୀୟ ପଦକ ହାସଲ କରିଛନ୍ତି। ନିଜ ମେଣ୍ଟର ତଥା ଅଲିମ୍ପିଆନ ଗଗନ ନାରଙ୍ଗଙ୍କ ପାର୍ଟନରଭାବେ ସେ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ୧ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଲାଭ କରିଛନ୍ତି। ଏହି ୨ଟି ପଦକକୁ ମିଶାଇ ଶ୍ରୀୟଙ୍କାଙ୍କ ଅନ୍ତର୍ଜାତୀୟ ପଦକ ସଂଖ୍ୟା ୨୫ରେ ପହଞ୍ଚିଛି। ୨୪ ବର୍ଷୀୟା ଶ୍ରୀୟଙ୍କା ଇତିମଧ୍ୟରେ ୬ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ପାଇ ସାରିଛନ୍ତି। ସମ୍ବଲପୁରର ଶ୍ରୀୟଙ୍କା ଓ ଗଗନ ଗତ ୫ ତାରିଖରେ ଚେକ୍ ରିପବ୍ଲିକର



ପୁରସ୍କାର ସହ ଗଗନ ନାରଙ୍ଗ ଓ ଶ୍ରୀୟଙ୍କା ଷଡ଼ଙ୍ଗୀ।

**ଅନ୍ତର୍ଜାତୀୟ ଶୁଟିଂ**

ପ୍ଲାଜେନଠାରେ ଅନୁଷ୍ଠିତ ଲିବରେଶନ ଇଣ୍ଟରନ୍ୟାଶନାଲ ଶୁଟିଂ ପ୍ରତିଯୋଗିତାର ୫୦ତମ ଗ୍ରାଁ ପ୍ରିରେ ରୌପ୍ୟପଦକ ପାଇଥିଲେ। ପୁରେ ଦୁହେଁ ୯ ତାରିଖରେ ଜର୍ମାନୀର ହାନୋଭରଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଶୁଟିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏହି ଭାରତୀୟ ଯୋଡ଼ି ପ୍ଲାଜେନରେ ୪୯୮.୪ ଓ ହାନୋଭରରେ ୪୯୯.୩ ପଏଣ୍ଟ ହାସଲ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟରେ ଏମବିଏ ପଢୁଥିବା ଶ୍ରୀୟଙ୍କା ହାନୋଭରରେ ମହିଳା ବ୍ୟକ୍ତିଗତ ଇଭେଣ୍ଟରେ ମଧ ପ୍ରତିଦ୍ୱନ୍ଦ୍ୱିତା କରିବେ।

# ଲାବନ ଓଡ଼ିଶା ଅଧିନାୟକ



ଜାତୀୟ ସବ୍‌ଜୁନିୟର ହକି ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ।

କଟକ ଅଫିସ,୯।୫

ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁର ଠାରେ ମେ ୧୧ରୁ ୨୨ ତାରିଖ ପର୍ଯ୍ୟନ୍ତ ୯ମ ଜାତୀୟ ସବ୍‌ଜୁନିୟର ବାଳକ ଚାମ୍ପିୟନଶିପ୍–୨୦୧୯ (ଡିଭିଜନ–ଏ) ଅନୁଷ୍ଠିତ ହେବ। ଏଥିଲାଗି ହକି ଓଡ଼ିଶା ପକ୍ଷରୁ ଗୁରୁବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଲାବନ ଲୁଗୁନ ଦଳର ଅଧିନାୟକ ରହିଛନ୍ତି। ଗତ ଏପ୍ରିଲ ୨୫ ତାରିଖରୁ ରାଉରକେଲାର ସ୍ପୋର୍ଟ୍ସ ହଷ୍ଟେଲଠାରେ ଦଳ ଚୟନ ଓ ପ୍ରସ୍ତୁତି ଶିବିର ଚାଲିଥିଲା । ଘୋଷିତ ଦଳ: ପ୍ରୟାସ ସୋନୀ(ଗୋଲକିପର), ଲାବନ ଲୁଗୁନ(ଅଧିନାୟକ), ଅମନ ତିର୍କୀ, ଜର୍ଜ ତିର୍କୀ, ବିନୋଦ କିସ୍‌ପୋଟା, ପଲୁସ ଲାକ୍ରା, ମିଲନ ଭୂୟାଁ(ଗୋଲକିପର), ନିଲେଶ ବାର୍ଲା, ଦୀପକ ଏକ୍କା, ବିକାଶ ଏକ୍କା, ଆଦ୍ରୋଇତ ଏକ୍କା, ସଞ୍ଜୟ ଏକ୍କା, ରୋଶନ କୁଜୁର, ରାଜମୋହନ ତେଲି, ପ୍ରତାପ ଟପ୍ପୋ, ପ୍ରବୀଣ ଇନ୍ଦୱାର, ଆଶିଷ ଖେସ୍, ମୁକେଶ ଟପ୍ପୋ।

## ■ ସବ୍‌ଜୁନିୟର ଜାତୀୟ ହକି ଚାମ୍ପିୟନଶିପ୍

# ନିଶାନ ଟେକ୍ନିକାଲ ଅଫିସିଆଲ

ଭୁବନେଶ୍ୱର,୯।୫(ସ୍ପୋର୍ଟ୍ସ ବ୍ୟୁରୋ)



ଅଭିଜ୍ଞ ହକି ଅମ୍ପାୟର ତଥା ଟେକ୍‌ନିକାଲ ଅଫିସିଆଲ ଓଡ଼ିଶାର ନିଶାନ ଜ୍ୟୋତି ମହାନ୍ତିଙ୍କୁ ଆଉ ଏକ ଗୁରୁଦାୟିତ୍ୱ ମିଳିଛି। ହକି ଇଣ୍ଡିଆ ଆନୁକୂଲ୍ୟରେ ଆସନ୍ତା ୧୧ରୁ ୨୨ ତାରିଖରେ ଛତିଶଗଡ଼ର ରାୟପୁରରେ ଆୟୋଜନ ହେବାକୁଥିବା ନବମ ହକି ଇଣ୍ଡିଆ ସବ୍‌ଜୁନିୟର ନ୍ୟାଶନାଲ ଚାମ୍ପିୟନଶିପ୍ (ଏ– ଡିଭିଜନ)ରେ ସେ ଟେକ୍‌ନିକାଲ ଅଫିସିଆଲ ଭାବେ ମ୍ୟାଚ୍ ପରିଚାଳନା କରିବେ। ପ୍ରଥମଥର ପାଇଁ ଏଭଳି ସମ୍ମାନଜନକ ଟୁର୍ନାମେଣ୍ଟରେ ନିଶାନଙ୍କୁ ମ୍ୟାଚ୍ ପରିଚାଳନା କରିବାର ସୁଯୋଗ ମିଳିଛି। ପୂର୍ବରୁ ନିଶାନ ଏକାଧିକ ଜାତୀୟ ତଥା ଆନ୍ତର୍ଜାତିକ ଟୁର୍ନାମେଣ୍ଟରେ ଅମ୍ପାୟର ଓ ଟେକ୍‌ନିକାଲ ଅଫିସିଆଲ ଭାବେ ସଫଳତା ହାସଲ କରିଛନ୍ତି। ତାଙ୍କ କାର୍ଯ୍ୟରେ ଖୁସି ହୋଇ ତାଙ୍କୁ ଏହି ଦାୟିତ୍ୱ ଅର୍ପଣ କରିଛି। କିଛିଦିନ ତଳେ ନିଶାନ ମାଲେସିଆର ଇପୋଠାରେ ଅନୁଷ୍ଠିତ ସୁଲତାନ ଆଜଲାନ ଶାହା ଆନ୍ତର୍ଜାତିକ ହକି ଟୁର୍ନାମେଣ୍ଟରେ ଟେକ୍‌ନିକାଲ ଅଫିସିଆଲ ଭାବେ ସଫଳତାର ସହ ଦାୟିତ୍ୱ ବହନ କରିଥିଲେ। ଏହା ପୂର୍ବରୁ ସେ ପୁଣେ ଓ ମୁମ୍ବାଇରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ଖେଲୋ ଇଣ୍ଡିଆ (ପୁରୁଷ/ ମହିଳା) ଚାମ୍ପିୟନଶିପ୍ ଓ ଗ୍ୱାଲିୟରରେ ଅନୁଷ୍ଠିତ ନବମ ସିନିୟର ଜାତୀୟ ପୁରୁଷ (ଏ–ଡିଭିଜନ) ଚାମ୍ପିୟନଶିପ୍‌ରେ ଟେକ୍‌ନିକାଲ ଅଫିସିଆଲ ଦାୟିତ୍ୱ ବହନ କରିଥିଲେ। ନିଶାନ ଏବେ ଭୁବନେଶ୍ୱରସ୍ଥିତ ଇଷ୍ଟକୋଷ୍ଟ ରେଲୱେର ମୁଖ୍ୟ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ହକି ଓଡ଼ିଶା ସମ୍ପାଦକ ପ୍ରତାପ୍ ଶତପଥୀ ଏଥିପାଇଁ ନିଶାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବରୁ ମଧ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତିକ ଟୁର୍ନାମେଣ୍ଟରେ ମ୍ୟାଚ୍ ପରିଚାଳନା ପାଇଁ ହକି ଇଣ୍ଡିଆ ତାଙ୍କୁ ଦାୟିତ୍ୱ ଦେଇଛି। ନିଶାନ ମଧ ସଫଳତାର ସହ ଦାୟିତ୍ୱ ବହନ କରିଛନ୍ତି।

# 'ଯୁବ, ଅଭିଜ୍ଞ ଖେଳାଳିଙ୍କୁ ନେଇ ଭାରତ ବେଶ୍ ସନ୍ତୁଳିତ'

ନୂଆଦିଲ୍ଲୀ,୯।୫ (ପି.ଟି.)

ଆଗାମୀ ବିଶ୍ୱକପ୍‌ରେ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବ ବୋଲି ପୂର୍ବତନ ଅଧିନାୟକ କପିଳ ଦେବ କହିଛନ୍ତି। ପୁଣି ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଓ ବିରାଟ କୋହଲିଙ୍କ ଯୋଡି ଦଳ ପାଇଁ ବରଦାନ ସାବ୍ୟସ୍ତ ହେବ। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ବେଶ୍ ସନ୍ତୁଳିତ ମନେହେଉଛି। ମେ ୩୦ ତାରିଖରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱକପ୍‌ରେ ମୋଟ ୧୦ଟି ଦେଶ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ରାଉଣ୍ଡ ରବିନ୍ ଫର୍ମାଟରେ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍‌ରେ ପ୍ରତ୍ୟେକ ଦଳ ପରସ୍ପରକୁ ଗୋଟିଏ ଲେଖାଏ ମ୍ୟାଚ୍‌ରେ ଭେଟିବେ।

ବିଶ୍ୱକପ୍ ପାଇଁ ଘୋଷିତ ୧୫ ଜଣିଆ ଭାରତୀୟ ଦଳରେ ଧୋନୀ, କୋହଲି, ରୋହିତ ଶର୍ମା, ମହମ୍ମଦ ସାମି ଓ ଶିଖର ଧାୱନଙ୍କ ଭଳି ଅଭିଜ୍ଞ ଖେଳାଳି ସ୍ଥାନ ପାଇଥିବା ବେଳେ ଯଶପ୍ରୀତ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା ଓ କୁଲଦୀପ ଯାଦବଙ୍କ ଭଳି ଯୁବ ଖେଳାଳି ମଧ ସୁଯୋଗ ପାଇଛନ୍ତି। ଅନ୍ୟ ଦଳଗୁଡିକ ତୁଳନାରେ ଭାରତୀୟ ଦଳ ଅଧିକ ଅଭିଜ୍ଞ ସମ୍ପନ୍ନ। ଭାରତୀୟ ଦଳରେ ଠିକ୍ ସନ୍ତୁଳନ ରହିଛି। ଦଳରେ ୪ଜଣ ଦ୍ରୁତ ବୋଲର ଓ ୩ଜଣ ସ୍ପିନର ସାମିଲ ରହିଛନ୍ତି। ଭାରତ ପାଇଁ ଧୋନୀ ଓ କୋହଲି ଦମ୍‌ଦାର ପ୍ରଦର୍ଶନ କରିଆସିଛନ୍ତି। ଏହି ଦୁଇ ଖେଳାଳିଙ୍କ ସହ ଅନ୍ୟ କୌଣସି ଯୋଡି ତୁଳନୀୟ ନୁହଁ। ଇଂଲଣ୍ଡର ପରିବେଶରେ ଭାରତୀୟ ଦ୍ରୁତ ବୋଲିଂ ସଫଳ ହୋଇପାରିବ ବୋଲି ୧୯୮୩ ବିଶ୍ୱକପ୍ ବିଜୟୀ ଅଧିନାୟକ କପିଳ ଦେବ କହିଛନ୍ତି। ସାମି ଓ ବୁମ୍‌ରା ଘଣ୍ଟା ପ୍ରତି ୧୪୫ କି.ମି. ବୋଲିଂ କରିବାର କ୍ଷମତା ରଖୁଛନ୍ତି। ଏଥି ସହିତ ଇଂଲଣ୍ଡ ପରିବେଶ୍‌ରେ ବଲ୍ ସୁଇଂ କରାଇବାରେ ଭାରତୀୟ ବୋଲରମାନେ ସଫଳ ହୋଇପାରିବେ। କପିଳ ମଧ ୧୯୯୯ରୁ ୨୦୦୦ ମଧରେ ଭାରତୀୟ ଦଳର କୋଚ୍ ରୂପେ କାର୍ଯ୍ୟ କରିଛନ୍ତି।



ବିଜୟ ଶଙ୍କର ଓ ଲୋକେଶ ରାହୁଲ।

ଆୟୋଜକ ଇଂଲଣ୍ଡ ଓ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ସହ ଭାରତ ସେମିଫାଇନାଲରେ ପ୍ରବେଶ କରିବ ବୋଲି ସେ ପୂର୍ବାନୁମାନ କରିଛନ୍ତି।

ବିଶ୍ୱକପ୍‌ରେ ଭାରତ ନିଶ୍ଚିତ ଭାବେ ଶ୍ରେଷ୍ଠ–୪ରେ ସ୍ଥାନ ପାଇଁ ଅଭିଯାନ ଶେଷ କରିବ। ତେବେ ସେମିରେ ପ୍ରବେଶ କରିବା ପରେ ଭାରତ ପାଇଁ ଆଗକୁ ଯିବା କଷ୍ଟକର ହେବ। ଦଳଗତ, ବ୍ୟକ୍ତିଗତ ପ୍ରଦର୍ଶନ ସହ ଭାଗ୍ୟର ଭୂମିକା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ଭାରତ ବିଶ୍ୱକପ୍‌ରେ ଶ୍ରେଷ୍ଠ ୩ଟି ଦଳ ବିବେଚିତ ହେଉଛନ୍ତି। ଅନ୍ୟଦଳଗୁଡିକ ଅପେକ୍ଷା ଏହି ୩ଟି ଦଳ ଶକ୍ତିଶାଳୀ ମନେ ହେଉଛନ୍ତି। ତେବେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଭଳି ଦଳ ମଧ ବିପର୍ଯ୍ୟୟ ଘଟାଇ ସମସ୍ତଙ୍କୁ ଚକିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି କପିଳ କହିଛନ୍ତି। ବ୍ୟାଟିଂ କ୍ରମର ୪ ନମ୍ବର ସ୍ଥାନରେ କିଏ ଖେଳିବ ସେ ନେଇ ଚର୍ଚ୍ଚା ଚାଲୁ ରହିଛି। ଏହା କେବଳ ଦୁଇଜଣ ଓପନରଙ୍କୁ ବାଦ୍ ଦେଲେ ଯେକୌଣସି ଖେଳାଳି ଯେକୌଣସି ସ୍ଥାନରେ ବ୍ୟାଟିଂ କରିପାରିବାର ମାନସିକତାକୁ ପ୍ରତିହତ କରୁଛି ବୋଲି ସେ କହିଛନ୍ତି। ଟି୨୦ ଖେଳି ଦେଖିବା ପରେ କିଏ ଓପନର ଓ ୪ ନମ୍ବର ବ୍ୟାଟ୍ସମ୍ୟାନ ତାହା କହିବା ମୁସ୍କିଲ ହୋଇ ପଡିଛି। କିଏ କେଉଁ ସ୍ଥାନରେ ବ୍ୟାଟିଂ କରିବ ତାହା ସମ୍ପୃକ୍ତ ଖେଳାଳିଙ୍କ ମନୋଭାବ ଉପରେ ନିର୍ଭର କରିବ। ୨୦୧୧ ବିଶ୍ୱକପ୍ ଫାଇନାଲରେ ଧୋନୀ ଯୁବରାଜ ସିଂଙ୍କୁ ପୂର୍ବରୁ ବ୍ୟାଟିଂ କରିବାକୁ ଯାଇ ସଫଳ ହେବା ସହ ଭାରତକୁ ଚାମ୍ପିୟନ କରାଇଥିଲେ। ଏବେ କିନ୍ତୁ କଥା ଅଲଗା ହେଲାଣି। ଓପନରଙ୍କୁ ବାଦ୍ ଦେଲେ ଯେକୌଣସି ଖେଳାଳି ଯେକୌଣସି ସ୍ଥାନରେ ବ୍ୟାଟିଂ କରିପାରିବେ। ତେଣୁ ୪ ନମ୍ବରରେ ଯେକୌଣସି ଖେଳାଳି ବ୍ୟାଟିଂ କରିପାରିବେ ବୋଲି କପିଳ ସ୍ପଷ୍ଟ କରିଛନ୍ତି।

ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ତାଙ୍କ ପ୍ରକୃତ ଖେଳ ଦେଖାଇବାର ସୁଯୋଗ ଦିଆଯିବା ଆବଶ୍ୟକ। ତାଙ୍କ ପାଖରେ ବହୁତ ପ୍ରତିଭା ଓ ଦକ୍ଷତା ରହିଛି ବୋଲି କପିଳ କହିଛନ୍ତି। ପାଣ୍ଡ୍ୟାଙ୍କୁ କପିଳଙ୍କ ସହ ତୁଳାନ କରାଯାଉଛି। ତେବେ କପିଳ ଏହାକୁ ନାପସନ୍ଦ କରିଛନ୍ତି। ଦୁଇ ଖେଳାଳିଙ୍କ ମଧ୍ୟରେ ତୁଳନା କରାଯିବା ଅନୁଚିତ୍। ଏହା କରାଗଲେ ସମ୍ପୃକ୍ତ ଖେଳାଳିଙ୍କ ଉପରେ ଚାପ ସୃଷ୍ଟି ହେବ। ତେଣୁ ହାର୍ଦ୍ଦିକଙ୍କ ଉପରେ ଚାପ ସୃଷ୍ଟି କରିବା ଅନୁଚିତ ବୋଲି କପିଳ ସ୍ପଷ୍ଟ କରିଛନ୍ତି।

# ଇଂଲଣ୍ଡ ଦଳରେ ଆର୍ଚର ସାମିଲ ହେବା ଜରୁରୀ: ଫ୍ଲିଣ୍ଟଫ୍

ଲଣ୍ଡନ,୯।୫(ଏ.ଏଫ.ପି.)

ମେ ୩୦ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱକପ୍‌ରେ ଆୟୋଜକ ଇଂଲଣ୍ଡ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ଦଳରେ ସାମିଲ କରିବା ନିହାତି ଜରୁରୀ ବୋଲି ପୂର୍ବତନ ଅଲରାଉଣ୍ଡର ଆଣ୍ଡ୍ରୁ ଫ୍ଲିଣ୍ଟଫ୍ କହିଛନ୍ତି। ଏଥିପାଇଁ ଆବଶ୍ୟକ ପଡିଲେ ଯେକୌଣସି ଖେଳାଳିଙ୍କୁ ବାଦ୍ ଦିଆଗଲେ କିଛି ଅସୁବିଧା ନାହିଁ ବୋଲି ସେ କହିଛନ୍ତି। ଗତ ସପ୍ତାହରେ ବାର୍ବାଡୋସ ଜନ୍ମିତ ଆର୍ଚର ଦିନିକିଆ ଓ ଟି୨୦ ଫର୍ମାଟରେ ପଦାର୍ପଣ କରିଥିଲେ। ଇଂଲଣ୍ଡରେ ୩ବର୍ଷ ରହିବା ପରେ ସେ ଏହି ଦେଶ ପାଇଁ ପଦାର୍ପଣ କରିବାର ସୁଯୋଗ ହାସଲ କରିଥିଲେ। ଆର୍ଚର ୯୦ ମାଇଲ ଅର୍ଥାତ୍ ଘଣ୍ଟା ପ୍ରତି ୧୪୫ କି.ମି. ବେଗରେ ବୋଲିଂ କରିବା ସହ ୟର୍କର ପକାଇବାର କ୍ଷମତା ରଖୁଛନ୍ତି। ପୁଣି ଆବଶ୍ୟକ ପଡିଲେ ସେ ମନ୍ଥର ଗତିରେ ମଧ ବୋଲିଂ କରୁଛନ୍ତି। ବୁଧବାରଠାରୁ ଓଭାଲରେ ପାକିସ୍ତାନ ବିପକ୍ଷ ଦିନିକିଆ ସିରିଜ ଆରମ୍ଭ ହେବାକୁ ଯାଉଛି। ଏହି ସିରିଜରେ ଭଲ ପ୍ରଦର୍ଶନ କଲେ ଆର୍ଚର ବିଶ୍ୱକପ୍ ଦଳରେ ସ୍ଥାନ ପାଇପାରିବେ ବୋଲି ଆଶା କରାଯାଉଛି। ଆର୍ଚରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ଫ୍ଲିଣ୍ଟଫ୍। ଆର୍ଚର ଜଣେ ଅସାଧାରଣ ବୋଲର ବୋଲି ଫ୍ଲିଣ୍ଟଫ୍ କହିଛନ୍ତି। ୨୦୧୫ ବିଶ୍ୱକପ୍‌ରେ ଇଂଲଣ୍ଡ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ତେବେ ଏହା ପରଠାରୁ ଦମ୍‌ଦାର ପ୍ରଦର୍ଶନ କରି ଇଂଲଣ୍ଡ ଏବେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ର୍‍ୟାଙ୍କିଙ୍ଗର ୧ ନମ୍ବର ସ୍ଥାନ ହାସଲ କରିଛି। ଇଂଲଣ୍ଡର ଅନ୍ତିମ ୧୫ ଜଣିଆ ଦଳରେ ୨୪ ବର୍ଷୀୟ ଆର୍ଚରଙ୍କୁ ସାମିଲ କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଆର୍ଚରଙ୍କର ମୁଁ ଜଣେ ବଡ଼ ପ୍ରଶଂସକ ଓ ତାଙ୍କ ବୋଲିଂ ଅତି ନିକଟରୁ ଲକ୍ଷ୍ୟ କରିଛି। ଅତି ସହଜରେ ସେ ଦ୍ରୁତଗତିରେ ବୋଲିଂ କରିପାରୁଛନ୍ତି। ନିଃସନ୍ଦେହରେ ସେ ଜଣେ ପ୍ରତିଭାସମ୍ପନ୍ନ ଦ୍ରୁତ ବୋଲର। ଆର୍ଚରଙ୍କୁ ଦଳରେ ସାମିଲ କରାଗଲେ କାହାକୁ ଦଳରୁ ବିଦା କରାଯିବ ବୋଲି ପ୍ରଶ୍ନ ହେବାରୁ ସେ ଉତ୍ତର ଦେଇଥିଲେ। ଆର୍ଚରଙ୍କ ପାଇଁ ଯେକୌଣସି ଖେଳାଳିଙ୍କୁ ବିଦା କରାଯିବାରେ କୌଣସି ଅସୁବିଧା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ଇଂଲଣ୍ଡ ପୂର୍ବରୁ ୩ଥର ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ କେବେବି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିନାହିଁ। ସବୁ ୩ଥର ଯାକ ଇଂଲଣ୍ଡ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଫ୍ଲିଣ୍ଟଫ୍ ୩ଥର ବିଶ୍ୱକପ୍ ଖେଳିଥିଲେ ମଧ ସବୁଥର ଇଂଲଣ୍ଡ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଇଅନ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ଦିନିକିଆ ଫର୍ମାଟରେ ଏବେ ବେଶ୍ ଭଲ ପ୍ରଦର୍ଶନ କରୁଛି ବୋଲି କହିଛନ୍ତି। ଇଂଲଣ୍ଡ ଦିନିକିଆ ଦଳ ବେଶ୍ ସନ୍ତୁଳିତ ମନେହେଉଛି। ଆଗାମୀ ବିଶ୍ୱକପ୍‌ରେ ଘରୋଇ ପରିବେଶରୁ ଫାଇଦା ଉଠାଇ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରିବ ବୋଲି ଫ୍ଲିଣ୍ଟଫ୍ ଆଶା ପ୍ରକାଶ କରିଛନ୍ତି।



## ଆରମ୍ଭ ହେଲା ତୁମ୍ବ କାମ



### ରଥଖଳାକୁ ବିଦ୍ୟୁତ୍ ଚିନ୍ତା

**ପୁରୀ ଅଫିସ, ୯।୫**

ଜୁଲାଇ ୭ରେ ରଥଯାତ୍ରା। ୨ ମାସରୁ ଆଉ କମ୍ ସମୟ ରହିଲା। ଗତ ମଙ୍ଗଳବାର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହୋଇଛି। ଗୁରୁବାର ତିନିରଥର ତୁମ୍ବ କାମ ଆରମ୍ଭ ହୋଇଛି। ହେଲେ ପୁରୀରେ ବିଦ୍ୟୁତ୍ ନ ଥିବାରୁ ଏହା ରଥ କାମକୁ ପ୍ରଭାବିତ କରିବା ସମ୍ଭାବନା ସୃଷ୍ଟି ହୋଇଛି। ବିଦ୍ୟୁତ୍ ଚିନ୍ତା ଘାରିଛି ରଥ ନିର୍ମାଣରେ ନିୟୋଜିତ ସେବକଙ୍କୁ। ଅନ୍ୟପକ୍ଷରେ ବାତ୍ୟାରେ ଅନେକ ଭାଇପୁଅ ମହାରଣାଙ୍କ ଘର ଭାଙ୍ଗିଛି। ତିନିରଥର ମୁଖ୍ୟ ମହାରଣାମାନେ କାମରେ ଯୋଗଦେବାକୁ ସେମାନଙ୍କ ପାଖକୁ ଖବର ପଠାଇଛନ୍ତି। ହେଲେ ରଥ ନିର୍ମାଣରେ ସାମିଲ ହେବାକୁ ଥିବା ଭାଇପୁଅ ମହାରଣାମାନେ ଏ ପର୍ଯ୍ୟନ୍ତ କାମରେ ଯୋଗଦେଇନାହାନ୍ତି। ଏହା ମଧ୍ୟ ଅନ୍ୟ ଏକ ସମସ୍ୟା ହୋଇପାରେ ବୋଲି କୁହାଯାଉଛି। ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ କୁମାର ମହାପାତ୍ର କହିଛନ୍ତି, ରଥ ନିର୍ମାଣ କାମ ଦୁଇଦିନ ହେଲାଣି ଆରମ୍ଭ ହୋଇଛି। ହେଲେ ଏ ପର୍ଯ୍ୟନ୍ତ ରଥଖଳାକୁ ବିଦ୍ୟୁତ୍ ଆସିପାରିନାହିଁ। ପ୍ରାରମ୍ଭିକ ପର୍ଯ୍ୟାୟରେ ତୁମ୍ବ କାମ କରାଯାଉଛି। ମେଶିନ ସାହାଯ୍ୟରେ ତୁମ୍ବରେ ବିନ୍ଧ କରାଯିବ। ଏଥିପାଇଁ ବିଦ୍ୟୁତ୍‌ର ଆବଶ୍ୟକତା ରହିଛି। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରାଯାଇଛି। ଅନ୍ୟ ଏକ ଚିନ୍ତାର ବିଷୟ ହେଉଛି, ଭାଇପୁଅ ମହାରଣାମାନେ ଏପର୍ଯ୍ୟନ୍ତ କାମରେ ଯୋଗଦେଇନାହାନ୍ତି। ବାତ୍ୟାରେ ସେମାନଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ତେଣୁ ଉଜୁଡ଼ା ଘର ସଜାଡ଼ିବାରେ ସେମାନେ ବ୍ୟସ୍ତ। କେବେ କାମରେ ଯୋଗଦେବେ ତାହା ସ୍ପଷ୍ଟ କରିନାହାନ୍ତି। ରଥ ନିର୍ମାଣରେ ଏହିଭଳି ସମସ୍ୟା ରହିଛି। ତଥାପି ଧାର୍ଯ୍ୟ ସମୟରେ ମହାପ୍ରଭୁଙ୍କ ରଥ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ମହାପାତ୍ର କହିଛନ୍ତି।

# ବାତ୍ୟା କ୍ଷତିଗ୍ରସ୍ତଙ୍କୁ ରାଶନ କାର୍ଡ ଧୋକା

- **କାର୍ଡ ଥାଇ ମଧ୍ୟ ମିଳୁନି ସାହାଯ୍ୟ**
- **ଭୋକ ଉପାସରେ ବିତୁଛି ଦିନ**

**ପୁରୀ ଅଫିସ, ୯।୫**

ବାତ୍ୟା ବେସାହାରା କରିଦେଇଛି। ଖାଇବାକୁ କିଛି ନାହିଁ। ସବୁକିଛି ଉଜୁଡ଼ି ଯାଇଛି। ପ୍ରଶାସନ ପକ୍ଷରୁ ଦିଆଯାଉଥିବା ରିଲିଫ୍‌କୁ ହିଁ ଭରସା କରିଛୁ। ସରକାର ରାଶନ କାର୍ଡଧାରୀଙ୍କୁ ୫୦ କିଗ୍ରା ଚାଉଳ ଏବଂ ୨ ହଜାର ଟଙ୍କା ଦେବାକୁ ଘୋଷଣା କରିବା ପରେ ଅନେକ ଆଶା କରିଥିଲୁ। ଏପରି ଦୁଃଖଦ ସମୟରେ ଏହା ନିଶ୍ଚିତ ଆମ ପାଇଁ ବଡ଼ ସାହାଯ୍ୟ। ହେଲେ ରାଶନ କାର୍ଡ ଥାଇ ମଧ୍ୟ ଆମକୁ ଏହାର ସୁବିଧା ମିଳୁନି। ତାଲିକାରେ ନାଁ ନାହିଁ କହି ଡିଲର ଫେରାଇ ଦେଉଛନ୍ତି। ବାଧହୋଇ ମନଦୁଃଖରେ ଖାଲି ହାତରେ ଫେରିବାକୁ ପଡୁଛି ବୋଲି କୋହଭରା କଣ୍ଠରେ କହିଛନ୍ତି ଶ୍ରୀମତୀ ସାହୁ। ପୁରୀ ପୌରସଂସ୍ଥା ୩୦ନଂ. ୱାର୍ଡର ଶ୍ରୀମତୀ ସାହୁଙ୍କ ବୋହୂ ବର୍ଷା ପ୍ରିୟଦର୍ଶିନୀଙ୍କ ନାଁରେ ରହିଛି ରାଶନ କାର୍ଡ। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ଭାବେ ତାଙ୍କ ପାଖରେ କାର୍ଡ ଥିଲେ ମଧ୍ୟ ବର୍ତ୍ତମାନ ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ସରକାରଙ୍କ ଘୋଷିତ ସାହାଯ୍ୟ ଅପହଞ୍ଚ ପାଲଟିଛି। କେବଳ ବର୍ଷାଙ୍କ କ୍ଷେତ୍ରରେ ଏହା ଘଟିନି, ପୁରୀ ପୌରସଂସ୍ଥାର ପ୍ରତି ୱାର୍ଡରେ ଅନେକଙ୍କୁ ଏହିଭଳି କାର୍ଡ ବାଣ୍ଟି ଭଣ୍ଡେଇ ଦିଆଯାଇଛି।

ବାତ୍ୟାରେ ଅଧିକ କ୍ଷତିଗ୍ରସ୍ତ ହୋଇଛି ପୁରୀ ଜିଲା। ବିଶେଷକରି ପୁରୀ ସହର ଛାରଖାର୍ ହୋଇଯାଇଛି। ବାତ୍ୟା ବିପନ୍ନଙ୍କୁ ରିଲିଫ୍ ଏବଂ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି। ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପଲିଥିନ ପ୍ରଦାନ କରାଯାଉଛି। ଏପରି କି, ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସାହାଯ୍ୟ ପ୍ରଦାନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ମୁତାବକ ଗୁରୁବାରଠାରୁ ଚାଉଳ ବଣ୍ଟନ ଆରମ୍ଭ ହୋଇଛି। ବିଭିନ୍ନ ଡିଲରଙ୍କ ମାଧ୍ୟମରେ ଏହି ଚାଉଳ ବଣ୍ଟାଯାଉଛି। ତେବେ ଏମିତି କିଛି ହିତାଧିକାରୀ ଅଛନ୍ତି, ଯେଉଁମାନଙ୍କ ପାଖରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ରହିଛି। ହେଲେ ସେମାନଙ୍କୁ ଚାଉଳ ମିଳୁନାହିଁ। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ଏମିତି ଅନେକ ଗରିବ ଲୋକଙ୍କ ହାତରେ କାର୍ଡ ଖଣ୍ଡିଏ ଧରାଇ ଦେଇଛନ୍ତି। କିନ୍ତୁ ସେମାନଙ୍କୁ ଏହାର ଫାଇଦା ମିଳୁ ନ ଥିବା ଘଟଣା ଏବେ ପଦାକୁ ଆସିଛି।

ପୁରୀ ପୌରସଂସ୍ଥା ୩୦ନଂ. ୱାର୍ଡର ବର୍ଷା ପ୍ରିୟଦର୍ଶିନୀ ମହାରଣା। ସ୍ୱାମୀ ଲକ୍ଷ୍ମୀକାନ୍ତ ସାହୁ। ଚଳିବା ପାଇଁ ସେମିତି କୌଣସି ନିର୍ଦ୍ଦିଷ୍ଟ ଆୟ ନାହିଁ। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରାୟ ୨ ମାସ ପୂର୍ବରୁ ତାଙ୍କୁ ରାଶନ କାର୍ଡ ମିଳିଛି। ତାଙ୍କ କାର୍ଡ ନଂ. ୨୬୧୫୩୧୧୧୪୫୪। ହେଲେ କାର୍ଡ ପାଇଛନ୍ତି ସିନା କିନ୍ତୁ ତାଙ୍କୁ ଏଥିରେ କିଛି ସୁବିଧା ମିଳୁନାହିଁ। ବର୍ତ୍ତମାନ ସରକାର ଘୋଷଣା କରିଥିବା ୫୦ କିଗ୍ରା ଚାଉଳରୁ ମଧ୍ୟ ସେ ବଞ୍ଚିତ। କାର୍ଡ ନେଇ ଡିଲରଙ୍କ ପାଖକୁ ଯାଇଥିଲେ, ହେଲେ ତାଲିକାରେ ନାଁ ନ ଥିବା କହି ଡିଲର ତାଙ୍କୁ ଫେରାଇ ଦେଇଛନ୍ତି। ଏହାକୁ ନେଇ ମନସ୍ତାପରେ ଅଛନ୍ତି ବର୍ଷାଙ୍କ ପରିବାର।


Government Of Odisha/ଓଡ଼ିଶା ସରକାର
Ration Card/ରେସନ କାର୍ଡ
Ration Card No/ରେସନ କାର୍ଡ ନଂ : 26153111454
Ration Card Type/ରେସନ କାର୍ଡର ପ୍ରକାର :
Head of Household/ପରିବାରର ମୁଖ୍ୟ : BARSHAPRIYADARSHINI MAHARANA
LAXMIKANTA SAHOO
DUSASAANA MAHARANA
Mobile No/ମୋବାଇଲ୍ ନଂ :
NPR Family ID :
Present Address/ ବର୍ତ୍ତମାନର ଠିକଣା
House No. :
WARDNO31
Village/Locality : XXX
ULB : PURI MPL
District : PURI
FPS Code and Name :
2615P162-RABI NARAYAN PATRA
Electricity Connection Status/ ବିଦ୍ୟୁତ୍ ସଂଯୋଗ :
Distribution Company :
Consumer Number :
Division :
Gas Connection Status/ ଗ୍ୟାସ ସଂଯୋଗ :
Consumer Number :
Agency :
Old Ration Card No :
Ration Per Month :
Total Family Members/ପରିବାରର ସଦସ୍ୟ ସଂଖ୍ୟା : 2
Date of issue of card
02/02/2019
FSCW Department, Govt. of Odisha.
Issuing Authority

ଅନ୍ୟପକ୍ଷରେ କେବଳ ବର୍ଷା ନୁହଁନ୍ତି, ପୁରୀ ପୌରସଂସ୍ଥା ଅଧୀନ ବିଭିନ୍ନ ୱାର୍ଡରେ ଏହିଭଳି ଚଞ୍ଚକତା କରାଯାଇଥିବା ଜଣେ ଡିଲର ନିଜ ନାମ ଗୋପନ ରଖି କହିଛନ୍ତି। ଗରିବ ଅସହାୟକ ଲୋକଙ୍କ ସରଳତାର ସୁଯୋଗ ନେଇ ଏପରି କରାଯାଇଛି। ପୁରୀ ପୌରସଂସ୍ଥା ଅଧୀନ ବିଭିନ୍ନ ୱାର୍ଡରେ ଏଭଳି କାର୍ଡଧାରୀଙ୍କ ସଂଖ୍ୟା ୫୦୦ରୁ ଅଧିକ ହେବ। ନିକଟରେ ଶେଷ ହୋଇଥିବା ନିର୍ବାଚନ ପାଇଁ ଏଭଳି କରାଯାଇଛି। କିଛି ରାଜନେତା ନିଜର ଫାଇଦା ପାଇଁ ଏଭଳି କରିଛନ୍ତି। ଅନେକ ଲୋକଙ୍କ ହାତରେ ଏହିଭଳି କାର୍ଡ ଖଣ୍ଡେ ଖଣ୍ଡେ ଧରାଇ ଦେଇଛନ୍ତି। କିନ୍ତୁ ପ୍ରକୃତ ତାଲିକାରେ ଏମାନଙ୍କ ନାଁ ନାହିଁ। ଫଳରେ ଏମାନେ ରାଶନ କାର୍ଡରେ ମିଳୁଥିବା ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ସିଦ୍ଧମହାବୀର ଅଞ୍ଚଳର ଜଣେ ହିତାଧିକାରୀ ମଧ୍ୟ ଏହିଭଳି ଚଞ୍ଚକତାର ଶିକାର ହୋଇଛନ୍ତି। ସେ ତାଙ୍କ ଅଞ୍ଚଳର ଡିଲରଙ୍କ ପାଖକୁ ବାତ୍ୟା ବିପନ୍ନଙ୍କ ଲାଗି ମିଳୁଥିବା ୫୦ କିଗ୍ରା ଚାଉଳ ପାଇଁ ଯାଇଥିଲେ। ହେଲେ ତାଲିକାରେ ତାଙ୍କ ନାଁ ନ ଥିବା କହି ସମ୍ପୃକ୍ତ ଡିଲର ତାଙ୍କୁ ଫେରାଇ ଦେଇଥିବା ଜଣାପଡିଛି।

ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ କହିଛନ୍ତି, ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ୫୦ କିଗ୍ରା ଚାଉଳ ବଣ୍ଟନ କରାଯାଉଛି। ଯେଉଁମାନଙ୍କ ନାମ ଖାଦ୍ୟ ସୁରକ୍ଷା ଯୋଜନାରେ ରହିଛି ସେମାନଙ୍କୁ ଏହି ଚାଉଳ ଦିଆଯାଉଛି। ତେବେ ଏମିତି କିଛି ହିତାଧିକାରୀଙ୍କ ପାଖରେ କାର୍ଡ ଥିଲେ ମଧ୍ୟ ସେମାନଙ୍କୁ ଚାଉଳ ଦିଆଯାଉ ନ ଥିବା ପ୍ରସଙ୍ଗରେ ଯୋଗାଣ ଅଧିକାରୀ କହିଥିଲେ, ତାଲିକା ଅନୁଯାୟୀ ଚାଉଳ ଆସିଛି। ଯାହାଙ୍କ ନାମ ତାଲିକାରେ ନ ଥିବ ସେମାନେ ଏହି ଚାଉଳ ପାଇବେ ନାହିଁ।

## ରିଲିଫ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧସ୍ତାଧସ୍ତି

ପୁରୀ ଅଫିସ, ୯।୫: ବାତ୍ୟା ପରେ ରାଜ୍ୟ ସରକାର ରିଲିଫ ଘୋଷଣା କରିଥିବାବେଳେ ଏଥିରେ ବିଭ୍ରାଟ ଦେଖାଦେବାରୁ ଅନେକ ସ୍ଥାନରେ ଜନଅସନ୍ତୋଷ ଦେଖାଦେଇଛି। ଏ ନେଇ ଗୁରୁବାର ପୁରୀ ବଳିଆପଣ୍ଡା ବସ୍ତି ଓ ବାଲିନୋଳିଆ ସାହିର ବହୁ ଲୋକ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବଳିଆପଣ୍ଡା ବସ୍ତିର ଜଣେ ଯୁବକ ଜବରଦସ୍ତି ଗ୍ରୀଲ ଖୋଲିବାକୁ ଚେଷ୍ଟା କରିଥିଲା। ପୋଲିସ ତାକୁ ବାଧା ଦେବାରୁ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ପରେ ବହୁସଂଖ୍ୟାରେ ବସ୍ତିଲୋକ ସେଠାରେ ପହଞ୍ଚିବାରୁ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା।

## କାନ୍ଥ ଭୁଶୁଡ଼ି ଜଣେ ମୃତ

ପୁରୀ ଅଫିସ, ୯।୫: ବାତ୍ୟାରେ ଅଧା ଭଙ୍ଗା ଅବସ୍ଥାରେ ଥିବା ଏକ କାନ୍ଥ ସଦର ଥାନା ଅନ୍ତର୍ଗତ ତଳଜଙ୍ଗ ଗ୍ରାମର ଜଣେ ବ୍ୟକ୍ତିଙ୍କ ଉପରେ ଗୁରୁବାର ପଡ଼ିଯାଇଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବରୁ ପୁରୀ ଜିଲାରେ ବାତ୍ୟା ଜନିତ ମୃତ୍ୟୁ ସଂଖ୍ୟା ୩୭ଥିବାବେଳେ ଏବେ ୩୮ରେ ପହଞ୍ଚିଥିବା ଜଣାପଡ଼ିଛି।

## ପୁରୀ ଜିଲାରେ ୩୨ହଜାର ହେକ୍ଟର ଫସଲ ହାନି

ପୁରୀ ଅଫିସ, ୯।୫: ବାତ୍ୟାରେ ପୁରୀ ଜିଲାର ଚାଷ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି। ଫଳରେ ବହୁ ପରିଶ୍ରମ କରି ଫସଲ ଅମଳକୁ ଚାହିଁ ରହିଥିବା ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ପୁରୀ ଜିଲାର ଅର୍ଥନୀତି ମୁଖ୍ୟତଃ ପର୍ଯ୍ୟଟନ ଏବଂ ଚାଷ ଉପରେ ନିର୍ଭର କରିଥାଏ। ଚଳିତ ବର୍ଷ ପୁରୀ ଜିଲାରେ ଡାଲୁଅ ଧାନ, ମୁଗ, ବିରି, ସୂର୍ଯ୍ୟମୁଖୀ, ଚିନା ବାଦାମ ଓ ବିଭିନ୍ନ ପନିପରିବା ବହୁଳ ମାତ୍ରାରେ ଚାଷ କରାଯାଇଥିଲା। ମାତ୍ର ବାତ୍ୟା ସବୁକିଛି ନଷ୍ଟ କରିଦେଲା। ଜିଲାରେ ମୋଟ ଚାଷ ହୋଇଥିବା ଜମି ମଧ୍ୟରୁ ୩୨ହଜାର ହେକ୍ଟର ଚାଷ ଜମିରେ ଫସଲ ହାନି ହୋଇଥିବା ଜିଲା ଉପକୃଷି ନିର୍ଦ୍ଦେଶକ ଏସ୍ ଚନ୍ଦ୍ରଶେଖର ରାଓ ରାଜ୍ୟସରକାରଙ୍କୁ ରିପୋର୍ଟ ଦେଇଛନ୍ତି।

## ବିଦ୍ୟୁତ୍ ସବ୍‌ଷ୍ଟେଶନ ସମ୍ମୁଖରେ ଉତ୍ତେଜନା

ବାଲିଅନ୍ତା, ୯।୫(ଡି.ଏନ୍.ଏ.): ବାତ୍ୟାରେ ପ୍ରଭାବିତ ହୋଇଥିବା ଅଞ୍ଚଳଗୁଡିକୁ ବିଦ୍ୟୁତ୍ ସଂଯୋଗରେ ବିଳମ୍ବ ନେଇ ଗୁରୁବାର ରାତି ୮ଟାରେ ହଂସପାଳ ଛକ ନିକଟସ୍ଥ ବିଦ୍ୟୁତ ସବଷ୍ଟେଶନ ସମ୍ମୁଖରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକେ ହୋହାଲ୍ଲା କରିଥିଲେ। ଏହି ବିଦ୍ୟୁତ୍ ସବଷ୍ଟେଶନକୁ ୩୩କେଭି ଲାଇନ ଆସିଥିଲେ ହେଁ ପାଖ ଗ୍ରାମକୁ ବିଦ୍ୟୁତ ସଂଯୋଗ ତୁରନ୍ତ ଦେବା ପାଇଁ ଉତ୍ୟକ୍ତ ଲୋକେ ଦାବି କରିଥିଲେ। ବାତ୍ୟାରେ ଭାଙ୍ଗି ପଡିଥିବା ୧୧କେଭି ଖୁଣ୍ଟକୁ ତୁରନ୍ତ ମରାମତି ପାଇଁ ଅଡି ବସିଥିଲେ। ଘଟଣାସ୍ଥଳକୁ ବିଦ୍ୟୁତ୍ ବିଭାଗ ଜେଇ ଆସି ଉତ୍ତର ରଖିବାକୁ ସେମାନେ କହିଥିଲେ। ଉତ୍ତେଜନା ପରିସ୍ଥିତି ଦେଖାଦେବାରୁ ମଞ୍ଚେଶ୍ୱର ଥାନା ଏସ୍‌ଆଇ ପି.କେ.ଶତପଥୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତୁରନ୍ତ ବିଦ୍ୟୁତ ସେବା ଯୋଗାଇ ନ ଦେଲେ ଜାତୀୟ ରାଜପଥ ରାସ୍ତାରୋକୋ କରିବେ ବୋଲି ଉତ୍ୟକ୍ତ ଲୋକେ ଚେତାବନୀ ଦେଇଥିଲେ।

## ବାତ୍ୟାଞ୍ଚଳରେ କାର୍ଯ୍ୟ କରୁଛନ୍ତି ୭୨ ଅଗ୍ନିଶମ ଟିମ୍

**ଭୁବନେଶ୍ୱର, ୯।୫(ବ୍ୟୁରୋ)**

### ସେତୁକୁ ସହଯୋଗ କରିବେ ୨୬ ଟିମ୍

ବାତ୍ୟା 'ଫନୀ'କୁ ୬ଦିନ ବିତିଗଲାଣି। ହେଲେ ଏବେ ବି ରାଜଧାନୀ ସମେତ ଅନ୍ୟ ଜିଲାରେ ପରିସ୍ଥିତି ସ୍ୱାଭାବିକ ହୋଇନାହିଁ। ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପଡ଼ିରହିଥିବା ଗଛଗୁଡିକୁ କାଟି ରାସ୍ତା ସଫା କରାଯାଉଥିବାବେଳେ ପୁରୀ, ଖୋର୍ଦ୍ଧା, ଜଗତସିଂପୁର ଓ କେନ୍ଦ୍ରାପଡା ଜିଲାରେ ଶହ ଶହ ଗଛ ପଡ଼ିରହିଛି। ଏହି ସବୁ ଜିଲାରେ ଅଗ୍ନିଶମ କର୍ମଚାରୀ, ଓଡ୍ରାଫ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ କାର୍ଯ୍ୟ କରୁଛନ୍ତି। ଖୁବ୍‌ଶୀଘ୍ର ସେମାନେ ଗଛକଟା ଶେଷ କରିଦେବେ ବୋଲି ଆଶା ରଖିଛନ୍ତି। ଅଗ୍ନିଶମ ବିଭାଗର ୭୭୬ଜଣ କର୍ମଚାରୀଙ୍କୁ ନେଇ ୭୨ଟି ଟିମ୍ ଗଠନ କରାଯାଇଛି। ଏହି ଟିମ୍ ରାଜ୍ୟର ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି। ଭାଙ୍ଗି ଓ ଉପୁଡ଼ି ପଡିଥିବା ଗଛଗୁଡ଼ିକୁ ସେମାନେ କାଟିବା ସହ ଲୋକଙ୍କୁ ରିଲିଫ୍ ସାମଗ୍ରୀ ଓ ପାନୀୟଜଳ ଯୋଗାଇ ଦେଉଛନ୍ତି।

ପୁରୀରେ ମୁଖ୍ୟ ଅଗ୍ନିଶମ ଅଧିକାରୀଙ୍କ ନେତୃତ୍ୱରେ ୨୫୦ରୁ ଉର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସେମାନେ ଗଛ କାଟିବା, ପଡ଼ିଯାଇଥିବା ବିଦ୍ୟୁତ୍‌ଖୁଣ୍ଟ ଉଠାଇବା, ପାନୀୟ ଜଳ ଯୋଗାଇବା ସହିତ ରାସ୍ତାଘାଟ, ବଡଦାଣ୍ଡ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ଆଦି ପ୍ରମୁଖ ସ୍ଥାନରେ ଆଲୋକ ବ୍ୟବସ୍ଥା କରିବାରେ ଲାଗିପଡ଼ିଛନ୍ତି। ୧୨୦୦ରୁ ଅଧିକ ଅଗ୍ନିଶମ କର୍ମଚାରୀ ଉଚ୍ଚ ପଦାଧିକାରୀଙ୍କ ତତ୍ତ୍ୱାବଧାନରେ ମେ' ୪ରୁ ବର୍ତ୍ତମାନ କଟକ, ଜଗତସିଂହପୁର, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଓ ଅନ୍ୟ କ୍ଷତିଗ୍ରସ୍ତ ଅଞ୍ଚଳରେ କାର୍ଯ୍ୟ କରିଆସୁଛନ୍ତି। ବିଭିନ୍ନ ସ୍ଥାନରେ ମଧ ଅଗ୍ନିଶମ କର୍ମଚାରୀ ରିଲିଫ୍ ବାଣ୍ଟୁଥିବାର ଦେଖିବାକୁ ମିଳିଛି।

ଭୁବନେଶ୍ୱରରେ ଉଚ୍ଚ ପଦାଧିକାରୀଙ୍କ ତତ୍ତ୍ୱାବଧାନରେ ୪୭୫ରୁ ଉର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ କାର୍ଯ୍ୟ କରିବା ପାଇଁ ବିଭିନ୍ନ ଟିମ୍‌କୁ ଦାୟିତ୍ୱ ଦିଆଯାଇଛି। ଏହି ଟିମ୍‌ଗୁଡ଼ିକ ଗଛ କାଟି ଯାତାୟତର ସୁବିଧା କରିବେ। ସେହିପରି ବାତ୍ୟାରେ ଭାଙ୍ଗିପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟକୁ ହଟାଇ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ନିମନ୍ତେ ଅଗ୍ନିଶମ ବିଭାଗର ୨୬ଟି ଟିମ୍‌କୁ ସେତୁ ନିୟୋଜିତ କରିଛି। ପାନୀୟଜଳ ଅଭାବ ଥିବା ରାଜଧାନୀର ବସ୍ତି ଓ ଜନବସତି ଅଞ୍ଚଳରେ ୧୮ହଜାର ଲିଟର କ୍ଷମତା ବିଶିଷ୍ଟ ଦମକଳ ଗାଡ଼ି ବ୍ୟବହାର କରାଯାଇ ପାଣି ଯୋଗାଇ ଦିଆଯାଉଛି। ପ୍ରଥମ ଥର ଏହି ଦମକଳ ଗାଡ଼ିଗୁଡ଼ିକ ଲୋକଙ୍କୁ ପାଣି ଯୋଗାଇଦେବାରେ ସହାୟକ ହୋଇଛି। ବାତ୍ୟା ପରେ ଭୁବନେଶ୍ୱରର ବହୁ ଗୁରୁତ୍ୱପୂର୍ଣ୍ଣ ଛକରେ ବିଦ୍ୟୁତ୍ ବ୍ୟବସ୍ଥା ହୋଇନାହିଁ। ଏହି ସବୁ ସ୍ଥାନ ଅନ୍ଧକାରମୟ ରହିଥିଲା। ତେବେ ଅଗ୍ନିଶମ ବିଭାଗ ପକ୍ଷରୁ ବସ୍‌ଷ୍ଟାଣ୍ଡ ଏବଂ ଏକାଧିକ ଛକରେ ଜେନେରେଟର ମାଧ୍ୟମରେ ଆଲୋକ ବ୍ୟବସ୍ଥା କରାଯାଇଛି।

ଗୁରୁବାର ଭୁବନେଶ୍ୱରସ୍ଥ ବରମୁଣ୍ଡା ଅଗ୍ନିଶମ କାର୍ଯ୍ୟାଳୟରୁ ବହୁ ୱାଟର ଟ୍ୟାଙ୍କର ଗାଡ଼ି ବିଭିନ୍ନ ବସ୍ତି ଓ ଜନବସତିକୁ ଯାଇଥିଲା। ଏଥିରେ ଅଗ୍ନିଶମ କର୍ମଚାରୀମାନେ ସାମିଲ ହୋଇ ଲୋକଙ୍କୁ ପାଣି ଯୋଗାଇ ଦେଇଥିଲେ। ବିଶେଷକରି ବାତ୍ୟା ସମୟରେ ଅଗ୍ନିଶମ କର୍ମଚାରୀମାନେ ଯେଭଳି ଭାବେ ନିଜ ଜୀବନକୁ ବାଜି ଲଗାଇ ଗଛ କାଟି ଓ ବିଦ୍ୟୁତ ଖୁଣ୍ଟ ହଟାଇ ଗମନାଗମନ ପାଇଁ ରାସ୍ତା ସଫା କରିଥିଲେ ତାହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ନାମରେ ଲୁକ୍‌ଆଉଟ୍ ନୋଟିସ

**ଭୁବନେଶ୍ୱର, ୯।୫ (ବ୍ୟୁରୋ)**

ଭୁବନେଶ୍ୱର-ମଧ୍ୟ ବିଧାନସଭା ଆସନର ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ନାମରେ ଖାରବେଳନଗର ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ଜଗନ୍ନାଥଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିଫଳ ହେବାରୁ ତାଙ୍କ ନାମରେ ଲୁକ୍‌ଆଉଟ୍ ନୋଟିସ ଜାରି କରିଛି। ଗତ ୫ ତାରିଖରେ ଖାରବେଳନଗର ଭାଜପା କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାତ୍ୟାସ୍ଥିତିର ସମୀକ୍ଷା କରୁଥିବା ବେଳେ ଜଗନ୍ନାଥ ପ୍ରଧାନଙ୍କ ସମର୍ଥକମାନେ କାର୍ଯ୍ୟାଳୟ ଭିତରକୁ ପଶିଥିଲେ। ଭାଜପା ନେତା ଉମେଶ ଖଣ୍ଡେଲୱାଲ କାହିଁକି ଜଗନ୍ନାଥଙ୍କ ପାଇଁ ପ୍ରଚାର ନ କରି ପୁରୀ ଚାଲିଗଲେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏହାକୁ ନେଇ କଟାକଟି ହୋଇଥିଲା। ପ୍ରଧାନଙ୍କ ୫ରୁ ଉର୍ଦ୍ଧ୍ୱ ସମର୍ଥକ ଏକ ବାଉଁଶରେ ଖଣ୍ଡେଲୱାଲଙ୍କ କାର କାଚ ଭାଙ୍ଗି ଦେଇଥିଲେ। ଏନେଇ ଉମେଶ ଖାରବେଳନଗର ଥାନାରେ ଜଗନ୍ନାଥଙ୍କ ସମେତ ଅନ୍ୟ ୫ଜଣଙ୍କ ନାମରେ ଅଭିଯୋଗ କରିଥିଲେ।

## ଓଡ଼ିଶାରେ ଦକ୍ଷ ହେୟାର ଡ୍ରେସ୍‌ର ଅଛନ୍ତି: ଜାୱେଦ ହବିବ୍

**ଭୁବନେଶ୍ୱର, ୯।୫(ବ୍ୟୁରୋ)**



ଓଡ଼ିଶାରେ ବହୁ ଦକ୍ଷ ହେୟାର ଡ୍ରେସର ରହିଛନ୍ତି। ସେମାନଙ୍କୁ ଉପଯୁକ୍ତ ତାଲିମ ଓ ଭିତ୍ତିଭୂମି ଯୋଗାଇଦେଲେ ସେମାନେ ବି ଜଣେ ଜଣେ ଜାୱେଦ ହବିବ୍ ହୋଇପାରିବେ ବୋଲି ପ୍ରତିଭାବାନ ହେୟାର ଡ୍ରେସର ତଥା ବିୟୁଟିସିୟାନ ଜାୱେଦ ହବିବ୍ କହିଛନ୍ତି। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ସେଲୁନ, ବିୟୁଟି କେୟାର ସମ୍ପର୍କିତ ଏକ ସମ୍ମିଳନୀରେ ଜାୱେଦ ହବିବ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜାୱେଦଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ସହ ସହବନ୍ଧିତ ହୋଇ ଓଡ଼ିଶାରେ ସେଲୁନ, ସ୍ପା, ବିୟୁଟି କେୟାର ବ୍ୟବସାୟକୁ ଆଗକୁ ନେବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜାୱେଦ ସମସ୍ତଙ୍କ ଆଗରେ ଏକ ଡେମୋ କରି ଦେଖାଇଥିଲେ। ଏହି ସମ୍ମିଳନୀରେ ଜାୱେଦ ହବିବ୍ କାର୍ଯ୍ୟାଳୟ ଭୁବନେଶ୍ୱର ଶାଖାର ମୁଖ୍ୟ ୟୁ. କେ. ସିଂହ ଓ ପରିଚାଳକ ଚିରଞ୍ଜିତ ସିଂହ ଉପସ୍ଥିତ ଥିଲେ।

- **ଫନୀ ଭାଙ୍ଗିଦେଲା କୁମ୍ଭକାରଙ୍କ ମେରୁଦଣ୍ଡ**

# ମହାପ୍ରସାଦ ଲାଗି ଅଭାବ ପଡ଼ିବ କୁଡୁଆ





ପୁରୀ କୁମ୍ଭାରପଡ଼ା ବସ୍ତିରେ ଫନୀ ଦ୍ୱାରା ଉଜୁଡ଼ି ଯାଇଥିବା କୁମ୍ଭକାରଙ୍କ ଭାଟି । ଫଟୋ-ଯଜ୍ଞେଶ୍ୱର ମହାନ୍ତି

**ପ୍ରଭାତ ପାଣିଗ୍ରାହୀ**
**ପୁରୀ ଅଫିସ, ୯।୫**

- **ଉଜୁଡିଛି ୩୦୦ରୁ ଉର୍ଦ୍ଧ୍ୱ ଶାଳ ଓ ଭାଟି**
- **ସ୍ୱତନ୍ତ୍ର ପ୍ୟାକେଜ ସହ ୬ କୋଟି ଦାବି**

ବାତ୍ୟା ଫନୀରେ ଅଧିକ କ୍ଷତିଗ୍ରସ୍ତ ହୋଇଛି କୁମ୍ଭାରପଡ଼ା। ୨୦୧୩ ଫାଇଲିନ୍ କ୍ଷତ ଶୁଖି ନ ଥିବାବେଳେ ଏବେ ଫନୀ କୁମ୍ଭକାରମାନଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ବାତ୍ୟାରେ ୩୦୦ରୁ ଉର୍ଦ୍ଧ୍ୱ କୁମ୍ଭକାର ପରିବାର ପ୍ରଭାବିତ ହୋଇଛନ୍ତି। ୮୦ରୁ ଉର୍ଦ୍ଧ୍ୱବଡ଼ କୁମ୍ଭାରଶାଳ ନଷ୍ଟ ହୋଇଥିବାବେଳେ ସମସ୍ତ ଛୋଟବଡ଼ ଶାଳ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ୫୦ ହଜାରରୁ ଉର୍ଦ୍ଧ୍ୱ ମାଟି ସାମଗ୍ରୀ ଓ ବିକ୍ରି ଉଦ୍ଦେଶ୍ୟରେ ଥିବା କୁଡୁଆ ସହ ଅନ୍ୟାନ୍ୟ ମାଟିପାତ୍ର ନଷ୍ଟ ହୋଇଯାଇଛି। ନିର୍ମାଣ ଚାଲିଥିବା ପ୍ରାୟ ୩୦ହଜାରରୁ ଉର୍ଦ୍ଧ୍ୱ ମାଟି କୁଡୁଆ ମାଟିରେ ମିଶିଯାଇଥିବା ବେଳେ ଚକ ଉପରେ ଗଛ ପଡି ଏହା ଭାଙ୍ଗିଯାଇଛି। ବର୍ତ୍ତମାନ ସୁଦ୍ଧା ବହୁ ଶାଳ ଉପରେ ଚାଳ ଛପର ପଡିରହିଛି। ଭାଟିରେ ପାଣି ପଶି ନଷ୍ଟ ହୋଇଛି।

ପରିସ୍ଥିତି ଏପରି ହୋଇଛି ଯେ, କୁମ୍ଭକାରମାନେ ପୁଣି ଅଣ୍ଟା ସଳଖିବାକୁ ୨ ମାସରୁ ଉର୍ଦ୍ଧ୍ୱ ସମୟ ଲାଗିପାରେ ବୋଲି କୁମ୍ଭକାର ନିଯୋଗ ସଭାପତି ଜନାର୍ଦ୍ଦନ ଦାସ କହିଛନ୍ତି। ଫନୀ ପ୍ରଭାବରେ ସମସ୍ତ କୁମ୍ଭକାର ପରିବାରରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ସୁଦ୍ଧା କୁମ୍ଭାରପଡାରେ ପାନୀୟଜଳ ଏବଂ ରିଲିଫ ସାମଗ୍ରୀ ପହଞ୍ଚି ପାରିନି ବୋଲି ସମ୍ପାଦକ ରସାନନ୍ଦ ବିଶୋଇ କହିଛନ୍ତି। କୁମ୍ଭକାର ନିଯୋଗ ସଦସ୍ୟ ମହେନ୍ଦ୍ର ବିଶୋଇ କୁହନ୍ତି, ପ୍ରତି ପରିବାରର ପ୍ରାୟ ୨ରୁ ୩ଲକ୍ଷ ଟଙ୍କା କ୍ଷତି ଘଟିଛି। ଏନେଇ କୁମ୍ଭକାର ନିଯୋଗ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନିଯୋଗ ପକ୍ଷରୁ ୬କୋଟି ଦାବି କରାଯାଇଛି ବୋଲି ସେ କହିଛନ୍ତି। ଭାଟି ଲାଗି ରହିଥିବା ଝାଟି ମଧ୍ୟ ନଷ୍ଟ ହୋଇଯାଇଛି। ଏବେ ଫନୀ ପ୍ରଭାବରେ ଚାରିଆଡେ ବହୁ ଗଛ ଭାଙ୍ଗିପଡିଛି। ଏଣୁ ଆଗକୁ ଝାଟି ମିଳିବା କଷ୍ଟକର। ଏଣୁ ଆଗାମୀ ଦୁଇ ମାସ ପର୍ଯ୍ୟନ୍ତ ଭାଟି ଚଳାଇବା ଲାଗି ଝାଟିର ଅଭାବ ପଡିବ। ତେଣୁ ଶ୍ରୀମନ୍ଦିରକୁ ମାଟି କୁଡୁଆ ଯୋଗାଇବା ଅସମ୍ଭବ ବୋଲି ସେ କହିଛନ୍ତି।

### ଶ୍ରୀମନ୍ଦିର ପ୍ରଶାସନ ଓ ସରକାର ଗୁରୁତ୍ୱ ଦେବା ଜରୁରୀ

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କୁହନ୍ତି, ଦୈନିକ ମହାପ୍ରସାଦ ରନ୍ଧା ଲାଗି କୁମ୍ଭକାରଙ୍କ ଅବଦାନ ରହିଛି। ଶ୍ରୀମନ୍ଦିର ପ୍ରଶାସନ ଏମାନଙ୍କୁ ସୁଲଭ ଦରରେ ମାଟି ଓ ଝାଟି ସହ ଆବଶ୍ୟକ ସରଞ୍ଜାମ ଯୋଗାଇବା ବ୍ୟବସ୍ଥା କରିବା ଦରକାର। ଆଗକୁ ରଥଯାତ୍ରା। ବିଭିନ୍ନ ରୀତିନୀତି ଲାଗି ମାଟି କୁଡୁଆର ଆବଶ୍ୟକତା ରହିଛି। ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଜରୁରୀ ବୋଲି ସେ କହିଥିଲେ। ବାତ୍ୟାରେ କ୍ଷତିଗ୍ରସ୍ତ କୁମ୍ଭକାରଙ୍କ ଲାଗି ଓଡ଼ିଶା କୁରାଳ ମହାସଂଘ ସଭାପତି ସରୋଜ ବେହେରା ସ୍ୱତନ୍ତ୍ର ପ୍ୟାକେଜ ଦାବି କରିଛନ୍ତି।

### ଚକ ନିର୍ମାଣ ଲାଗି ଲାଗେ ୧ମାସ

କୁମ୍ଭକାରମାନଙ୍କ ଉପରେ ଗବେଷଣାରତ କୁମ୍ଭକାର ତଥା ନିଯୋଗ ସଦସ୍ୟ ମହେନ୍ଦ୍ର ବିଶୋଇ କୁହନ୍ତି, ଚକ ନିର୍ମାଣ ଲାଗି କଟକରୁ ବଲ ବେରିଂ ଅଣାଯାଏ। ଏହାର ସାଇଜ୍‌କୁ ଦେଖି ଲୁହାର ପ୍ଲେଟ ନିର୍ମାଣ କରାଯାଏ। ଏହା ଉପରେ ପ୍ରଥମେ ବାହା ବନ୍ଧାଯାଇ ମାଟି ପ୍ରଲେପ ଦିଆଯାଏ। ପରେ କତା ଦଉଡି ବନ୍ଧାଯାଇଥାଏ। ଏହିପରି ୩ଥର କରାଯାଏ। ଗୋଟିଏ ଚକ ୨.୫ରୁ ୩ ଫୁଟ ଆକାର ହୋଇଥାଏ। ଗୋଟିଏ ଚକ ପ୍ରସ୍ତୁତ ଲାଗି ପ୍ରାୟ ଏକ ମାସରୁ ଉର୍ଦ୍ଧ୍ୱ ସମୟ ଲାଗେ। ସେହିପରି ଗୋଟିଏ ଗୋଟିଏ ଚକ ନିର୍ମାଣ ଲାଗି ପ୍ରାୟ ୫ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ ବୋଲି ସେ କହିଛନ୍ତି।


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନାଁ କାହିଁକି, ତୁମେ ଅପରକୁ କୌଣସି ପ୍ରକାର ଆଘାତ ଦିଅନାହିଁ
- ଗୌତମବୁଦ୍ଧ



# ଜିଲାରେ ୨୨୫୧ ଗୃହ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ

**କଟକ ଅଫିସ, ୯।୫**

■ଘର ଗଣନାରେ ବ୍ୟସ୍ତ ପ୍ରଶାସନ
■ବଞ୍ଚିବାର ରାହା ହରାଇଲେଣି ଲୋକେ

କଟକ ଜିଲାରେ ଫନୀ ମୁକାବିଲା ସମ୍ପୂର୍ଣ୍ଣ ବିଫଳ ହୋଇଛି। ପ୍ରଶାସନ ପକ୍ଷରୁ ଫନୀର ମୁକାବିଲା ପାଇଁ ପୂର୍ବ ଓ ପର ପ୍ରସ୍ତୁତି କେବଳ ଲୋକଦେଖାଣିଆ ବୋଲି ସ୍ପଷ୍ଟ ହୋଇଛି। ଯେଉଁଠି ଲୋକେ ୭ ଦିନ ହେବ ବଞ୍ଚିବାର ରାହା ଖୋଜୁଛନ୍ତି ସେଠାରେ ପ୍ରଶାସନ ସରକାରଙ୍କୁ ମିଛ ରିପୋର୍ଟ ଦେଇ ବାହାବା ନେବାକୁ ଚେଷ୍ଟା କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଫନୀ ପ୍ରଭାବରେ ଜିଲାର ସର୍ବମୋଟ ୩୦ ଲକ୍ଷ ୯୬ହଜାର ୮୭୪ ଜଣ ପ୍ରଭାବିତ ହୋଇଥିବା ସରକାରୀ ଭାବେ ରିପୋର୍ଟ ଦିଆଯାଇଛି। ପ୍ରଭାବିତମାନଙ୍କୁ ପରବର୍ତ୍ତୀ ଥଇଥାନ ନିମନ୍ତେ ପ୍ରଶାସନିକ ଚେଷ୍ଟା ଅବ୍ୟାହତ ରହିଥିବା କେବଳ ଧର୍ମକୁ ଆଖିଠାର ବୋଲି କହିଛନ୍ତି ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା। ସହରର ନାକତଳ ଜଗତ୍‌ପୁର ଅଦ୍ୟାବଧି ବାତ୍ୟାର ୭ ଦିନ ପରେ ମଧ୍ୟ ଅନ୍ଧାରରେ ରହିଥିବାବେଳେ ଲୋକେ ପିଇବା ପାଣି ପାଇଁ ବାରହୀନସ୍ତା ଭୋଗୁଥିବା ବିଧାୟକ ବେହେରା ଅଭିଯୋଗ କରିଛନ୍ତି । ଏହାବାଦ ସହର ଭିତରେ ମଧ୍ୟ ଲୋକେ ଘାଣ୍ଟି ହେଉଥିବା ଦେଖାଯାଇଛି। ଅଦ୍ୟାବଧି ସହରର ଗାନ୍ଧୀପଲ୍ଲି, ନେହେରୁପଲ୍ଲି, ଗତିରାଉତପାଟଣା ଓ ତତ୍‌ସଂଲଗ୍ନ ଅଞ୍ଚଳଗୁଡ଼ିକ ଅନ୍ଧାରରେ ରହିଥିବା ବେଳେ ଲୋକେ ପାଣି ପାଇଁ ଡହଳବିକଳ ହେଉଥିବା ସ୍ଥାନୀୟ ଅଞ୍ଚଳର ମହିଳା ଅନ୍ନପୂର୍ଣ୍ଣା ପଶାୟତ ଓ କଲ୍ୟାଣୀ ସିଂ ଅଭିଯୋଗ କରିଛନ୍ତି। କେବଳ ଗଣମାଧ୍ୟମରେ ସରକାର ବାତ୍ୟା ମୁକାବିଲା କରୁଥିବାବେଳେ ତୃଣମୂଳ ସ୍ତରରେ ଅଦ୍ୟାବଧି ପ୍ରଶାସନ ପହଞ୍ଚି ନ ଥିବା ଅଭିଯୋଗ କରିଛନ୍ତି ଗତିରାଉତପାଟଣା ଅଞ୍ଚଳର ନନ୍ଦକିଶୋର ପଣ୍ଡା। ପରିସ୍ଥିତି ଏପରି ହୋଇଛି ଯେ ପ୍ରଶାସନିକ ବିଫଳତା ଯୋଗୁ ଲୋକେ ବଞ୍ଚିବାର ରାହା ହରାଇଥିବା ପଣ୍ଡା କହିଛନ୍ତି। ଏହା ଗଲା ସହରର ଚିତ୍ର ।

ଗାଁର ଚିତ୍ର ଦେଖିଲେ ଅଧିକ କରୁଣ ଦୃଶ୍ୟ ସାମ୍ନାକୁ ଆସୁଛି। ଗ୍ରୀଷ୍ମରତୁ ଯୋଗୁ ଜଳାଶୟଗୁଡ଼ିକ ଶୁଖିଲା ପଡ଼ିଛି। ଲୋକେ ଗାଧୋଇବା ଓ ଶୌଚ ହେବା ପାଇଁ ସମସ୍ୟା ଭୋଗୁଥିବା ସାଲେପୁର ଅଞ୍ଚଳର ଯୁବକ ରାଲୁ ଭୂୟାଁ ଓ ମକର ବେହେରା କହିଛନ୍ତି। କେଉଁ ମାପଦଣ୍ଡରେ ସରକାରଙ୍କୁ ବାତ୍ୟା ମୁକାବିଲା ପାଇଁ ଦେଶବିଦେଶରୁ ପ୍ରଶଂସା ପତ୍ର ମିଳୁଛି ତାହାକୁ ଦେଖିଲେ ଆମକୁ ଆଶ୍ଚର୍ଯ୍ୟ ଲାଗୁଛି ବୋଲି ଏହି ଦୁଇ ଜଣ ମତ ଦେଇଛନ୍ତି। ବାସ୍ତବ ସ୍ଥିତିରେ କଟକ ଜିଲାର ଚିତ୍ର ଅତ୍ୟନ୍ତ ସମ୍ବେଦନଶୀଳ ଥିବାବେଳେ ପ୍ରଶାସନ ପକ୍ଷରୁ ଏବେ ଘରଗଣା (ଘର ଭଙ୍ଗା) କାର୍ଯ୍ୟ ଜାରି ରହିଛି। ଯେଉଁଥିପାଇଁ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ସହାୟତା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଛି। ଯିଏ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କୁ ପ୍ରଭାବିତ କରିପାରିବ ସିଏ ଫାଇଦା ନେଇପାରିବ ବୋଲି ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ଧାରଣା ସୃଷ୍ଟି ହୋଇଛି। ଫଳସ୍ୱରୂପ ରାତିପାହିଲେ ଲୋକଙ୍କ ଭିଡ଼ ଏବେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଜମୁଥିବା ଦେଖିବାକୁ ମିଳିଛି। ଗୁରୁବାର ସୁଦ୍ଧା ଜିଲାରେ ୨୨୫୧ଟି ଗୃହ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବାବେଳେ ୩୩୩୨୨ଟି ଗୃହ ଆଂଶିକ ଓ ୨୭୯୬ଟି ଗୃହ ଅତିଶୟ କ୍ଷତିଗ୍ରସ୍ତ ହୋଇଥିବା ଜିଲା ଜରୁରିକାଳୀନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ଜିଲାରେ ସ୍ୱାସ୍ଥ୍ୟ ସଚେତନତା ଓ ପରିମଳ ନିମନ୍ତେ ଆର୍ଟ ଅଫ୍ ଲିଭିଂ ସେବା ଯୋଗାଇବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସହଯୋଗରେ ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ-ପରିମଳ ଭିତ୍ତିକ ସର୍ଭେ ଓ ସେବା ପ୍ରଦାନ ନିମନ୍ତେ ସ୍ୱେଚ୍ଛାସେବୀ ଆର୍ଟ ଅଫ୍ ଲିଭିଂ ସଂସ୍ଥା ଭାରତୀୟ ବ୍ୟକ୍ତି ବିକାଶ କେନ୍ଦ୍ର, ବରଗଡ଼ରୁ ୮ ଜଣ ସ୍ୱେଚ୍ଛାସେବୀ ଆସି କଟକରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟତଃ ଏହି କର୍ମୀମାନେ ଘରକୁ ଘର ବୁଲି ପାନୀୟଜଳ, ପରିମଳ, ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝି ପ୍ରତିଦିନ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିବେ। ବିଶେଷକରି ବସ୍ତି ଅଞ୍ଚଳରେ କୂଅ ଓ ନଳକୂପଗୁଡ଼ିକର ବିଶୋଧନ କରିବା ପାଇଁ ବିବରଣୀ ଦେବେ। ସ୍ୱାସ୍ଥ୍ୟସେବା ପାଇଁ ସରକାରଙ୍କ ପକ୍ଷରୁ ଥିବା ସଚେତନତା ଭିତ୍ତିକ ଲିଫଲେଟ୍ ଆବଶ୍ୟକତା ଅନୁଯାୟୀ ବଣ୍ଟନ କରିବେ ବୋଲି ସୂଚନା ମିଳିଛି।

## ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ବାଇକ୍ ଚାଳକ ଗୁରୁତର



**ନରସିଂହପୁର, ୯।୫ (ଡି.ଏନ୍.ଏ.)**

ନରସିଂହପୁର ଥାନା ଅନ୍ତର୍ଗତ ଘଣ୍ଟପଡା ଛକରେ ଗୁରୁବାର ରାତି ୯ଟା ବାଇକ ଏବଂ ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଏହି ଥାନା ଅନ୍ତର୍ଗତ ନୂଆଗାଁର ଦିବାକର ପାତ୍ର(୩୦)ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନରସିଂହପୁର ଡାକ୍ତରଖାନା ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଦିବାକର ବାଇକ୍‌ରେ ନରସିଂହପୁର ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ଘଣ୍ଟପଡା ଛକରେ ମିଟିକାପୁର ଗ୍ରାମ ଆଡ଼କୁ ଯାଉଥିବା ଏକ ଅଟୋ ଭାରସାମ୍ୟ ହରାଇବାରୁ ଉଭୟଙ୍କ ମଧ୍ୟରେ ଧକ୍କା ହୋଇଥିଲା। ଖବରପାଇ ନରସିଂହପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ରିଲିଫ ଚାଉଳ, ସହାୟତା ରାଶି ବଣ୍ଟନ

**ଆଠଗଡ଼,୯।୫(ସ୍ୱ.ପ୍ର.):** ସାମୁଦ୍ରିକ ବାତ୍ୟା ଫନୀ ଦ୍ୱାରା ଆଠଗଡ଼ ଅଞ୍ଚଳର ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଞ୍ଚଳବାସୀଙ୍କ ଥଇଥାନ ଓ ସହାୟତା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ବୁଧବାର ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ଓ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଆଠଗଡ଼ ଅଞ୍ଚଳ ଗସ୍ତକରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବାତ୍ୟା କ୍ଷୟକ୍ଷତିର ସମୀକ୍ଷା କରିଥିଲେ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଠଗଡ଼ ଅଞ୍ଚଳରେ ରିଲିଫ ବଣ୍ଟନର ଅବଧି ବୃଦ୍ଧି କରାଯାଇଛି। ସରକାରୀ ନିଷ୍ପତ୍ତି ମୁତାବକ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାର ଏନଏସି ଅଞ୍ଚଳର ବିଭିନ୍ନ ୱାର୍ଡରେ ରାଶନକାର୍ଡ ହିତାଧିକାରୀଙ୍କୁ ମୁଣ୍ଡପିଛା ୫ କେଜି ଚାଉଳ ଓ ୫୦୦ ଟଙ୍କା ଲେଖାଏଁ ସହାୟତା ରାଶି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟରେ ପ୍ରକାଶ ରାଉତ, ପ୍ରଦୀପ୍ତ ଦାସ, ରାକେଶ ଦାଶ, ଲଳିତମୋହନ ନାୟକ ଓ ଏନଏସି କର୍ମଚାରୀମାନେ ସହଯୋଗ କରିଥିଲେ।

### ପୋଲ ଉପରୁ ଖସି ଷଣ୍ଢ ମୃତ

**ସାଲେପୁର,୯।୫(ଡି.ଏନ୍.ଏ.):** ସାଲେପୁର ବ୍ଲକ୍ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ଗୋପିନାଥପୁର ଗ୍ରାମସ୍ଥିତ ପଟ୍ଟାମୁଣ୍ଡାଇ କେନାଲ ଉପର ଥିବା ପୋଲରୁ ଗୁରୁବାର ସକାଳେ ଗୋଟିଏ ଷଣ୍ଢ ଖସି ପଡିଛି। ଫଳରେ ଘଟଣାସ୍ଥଳରେ ତା'ର ମୃତ୍ୟୁ ଘଟିଛି। ଏହି କେନାଲ ବନ୍ଧର ଅଣଓସାରିଆ ପୋଲରେ ଏକ ଗାଡ଼ି ଆସୁଥିବା ବେଳେ ଷଣ୍ଢଟି ହଠାତ୍ ପଶି ଆସିଥିଲା। ପୋଲରେ ବାଡ ନ ଥିବାରୁ ଉକ୍ତ ଷଣ୍ଢ ଭାରସାମ୍ୟ ହରାଇ ତଳକୁ ଖସିପଡିଥିଲା। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ରିଲିଫ ଅର୍ଥ ବଣ୍ଟନବେଳେ ଉତ୍ତେଜନା

**କଟକ ସଦର, ୯।୫(ଡି.ଏନ୍.ଏ)-** ବାତ୍ୟା ପ୍ରଭାବିତ ଅଞ୍ଚଳର ଖାଦ୍ୟ ନିରାପତ୍ତା କାର୍ଡଧାରୀଙ୍କୁ କାର୍ଡ ପିଛା ୫୦୦ ଟଙ୍କା ଲେଖାଏ ରିଲିଫ ବଣ୍ଟନ ପାଇଁ କଟକ ସଦର ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ପ୍ରତି ରିଟେଲର ପଏଣ୍ଟ ଅଥବା ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଏହି ଅର୍ଥ ବଣ୍ଟନ ଆରମ୍ଭ ହୋଇଛି। ହେଲେ କେତେଜଣ କୁଜିନେତାଙ୍କ ପାଇଁ ବଣ୍ଟନର ପ୍ରଥମ ଦିନରେ ପରମହଂସ, ସୋମପୁର, କିଶୋରନଗର ଓ ୪୨ ମୌଜା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖରାରେ କାଉଣ୍ଟର ସମ୍ମୁଖରେ ଲମ୍ବାଧାଡିରେ ଛିଡା ହୋଇଥିବା ଲୋକଙ୍କୁ ଉପେକ୍ଷା କରି ଭିତର ପଟେ ଟଙ୍କା ଦିଆଯିବା ଉତ୍ତେଜନାର ମୁଖ୍ୟକାରଣ ବୋଲି ଜଣାପଡିଛି। ସମ୍ପୃକ୍ତ ଅଞ୍ଚଳର କୁଜିନେତାମାନେ ପୂର୍ବରୁ ସଂଗୃହୀତ କାର୍ଡକୁ ଆଣି ବଣ୍ଟନ ଦାୟିତ୍ୱରେ ଥିବା ନୋଡାଲ ଅଫିସରଙ୍କୁ ଶୀଘ୍ର ଟଙ୍କା ଦେବା ପାଇଁ ବାଧ କରୁଥିବାରୁ ଧାଡିରେ ଛିଡା ହୋଇଥିବା ଲୋକମାନେ ଏହାର ପ୍ରତିବାଦ କରିଥିଲେ। ସୁରୁଖୁରୁରେ ରିଲିଫ ଟଙ୍କା କରାଇ ଦେବା ପାଇଁ କାର୍ଡ ପିଛା ୨୦୦ ଟଙ୍କା ଆଦାୟ କରାଯାଇଥିବା ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। କେବଳ କାଉଣ୍ଟର ବାହାରେ ଧାଡିରେ ଛିଡା ହୋଇଥିବା ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ଦେବା ପାଇଁ ନୋଡାଲ ଅଫିସରମାନଙ୍କୁ କୁହାଯାଇଛି ବୋଲି ଯୋଗାଣ ନିରୀକ୍ଷକ ପୁନମ ଜେନା ସ୍ପଷ୍ଟ କରିଛନ୍ତି।



ବାତ୍ୟା ବିପନ୍ନମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

■ ବାତ୍ୟା ବିପନ୍ନଙ୍କୁ ମିଳୁନି ପଲିଥିନ

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ମାହାଙ୍ଗା,୯।୫(ସ୍ୱ.ପ୍ର.)**

ମାହାଙ୍ଗା ତହସିଲ ଅଧୀନରେ ଥିବା ୩୭ ପଞ୍ଚାୟତ ଫନୀ ବାତ୍ୟାରେ ପ୍ରଭାବିତ ହୋଇଥିଲା। ଏହି ବାତ୍ୟାର ୭ ଦିନ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇନାହିଁ। ଏପରିକି ସେମାନଙ୍କୁ ପଲିଥିନ ମଧ୍ୟ ଯୋଗାଇ ଦିଆଯାଇନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଏହି ବ୍ଲକ ଅନ୍ତର୍ଗତ ଜଲେଶ୍ୱରପୁର ପଞ୍ଚାୟତର କେତେକ ଗ୍ରାମର ଲୋକେ ଗୁରୁବାର ପଲିଥିନ ଦାବି କରି ତହସିଲ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ବାତ୍ୟାର ଏତେଦିନ ବିତିଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଏହି ଗ୍ରାମରେ ବାତ୍ୟା କ୍ଷୟକ୍ଷତିର ତଦନ୍ତ କରାଯାଇ ଅବା କୌଣସି ରିଲିଫ ଯୋଗାଣ ହୋଇନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ଘର ଭାଙ୍ଗିଯାଇଥିବାରୁ ସେମାନଙ୍କୁ ଖୋଲା ଆକାଶ ତଳେ ଦିନ କାଟିବାକୁ ପଡୁଛି ବୋଲି କହିଥିଲେ। ଖବରପାଇ ତହସିଲଦାର ଦିଲୀପ ମହାରଣା ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରାଇବା ସହ କ୍ଷୟକ୍ଷତିର ଆକଳନ କରି ବିପନ୍ନମାନଙ୍କୁ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ଗ୍ୟାସ ଟାଙ୍କି ଲିକ୍‌ରୁ ଅଗ୍ନିକାଣ୍ଡ : ମା' ଓ ପୁଅ ଅର୍ଦ୍ଧଦଗ୍ଧ

**ଲଳିତଗିରି,୯।୫(ସ୍ୱ.ପ୍ର.)**

ମାହାଙ୍ଗା ତହସିଲ ଅଧୀନ କୁହୁଣ୍ଡା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ରୂପ ବେହେରାଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ନିଆଁରେ ତାଙ୍କ ସ୍ତ୍ରୀ ଓ ପୁଅ ଅର୍ଦ୍ଧ ଦଗ୍ଧ ହୋଇଯାଇଛନ୍ତି। ସେମାନେ ହେଲେ ସୁମତୀ ବେହେରା(୪୮) ଏବଂ ପୁଅ ଟୁକୁନା ବେହେରା(୩୦)। ସ୍ଥାନୀୟ ଲୋକେ ଉଭୟ ମା' ଓ ପୁଅକୁ ଉଦ୍ଧାର କରି କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏହି ଅଗ୍ନିକାଣ୍ଡରେ ରୂପ ବେହେରାଙ୍କ ନଗଦ ଟଙ୍କା ସହ ଏକ ବଖରା ଜଳିଯାଇଛି। ଘରର ସମସ୍ତ ଆସବାବପତ୍ର ଜଳି ପୋଡି ନଷ୍ଟ ହୋଇଯାଇଛି। ଏଥିରେ ଘରର ଟିଣ ସହ ଆଜବେଷ୍ଟସ ମଧ୍ୟ ପୋଡିଯାଇଛି। ଗ୍ୟାସ ଟାଙ୍କି ଲିକ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ରୋଷେଇ ଘରର ଗ୍ୟାସ ଟାଙ୍କି ପାଖରେ ଲାଗିଥିବା ଡିବି ନିଆଁର ସଂସ୍ପର୍ଶରେ ଆସିବାରୁ ଏହି ନିଆଁ ଲାଗିଥିଲା। ଏହି ସମୟରେ ସୁମତୀ ଓ ଟୁକୁନା ଘର ଭିତରେ ରହିଯିବାରୁ ସେମାନେ ଗୁରୁତର ହୋଇଥିଲେ। ଖବର ପାଇ କୁଆଁପାଳ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ମାହାଙ୍ଗା ତହସିଲ ପକ୍ଷରୁ ଅଗ୍ନିବିପନ୍ନ ପରିବାରକୁ ପଲିଥିନ ଓ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ।

## ବାତ୍ୟା କ୍ଷୟକ୍ଷତିର ସମୀକ୍ଷା କଲେ ଜିଲାପାଳ

**ନିଶ୍ଚିନ୍ତକୋଇଲି, ୯।୫ (ସ୍ୱ.ପ୍ର.)**

କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଗୁରୁବାର ନିଶ୍ଚିନ୍ତକୋଇଲି ବ୍ଲକ ଗସ୍ତ କରି ବାତ୍ୟା କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ଏହି ଅବସରରେ ତାଙ୍କ ସହ ଏଡିଏମ୍ ଶ୍ରୀକାନ୍ତ ତରାଇ ଉପସ୍ଥିତ ଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ବ୍ଲକରେ ରିଲିଫ ବଣ୍ଟନ କାର୍ଯ୍ୟ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକର ୪୧ ପଞ୍ଚାୟତ ଅନ୍ତର୍ଗତ ୨୨୧ ଗ୍ରାମ ଫନୀ ବାତ୍ୟାରେ ପ୍ରଭାବିତ ହୋଇଥିଲା। ସେଥିରୁ ୧୮ ପଞ୍ଚାୟତର ୬୦ଗ୍ରାମରେ ବାତ୍ୟାଜନିତ କ୍ଷୟକ୍ଷତିର ଆକଳନ ହୋଇଛି ବୋଲି ବୈଠକରେ ଆଲୋଚନା ହୋଇଥିଲା।

ବାତ୍ୟାରେ ଏହି ବ୍ଲକର ୨୭ କଚ୍ଚାଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ୧୨୦୦ କଚ୍ଚାଘର ଆଂଶିକ ଭାବେ ପ୍ରଭାବିତ ହୋଇଛି। ୬୮ଟି ପକ୍କାଘର ଓ ୧୧୭ଟି କୁଡିଆ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ବିପନ୍ନ ମାନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ଆଲୋଚନା ହୋଇଥିଲା। ଏପର୍ଯ୍ୟନ୍ତ ବ୍ଲକରେ ପ୍ରାୟ ୬୦ ପ୍ରତିଶତ ଲୋକଙ୍କୁ ରିଲିଫ ପ୍ରଦାନ କରାଯାଇଥିବା ବେଳେ ୬୦୦ ହିତାଧିକାରୀଙ୍କୁ ପଲିଥିନ ସହାୟତା ଯୋଗାଇ ଦିଆଯାଇଛି। ଏହି ଅବସରରେ ଜିଲାପାଳ ଅଗ୍ରୱାଲ ବିଧବା, ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ଭତ୍ତା ନେଉଥିବା ହିତାଧିକାରୀମାନଙ୍କୁ ମାସକର ଅତିରିକ୍ତ ଭତ୍ତା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ ଓ ତହସିଲାଦାର ଜିତେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିଆ ଗ୍ରୀଡ୍ ଯନ୍ତ୍ରୀଙ୍କୁ ଆକ୍ରମଣ

**ସାଲେପୁର,୯।୫(ଡି.ଏନ୍.ଏ.)**

ଫନୀ ବାତ୍ୟା ୭ ଦିନ ପରେ ବି ସାଲେପୁର ବ୍ଲକରେ ଲୋକଙ୍କ ପରିସ୍ଥିତି ବଦଳି ନାହିଁ। ବହୁ ସ୍ଥାନରେ ବିଦ୍ୟୁତ୍ ସରବରାହ ନ ଥିବାରୁ ଲୋକଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିଦ୍ୟୁତ୍ ଯୋଗାଣ ହେଉ ନ ଥିବାରୁ ଛାଣିପୁର, ବାଲିଆ, ଶଙ୍କରପୁର ଗ୍ରାମର ବହୁ ଲୋକ ଗୁରୁବାର ରାତିରେ ଉତ୍ତ୍ୟକ୍ତ ହୋଇ ବାଲିଆ ଗ୍ରୀଡ୍ ଭିତରେ ପଶି ଯନ୍ତ୍ରୀମାନଙ୍କୁ ଧମକ ଦେବା ସହ ୩୩ କେ.ଭି.ର ବିଦ୍ୟୁତ୍ ସରବରାହକୁ ବନ୍ଦ କରିଦେଇଛନ୍ତି। ଫଳରେ ଯେଉଁ କେତେକ ଗାଁକୁ ବାଲିଆ ଗ୍ରୀଡ୍‌ରୁ ବିଦ୍ୟୁତ୍ ସରବରାହ ପାଇଁ ବ୍ୟବସ୍ଥା କରାଯାଇଥିଲା, ତାହା ସବୁ ଠପ୍ ହୋଇଯାଇଛି। ସୂଚନାଯୋଗ୍ୟ, ସାଲେପୁର ବ୍ଲକର ୮୦ ପ୍ରତିଶତ ଗ୍ରାମକୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ହୋଇପାରିନାହିଁ। ଗାଁର ଯୁବକମାନେ ଘର ଘର ବୁଲି ଚାନ୍ଦା ଆଦାୟ କରି ବିଦ୍ୟୁତ୍ ତାର, ହୁକ, ଇନ୍‌ସୁଲେଟର ଇତ୍ୟାଦି କିଣି ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ କରିବା ଲାଗି ଉଦ୍ୟମ କରୁଛନ୍ତି। ମାତ୍ର ସେସୁ ଡିଭିଜନ୍‌ର ଠିକାଦାରଙ୍କ ପକ୍ଷରୁ ଏନେଇ ପ୍ରୟାସ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଲୋକେ ମିଳିତ ହୋଇ ବିଭାଗୀୟ ଯନ୍ତ୍ରୀଙ୍କୁ ଧମକ ଦେଇଥିଲେ। ଅପରପକ୍ଷରେ ବିଭାଗୀୟ କର୍ମଚାରୀଙ୍କ ପକ୍ଷରୁ ପାଲଟା ଅଭିଯୋଗ ହୋଇଛି। ବାଲିଆ ଗ୍ରୀଡ୍‌ରେ ସ୍ଥାନୀୟ ଲୋକଙ୍କର ଆତଙ୍କରାଜ ଚାଲିଛି। ଏନେଇ କର୍ମଚାରୀମାନେ ଭୟଭୀତ ହୋଇପଡିଛନ୍ତି। ସେମାନଙ୍କୁ ପୋଲିସ ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଛନ୍ତି। ଏପରି ନ ହେଲେ ବାଲିଆ ଗ୍ରୀଡ୍‌କୁ କେତେଜଣ ଲୋକ ଅଚଳ କରିଦେବେ ବୋଲି ସେମାନେ କହିଛନ୍ତି। ଏସମ୍ପର୍କରେ ସାଲେପୁର ସେସୁର ଏସ୍.ଡି.ଓ. ଏବଂ ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଟେଲିଫୋନ୍ ଯୋଗେ ଯୋଗାଯୋଗ କରାଯାଇ ଥିଲେ ମଧ୍ୟ ନେଟ୍‌ୱାର୍କ ସମସ୍ୟା ଯୋଗୁ ସେମାନଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



ଫନୀ ବାତ୍ୟା ପରେ କଟକ ବାଲିଯାତ୍ରା ତଳପଡ଼ିଆରେ ପକାଯାଇଥିବା କୁଢ଼କୁଢ଼ ଆବର୍ଜନା।

ପ୍ରଶାସନିକ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ ଦାବି

# ଥାନା ଘେରାଉ ପାଇଁ ଭାଜପାର ଚେତାବନୀ

**ସାଲେପୁର,୯।୫(ଡି.ଏନ୍.ଏ.)**

ସାଲେପୁର ବ୍ଲକ୍ ପରିସରରେ ରିଲିଫ୍ ସାମଗ୍ରୀ ବଣ୍ଟନକୁ ନେଇ ସାଲେପୁର ଯୋଗାଣ ଅଧିକାରୀ ହିମାଂଶୁ ଶେଖରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଭାଜପା ପକ୍ଷରୁ ସାଲେପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରହିଛି। ପ୍ରକାଶ ଯେ, ଗତ ରିଲିଫ୍ ସାମଗ୍ରୀ ବଣ୍ଟନ ସମୟରେ ଯୋଗାଣ ଅଧିକାରୀ ସାହୁ ହସ୍ତକ୍ଷେପ କରିଥିଲେ। ଏଥିରେ କେତେଜଣ ଯୁବକ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ସାହୁ ଗୁରୁତର ହୋଇଥିଲେ। ଏନେଇ ସାଲେପୁର ବିଡ଼ିଓ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ-୧୦୧/୧୯) ରୁଜୁ କରାଯାଇଥିଲା। ଏହି ଅଭିଯୋଗରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟ କେତେଜଣଙ୍କୁ ଗିରଫ କରାଯାଇନାହିଁ ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇ ଧାରଣା ଦିଆଯାଇଛି। ଆସନ୍ତା ୧୦ ତାରିଖ ସୁଦ୍ଧା ସେମାନଙ୍କୁ ଗିରଫ କରା ନ ଗଲେ ୧୧ ତାରିଖରୁ ସାଲେପୁର ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏନେଇ କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ସାଲେପୁର ଗସ୍ତ ବେଳେ ଘଟଣା ସମ୍ବନ୍ଧରେ ଲିଖିତ ଭାବେ ଜଣାଯାଇଛି। ଆନ୍ଦୋଳନରେ ପ୍ରଶାନ୍ତ ପୃଷ୍ଟି, ଅନିଲ ଦାସ, ରଘୁପତି ରାଉତ, ସନ୍ତୋଷ ଭୂୟାଁ ଓ କମଳାକାନ୍ତ ଜେନା ପ୍ରମୁଖ ସାମିଲ ହୋଇଛନ୍ତି।




ଭାଜପା ପକ୍ଷରୁ ସାଲେପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

■ ଫନୀ ବାତ୍ୟାକୁ ୭ ଦିନ ବିତିଲା

# ସ୍ୱାଭାବିକ ହେଉଛି ବିଦ୍ୟୁତ୍, ଜଳ ଯୋଗାଣ

**ଆଠଗଡ଼,୯।୫(ସ୍ୱ.ପ୍ର.)**

■ଆଠଗଡ ଉପଖଣ୍ଡର ୪ ବ୍ଲକ,ଏନ୍‌ଏସି ଅଞ୍ଚଳ ପ୍ରଭାବିତ
■୫୦ ଜଳଯୋଗାଣ ପ୍ରକଳ୍ପର ମରାମତି କାର୍ଯ୍ୟ ଶେଷ
■୮୦ ପ୍ରତିଶତ ଅଞ୍ଚଳକୁ ବିଦ୍ୟୁତ୍ ସେବା

ଫନୀ ବାତ୍ୟାକୁ ଇତିମଧ୍ୟରେ ୭ ଦିନ ବିତିଛି। ଏହି ବାତ୍ୟାରେ ଆଠଗଡ ଉପଖଣ୍ଡର ୪ଟି ବ୍ଲକ ଓ ଏନଏସି ଅଞ୍ଚଳ ପ୍ରଭାବିତ ହୋଇଥିଲା। ବାତ୍ୟାରେ ଗଛ ଉପୁଡିଯିବା ଓ ଭାଙ୍ଗିଯିବାରୁ ଗ୍ରାମାଞ୍ଚଳ ଓ ଏନ୍‌ଏସି ଅଞ୍ଚଳ ପ୍ରଭାବିତ ହୋଇଥିଲା। ବହୁ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡିବା ସହ ନଇଁ ଯିବାରୁ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ପାନୀୟ ଜଳ ଦୂଷିତ ହୋଇଯାଇଥିଲା। ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ମାତ୍ର ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଉଦ୍ୟମରେ ଏହି ଉପଖଣ୍ଡର ସ୍ୱାଭାବିକ ସ୍ଥିତି ଫେରିବାରେ ଲାଗିଛି । ଗୁରୁବାର ସୁଦ୍ଧା ୮୦ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୫୦ଟି ମରାମତି କାର୍ଯ୍ୟ ଶେଷ ହୋଇଛି। ଅପରପକ୍ଷେ ଏହି ବାତ୍ୟାରେ ୪ଟି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ସେହିପରି ୨ଟି ପ୍ରକଳ୍ପର ସୌରଚାଳିତ ଯନ୍ତ୍ର ଖରାପ ରହିଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ କାଳୁଚନ୍ଦ୍ର ବେହେରା ଓ କନିଷ୍ଠ ଯନ୍ତ୍ରୀ ଅଜିତ କୁମାର ନାୟକଙ୍କ ସୂତ୍ରରୁ ପ୍ରକାଶ। ବାତ୍ୟାରେ ୨୫୦ ହେକ୍ଟର ଚାଷ ଜମିରେ ପରିବା ଓ ପ୍ରାୟ ୨୪୦ ଏକର ଜମିରେ ରବି ଫସଲ ସହ ଆମ୍ବ ଓ କାଜୁ ଫଳ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ସେହିପରି ଆଠଗଡ଼ ବ୍ଲକ ଓ ଏନଏସିରେ ପ୍ରାୟ ୧୦ ହଜାର ବାସଗୃହ ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି। ବ୍ୟାତ୍ୟାରେ ଭାଙ୍ଗି ଯାଇଥିବା ବିଦ୍ୟୁତ୍ ଖୁଣ୍ଟିଗୁଡିକୁ ସେସୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଯଥାଶୀଘ୍ର ମରାମତି କରିବା ଲାଗି ଉଦ୍ୟମ ହେଉଛି। ଏ ପର୍ଯ୍ୟନ୍ତ ୮୦ ପ୍ରତିଶତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହୋଇସାରିଥିବାବେଳେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବାକି ଅଞ୍ଚଳକୁ ମଧ୍ୟ ବିଦ୍ୟୁତ୍ ଯୋଗାଣ ହୋଇଯିବ ବୋଲି ସେସୁ କର୍ତ୍ତୃପକ୍ଷ କହିଛନ୍ତି।

ସେହିପରି ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ବିଳାସ କୁମାର ବେହେରା ଓ କନିଷ୍ଠ ଯନ୍ତ୍ରୀ ପୃଥ୍ୱୀରାଜ ପଣ୍ଡା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ କାହ୍ନୁଚରଣ ବେହେରାଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନେ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବାତ୍ୟା ପ୍ରଭାବିତ ଲୋକଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେଉଛନ୍ତି । ଆଠଗଡ଼ ସହରରେ ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇସାରିଥିବାବେଳେ ଗ୍ରାମାଞ୍ଚଳର ମୋଟ ୭୬ଟି ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୫୦ଟି ବିଦ୍ୟୁତ୍ ସଂଯୋଗ ପରେ କାର୍ଯ୍ୟକ୍ଷମ ହୋଇଛି। ଆଉ ୨୬ ଟି ପ୍ରକଳ୍ପ ମଧ୍ୟରୁ ୮ଟି ଜେନେରେଟର ଦ୍ୱାରା ଚାଲୁରହିଛ। ଅନ୍ୟ ୧୮ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଉକ୍ତ ଅଞ୍ଚଳଗୁଡିକରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ହେଉଛି। ଏତଦବ୍ୟତୀତ ବାତ୍ୟା ସମୟରେ ଭାଙ୍ଗି ରାସ୍ତା ଅବରୋଧ କରିଥିବା ଗଛଗୁଡ଼ିକୁ ଇଲେକ୍ଟ୍ରିକ କଟର ସାହାଯ୍ୟରେ କାଟି ହଟାଇ ଦିଆଯାଇଛି। ଏଥିରେ ଆଠଗଡ଼ ଅଗ୍ନିଶମ ବିଭାଗର ଅଧିକାରୀ ଦୁଷ୍ମନ୍ତ କୁମାର ନାୟକଙ୍କ ନେତୃତ୍ୱରେ ୩ ଟି ଦଳ ଏବଂ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାଏକ, ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ବେହେରା ଓ ଅଜୟ ଦାଶଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ୩ଟି ଦଳ ସହଯୋଗ କରୁଛନ୍ତି । ଏଥିସହ ବାତ୍ୟା ପରେ ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ମିଳିତ ସହଯୋଗରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି।



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନାଁ କାହିଁକି, ତୁମେ ଅପରକୁ କୌଣସି ପ୍ରକାର ଆଘାତ ଦିଅନାହିଁ।
- ଗୌତମବୁଦ୍ଧ



## ସଂକ୍ଷେପରେ

### ଲୁହା ସହ ଅଟୋ ଜବତ, ଜଣେ ଗିରଫ

**ଖୁଣ୍ଟୁଣୀ,୯।୫(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ବିଲୁଆଗଡ଼ାଠାରେ ଥିବା କେବିକେ ପ୍ଲାଣ୍ଟରୁ ବେଆଇନ ଭାବେ ନେଉଥିବା ୫କୁଇଣ୍ଟାଲ ଲୁହାକୁ ପୋଲିସ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଡାଲୁଆ ଗ୍ରାମର ପ୍ରକାଶ ସାହୁ। ପ୍ରକାଶ ଏକ ଅଟୋ ଯୋଗେ ପ୍ଲାଣ୍ଟ ମଧ୍ୟରୁ ଲୁହା ସାମଗ୍ରୀ ଆଣି ଖୁଣ୍ଟୁଣୀସ୍ଥିତ ଏକ ବେଆଇନ କବାଡ଼ିଆ ଦୋକାନକୁ ବିକ୍ରି ପାଇଁ ଆସୁଥିବା ବେଳେ ପୋଲିସ ଧରିଥିଲା। ପ୍ରକାଶକୁ ଥାନାରେ ପଚରାଉଚୁରା କରିବା ପରେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ସହଯୋଗୀଙ୍କ ନାମ କହିଥିଲେ। ଏ ନେଇ ଥାନାରେ ୩୮/୧୯ରେ ଏକ ମାମଲା ରୁଜୁ କରି ଅନ୍ୟମାନଙ୍କୁ ଧରିବା ପାଇଁ ତଦନ୍ତ ଚଳାଇଛି।

### ମୁସ୍‌ଲିମ୍ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ଦାବି

**କଟକ ସଦର, ୯।୫(ଡି.ଏନ୍.ଏ):** ଚଳିତ ମାସରୁ ମୁସ୍‌ଲିମ ଧର୍ମାବଲମ୍ବୀମାନଙ୍କ ରୋଜା ଆରମ୍ଭ ହୋଇଯାଇଛି। କଟକ ସଦର ବ୍ଲକ ଅଧୀନ ଦେଓପୁର, ରଘୁନାଥପୁର ଓ ପରମହଂସ ଗ୍ରାମରେ ସବୁଠୁ ଅଧିକ ମୁସ୍‌ଲିମ ଲୋକେ ବାସ କରୁଛନ୍ତି। ବାତ୍ୟା ପରେ କନ୍ଦରପୁର-ପରମହଂସ ୧୧ କେଭି ଫିଡରଟି ଅଚଳ ହୋଇପଡିଛି। ଫଳରେ ରାତିବେଳା ମୁସ୍‌ଲିମ୍ ଲୋକମାନଙ୍କୁ ନମାଜ ପାଠ କରିବା କଷ୍ଟକର ହେଉଛି। ତେଣୁ ଏହି ଫିଡରଟିକୁ ଶୀଘ୍ର ମରାମତି କରି ବିଦ୍ୟୁତ୍ ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ବଡେଦେୱାନ ସାହେବ ଦରଘା କମିଟି ସମ୍ପାଦକ ହାକିମ ଖାଁ, ସେକ୍ ବାବୁଲା, ବି, କୋମଲ ପ୍ରମୁଖ ସେସୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।

### ୭ ଦିନ ପରେ ସହାୟତାର ହାତ ବଢାଇଲା ସିଏମ୍‌ସି

**କଟକ ଅଫିସ, ୯।୫:** ଫନୀକୁ ୭ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସହାୟତା ରାଶି ପ୍ରଦାନ କରାଯାଇ ନାହିଁ। ଯାହାକୁ ନେଇ ବାତ୍ୟା କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କ୍ଷତିଗ୍ରସ୍ତ ଲୋକେ ପାଣି, ବିଦ୍ୟୁତ୍, ରିଲିଫ ନ ପାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରି କି ଫନୀରେ କିଛି ଲୋକଙ୍କର ଘର ଛାତ ଉଡି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଜରି ପାଲଟିଏ ମଧ୍ୟ ସାହାଯ୍ୟ କରାଯାଇ ନ ଥିବା ଅଭିଯୋଗ ହୋଇଥିଲା। ଶେଷରେ ସିଏମ୍‌ସିର ନିଦ ଭାଙ୍ଗିଛି। ଏ ନେଇ ସିଏମ୍‌ସି ପକ୍ଷରୁ ଗୁରୁବାର ଲୋକଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ସିଏମ୍‌ସି କମିଶନର ଏବଂ ଡାଇରେକ୍ଟରଙ୍କ ସୂଚନା ମୁତାବକ, ଯେଉଁ ସହରବାସିନ୍ଦା ଭତ୍ତା ପାଉଥିବେ ସେମାନଙ୍କ ଭତ୍ତା ଅର୍ଥ ବାଦ ୫୦୦ ଟଙ୍କା ଅଧିକ ଦିଆଯାଇଛି। ଭତ୍ତା ବାବଦରେ ୨୫ହଜାର ଲୋକଙ୍କୁ ଏହି ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଇଛି। ସେହିପରି ରାଶନ କାର୍ଡରେ ୬୮ହଜାର ଲୋକଙ୍କୁ ୫୦୦ ଟଙ୍କା ଆର୍ଥିକ ସାହାଯ୍ୟ ସହ ମୁଣ୍ଡପିଛା ୫ କେଜି ଚାଉଳ ଯୋଗାଇ ଦିଆଯାଇଥିବା କମିଶନର ଶରତ ଚନ୍ଦ୍ର ନାୟକ ଓ ଡାଇରେକ୍ଟର ସଂଗ୍ରାମଜିତ୍ ନାୟକ କହିଛନ୍ତି।

# କଟକ ଜିଲାରେ ୨୨୫୧ ଗୃହ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ

■ଘର ଗଣାରେ ବ୍ୟସ୍ତ ପ୍ରଶାସନ
■ବଞ୍ଚିବାର ରାହା ହରାଇଲେଣି ଲୋକେ

**କଟକ ଅଫିସ, ୯।୫**

କଟକ ଜିଲାରେ ଫନୀ ମୁକାବିଲା ସମ୍ପୂର୍ଣ୍ଣ ବିଫଳ ହୋଇଛି। ପ୍ରଶାସନ ପକ୍ଷରୁ ଫନୀର ମୁକାବିଲା ପାଇଁ ପୂର୍ବ ଓ ପର ପ୍ରସ୍ତୁତି କେବଳ ଲୋକଦେଖାଣିଆ ବୋଲି ସ୍ପଷ୍ଟ ହୋଇଛି। ଯେଉଁଠି ଲୋକେ ୭ ଦିନ ହେବ ବଞ୍ଚିବାର ରାହା ଖୋଜୁଛନ୍ତି ସେଠାରେ ପ୍ରଶାସନ ସରକାରଙ୍କୁ ମିଛ ରିପୋର୍ଟ ଦେଇ ବାହାବା ନେବାକୁ ଚେଷ୍ଟା କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଫନୀ ପ୍ରଭାବରେ ଜିଲାର ସର୍ବମୋଟ ୩୦ ଲକ୍ଷ ୯୬ହଜାର ୮୭୪ ଜଣ ପ୍ରଭାବିତ ହୋଇଥିବା ସରକାରୀ ଭାବେ ରିପୋର୍ଟ ଦିଆଯାଇଛି। ପ୍ରଭାବିତମାନଙ୍କୁ ପରବର୍ତ୍ତୀ ଥଇଥାନ ନିମନ୍ତେ ପ୍ରଶାସନିକ ଚେଷ୍ଟା ଅବ୍ୟାହତ ରହିଥିବା କେବଳ ଧର୍ମକୁ ଆଖିଠାର ବୋଲି କହିଛନ୍ତି ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା। ସହରର ନାକତଳ ଜଗତ୍‌ପୁର ଅଦ୍ୟାବଧି ବାତ୍ୟାର ୭ ଦିନ ପରେ ମଧ୍ୟ ଅନ୍ଧାରରେ ରହିଥିବାବେଳେ ଲୋକେ ପିଇବା ପାଣି ପାଇଁ ବାରହିନସ୍ତା ଭୋଗୁଥିବା ବିଧାୟକ ବେହେରା ଅଭିଯୋଗ କରିଛନ୍ତି । ଏହାବାଦ ସହର ଭିତରେ ମଧ୍ୟ ଲୋକେ ଘାଣ୍ଟି ହେଉଥିବା ଦେଖାଯାଇଛି। ଅଦ୍ୟାବଧି ସହରର ଗାନ୍ଧୀପଲ୍ଲି, ନେହେରୁପଲ୍ଲି, ଗତିରାଉତପାଟଣା ଓ ତତ୍‌ସଂଲଗ୍ନ ଅଞ୍ଚଳଗୁଡ଼ିକ ଅନ୍ଧାରରେ ରହିଥିବା ବେଳେ ଲୋକେ ପାଣି ପାଇଁ ଡହଳବିକଳ ହେଉଥିବା ସ୍ଥାନୀୟ ଅଞ୍ଚଳର ମହିଳା ଅନ୍ନପୂର୍ଣ୍ଣା ପଶାୟତ ଓ କଲ୍ୟାଣୀ ସିଂ ଅଭିଯୋଗ କରିଛନ୍ତି। କେବଳ ଗଣମାଧ୍ୟମରେ ସରକାର ବାତ୍ୟା ମୁକାବିଲା କରୁଥିବାବେଳେ ତୃଣମୂଳ ସ୍ତରରେ ଅଦ୍ୟାବଧି ପ୍ରଶାସନ ପହଞ୍ଚି ନ ଥିବା ଅଭିଯୋଗ କରିଛନ୍ତି ଗତିରାଉତପାଟଣା ଅଞ୍ଚଳର ନନ୍ଦକିଶୋର ପଣ୍ଡା। ପରିସ୍ଥିତି ଏପରି ହୋଇଛି ଯେ ପ୍ରଶାସନିକ ବିଫଳତା ଯୋଗୁ ଲୋକେ ବଞ୍ଚିବାର ରାହା ହରାଇଥିବା ପଣ୍ଡା କହିଛନ୍ତି। ଏହା ଗଲା ସହରର ଚିତ୍ର । ଗାଁର ଚିତ୍ର ଦେଖିଲେ ଅଧିକ କରୁଣ ଦୃଶ୍ୟ ସାମ୍ନାକୁ ଆସୁଛି। ଗ୍ରୀଷ୍ମଋତୁ ଯୋଗୁ ଜଳାଶୟଗୁଡ଼ିକ ଶୁଖିଲା ପଡ଼ିଛି। ଲୋକେ ଗାଧୋଇବା ଓ ଶୌଚ ହେବା ପାଇଁ ସମସ୍ୟା ଭୋଗୁଥିବା ସାଲେପୁର ଅଞ୍ଚଳର ଯୁବକ ରାଲୁ ଭୂୟାଁ ଓ ମକର ବେହେରା କହିଛନ୍ତି। କେଉଁ ମାପଦଣ୍ଡରେ ସରକାରଙ୍କୁ ବାତ୍ୟା ମୁକାବିଲା ପାଇଁ ଦେଶବିଦେଶରୁ ପ୍ରଶଂସା ପତ୍ର ମିଳୁଛି ତାହାକୁ ଦେଖିଲେ ଆମକୁ ଆଶ୍ଚର୍ଯ୍ୟ ଲାଗୁଛି ବୋଲି ଏହି ଦୁଇ ଜଣ ମତ ଦେଇଛନ୍ତି। ବାସ୍ତବ ସ୍ଥିତିରେ କଟକ ଜିଲାର ଚିତ୍ର ଅତ୍ୟନ୍ତ ସମ୍ବେଦନଶୀଳ ଥିବାବେଳେ ପ୍ରଶାସନ ପକ୍ଷରୁ ଏବେ ଘରଗଣା (ଘର ଭଙ୍ଗା) କାର୍ଯ୍ୟ ଜାରି ରହିଛି। ଯେଉଁଥିପାଇଁ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ସହାୟତା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଛି। ଯିଏ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କୁ ପ୍ରଭାବିତ କରିପାରିବ ସିଏ ଫାଇଦା ନେଇପାରିବ ବୋଲି ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ଧାରଣା ସୃଷ୍ଟି ହୋଇଛି। ଫଳସ୍ୱରୂପ ରାତିପାହିଲେ ଲୋକଙ୍କ ଭିଡ଼ ଏବେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଜମୁଥିବା ଦେଖିବାକୁ ମିଳିଛି। ଗୁରୁବାର ସୁଦ୍ଧା ଜିଲାରେ ୨୨୫୧ଟି ଗୃହ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୩୩୩୨୨ଟି ଗୃହ ଆଂଶିକ ଓ ୨୭୯୬ଟି ଗୃହ ଅତିଶୟ କ୍ଷତିଗ୍ରସ୍ତ ହୋଇଥିବା ଜିଲା ଜରୁରିକାଳୀନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ଜିଲାରେ ସ୍ୱାସ୍ଥ୍ୟ ସଚେତନତା ଓ ପରିମଳ ନିମନ୍ତେ ଆର୍ଟ ଅଫ୍ ଲିଭିଂ ସେବା ଯୋଗାଇବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସହଯୋଗରେ ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ-ପରିମଳ ଭିତ୍ତିକ ସର୍ଭେ ଓ ସେବା ପ୍ରଦାନ ନିମନ୍ତେ ସ୍ୱେଚ୍ଛାସେବୀ ଆର୍ଟ ଅଫ୍ ଲିଭିଂ ସଂସ୍ଥା ଭାରତୀୟ ବ୍ୟକ୍ତି ବିକାଶ କେନ୍ଦ୍ର, ବରଗଡରୁ ୮ ଜଣ ସ୍ୱେଚ୍ଛାସେବୀ ଆସି କଟକରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟତଃ ଏହି କର୍ମୀମାନେ ଘରକୁ ଘର ବୁଲି ପାନୀୟଜଳ, ପରିମଳ, ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝି ପ୍ରତିଦିନ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିବେ। ବିଶେଷକରି ବସ୍ତି ଅଞ୍ଚଳରେ କୁଅ ଓ ନଳକୂପଗୁଡିକର ବିଶୋଧନ କରିବା ପାଇଁ ବିବରଣୀ ଦେବେ। ସ୍ୱାସ୍ଥ୍ୟସେବା ପାଇଁ ସରକାରଙ୍କ ପକ୍ଷରୁ ଥିବା ସଚେତନତା ଭିତ୍ତିକ ଲିଫଲେଟ୍ ଆବଶ୍ୟକତା ଅନୁଯାୟୀ ବଣ୍ଟନ କରିବେ ବୋଲି ସୂଚନା ମିଳିଛି।



ଫନୀ ପରେ କଟକ ବାଲିଯାତ୍ରା ତଳ ପଡ଼ିଆରେ ପକାଯାଇଥିବା କୁଡ଼କୁଡ଼ ଆବର୍ଜନା।

## ଫନୀ ଯୋଗୁ ଓଏସ୍‌ଏଫ୍‌ସିରେ କ୍ଷୟକ୍ଷତି

**କଟକ ଅଫିସ,୯।୫**

ଓଏମ୍‌ପିସ୍ଥିତ ଓଡ଼ିଶା ରାଜ୍ୟ ଅର୍ଥ ନିଗମ(ଓଏସ୍‌ଏଫସି)ରେ ଫନୀ ପ୍ରଭାବରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା କ୍ଷୟକ୍ଷତି ହୋଇଛି। ଏ ନେଇ ନିଗମ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ଜଣାଯାଇଛି। ନିଗମର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନେକ ଗଛ ଉପୁଡ଼ି ପଡିବା ସହ ବିଭିନ୍ନ ପ୍ରକୋଷ୍ଠର ଝରକା, କାଚ୍ଚ ମଧ୍ୟ ଭାଙ୍ଗି ଯାଇଛି। ଏହାଛଡ଼ା ମଧୁପାଟଣାସ୍ଥିତ ଦୁଇଟି ଶାଖା କାର୍ଯ୍ୟାଳୟରେ ମଧ୍ୟ ଫନୀ ଯୋଗୁ କ୍ଷୟକ୍ଷତି ଘଟିଛି। ତୁରନ୍ତ ମରାମତି କରା ନ ଗଲେ ଆଗାମୀ ଦିନରେ ନିଗମର ଅନେକ ଗୁରୁତ୍ୱପୂର୍ଣ୍ଣ ଫାଇଲ ନଷ୍ଟ ହେବାର ଆଶଙ୍କା ରହିଛି। ତୁରନ୍ତଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ରିଲିଫ୍ ଅର୍ଥ ବଣ୍ଟନ ବେଳେ ଉତ୍ତେଜନା

**କଟକ ସଦର, ୯।୫(ଡି.ଏନ୍.ଏ)**

ବାତ୍ୟା ପ୍ରଭାବିତ ଅଞ୍ଚଳର ଖାଦ୍ୟ ନିରାପତା କାର୍ଡଧାରୀଙ୍କୁ କାର୍ଡ ପିଛା ୫୦୦ ଟଙ୍କା ଲେଖାଏ ରିଲିଫ ବଣ୍ଟନ ପାଇଁ କଟକ ସଦର ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ପ୍ରତି ରିଟେଲର ପଏଣ୍ଟ ଅଥବା ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଏହି ଅର୍ଥ ବଣ୍ଟନ ଆରମ୍ଭ ହୋଇଛି। ହେଲେ କେତେଜଣ କୁଜିନେତାଙ୍କ ପାଇଁ ବଣ୍ଟନର ପ୍ରଥମ ଦିନରେ ପରମହଂସ, ସୋମପୁର, କିଶୋରନଗର ଓ ୪୨ ମୌଜା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖରାରେ କାଉଣ୍ଟର ସମ୍ମୁଖରେ ଲମ୍ୱାଧାଡିରେ ଛିଡା ହୋଇଥିବା ଲୋକଙ୍କୁ ଉପେକ୍ଷା କରି ଭିତର ପଟେ ଟଙ୍କା ଦିଆଯିବା ଉତ୍ତେଜନାର ମୁଖ୍ୟକାରଣ ବୋଲି ଜଣାପଡିଛି। ସମ୍ପୃକ୍ତ ଅଞ୍ଚଳର କୁଜିନେତାମାନେ ପୂର୍ବରୁ ସଂଗୃହୀତ କାର୍ଡକୁ ଆଣି ବଣ୍ଟନ ଦାୟିତ୍ୱରେ ଥିବା ନୋଡାଲ ଅଫିସରଙ୍କୁ ଶୀଘ୍ର ଟଙ୍କା ଦେବା ପାଇଁ ବାଧ କରୁଥିବାରୁ ଧାଡିରେ ଛିଡା ହୋଇଥିବା ଲୋକମାନେ ଏହାର ପ୍ରତିବାଦ କରିଥିଲେ। ସୁରୁଖୁରୁରେ ରିଲିଫ ଟଙ୍କା କରାଇ ଦେବା ପାଇଁ କାର୍ଡ ପିଛା ୨୦୦ ଟଙ୍କା ଆଦାୟ କରାଯାଇଥିବା ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। କେବଳ କାଉଣ୍ଟର ବାହାରେ ଧାଡିରେ ଛିଡା ହୋଇଥିବା ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ଦେବା ପାଇଁ ନୋଡାଲ ଅଫିସରମାନଙ୍କୁ କୁହାଯାଇଛି ବୋଲି ଯୋଗାଣ ନିରୀକ୍ଷକ ପୁନମ ଜେନା ସ୍ପଷ୍ଟ କରିଛନ୍ତି।

## ଶିଶୁ ସଦନରେ ଗୋପାଳକୃଷ୍ଣ ଗୋଖଲେ ଜୟନ୍ତୀ




**ଚୌଦ୍ୱାର,୯।୫(ଡି.ଏନ୍.ଏ.)**

ଚୌଦ୍ୱାର ଶିଶୁ ସଦନରେ ଗୁରୁବାର ମହାନ୍ ରାଷ୍ଟ୍ରନାୟକ, ସର୍ବଭାରତୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ହିନ୍ଦ୍ ସେବକ ସଂଘର ପ୍ରତିଷ୍ଠାତା ଗୋପାଳକୃଷ୍ଣ ଗୋଖଲେଙ୍କ ୧୫୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖବରଦାତା ରମେଶଚନ୍ଦ୍ର ସାମଲ, କବି ପଞ୍ଚାନନ ବେହେରା, କଟକ ବଡ଼ ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ପରୀକ୍ଷିତ ଦଳାଇ, ଧୀରେନ୍ଦ୍ରନାଥ ଚୌଧୁରୀ ପ୍ରମୁଖ ଗୋଖଲେଙ୍କ ସ୍ମୃତିଚାରଣ କରିଥିଲେ। ପ୍ରତାପ କୁମାର ଜେନା, କବି ଦିବ୍ୟଜ୍ୟୋତି ପାଣି, ନୀଳଚକ୍ର ଅଶୋକ କୁମାର ନାୟକ, କେ.ସି.ପ୍ରତାପସିଂହ, ଆଶୁତୋଷ ଦାସ, ଅଧ୍ୟାପକ ସୌରେନ୍ଦ୍ର କୁମାର ପଣ୍ଡା, ପ୍ରକାଶ କୁମାର ନାୟକ ପ୍ରମୁଖ ଗୋଖଲେଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଶିଶୁ ସଦନର ପିଲାମାନଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା ଓ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସଙ୍ଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ପରିଚାଳକ ସୀମାନ୍ତ ନାୟକ ଧନ୍ୟବାଦ ଦେଇଥିଲେ ।

## ସୁଧୁରୁଛି ଚୌଦ୍ୱାର ସ୍ଥିତି

**ଚୌଦ୍ୱାର,୯।୫(ଡି.ଏନ୍.ଏ.)**

ସାମୁଦ୍ରିକ ବାତ୍ୟା ଫନୀ ତାଣ୍ଡବରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ଚୌଦ୍ୱାର ସମେତ ଏହାର ଆଖପାଖ ଗ୍ରାମାଞ୍ଚଳର ସ୍ଥିତି ଧୀରେ ଧୀରେ ସୁଧୁରିବା ଆରମ୍ଭ କରିଛି। ବାତ୍ୟାରେ ଉପୁଡ଼ି ପଡ଼ିଥିବା ବୃକ୍ଷକୁ ସ୍ଥାନୀୟ ଯୁବକ ସଂଘଗୁଡ଼ିକର ସଦସ୍ୟ ଓ ଅଞ୍ଚଳର ଯୁବଗୋଷ୍ଠୀଙ୍କ ମିଳିତ ସହଯୋଗରେ କଟାଯାଇ ଯାତାୟାତ ସୁଗମ କରାଯାଇଥିବା ବେଳେ ମଙ୍ଗଳବାରରୁ ବିଦ୍ୟୁତ୍ ଲାଇନ୍ ସଜାଡ଼ିବା କାର୍ଯ୍ୟ ଆରମ୍ଭ ହୋଇଥିଲା। ସେସୁର ସ୍ଥାନୀୟ ଅଧିକାରୀମାନଙ୍କ ନେତୃତ୍ୱରେ ବିଦ୍ୟୁତ୍ କର୍ମଚାରୀ ଓ ଯୁବଗୋଷ୍ଠୀଙ୍କ ସହଯୋଗରେ ଶହଶହ ଭଙ୍ଗା ଖୁଣ୍ଟକୁ ସ୍ଥାନାନ୍ତର କରି ନୂଆଖୁଣ୍ଟ ପୋତିବା ସହ ତାରଟାଣି ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ସ୍ୱାଭାବିକ କରିପାରିଛନ୍ତି। ଗୁରୁବାର ସନ୍ଧ୍ୟା ସୁଦ୍ଧା ଚୌଦ୍ୱାର ସହର ଓ ଏହାର ନିକଟ ଗ୍ରାମାଞ୍ଚଳର ୯୫ଭାଗ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ବାକି ଅଞ୍ଚଳକୁ ଶୁକ୍ରବାର ବିଦ୍ୟୁତ୍ ସଂଯୋଗ ହେବ ବୋଲି ସେସୁ ପକ୍ଷରୁ ସୂଚନା ମିଳିଛି। ରାସ୍ତାକଡ଼ରେ ଥିବା ଖୁଣ୍ଟ ବହୁ ମାତ୍ରାରେ ଭାଙ୍ଗି ଯାଇଥିବାରୁ କୌଣସି ଅଞ୍ଚଳରେ ଷ୍ଟ୍ରିଟଲାଇଟ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରି ନାହିଁ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିଛି ଜଳଯୋଗାଣ ପଏଣ୍ଟରେ ଜେନେରେଟର ଲଗାଯାଇ ଟ୍ୟାଙ୍କର ମାଧ୍ୟମରେ ବିଭିନ୍ନ ସ୍ଥାନରେ ପାନୀୟଜଳ ବିତରଣ କରାଯାଉଛି। ପୌରପାଳିକାର ୧୭, ୧୮, ୧୦ ଓ ୧୯ ନମ୍ବର ୱାର୍ଡ଼ରେ ପାଇପ୍ ଜଳଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ନ ଥିବାରୁ ଲୋକେ ଏଯାବତ ଜଳକଷ୍ଟ ଭୋଗୁଛନ୍ତି। ଟ୍ୟାଙ୍କରରେ ଦିଆଯାଉଥିବା ପାଣି ଲୋକମାନଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ଚୌଦ୍ୱାର ସହରରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଏସବୁ ଭିତରେ ପୌର ପ୍ରଶାସନ ତରଫରୁ ବୁଧବାରରୁ ରିଲିଫ ଯୋଗାଣ କାର୍ଯ୍ୟ ଆରମ୍ଭ ହୋଇଛି। ପୌରାଞ୍ଚଳରେ ଥିବା ରାଶନ୍ ଦୋକାନଗୁଡ଼ିକ ମାଧ୍ୟମରେ ପ୍ରତି ରାଶନ୍ କାର୍ଡ଼ଧାରୀଙ୍କୁ ୫୦୦ଟଙ୍କା ସହ ମୁଣ୍ଡପିଛା ୫କିଲୋ ଚାଉଳ ପ୍ରଦାନ କରାଯାଉଛି। ପୌର ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୋଡାଲ ଅଫିସର ଝୁଲେନ୍ଦ୍ର ନାୟକ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ବାରଙ୍ଗ: ଅନ୍ଧାରରେ ୮ ପଞ୍ଚାୟତବାସୀ

**ନରାଜ, ୯।୫(ଡି.ଏନ.ଏ)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ୮ଟି ପଞ୍ଚାୟତରେ ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫର୍ମର ଫନୀ ଯୋଗୁ ଭାଙ୍ଗି ତଳେ ପଡ଼ିଛି। ଫଳରେ ଉକ୍ତ ପଞ୍ଚାୟତ ଲୋକମାନେ ଏବେ ବି ଅନ୍ଧାରରେ ରହିଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଲୋକମାନେ ବିଦ୍ୟୁତ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଥିଲେ ମଧ୍ୟ ଅଧିକାରୀମାନେ କୌଣସି ପଦକ୍ଷେପ ନେଉନାହାନ୍ତି। ଏ ନେଇ ଗୋଡ଼ିସାହି ଜେଇଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ ।

## ପାଣି, କିରୋସିନ ଯୋଗାଣ ଦାବି

**କଟକ ସଦର, ୯।୫(ଡି.ଏନ୍.ଏ)**

କଟକ ସଦର ନିର୍ବାଚନ ମଣ୍ଡଳୀର ଗ୍ରାମାଞ୍ଚଳରେ ଗ୍ରାମ୍ୟ ଜଳଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏହା ଉପରେ ନିର୍ଭର କରୁଥିବା ଲୋକମାନେ ୭ ଦିନ ହେବ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏଭଳି ପରିସ୍ଥିତିରେ ଜେନେରେଟର ଦ୍ୱାରା ପ୍ରକଳ୍ପଗୁଡିକୁ ଚାଲୁ କରି ଗ୍ରାମ୍ୟ ଜଳଯୋଗାଣ ନିୟମିତ କରିବା ପାଇଁ ଭାଜପା ସାଧାରଣ ସମ୍ପାଦକ ଦିଲ୍ଲୀପ ମଲ୍ଲିକ ଦାବି କରିଛନ୍ତି। ଅନ୍ୟପକ୍ଷରେ ବାତ୍ୟା ଯୋଗୁ ବିଦ୍ୟୁତ୍ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ରାତିରେ ଡିବିରି ଜାଳିବା ପାଇଁ ସବୁ ପରିବାରକୁ କିରୋସିନ ଯୋଗାଇ ଦେବାକୁ ଏକ ପ୍ରେସ୍ ବିବୃତି ମାଧ୍ୟମରେ ରାଜ୍ୟ ସରକାରଙ୍କ ନିକଟରେ ମଲ୍ଲିକ ଦାବି କରିଛନ୍ତି।

## କଟକ ଜିଲାକୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘୋଷଣା କର: ସିପିଆଇ



ସିପିଆଇ ପକ୍ଷରୁ ଆରଡ଼ିସି (ସିଡ଼ି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

**କଟକ ଅଫିସ, ୯।୫**

ଫନୀ ପ୍ରଭାବରେ କଟକ ଜିଲାବାସୀଙ୍କର ଧନଜୀବନ ଜୀବିକା ଧ୍ୱସ୍ତ ହୋଇଯାଇଥିବାବେଳେ ପ୍ରାୟ ଏକ ସପ୍ତାହ ହେବ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାତ୍ର ଜିଲା ପ୍ରଶାସନ ଏହାକୁ ଅଣଦେଖା କରିବା ସହ ଜିଲାରେ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ଜିଲାପାଳ ଦର୍ଶାଇଛନ୍ତି। ଯାହାକି ଜିଲାବାସୀଙ୍କ ପ୍ରତି ଅବିଚାର ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଦାବି କରିଛି। ଏ ପର୍ଯ୍ୟନ୍ତ ବହୁ ପରିବାର ବାସଶୂନ୍ୟ ହୋଇ ଖାଦ୍ୟ, ପାନୀୟ ଓ ବିଜୁଳି ଅଭାବରୁ ଦୟନୀୟ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଏଣୁ ତୁରନ୍ତ କଟକ ଜିଲାକୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘୋଷଣା କରିବା ସହିତ ସର୍ବଦଳୀୟ ବୈଠକ ଓ ସଂଗଠନମାନଙ୍କ ସହଯୋଗରେ ଯୁଦ୍ଧକାଳୀନ ଭିତ୍ତିରେ ଖାଦ୍ୟ, ବାସଗୃହ, ପାନୀୟଜଳ, ବିଜୁଳି ଯୋଗାଇ ଦେବାକୁ ସିପିଆଇ ଦାବି କରିଛି। ଏ ନେଇ ସିପିଆଇର ଏକ ପ୍ରତିନିଧି ଦଳ ଗୁରୁବାର ଆର୍‌ଡିସିଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। କଟକ ଜିଲା ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ନଗର ସମ୍ପାଦକ ବିନୋଦ ବେହେରା, ଶ୍ରମିକ ନେତା ରାମଚନ୍ଦ୍ର ବେହେରା, ଶିବ ବେହେରା, ଛବି ଖୁଣ୍ଟିଆ ପ୍ରମୁଖ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଆର୍‌ଡିସିଙ୍କ ଅତିରିକ୍ତ ସଚିବ ସଞ୍ଜିତା ଦାସଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ତେଜିଲା ପ୍ରତିବାଦ: ସିଡିଏରେ ବିକ୍ଷୋଭ, ରାସ୍ତାରୋକୋ

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ ୧୦ଜଣିଆ କମିଟି

**କଟକ ଅଫିସ,୯।୫**

ଫନୀ ପ୍ରଭାବରେ ସିଡ଼ିଏ ସେକ୍ଟର-୬ ଅଞ୍ଚଳରେ ବହୁଳଭାବେ କ୍ଷତିଗ୍ରସ୍ତ ହୋଇଛି। ସେମାନଙ୍କୁ ମୌଳିକ ସୁବିଧା ନ ମିଳିବା ପ୍ରତିବାଦରେ ଗୁରୁବାର ବିକ୍ଷୋଭ ଓ ରାସ୍ତାରୋକୋ କରାଯାଇଛି। ଜୟପ୍ରକାଶ ନାରାୟଣ ପାର୍କ ନିକଟରେ ସେକ୍ଟର-୬ ଅଧୀନ ୫ ବସ୍ତିର ବାସିନ୍ଦା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ବୀମା ବିହାର ବାସିନ୍ଦାମାନେ ସିଡିଏ ସେକ୍ଟର-୬ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ମର୍କତନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ବାତ୍ୟାକୁ ଇତିମଧ୍ୟରେ ୭ଦିନ ବିତି ଯାଇଥିଲେ ମଧ୍ୟ ଖଣ୍ଡେ ପଲିଥିନ ବି ବସ୍ତିରେ ଦିଆଯାଇନାହିଁ। ବସ୍ତି ଲୋକେ ଅନ୍ଧାରରେ ଥିବାବେଳେ ଖାଦ୍ୟ, ପାନୀୟ ସମସ୍ୟାରେ ଘାଣ୍ଟି ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ପ୍ରାୟ ୨ ଘଣ୍ଟା ଧରି ଜୟପ୍ରକାଶ ନାରାୟଣ ପାର୍କ ନିକଟରେ ଏହି ବିକ୍ଷୋଭ କରାଯାଇଥିଲା। ଏହି ଅବସରରେ କେନ୍ଦ୍ରୀୟ ରାଜସ୍ୱ ଆୟୁକ୍ତଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୧୬ ତାରିଖରେ ଏକ ୧୦ ଜଣିଆ କମିଟି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ ବୋଲି ଘୋଷଣା କରାଯାଇଛି। ଆଇନଜୀବୀ ଗଦାଧର ସାହୁଙ୍କ ନେତୃତ୍ୱରେ ଉକ୍ତ କମିଟି ଗଠନ ହୋଇଛି। ସିଡ଼ିଏ ସେକ୍ଟର-୬ ଅଞ୍ଚଳରେ ଥିବା ହଇରାଣପୁର ବସ୍ତି, ପେଟାନାଳ ବସ୍ତି, କୃଷକବଜାର ବସ୍ତି, ମହବୀର ବସ୍ତି ଓ ଇମାମ ପଡ଼ା ବସ୍ତିରେ ଖାଦ୍ୟ, ପାନୀୟ କିମ୍ବା ପଲିଥିନ ଯୋଗାଇ ଦିଆଯାଇ ନ ଥିବା ଜଣାପଡ଼ିଛି। ଝଡ଼ ପରେ ବସ୍ତିଗୁଡ଼ିକ ଅନ୍ଧାର ହୋଇ ରହିଥିବା ଯୋଗୁ ଏଠାରେ ଅସାମାଜିକ ବ୍ୟକ୍ତି ଆଡ୍ଡା ଜମାଇଲେଣି। ଯାହା ବସ୍ତିବାସିନ୍ଦାମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି ବୋଲି ହଇରାଣପୁର ବସ୍ତିର ଦୀନବନ୍ଧୁ ନାୟକ ଅଭିଯୋଗ କରିଛନ୍ତି। ଏହାଛଡ଼ା ଖାଦ୍ୟ ଓ ପାନୀୟ ଜଳ ସଙ୍କଟ ମଧ୍ୟ ଦେଖାଦେଲାଣି ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଥିବା କମିଟିରେ ଆଇନଜୀବୀ ଗଦାଧରଙ୍କ ସମେତ ମର୍କତନଗର ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଅଶୋକ କୁମାର ଟା, ଦେବେନ୍ଦ୍ର ସୂତାର, ଅଶୋକ କୁମାର ପଟ୍ଟନାୟକ, ନିଶାନ ନାୟକ, ସୁଧାକର ପତ୍ରୀ, ଗିରିଜା ପଟ୍ଟନାୟକ, ଆଇନଜୀବୀ ବିଦ୍ୟାଧର ପ୍ରଧାନ, ଦୀନବନ୍ଧୁ ନାୟକ, ରିଙ୍କୁ ଖାଁ ରହିଛନ୍ତି ।



ସିଡ଼ିଏ ସେକ୍ଟର-୬ସ୍ଥିତ ଜୟପ୍ରକାଶ ନାରାୟଣ ପାର୍କ ସମ୍ମୁଖ ରାସ୍ତାରେ ବିକ୍ଷୋଭ।

### ଜିଲାପାଳଙ୍କ ବଦଳି ଦାବି

କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ବଦଳି ଦାବି କରିଛନ୍ତି ବସ୍ତିବାସିନ୍ଦା। ବୁଧବାର ବସ୍ତିବାସିନ୍ଦା ଜିଲାପାଳଙ୍କୁ ଭେଟିବାକୁ ଯାଇଥିବାବେଳେ ସେଠାରେ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟାଳୟରୁ ତୁରନ୍ତ ବାହାରି ଯାଅ ବୋଲି ଜିଲାପାଳ ଅଗ୍ରୱାଲ ବସ୍ତିବାସିନ୍ଦାଙ୍କୁ କହିଥିଲେ। ବିଦ୍ୟୁତ ଓ ପାଣି ପାଇବାକୁ ଅପେକ୍ଷା କର। କାହାର ଦାବି ଶୁଣାଯିବ ନାହିଁ ବୋଲି ଜିଲାପାଳ ଅଗ୍ରୱାଲ କହିଥିଲେ ବୋଲି ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ ଜିଲାପାଳ ଅଗ୍ରୱାଲଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।



ସିଡ଼ିଏ ସେକ୍ଟର-୬ ମୁଖ୍ୟ ରାସ୍ତା ଅବରୋଧ କରିଥିବା ବାସିନ୍ଦାଙ୍କୁ ପୋଲିସ ବୁଝାଶୁଝା କରୁଛି।



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନାଁ କାହିଁକି,
ତୁମେ ଅପରକୁ କୌଣସି ପ୍ରକାର ଆଘାତ ଦିଅନାହିଁ
- ଗୌତମବୁଦ୍ଧ



## ସଂକ୍ଷେପରେ

### ରାସ୍ତାରୁ ହଟୁନି ଗଛ

**ଖୋର୍ଦ୍ଧା ଅଫିସ,୯।୫:** ଫନୀ ପ୍ରଭାବରେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ହଜ ଗ୍ରାମ୍ୟ ରାସ୍ତାରେ ପଡି ରହିଥିବା ବରଗଛ ଏଯାବତ ହଟିଲା ନାହିଁ। ସ୍ଥାନୀୟ ଗ୍ରାମବାସୀ ବେଗୁନିଆ, ଖୋର୍ଦ୍ଧା ଓ ରଣପୁର ଅଗ୍ନିଶମ ବିଭାଗର କର୍ମଚାରୀଙ୍କୁ ଅବଗତ କରାଯାଇଥିଲେ ମଧ ସହଯୋଗ ମିଳୁନାହିଁ। ଫଳରେ ଯାତାୟତରେ ବାଧା ସୃଷ୍ଟି ହେଉଛି। ସେହିପରି ଗାଁ ଦାଣ୍ଡରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଥିବା ବେଳେ ତାର ଗୁଡିକ ଏଣେତେଣେ ପଡି ରହିଛି ।

### ପରିମଳ ସେବା ବିପର୍ଯ୍ୟସ୍ତ

**ଖୋର୍ଦ୍ଧା ଅଫିସ,୯।୫:** ବାତ୍ୟାର ୭ ଦିନ ବିତିଯାଇଥିଲେ ମଧ ଖୋର୍ଦ୍ଧା ସହରର ପରିମଳ ସେବାରେ ଉନ୍ନତି ଆସିନାହିଁ। କେବଳ ସଫେଇରେ ଅଟକି ରହିଛି ପରିମଳ ବ୍ୟବସ୍ଥା। ପ୍ରତିଦିନ ସଫେଇ ହେଉଛି। ବାତ୍ୟାର ଆବର୍ଜନରେ ପ୍ରତ୍ୟହ ଆବର୍ଜନାକୁ ମିଶାଇ ପରିବେଶକୁ ପ୍ରଦୂଷିତ କରାଯାଉଛି।

### ବ୍ୟବସାୟୀଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର, ୯।୫ (ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଗୁରୁବାର ଜଣେ ପରିବା ବ୍ୟବସାୟୀଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ନୟାପଲ୍ଲୀ ଥାନା ଅଧୀନ ସାଲିଆସାହି ବାସିନ୍ଦା ରାମଚନ୍ଦ୍ର ଜେନା(୬୩)। ତାଙ୍କୁ ଦୋକାନ ନିକଟ ପଡ଼ିଆରୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶୌଚ ପାଇଁ ଯାଇଥିବାବେଳେ ପ୍ରବଳ ତାତି ଯୋଗୁ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଚନ୍ଦ୍ରଶେଖରପୁର ଥାନା ଅଧୀନ ଇନଫୋଗ୍ରୀନ ଆପାର୍ଟମେଣ୍ଟ ନିକଟରେ ରାମଚନ୍ଦ୍ରଙ୍କ ପରିବା ଦୋକାନ ରହିଛି। ଗୁରୁବାର ସକାଳୁ ସେ ପରିବା ଧରି ବେପାର କରିବାକୁ ଘରୁ ବାହାରିଥିଲେ।

## ରିଲିଫ୍ ବଣ୍ଟନରେ ଅନିୟମିତତା

# ଚାଉଳ ବସ୍ତାର ଓଜନ କମ

**ଖୋର୍ଦ୍ଧା ଅଫିସ,୯।୫**

ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ଖୋର୍ଦ୍ଧା ଜିଲାରେ ରିଲିଫ୍ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ହୋଇଛି। ରିଲିଫ୍‌ରେ ହିତାଧିକାରୀଙ୍କୁ ବଣ୍ଟନ କରାଯାଉଥିବା ୫୦ କିଗ୍ରା ଚାଉଳ ବସ୍ତାରେ ଓଜନରେ କମ ରହୁଥିବା ବେଳେ ବସ୍ତା ପିଛା ୧୫ରୁ ୨୦ଟା ଆଦାୟ କରାଯାଉଛି।

ସରକାର ବାତ୍ୟା କ୍ଷତିଗ୍ରସ୍ତ ବିପନ୍ନଙ୍କ ଉଦ୍ଦେଶ୍ୟରେ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ଅନ୍ତ୍ୟୋଦୟ ଅନ୍ନ ଯୋଜନାର ମେ ଓ ଜୁନ ମାସ ପାଇଁ କାର୍ଡଧାରୀଙ୍କୁ ୫୦ କିଗ୍ରା ଚାଉଳ ଓ ୨ ହଜାର ଟଙ୍କା ଯୋଗାଉଛନ୍ତି। ଖୋର୍ଦ୍ଧା ଜିଲାରେ ଏହି ରିଲିଫ୍ ବଣ୍ଟନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ରିଲିଫ୍ ବଣ୍ଟନ ୭ ଦିନ ଧରି ଚାଲୁ ରହିବ। ତେବେ ଇତିମଧ୍ୟରେ ୨ଦିନ ଚାଲି ଗଲାଣି। ତେବେ ଏହି ଚାଉଳ ବଣ୍ଟନରେ ଅନିୟମିତତା ଚାଲିଥିବା ଅଭିଯୋଗ ହେଉଛି। ଜିଲାର ୪ ଲକ୍ଷ ୩୧୩ କାର୍ଡଧାରୀଙ୍କ ପାଇଁ ୨ ଲକ୍ଷ ୧୫୬ କୁଇଣ୍ଟାଲ ୫୦ କିଗ୍ରା ରିଲିଫ୍ ଚାଉଳ ଆଲଟମେଣ୍ଟ ରହିଛି। ବାଲିଅନ୍ତା ବ୍ଲକର ୨୪, ୦୬୮ କାର୍ଡଧାରୀଙ୍କ ପାଇଁ ୧୨, ୦୩୪ କୁଇଣ୍ଟାଲ, ବାଲିପାଟଣାର ୨୩, ୭୩୦ କାଡଧାରୀଙ୍କ ପାଇଁ ୧୧, ୬୮୫ କୁଇଣ୍ଟାଲ, ବାଣପୁରର ୨୬, ୭୮୫ କାର୍ଡଧାରୀଙ୍କ ପାଇଁ ୧୩, ୩୯୨

### ବସ୍ତା ପିଛା ୨୦ ଟଙ୍କା ଆଦାୟକୁ ନାପସନ୍ଦ

କୁଇଣ୍ଟାଲ ୫୦ କିଗ୍ରା ଚାଉଳ ଆସିଛି। ସେହିପରି ଭୁବନେଶ୍ୱର ବ୍ଲକ ପାଇଁ ୨୫, ୩୭୪ କାର୍ଡଧାରୀଙ୍କ ପାଇଁ ୧୨, ୬୮୭ କୁଇଣ୍ଟାଲ, ଚିଲିକାର ୨୫, ୩୮୪ କାର୍ଡଧାରୀଙ୍କ ପାଇଁ ୧୨, ୬୯୨ କୁଇଣ୍ଟାଲ, ଜଟଣୀର ୨୧, ୩୫୧ କାର୍ଡଧାରୀଙ୍କ ପାଇଁ ୧୦, ୬୭୫ କୁଇଣ୍ଟାଲ ୫୦ କିଗ୍ରା, ଖୋର୍ଦ୍ଧାର ୩୦,୦୩୪ କାର୍ଡଧାରୀଙ୍କ ପାଇଁ ୧୫,୦୧୭ କୁଇଣ୍ଟାଲ, ଟାଙ୍ଗୀ ବ୍ଲକର ୩୫, ୪୨୪ କାର୍ଡଧାରୀଙ୍କ ପାଇଁ ୧୭, ୭୧୨ କୁଇଣ୍ଟାଲ ଚାଉଳ ଅନୁରୂପ ଭାବେ ଆସିଛି। ଅନ୍ୟପକ୍ଷେ ବାଲୁଗାଁ ଏନଏସିର ୩,୦୩୬ କାର୍ଡଧାରୀଙ୍କ ପାଇଁ ୧୫୧୮ କୁଇଣ୍ଟାଲ, ବାଣପୁର ଏନଏସିର ୩,୦୭୮ କାର୍ଡଧାରୀଙ୍କ ପାଇଁ ୧୫୩୯ କୁଇଣ୍ଟାଲ, ବିଏମ୍‌ସିର ୧ଲକ୍ଷ ୪, ୮୧୪ କାର୍ଡଧାରୀଙ୍କ ପାଇଁ ୫୨, ୪୦୭ କୁଇଣ୍ଟାଲ, ଜଟଣୀ ମ୍ୟୁନିସିପାଲିଟିର ୯, ୫୩୫ କାର୍ଡଧାରୀଙ୍କ ପାଇଁ ୪, ୭୬୭ କୁଇଣ୍ଟାଲ ୫୦ କିଗ୍ରା, ଖୋର୍ଦ୍ଧା ମ୍ୟୁନିସିପାଲିଟିର ୭, ୪୫୮ କାର୍ଡଧାରୀଙ୍କ ପାଇଁ ୩, ୭୨୯ କୁଇଣ୍ଟାଲ, ବେଗୁନିଆର ୩୦, ୩୦୭ କାର୍ଡଧାରୀଙ୍କ ପାଇଁ ୧୫, ୧୫୩ କୁଇଣ୍ଟାଲ ୫୦ କିଗ୍ରା, ବୋଲଗଡର ୨୯, ୯୩୫ କାର୍ଡଧାରୀଙ୍କ ପାଇଁ ୧୪, ୯୬୭ କୁଇଣ୍ଟାଲ ୫୦ କିଗ୍ରା ଚାଉଳ ଆସିଛି। ଏହି କାର୍ଡ ପିଛା ହିତାଧିକାରୀଙ୍କୁ ୫୦ କିଗ୍ରା ଚାଉଳ ଯୋଗାଯାଉଛି। ତେବେ କାର୍ଡଧାରୀ ଚାଉଳ ପାଇବା ବେଳକୁ ଓଜନରେ ୩୦୦ରୁ ୪୦୦ ଗ୍ରାମ କମ୍ ଚାଉଳ ରହୁଥିବା ଅଭିଯୋଗ ହେଉଛି। ଅପରପକ୍ଷେ ଖୋର୍ଦ୍ଧା ଏସ୍‌ପି ଅଫିସ ସମ୍ମୁଖ ରାଜ୍ୟ ଯୋଗାଣ ନିଗମର ଡିପୋରେ ମଧ ଯାଞ୍ଚ କରାଯାଇଥିଲା। ଏଥିରେ ଏକ ନିର୍ଦ୍ଦିଷ୍ଟ ଲଟରେ ଚାଉଳ କମ ଥିବାର ଦେଖା ଯାଇଥିଲା। ବସ୍ତାରେ



ରିଲିଫ୍ ଚାଉଳ ଓଜନ କରାଯାଉଛି।

୫୦ କେଜି ୫୮୦ ଗ୍ରାମ ଚାଉଳ ରହିବାକୁ ସରକାରୀ ନିୟମ ରହିଛି। କିନ୍ତୁ ଗୋଟିଏ ବସ୍ତାରେ ୫୦ କେଜି ୩୫୦ ଥିବାବେଳେ ଅନ୍ୟ ବସ୍ତାରେ ୫୦ କିଗ୍ରା ୪୫୦ ଗ୍ରାମ ଥିଲା। ପ୍ରତି ବସ୍ତାରେ ଓଜନରେ କମ ଥିଲା। ଏହି ଚାଉଳ ପୂର୍ବରୁ ଗଚ୍ଛିତ ଥିଲା। ଗୁରୁବାର ଯେଉଁ ଚାଉଳ ବସ୍ତା ଡିପୋକୁ ଆସି ଡିଷ୍ଟ୍ରିବ୍ୟୁଟର ପଏଣ୍ଟକୁ ଯାଉଥିଲା ସେଥିରେ ଓଜନ ଠିକ୍ ଥିଲା। ପୁରୁଣା ଲଟରେ ଚାଉଳ ବସ୍ତାରୁ ଚାଉଳ କାଢ଼ି ଦିଆଯାଇଥିବା କେତେଜଣ ବ୍ୟକ୍ତି ନାମଗୋପନ ରଖି କହିଛନ୍ତି। ଏହି ପୁରୁଣାଚାଉଳ ଖୋର୍ଦ୍ଧା ସହରର ୨୨ଟି ୱାର୍ଡ ମଧ୍ୟରୁ ୯ଟି ୱାର୍ଡକୁ ଯାଇଥିଲା। ଖୋର୍ଦ୍ଧା ପରି ଜିଲାର ଜଟଣୀରେ ୨ଟି, ବେଗୁନିଆରେ, ବୋଲଗଡ, ମଞ୍ଚେଶ୍ୱର, ବାଲିଅନ୍ତା ଓ ଟାଙ୍ଗୀ ବ୍ଲକରେ ଗୋଟିଏ ଲେଖାଏ ୮ଟି ରାଜ୍ୟ ଯୋଗାଣ ନିଗମର ଗୋଦାମ ରହିଛି। ଯୋଗାଣ ବିଭାଗରୁ ବିଭିନ୍ନ ଡିଷ୍ଟ୍ରିବ୍ୟୁଟର ପଏଣ୍ଟକୁ ଚାଉଳ ଯାଉଛି। ସେହିପରି ଜିଲାର ବିଭିନ୍ନ ଡିଷ୍ଟ୍ରିବ୍ୟୁଟର ପଏଣ୍ଟରେ ୫୦ କିଗ୍ରା ଚାଉଳ ମାଗଣାରେ ଦିଆଯାଇଥିଲା। କିନ୍ତୁ ବସ୍ତା ପିଛା ୧୫ରୁ ୨୦ ଟଙ୍କା ଲେଖାଏ ଆଦାୟ କରାଯାଇଥିଲା। କେତେକ ସ୍ଥାନରେ ମାଗଣାରେ ବସ୍ତା ଦିଆଯାଇଥିଲା। ଯଦି ବସ୍ତା ପାଇଁ ଟଙ୍କା ଆଦାୟ ହେବାର ରହିଛି ସବୁ ଡିଷ୍ଟ୍ରିବ୍ୟୁଟର ପଏଣ୍ଟରେ ଆଦାୟ କରାଗଲା ନାହିଁ କାହିଁକି ବୋଲି କାର୍ଡଧାରୀମାନେ ପ୍ରଶ୍ନ ଉଠାଇଛନ୍ତି। ସେହିଭଳି ସରକାର ଚାଉଳ ମାଗଣାରେ ଦେଇ ବସ୍ତା ପିଛା ଟଙ୍କା ଆଦାୟ କରିବାକୁ କହି ନ ଥିବେ। ଏହିପରି ବିଭିନ୍ନ ପ୍ରଶ୍ନ ଲୋକଙ୍କ ମନରେ ଘାରୁଛି। ଏ ନେଇ ପ୍ରୋକ୍ୟୋରମେଣ୍ଟ ଅଫିସର ସୁଜାତା ନାୟକ କୁହନ୍ତି, ଯେଉଁ ଚାଉଳ ବସ୍ତାରେ କମ୍ ଓଜନ ବାହାରିବ ଆମେ ତାକୁ ବଦଳାଇ ଦେଇଥାଉ। ଷ୍ଟକ ଚାଉଳ ଯୋଗୁ ଓଜନ କମ ଥାଇପାରେ। ଆମେ ଓଜନ କରି ଟ୍ରକରେ ପଠାଉଛୁ। ଖୋର୍ଦ୍ଧାସ୍ଥିତ ରାଜ୍ୟ ଯୋଗାଣ ନିଗମରେ ଅନିୟମିତତା ହେବାର ପ୍ରଶ୍ନ ଉଠୁନାହିଁ। ଏଠାରୁ ୪ ଦିନ ହେଲା ଖୋର୍ଦ୍ଧା ସହରରର ୯ଟି ୱାର୍ଡକୁ ଚାଉଳ ଯାଉଛି। ପ୍ରଥମ ଦିବସରେ ୫୩୦ କୁଇଣ୍ଟାଲ ୫୦ କିଗ୍ରା, ୨ୟ ଦିବସରେ ୭୭୦ କୁଇଣ୍ଟାଲ, ତୃତୀୟ ଦିବସରେ ୯୭୧ କୁଇଣ୍ଟାଲ ୫୦ କିଗ୍ରା ଚାଉଳ ଯାଇଛି। ଗୁରୁବାର ୪୨୫ କଇଣ୍ଟାଲ ଚାଉଳ ଯାଇଛି। ଆଉ ଯିବାର ଅଛି । ଜିଲାପାଳ ଭୂପିନ୍ଦର ସିଂ ପୁନିଆ କୁହନ୍ତି, ୫୦ କିଗ୍ରା ଚାଉଳ ବସ୍ତା ମାଗଣାରେ ଦିଆଯାଉଛି। ଯଦି କେହି ଟଙ୍କା ଆଦାୟ କରୁଥିବାର ଅଭିଯୋଗ ଆସେ ତାହାର ତଦନ୍ତ କରାଯିବ।

### ବୋଲଗଡ଼ରେ ରିଲିଫ୍ ବଣ୍ଟନ ଆରମ୍ଭ

**ବୋଲଗଡ଼,୯।୫(ଡି.ଏନ.ଏ.)**

ଫନୀ ଯୋଗୁ ବୋଲଗଡ଼ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଦ୍ୟୁତ୍ ବ୍ୟବସ୍ଥା, ଟେଲି ଯୋଗାଯୋଗ, ପାନୀୟ ଜଳ, ଯୋଗାଣ ଓ ରାସ୍ତାଘାଟ ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଛି। ବାତ୍ୟାରେ ଅନେକ ଘର ଓ ଗଛ ଭାଙ୍ଗିଯାଇଛି। ତେବେ ଗୁରୁବାର ବ୍ଲକ ଅଞ୍ଚଳରେ ରାଶନ କାର୍ଡ ହିତାଧିକାରୀଙ୍କ ପାଇଁ ପଞ୍ଚାୟତ କାର୍ଯ୍ୟାଳୟଗୁଡିକରେ ରିଲିଫ୍ ବଣ୍ଟନ ଆରମ୍ଭ ହୋଇଛି। ପରିବାର ପିଛା ୫୦କିଲୋ ଚାଉଳ, ପଲିଥିନ ବାବଦକୁ ୫ଶହ ଟଙ୍କା ଏବଂ ୨ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିବା ବୋଲଗଡ଼ ବିଡିଓ ମଧୁସୂଦନ ବେହେରା ସୂଚନା ଦେଇଛନ୍ତି। ସମସ୍ତ ରାଶନ କାର୍ଡଧାରୀ ପରିବାରଗୁଡିକୁ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି।

### ମିଳୁନି ପଲିଥିନ୍

**ଖୋର୍ଦ୍ଧା ଅଫିସ,୯।୫**

ବାତ୍ୟାର ୭ ଦିନ ବିତିଯିବାକୁ ବସିଥିବାବେଳେ ବିପନ୍ନ ପଲିଥିନ୍ ପାଉ ନ ଥିବା ଅଭିଯୋଗ ହେଉଛି। ଏଭଳିସ୍ଥଳେ ବିପନ୍ନ ଭଙ୍ଗା ଘରେ କାଳାତିପାତ କରୁଛନ୍ତି। ସରକାର ବିପନ୍ନଙ୍କ ଉଦ୍ଦେଶ୍ୟରେ ପଲିଥିନ୍ ଯୋଗାଇ ଥିଲେ ହେଁ ପ୍ରଶାସନ ପକ୍ଷରୁ ବଣ୍ଟନରେ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବାତ୍ୟାର ଆଉ କେତେଦିନ ପରେ ପଲିଥିନ୍ ବଣ୍ଟନ କରାଯିବ ବୋଲି ପ୍ରଶ୍ନ କରାଯାଇଛି।



ନରଣଗଡ଼ ରଥ ଖଳା ଛପର ଉଡ଼ିଯାଇଛି।



ମକୁନ୍ଦପ୍ରସାଦରେ ବିଦ୍ୟୁତ୍ ମରାମତି କାମ ଚାଲିଛି।



ଶ୍ରୀରାମନଗରରେ ଜଣେ ଶ୍ରମିକ ଖୁଣ୍ଟରେ ଚଢ଼ି ମରାମତି କାମ କରୁଛନ୍ତି।



ନରଣଗଡ଼ରେ ଥିବା ପଣ୍ୟାଗାରର ଟିଣ ଉଡ଼ିଯାଇଛି।

## ଜୋର ଜବରଦସ୍ତି କାମ କରାଇଲେ

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଶ୍ରମିକ ଆହତ

**ଖୋର୍ଦ୍ଧା ଅଫିସ,୯।୫**

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଖୋର୍ଦ୍ଧା ପଲ୍ଲା ଶ୍ମଶାନ ନିକଟସ୍ଥ ଟ୍ରାନ୍ସଫର୍ମର ନିକଟରେ ୨ ଶ୍ରମିକ ଗୁରୁବାର ଆହତ ହୋଇଛନ୍ତି। ସେମାନଙ୍କୁ ଜୋର ଜବରଦସ୍ତି ମରାମତି କାମ କରାଇବାକୁ ଖୁଣ୍ଟରେ ଚଢାଇବାରୁ ଏଭଳି ଦୁର୍ଘଟଣା ଘଟିଥିଲା। ଆହତ ଶ୍ରମିକଙ୍କ ଘର ଝାଡଖଣ୍ଡ ଅଞ୍ଚଳରେ ବୋଲି ଜଣାପଡିଛି। ଆହତ ଦ୍ୱୟଙ୍କ ମଧ୍ୟରୁ ଘନ ସର୍ଦ୍ଦାର(୨୩)ଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ବାତ୍ୟା ଫନୀରେ ଖୋର୍ଦ୍ଧା ସହରର ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସାଙ୍ଗକୁ ଉପୁଡି ପଡିବାରୁ ସେବା ବ୍ୟାହତ ହୋଇଛି। ଏବେ ବିଦ୍ୟୁତ୍ ମରାମତି କାର୍ଯ୍ୟ ଚାଲୁ ରହିଛି। ପାନବରଜ ଗାଁକୁ ପଡିଥିବା ରାସ୍ତାର ଲୋକେଶ୍ୱର ମନ୍ଦିର ନିକଟରେ ଗୁରୁବାର ବିଦ୍ୟୁତ୍ ଖୁଣ୍ଟ ପୋତା ଯାଇଥିଲା। କେତେଜଣ ଯୁବକ ଆସି ପଲ୍ଲା ଲାଇନ ମରାମତି କରିବାକୁ ଦୁଇ ଶ୍ରମିକଙ୍କୁ ଡାକିଥିଲେ। ସେମାନେ ଅରାଜି ସତ୍ତ୍ୱେ ଉଭୟଙ୍କୁ ପଲ୍ଲା ଶ୍ମଶାନ ନିକଟସ୍ଥ ଟ୍ରାନ୍ସଫର୍ମରରେ ଚଢ଼ାଇ ମରାମତି କରିବାକୁ ବାଧ କରିଥିଲେ। ବିଦ୍ୟୁତ୍ ଲାଇନ ଥିବାରୁ କାମ କରିବେ ନାହିଁ ମନା କରିବା ପରେ ଉଭୟ ଶ୍ରମିକଙ୍କ ମରାମତି କାର୍ଯ୍ୟ କରିବାକୁ ଜୋର ଜବରଦସ୍ତ କରାଯାଇଥିଲା। ଗାଁରେ ଲାଇନ୍ ନ ଥିବାରୁ କିଛି ଅସୁବିଧା ହେବନି ବୋଲି କୁହାଯାଇଥିଲା। ପରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଉଭୟେ ଆହତ ହୋଇଥିଲେ। ଆହତ ଦ୍ୱୟଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

### ପୂର୍ବତନ କାଉନସିଲର ବାଣ୍ଟୁଛନ୍ତି ରିଲିଫ ସାମଗ୍ରୀ

**ଖୋର୍ଦ୍ଧା ଅଫିସ,୯।୫**

ଖୋର୍ଦ୍ଧା ସହରରେ ସ୍ଥାନୀୟ ମ୍ୟୁନିସିପାଲିଟିର ପୂର୍ବତନ କାଉନସିଲରମାନେ ବିପନ୍ନ ପରିବାରକୁ ବାଣ୍ଟୁଛନ୍ତି ରିଲିଫ୍ ସାମଗ୍ରୀ। ଦଳୀୟ କାଉନସିଲରମାନେ ରିଲିଫ ଉପକରଣ ବାଣ୍ଟୁଥିବାରୁ ନିଜ ସମର୍ଥକ ଓ କର୍ମୀଙ୍କୁ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହେଉଛି। ଅପରପକ୍ଷେ ପୂର୍ବତନ କାଉନସିଲରମାନଙ୍କ ତଥ୍ୟକୁ ଆଧାର କରି ସର୍ଭେ କରାଯାଇଥିବା ଅଭିଯୋଗ ରହିଛି। ଜିଲା ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ପଲିଥିନ ବଣ୍ଟନରେ ପ୍ରଥମରୁ କେଁ

# କ୍ଷତିଗ୍ରସ୍ତଙ୍କ ନାଁ ନ ଥିବାରୁ ଅସନ୍ତୋଷ

**ଜଟଣୀ,୯।୫(ଡି.ଏନ୍.ଏ.)**

ବାତ୍ୟା 'ଫନୀ' ପ୍ରଭାବରେ ଘର ଛପର, ଆଜବେଷ୍ଟସ ନଷ୍ଟ ହୋଇଥିବା କ୍ଷତିଗ୍ରସ୍ତଙ୍କୁ ପଲିଥିନ ବଣ୍ଟନରେ ଆରମ୍ଭରୁ କେଁ ଦେଖାଦେଇଛି। ଜଟଣୀ ସହର ଓ ଗ୍ରାମାଞ୍ଚଳରେ ଅଧିକ ସଂଖ୍ୟାରେ ଚାଳ ଓ ଆଜବେଷ୍ଟସ ଘର ନଷ୍ଟ ହୋଇଛି। ଫଳରେ ବହୁ ବିପନ୍ନ ପରିବାର ପିଲାଛୁଆଙ୍କୁ ଧରି ଖୋଲା ଆକାଶ ତଳେ ପଡି ରହିଛନ୍ତି। ଗୋଟିଏ ପକ୍ଷରେ ଦାୟିତ୍ୱରେ ଥିବା ବିଭାଗର ସର୍ଭେରେ ବିଳମ୍ବ ଯୋଗୁ ପ୍ରଥମେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସର୍ଭେ ପରେ ଅନେକ କ୍ଷତିଗ୍ରସ୍ତଙ୍କ ନାମ ନ ଥିବାରୁ ପଲିଥିନ ପାଇବାରୁ ସେମାନେ ବଞ୍ଚିତ ହୋଇଛନ୍ତି। ତହସିଲ ଅଫିସ ଆସି ଗୁହାରି କଲେ ମଧ କେହି ସେମାନଙ୍କ କଥା ଶୁଣୁନାହାନ୍ତି। ଫଳରେ ବହୁ କ୍ଷତିଗ୍ରସ୍ତ ମହିଳାପୁରୁଷ ପାଟିତୁଣ୍ଡ କରି ଫେରୁଛନ୍ତି। ଏପରି କ୍ଷତିଗ୍ରସ୍ତ ହୋଇଥିବା ମ୍ୟୁନିସିପାଲିଟି ୫ନଂ. ୱାର୍ଡର ଜିତେନ୍ଦ୍ର ସାହୁ, ୨୨ ନଂ.ର କେତେକୀ ବେହେରା, ୧୩ ନଂ. ୱାର୍ଡର ସରୋଜ ପଟ୍ଟନାୟକ ୨୩ ନଂ. ୱାର୍ଡର ବନଲତା ରାଉତରାୟଙ୍କ ପରି ଅନେକ ଘର ଉପରୁ ଚାଳଛପର ଉଡି ଯାଇଥିବା ଲୋକଙ୍କ ନାମ ନ ଥିବାରୁ ପଲିଥିନ ପାଇବାରୁ ବଞ୍ଚିତ ହୋଇ ତହସିଲ ଅଫିସରୁ ନିରାଶ ହୋଇ ଫେରୁଛନ୍ତି। ଗ୍ରାମାଞ୍ଚଳରେ ମଧ ସାମନ ଅବସ୍ଥା। ଅନେକ ଗ୍ରାମକୁ ପଲିଥିନ ପହଞ୍ଚି ପାରିନାହିଁ। ଏବେବି ଅନେକ ଖୋଲା ଆକାଶ ତଳେ ପଡି ରହିଛନ୍ତି। ପୌରାଞ୍ଚଳର ଚାରିଆଡେ ବିକ୍ଷିପ୍ତ ଭାବେ ପଡି ରହିଥିବା ଅଳିଆ ଆବର୍ଜନା ଉଠାଇବା କାର୍ଯ୍ୟ ମ୍ୟୁନିସିପାଲିଟି ପକ୍ଷରୁ ଆରମ୍ଭ ହୋଇଛି। ଯେଉଁ ପରିମାଣରେ ଚାରିଆଡେ ଆବର୍ଜନା ପଡି ରହିଛି ତାହାକୁ ଉଠାଇବାକୁ ଅଧିକ କର୍ମଚାରୀ ସହ ତତ୍ପରତା ପ୍ରକାଶ ଉପରେ ଗୁରୁତ୍ୱ ଦେବାକୁ ଦାବି ହେଉଛି। ସେହିପରି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ପଡି ରହିଥିବା ଗଛକଟା ଜାରି ରହିଛି। ଜିଲାପାଳ ଭୂପିନ୍ଦର ସିଂ ପୁନିଆ ଗୁରୁବାର ମ୍ୟୁନିସିପାଲିଟି, ବ୍ଲକ ଓ ତହସିଲ କାର୍ଯ୍ୟାଳୟ ବୁଲି କାମର ତଦାରଖ କରିବା ସହ ବିଭିନ୍ନ ପରାମର୍ଶ କର୍ମଚାରୀମାନଙ୍କୁ ଦେଇଥିଲେ।

## ବାଙ୍କୋଇଗଡ଼ ରଘୁନାଥଙ୍କ ପୀଠରେ ରାମଲୀଳା ଉଦ୍‌ଯାପିତ

# ରାବଣ ବଧ, ରାଜ୍ୟାଭିଷେକ ଦୃଶ୍ୟରେ ବିଭୋର ଦର୍ଶକ

**ବୋଲଗଡ଼,୯।୫(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇଗଡ଼ସ୍ଥିତ ଶ୍ରୀ ଶ୍ରୀ ରଘୁନାଥଙ୍କ ପୀଠରେ କବି ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ରାମଲୀଳା ଯାତ୍ରା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀରାମ ନବମୀଠାରୁ ଭକ୍ତି, ଆମୋଦ, ନୈତିକ ମୂଲ୍ୟବୋଧ, ଭ୍ରାତୃତ୍ୱର ବାର୍ତ୍ତା ବହନ କରି ସ୍ଥାନୀୟ ଗଡସାହି ପକ୍ଷରୁ ଏହି ଉତ୍ସବ ଅନୁଷ୍ଠିତ ହେଉଥିଲା। ଉଦ୍‌ଯାପନୀ ଦିବସରେ ରାବଣ ବଧ ପରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଦୃଶ୍ୟ ଦର୍ଶକଙ୍କୁ ବିଭୋର କରିଥିଲା । ରାମଲୀଳା ରଚୟିତା କବି ଅନଙ୍ଗ ନରେନ୍ଦ୍ର ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କୋଇ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ କେଉଁଠି ରାମଲୀଳା ଯାତ୍ରା ଅନୁଷ୍ଠିତ ହେଉଛି ତ ଅନ୍ୟ କେଉଁଠି କବିଙ୍କ ରଚିତ ରାମଲୀଳା ପୋଥି ଗାନ କରାଯାଉଛି । ତେବେ ଗଡସାହିସ୍ଥିତ ଶ୍ରୀ ରଘୁନାଥଙ୍କ ପୀଠ ପରିସର ରାମଲୀଳା ଯାତ୍ରାସ୍ଥଳୀଠାରେ ଡାଳ ଛାମୁଡିଆ ନିର୍ମାଣ କରାଯାଇଥିଲା। ଠାକୁରଙ୍କ ଆଳତି ପରେ ରାମଲୀଳାରେ ବର୍ଣ୍ଣିତ ବିଷୟ ବସ୍ତୁଗୁଡିକ ନାଟକ ମାଧ୍ୟମରେ ପରିବେଷିତ ହୋଇଥିଲା। ଗାୟକ ରାମଲୀଳା ପୋଥି ଗାନ କଲାବେଳେ ପାଳିଆମାନେ ପାଳି ଧରିଥିଲେ। ଭଣତି ଛାନ୍ଦଗୁଡିକୁ ବିଭିନ୍ନ ସ୍ୱର, ତାଳ, ଛନ୍ଦ ଓ ରସରେ ଗାନ କଲାବେଳେ ପାରମ୍ପରିକ ବାଦ୍ୟ, ପଖାଉଜ, ଗିନି, ତାଳ ଆଦି ବାଦ୍ୟଯନ୍ତ୍ର ବ୍ୟବହାର କରାଯାଇଥିଲା। କଳାକାରମାନେ ବାଦ୍ୟର ତାଳେ ତାଳେ ନୃତ୍ୟ ପରିବେଷଣ ସହ ନିଜର ସଂଳାପଗୁଡିକୁ ନାଟକୀୟ ଢଙ୍ଗରେ ପରିବେଷଣ କରିଥିଲେ। ଚରିତ୍ର ଅନୁସାରେ ହନୁମାନ, ଅଙ୍ଗଦ, ସୁଗ୍ରୀବ, ଜାମ୍ବବାନ, ରାକ୍ଷସ, ବାନର ବେଶ ଧାରଣ କରିଥିବା କଳାକାରଙ୍କ କାଷ୍ଠମୁଖା ଦର୍ଶକଙ୍କ ପାଇଁ ସ୍ୱତନ୍ତ୍ର ଆକର୍ଷଣ ଥିଲା।

### କାଷ୍ଠମୁଖା ସାଜିଲା ସ୍ୱତନ୍ତ୍ର ଆକର୍ଷଣ



ରାମାଭିଷେକ ସମୟରେ ଜଣେ ଶ୍ରଦ୍ଧାଳୁ ମା' ସୀତାଙ୍କ ଚରଣ ବନ୍ଦନା କରୁଛନ୍ତି।

## ଘରଭଙ୍ଗା ତଦନ୍ତକୁ ନେଇ ଉଠିଲା ପ୍ରଶ୍ନ

# ଗ୍ରାମାଞ୍ଚଳ ପୁନରୁଦ୍ଧାର କାର୍ଯ୍ୟକୁ ଅଣଦେଖା

**ଖୋର୍ଦ୍ଧା ଅଫିସ,୯।୫**

ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ଖୋର୍ଦ୍ଧା ଜିଲାରେ ଘରଭଙ୍ଗା ତଦନ୍ତ ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ହୋଇଛି। ଆରଆଇମାନେ କ୍ଷତିଗ୍ରସ୍ତ ସ୍ଥାନକୁ ନ ଯାଇ ବିପନ୍ନମାନଙ୍କୁ ନ ଭେଟି ମନଇଚ୍ଛା ରିପୋର୍ଟ ପ୍ରସ୍ତୁତ କରୁଥିବା ଅଭିଯୋଗ ରହିଛି। ଏପରି ହେବା ଦ୍ୱାରା ଯୋଗ୍ୟ ହିତାଧିକାରୀ ବାଦ୍ ପଡିଯାଉଛନ୍ତି। ସେହିଭଳି ସହରକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଗ୍ରାମାଞ୍ଚଳକୁ ପୁନରୁଦ୍ଧାର କାର୍ଯ୍ୟକୁ ଅଣଦେଖା କରାଯାଉଥିବା ଅଭିଯୋଗ ରହିଛି। ଏଭଳିସ୍ଥଳେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ନ ଥିବାବେଳେ ତାତି ଯୋଗୁ ସାଧାରଣ ଲୋକଙ୍କ ଜୀବନ ଛଟପଟ ହେଉଛି। ପୁଣି ପାନୀୟ ଜଳ ସମସ୍ୟା ଅନୁରୂପ ଭାବେ ସମସ୍ୟା ସୃଷ୍ଟି କରି ଚାଲିଛି।

ଗତ ୩ ତାରିଖରେ ସାମୁଦ୍ରିକ ଝଡ ଫନୀ ଖୋର୍ଦ୍ଧା ଜିଲାରେ ୭ ଘଣ୍ଟା ଧରି ତାଣ୍ଡବ ରଚିଥିଲା। ଏଥିରେ ଖୋର୍ଦ୍ଧାର ସହରାଞ୍ଚଳ, ଗ୍ରାମାଞ୍ଚଳ ପ୍ରଭାବିତ ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ତେବେ ସହରାଞ୍ଚଳ ସମସ୍ୟା ଆଗରେ ଗ୍ରାମାଞ୍ଚଳ ସମସ୍ୟା ଲୁଚିଗଲା ବୋଲି ଅଭିଯୋଗ ଉଠିଲାଣି। ସହରାଞ୍ଚଳକୁ ପ୍ରାଧାନ୍ୟ ଦେବା ଠିକ୍, ତେବେ ଗ୍ରାମାଞ୍ଚଳକୁ ଅଣଦେଖା କରିବା ଦୁଃଖଦ ବୋଲି କୁହାଯାଇଛି । ଖୋର୍ଦ୍ଧା ବ୍ଲକର ନରଣଗଡ, ନରଣଗଡ ଭୋଇସାହି, ଓରବରସିଂ, ତାପଙ୍ଗ, ବ୍ରଜମୋହନପୁର, ଗୋଡିପଡା, ଟାଙ୍ଗିଆପଡା, ଗୋଳବାଇ, ଜଙ୍କିଆ ଟାଙ୍ଗୀର ଡିଆ, ଜଟଣୀର ପଲାଶପୁର, ଅଙ୍ଗାରପଡା, ତରାବୋଇ, ତିରିମଲ୍ଲ, ହରିଡାମଡା, କସପଦା, ଅରଗୁଳ, କୁସୁମାଟି ଛଣଘର, ନୂଆଗାଁ, ଭିଁପୁର, ପଦନପୁର, ବଡତୋଟା, ବେଗୁନିଆ ଅଞ୍ଚଳ ବ୍ୟାପକ କ୍ଷୟକ୍ଷତି ହୋଇଛି। ସେହିପରି ଜିଲାର ବିଭିନ୍ନ ଗାଁ ମଧ ଅନୁରୂପ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏଯାବତ ଗାଁ ରାସ୍ତାରେ ପଡି ରହିଛି ଗଛ ଓ ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ। ଏଠାକୁ ଓଡ୍ରାଫ କି ଅଗ୍ନିଶମ ବିଭାଗର ଟିମ୍ ଯାଇ ପହଞ୍ଚି ନାହାନ୍ତି। ଏଯାବତ୍ ବିଦ୍ୟୁତ୍ ବିଭାଗ ଟିମ୍‌ର ପାଦ ପଡିନି। ଗାଁରେ ପାନୀୟ ଜଳ ସମସ୍ୟା ଦେଖା ଦେଇଥିଲେ ମଧ ଏହାକୁ ଅଣଦେଖା କରାଯାଉଛି। ଗାଁରେ ୭ ଦିନ ଧରି ବିଦ୍ୟୁତ୍ ନ ଥିବାରୁ ଅନ୍ଧାରରେ ଲୋକେ ରହିଛନ୍ତି। ହାଡପଦା ଗାଁ ଭୋଇସାହିର ସୁଲୋଚନା ଭୋଇ କୁହନ୍ତି, ବାତ୍ୟାରେ ମୋ ଆଜବେଷ୍ଟସ ଘର ଭାଙ୍ଗିଗଲା। ହେଲେ ଏଯାବତ କେହି ତଦନ୍ତ କରିବାକୁ ଆସିଲେ ନାହିଁ। ଭଙ୍ଗା ଘର ଉପରେ ପଲିଥିନଟିଏ ପକାଇବାକୁ ମିଳିଲା ନାହିଁ। ସରକାରୀ ସହାୟତା ଶୂନ। ରିଲିଫ୍ ମିଳିନି। ଦେଖାଯାଉ ଗ୍ରାମାଞ୍ଚଳ ବିପନ୍ନଙ୍କ ଉପରେ ପ୍ରଶାସନ ଓ ସରକାରଙ୍କ କେବେ ନଜର ପଡୁଛି। ତରାବୋଇର ଦ୍ୱିଜ ଭୋଇ ଓ ରାଜ ଭୋଇ କୁହନ୍ତି, ଗାଁ ରାସ୍ତା, ଦାଣ୍ଡରୁ ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ ଓ ଭଙ୍ଗାଗଛ ବାତ୍ୟାର ୭ ଦିନ ପରେ ବି ହଟୁନି। ରିଲିଫ୍ ଓ ସରକାରୀ ସହାୟତା ସ୍ୱପ୍ନ। ଗାଁରେ ଘରଭଙ୍ଗା ତଦନ୍ତ ଟିମ୍ ପହଞ୍ଚି ନାହିଁ। ଗାଁଲୋକଙ୍କର କ୍ଷୟକ୍ଷତି ଉପେକ୍ଷିତ ହୋଇ ରହିଯାଇଛି। ଏଭଳିସ୍ଥଳେ ଅସହ୍ୟ ଗରମ ଓ ପାନୀୟ ଜଳ ସମସ୍ୟାରେ ଗାଁ ଲୋକ ଆଉଟପାଉଟ ହେଉଛନ୍ତି।

**ମିଳୁନି ତାତିରୁ ତ୍ରାହି**



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନାଁ କାହିଁକି, ତୁମେ ଅପରକୁ କୌଣସି ପ୍ରକାର ଆଘାତ ଦିଅନାହିଁ

- ଗୌତମବୁଦ୍ଧ



## ସଂକ୍ଷେପରେ

### ବିଡିଓଙ୍କ ଦ୍ୱାରସ୍ଥ ୧୧ ଗାଁ ବାସିନ୍ଦା

ବ୍ରହ୍ମଗିରି, ୯।୫(ଡି.ଏନ୍.ଏ.): ବାତ୍ୟାର ଏକ ସପ୍ତାହ ପରେ ବି ବିପନ୍ନଙ୍କୁ ମିଳିନି ରନ୍ଧା ଖାଦ୍ୟ। ଫଳରେ ବ୍ରହ୍ମଗିରି ବ୍ଲକର କୁଶୁବେଣ୍ଟି ଗ୍ରାମ ପଞ୍ଚାୟତର ୧୧ ଟି ଗାଁର ଶତାଧିକ ବିପନ୍ନ ଗୁରୁବାର ବ୍ରହ୍ମଗିରି ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୁଶୁବେଣ୍ଟି ପଞ୍ଚାୟତର ହରିଦାସ, ବୁଢାକେରା, ଜଗନ୍ନାଥପୁର ହରିଜନ ସାହି, ଜଗଦଳ ଆଦି ୧୧ ଟି ଗ୍ରାମର ଶତାଧିକ ବିପନ୍ନ ମାନେଆସି ବିଡିଓଙ୍କ ନିକଟରେ ରନ୍ଧା ପାଇ ନ ଥିବା ଅଭିଯୋଗ କରିଥିଲେ।

### ବାତ୍ୟାର ୭ଦିନ ବିତିଲା ମିଳିନି ରିଲିଫ

ନିମାପଡ଼ା,୯।୫(ଡି.ଏନ୍.ଏ.): ବାତ୍ୟା ଫନୀ ସମଗ୍ର ନିମାପଡ଼ା ବ୍ଲକ ଓ ଏନ୍ଏଏସି ଅଞ୍ଚଳକୁ ଛାରଖାର କରିଦେଇଛି। ନିମାପଡ଼ାର ୪୦ହଜାର ପରିବାରର ୨ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବିପନ୍ନ ହୋଇପଡିଛନ୍ତି। ବାତ୍ୟାକୁ ଏବେ ସପ୍ତାହେ ବିତିଯାଇଥିଲେ ମଧ କେତେକ ଅଞ୍ଚଳକୁ ବର୍ତ୍ତମାନ ସୁଦ୍ଧା ରିଲିଫ ସାମଗ୍ରୀ ମିଳି ନ ଥିବା ଅଭିଯୋଗ ହୋଇଛି। ନିମାପଡ଼ା ମହିଳା ମହାବିଦ୍ୟାଳୟଠାରେ ଆଶ୍ରୟ ନେଇଥିବା ସ୍ଥାନୀୟ ଦିପରେଣ୍ଟା ଗ୍ରାମର ବୃଦ୍ଧା ପାର୍ବତୀ ବରାଳ ଓ ଗୌରୀ ବରାଳଙ୍କ ପାଖରେ ଚୁଡା, ଗୁଡ କିମ୍ବା କୌଣସି ରନ୍ଧା ଖାଦ୍ୟ ପହଞ୍ଚି ନଥିବା ଉଭୟେ କହିଛନ୍ତି। ବୁଧବାର ଓ ଗୁରୁବାର ସୁଦ୍ଧା ନିମାପଡ଼ାର ୨୦ଟି ପଞ୍ଚାୟତକୁ ରିଲିଫ ଯୋଗାଇ ଦିଆଯାଇଥିବା ବେଳେ ଅବଶିଷ୍ଟ ୧୨ଟି ପଞ୍ଚାୟତକୁ ଶୁକ୍ରବାର ରାତିସୁଦ୍ଧା ରିଲିଫ ଚାଉଳ ଯୋଗାଇବା ସହ ଶନିବାର ତାହା ବଣ୍ଟାଯିବ ବୋଲି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି। ଆସନ୍ତା ଦୁଇଦିନ ମଧରେ ସବୁ ଅଞ୍ଚଳର ବିପନ୍ନଙ୍କୁ ୨ହଜାର ଲେଖାଏ ଟଙ୍କା ଦିଆଯିବ।

### ରିଲିଫ୍ ପାଇଁ ଜିଲାପାଳଙ୍କୁ ଗୁହାରି

ପୁରୀ ଅଫିସ, ୯।୫:ବାତ୍ୟା ଭାଙ୍ଗିଦେଇଛି ଘର। ମୁଣ୍ଡ ଗୁଞ୍ଜିବାକୁ ରାହା ନାହିଁ। ବାତ୍ୟାକୁ ୭ ଦିନ ହେଲାଣି, ହେଲେ ଏପର୍ଯ୍ୟନ୍ତ ରିଲିଫ୍ ପହଞ୍ଚିନାହିଁ। ଏହି ସମସ୍ୟାକୁ ନେଇ ଅନେକ ଅଞ୍ଚଳର ଲୋକେ ଜିଲାପାଳଙ୍କୁ ଗୁହାରି ଜଣାଇଛନ୍ତି। ଗୁରୁବାର ରାମଚଣ୍ଡୀସାହି ବାଲି ଉପରବସ୍ତିର ଅନେକ ମହିଳା ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ରିଲିଫ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଷ୍ଟେଶନ ରୋଡ୍ ଟେଲିଫୋନ ଏକ୍ସଚେଞ୍ଜ ନିକଟ ବସ୍ତିରେ ରହୁଥିବା ସଞ୍ଜୁବାଳା ସ୍ୱାଇଁ ଲିଖିତ ଭାବେ ଜଣାଇଛନ୍ତି ଯେ, ବାତ୍ୟାରେ ତାଙ୍କର ଆଜବେଷ୍ଟସ୍ ଘର ଭାଙ୍ଗିଯାଇଛି। ଦୁଇ ଝିଅଙ୍କୁ ନେଇ ଚଳିବା ତାଙ୍କ ପକ୍ଷେ ଏବେ କଷ୍ଟକର ହୋଇପଡିଛି। ୬ ଦିନ ହୋଇଯାଇଥିଲେ ବି ଏ ପର୍ଯ୍ୟନ୍ତ ତାଙ୍କୁ କୌଣସି ସାହାଯ୍ୟ ମିଳିନାହିଁ। କେବଳ ସଞ୍ଜୁବାଳା ଏକା ନୁହନ୍ତି, ବସ୍ତିର ଅନେକ ମହିଳା ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଭାବେ ସେମାନଙ୍କ ଅଭାବ ଅସୁବିଧା ଜଣାଇଛନ୍ତି। ତୁରନ୍ତ ପ୍ରଶାସନିକ ଅଧିକାରୀ ତାଙ୍କ ଅଞ୍ଚଳରେ ପହଞ୍ଚି ବାତ୍ୟାଜନିତ କ'ଣ କ୍ଷତି ଘଟିଛି ତାହା ଦେଖି ରିଲିଫ୍ ପ୍ରଦାନ ଲାଗି ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି।

# ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କର୍ମଚାରୀଙ୍କ ଛୁଟି ବାତିଲ

ପୁରୀ ଅଫିସ, ୯।୫:

ପୁରୀ ଜିଲାର ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ସହାୟତା କାର୍ଯ୍ୟ ଚାଲୁ ରହିଛି। ରିଲିଫ୍ କାର୍ଯ୍ୟରେ ସହାୟତା କରିବା ଲାଗି ସମସ୍ତ ସରକାରୀ କର୍ମଚାରୀଙ୍କୁ ଜିଲାପାଳ ବଲୱନ୍ତ ସିଂ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଦେଇଛନ୍ତି। ସହାୟତା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିଗ୍ରସ୍ତ ପରିବାର(ରାଶନ କାର୍ଡଧାରୀ)ଙ୍କୁ ୫୦ କେଜି ଚାଉଳ ଯୋଗାଇ ଦିଆଯାଉଛି। ଖୁବ୍‌ଶୀଘ୍ର କ୍ଷତିଗ୍ରସ୍ତ ପରିବାରଙ୍କୁ ୨ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯିବ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ପ୍ରତ୍ୟେକ ପରିବାରକୁ ୨.୫ ଲିଟର କିରୋସିନ ମିଳିବ। ଜିଲାର ବାତ୍ୟା କ୍ଷତିଗ୍ରସ୍ତ ସମସ୍ତ ବ୍ଲକ ଓ ପୁରୀ ପୌରାଞ୍ଚଳରେ କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। ଆଶ୍ରୟସ୍ଥଳରେ ମାଗଣା ରନ୍ଧାଖାଦ୍ୟ ଦିଆଯାଉଛି। କ୍ଷତିଗ୍ରସ୍ତ ଅଞ୍ଚଳରେ ବଣ୍ଟନ ପାଇଁ ଚାଉଳ, ଚୁଡ଼ା, ଗୁଡ଼, ଶୁଖିଲା ଖାଦ୍ୟ, ଲୁଣ, ଓଆରଏସ୍ ପ୍ୟାକେଟ ଦିଆଯାଇଛି। ପାନୀୟ ଜଳ ଯୋଗାଣ ଏବଂ ସବୁ ବ୍ଲକରେ ଅଧିକ ଜେନେରେଟର ରଖିବାକୁ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ସହାୟତା କାର୍ଯ୍ୟ ସମ୍ପର୍କରେ ଜିଲାପାଳ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଗୋପ ବ୍ଲକର ୩ଟି ପଞ୍ଚାୟତ, କଣାସ ବ୍ଲକର ୫ଟି ପଞ୍ଚାୟତ, ସତ୍ୟବାଦୀ ବ୍ଲକର ୫ଟି ପଞ୍ଚାୟତ ଓ ପିପିଲି ବ୍ଲକର ୨ଟି ପଞ୍ଚାୟତର ରାସ୍ତା ମରାମତି ଓ ସଂଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଜିଲାରେ ୬୨ଟି ମେଡିକାଲ ରିଲିଫ୍ ସେଣ୍ଟର ଓ ୫୬ଟି ଆମ୍ବୁଲାନ୍ସ କାର୍ଯ୍ୟ କରୁଛି। ଜିଲାରେ ୨୨ଟି ମୋବାଇଲ ଟିମ୍ କାର୍ଯ୍ୟ କରୁଥିବା ବେଳେ ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଔଷଧ ରଖାଯାଇଛି। ୨୬୮ଟି ଆଶ୍ରୟସ୍ଥଳକୁ ଔଷଧ ଯୋଗାଇ ଦିଆଯାଇଛି। ସ୍ୱାସ୍ଥ୍ୟସେବା କାର୍ଯ୍ୟରେ ଅନ୍ୟ ଜିଲାରୁ ୨୨ ଡାକ୍ତରଙ୍କୁ ଆଣି ଏଠାରେ ନିୟୋଜନ କରାଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ଝାଡ଼ାବାନ୍ତି ରୋକିବାକୁ ପଦକ୍ଷେପ ନିଆଯାଉଛି। ଜିଲାରେ ୫,୦୪,୩୨୦ ଓଆରଏସ୍ ପ୍ୟାକେଟ ଏବଂ ୫,୮୧,୦୦୦ ହାଲୋଜେନ ଟାବ୍‌ଲେଟ୍ ବଣ୍ଟନ କରାଯାଇଛି। ୪୦୦୦ ଖୋଲା କୂଅର ପାଣି ବିଶୋଧନ କରାଯାଇଛି। ପୁରୀ ସଦର ମୁଖ୍ୟ ଚିକିତ୍ସାଳୟର ପୁନରୁଦ୍ଧାର କାମ ଆଂଶିକ ଭାବେ ଶେଷ ହୋଇଛି ଏବଂ କାର୍ଯ୍ୟ ଚାଲୁରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୦୦ କେଭି ଡିଜି ସେଟ୍ ରଖାଯାଇ ବିଦ୍ୟୁତ୍ ଯୋଗାଣ କରାଯାଉଛି। ଜିଲାର ସବୁ ବ୍ଲକ ଓ ପୁରୀ ମ୍ୟୁନିସିପାଲିଟିକୁ ଆସ୍କା ଲାଇଟ୍ ଯୋଗାଇ ଦିଆଯାଇଛି। ବିଦ୍ୟୁତ୍ ସରବରାହ ଠିକ୍ କରିବାକୁ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଥିବା ବୈଠକରେ ଆଲୋଚନା କରାଯାଇଛି।

ଏହି ସମୀକ୍ଷା ବୈଠକରେ ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ହରିଶ୍ ଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

**ସହାୟତା କାର୍ଯ୍ୟର ସମୀକ୍ଷା**

- ଜିଲାରେ ବଣ୍ଟାଯାଇଛି ୫,୮୧,୦୦୦ ହାଲୋଜେନ ଟାବ୍‌ଲେଟ
- ୧୫ ପଞ୍ଚାୟତରେ ସରିଛି ରାସ୍ତା କାମ
- କାର୍ଯ୍ୟ କରୁଛି ୨୨ଟି ମୋବାଇଲ୍ ସ୍ୱାସ୍ଥ୍ୟସେବା ଟିମ୍



ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କୁ ଆଇଓସିଏଲ୍ କର୍ତ୍ତୃପକ୍ଷ ଚେକ୍ ପ୍ରଦାନ କରୁଛନ୍ତି।

## ଶ୍ରୀମନ୍ଦିରକୁ ୫କୋଟି ଟଙ୍କା ଦେଲା ଆଇଓସିଏଲ୍

ପୁରୀ ଅଫିସ,୯।୫:

ବାତ୍ୟା ଫନୀରେ ଶ୍ରୀମନ୍ଦିରରେ ବ୍ୟାପକ ମାତ୍ରାରେ କ୍ଷୟକ୍ଷତି ହୋଇଛି। ଶ୍ରୀମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଇଣ୍ଡିଆନ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ୫ କୋଟି ଟଙ୍କା ପ୍ରଦାନ କରିବ ବୋଲି ବୁଧବାର ଘୋଷଣା କରିଥିଲା। ଗୁରୁବାର ଅପରାହ୍ନରେ ଆଇଓସିଏଲ୍‌ର ଚିଫ୍ ଜେନେରାଲ ମ୍ୟାନେଜର ଶୁଭଜିତ୍ ଘୋଷ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପହଞ୍ଚି ୫ କୋଟି ଟଙ୍କାର ଚେକ୍ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟ ପ୍ରଶାସକ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଘୋଷ ଏବଂ ଆଇଓସିଏଲ୍‌କୁ ଧନ୍ୟବାଦ ଜଣାଇଛନ୍ତି। ଚେକ୍ ପ୍ରଦାନ ସମୟରେ ଆଇଓସିଏଲ୍‌ର ଚିଫ୍ ମ୍ୟାନେଜର ଘୋଷ କହିଥିଲେ ଯେ, ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀମନ୍ଦିର ହେଉଛି ସମଗ୍ର ବିଶ୍ୱର ଆସ୍ଥା ଓ ବିଶ୍ୱାସର ପ୍ରତୀକ। ଶ୍ରୀମନ୍ଦିରର ପୁନରୁଦ୍ଧାର କାମ ପାଇଁ ତାଙ୍କ ସଂସ୍ଥା ପକ୍ଷରୁ ଏହି ଚେକ୍ ପ୍ରଦାନ କରାଯାଇଛି।

# ଫନୀ ଉଜାଡ଼ିଦେଲା ଶିକ୍ଷାବ୍ୟବସ୍ଥା ଭିତ୍ତିଭୂମି

ବ୍ରହ୍ମଗିରି, ୯।୫(ଡି.ଏନ୍.ଏ.)

ପ୍ରଳୟଙ୍କରୀ ବାତ୍ୟା ଫନୀ ବ୍ରହ୍ମଗିରି ବ୍ଲକରେ ଶିକ୍ଷାବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଦୋହଲାଇ ଦେଇଛି। ଶିକ୍ଷାର ଉନ୍ନତ ଭିତ୍ତି ଭୂମିକୁ ଠେଲିଦେଇଛି ପଛକୁ। ବାତ୍ୟା ଯୋଗୁ ବ୍ଲକର ୨୨ ହଜାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ କୋରଡା ମାଡ ହୋଇଛି । ଫଳର ଏମାନଙ୍କ ଉତ୍ତମ ଶିକ୍ଷାଦାନରୁ ବହୁପଛରେ ପଡିଯିବାର ଆଶଙ୍କା ସୃଷ୍ଟି ହୋଇଛି।

ଛାତ୍ରୀଛାତ୍ରଙ୍କୁ ଉତ୍ତମ, ନିରାପତ୍ତା ଶିକ୍ଷା ଦାନ ନିମନ୍ତେ ରାଜ୍ୟ ସରକାର ପ୍ରତ୍ୟେକ ବିଦ୍ୟାଳୟର ଭିତ୍ତିଭୂମି ସଜାଡି ଆସୁଥିଲେ। ଫନୀ ପ୍ରଭାବରେ ଏ ସବୁ ଛାରଖାର ହୋଇଯାଇଛି। ବ୍ରହ୍ମଗିରି ବ୍ଲକରେ ରହିଛି ୧୧୮ଟି ପ୍ରାଥମିକ ବିଦ୍ୟାଳୟ, ୪୯ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୩୧ଟି ସରକାରୀ ଅନୁଦାନ ପ୍ରାଥମିକ ବିଦ୍ୟାଳୟ, ୨୯ଟି ଉଚ୍ଚ ବିଦ୍ୟାଳୟ ଓ ୫ଟି କଲେଜ । ଏହି ବାତ୍ୟାରେ ମୋଟ ୨୩୨ଟି ଶିକ୍ଷାକେନ୍ଦ୍ର ବିଶେଷ କ୍ଷତିଗ୍ରସ୍ତ ହୋଇଛି। ଏହି ଶିକ୍ଷାନୁଷ୍ଠାନ ମାନଙ୍କର ପ୍ରାୟ ଶତକଡା ୮୦ ଭାଗ ଶ୍ରେଣୀଗୃହ ନଷ୍ଟ ହୋଇଯାଇଛି। ଯାହା ଫଳରେ ଛାତ୍ରୀଛାତ୍ର ବସି ପାଠପଢିବା ସମ୍ଭବ ନୁହେଁ । ଶ୍ରେଣୀଗୃହର ସମସ୍ତ ଆସବାବପତ୍ର ଓ ଭିତ୍ତିଭୂମି ନଷ୍ଟ ହୋଇଯିବାରୁ ୨୨ ହଜାର ଛାତ୍ରୀଛାତ୍ରଙ୍କୁ ପାଠପଢାଇବା କଷ୍ଟକର ହୋଇପଡିବ। ବିଦ୍ୟାଳୟର ଅଫିସଗୃହ ନଷ୍ଟ ହୋଇଯାଇଥିବାରୁ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ନଷ୍ଟ ହୋଇଯାଇଛି। ବିଦ୍ୟାଳୟ ଖୋଲିଲେ ଏମାନେ କିପରି ପାଠ ପଢିବେ ତାହା ଚିନ୍ତାର କାରଣ ହୋଇପଡିଛି। ସରକାରୀ ଅନୁଦାନ ମିଳିବା ପରେ ଶ୍ରେଣୀଗୃହ ମରାମତି କରିବା ପାଇଁ ଦିର୍ଘଦିନ ସମୟ ଲାଗିପାରେ। ଯାହା ଫଳରେ ପିଲାମାନଙ୍କ ଭବିଷ୍ୟତ ନେଇ ଅଭିଭାବକ ମାନେ ଏବେ ଚିନ୍ତାରେ ରହିଛନ୍ତି । ଏ ନେଇ ବ୍ରହ୍ମଗିରି ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ଯତିନ୍ଦ୍ର କୁମାର ନାୟକ କୁହନ୍ତି, ବ୍ରହ୍ମଗିରି ବ୍ଲକରେ ୮୦ ଭାଗ ବିଦ୍ୟାଳୟର ଶ୍ରେଣୀ ଗୃହ ନଷ୍ଟ ହୋଇଯାଇଛି । ସବିଶେଷ ରିପୋର୍ଟ ଆସିଲେ ଏ ନେଇ ଆମେ ଉପରିସ୍ଥ ଅଧିକାରୀ ମାନଙ୍କୁ ଅବଗତ କରାଇବୁ ବୋଲି ସେ କହିଥିଲେ।



ବାତ୍ୟାରେ ଭାଙ୍ଗିରୁଜି ଯାଇଥିବା ବିଜେପୁର ସ୍କୁଲଗୃହ।



ଚନ୍ଦନଯାତ୍ରା ପାଇଁ ଗୁରୁବାର ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ନରେନ୍ଦ୍ର ପୁଷ୍କରିଣୀକୁ ନିଆଯାଉଛି।

## ୧୫ହଜାର ବିପନ୍ନଙ୍କୁ ପଲିଥିନ୍ ବଣ୍ଟନ

ନିମାପଡ଼ା,୯।୫(ଡି.ଏନ୍.ଏ.)

ବାତ୍ୟା ଫନୀ ପ୍ରଭାବରେ ନିମାପଡ଼ା ଅଞ୍ଚଳରେ ଛାରଖାର କରିଦେଇଛି। ଏହି ବାତ୍ୟା ଦ୍ୱାରା ବହୁ ଲୋକଙ୍କ ଚାଳ ଛପର, ଟିଣ ଘର ଉଡାଇ ନଷ୍ଟ ହୋଇଛି। ଏହିସବୁ ଘରଗୁଡ଼ିକୁ ପୁନଃ ଭାବେ ତୋଳିବା ପାଇଁ ବହୁ ସମୟ ଲାଗିପାରେ। ତେଣୁ ରାଜସ୍ୱ ବିଭାଗ ପକ୍ଷରୁ ନିମାପଡ଼ା ବ୍ଲକର ୩୨ଟି ଗ୍ରାମପଞ୍ଚାୟତ ଓ ଏନଏସିର ୧୧ଟି ୱାର୍ଡର ପ୍ରାୟ ୧୫ହଜାର ବାତ୍ୟା ବିପନ୍ନ ପରିବାରବର୍ଗଙ୍କୁ ପଲିଥିନ ବଣ୍ଟନ କରାଯାଇଛି। ଖୁବଶୀଘ୍ର ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ପଞ୍ଚାୟତ ଓ ଏନଏସିର ଅଞ୍ଚଳର ସମସ୍ତ ବିପନ୍ନ ପରିବାରଙ୍କୁ ପଲିଥିନ ଯୋଗାଇ ଦିଆଯିବ ବୋଲି ତହସିଲଦାର କମଲଜିତ ଦାସ କହିଛନ୍ତି।

## ବିଦ୍ୟୁତ୍ ଭିତ୍ତିଭୂମି ସଜାଡ଼ିବାକୁ ଆସି କର୍ମଚାରୀ ହଇରାଣ

ସାକ୍ଷୀଗୋପାଳ, ୯।୫(ଡି.ଏନ୍.ଏ.)

ବାତ୍ୟାରେ ସତ୍ୟବାଦୀ ବ୍ଲକରେ ପ୍ରଭୂତ କ୍ଷତି ଘଟିଛି। ସତ୍ୟବାଦୀ ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥା ସଜାଡ଼ିବାକୁ ଆନ୍ଧ୍ରପ୍ରଦେଶରୁ କୁଶଳୀ କର୍ମଚାରୀମାନେ ଆସି ପହଞ୍ଚିଛନ୍ତି। ବୁଧବାର ସନ୍ଧ୍ୟାରେ ୩ଟି ଟ୍ରକ୍‌ରେ ୨୦୦ କର୍ମଚାରୀ ଓ ଅଧିକାରୀ ଆସି ପହଞ୍ଚିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ ଖାଦ୍ୟ, ପିଇବା ପାଣି ଓ ଶୌଚ ନେଇ ବ୍ୟବସ୍ଥା କରାଯାଇ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅନ୍ଧାର ରାତିରେ କ'ଣ ଖାଇବେ, କେଉଁଠି ଶୌଚ କରିବେ ଓ ବିଶ୍ରାମ ନେବେ ସେନେଇ ଚିନ୍ତାରେ ପଡ଼ିଥିଲେ। ସାକ୍ଷୀଗୋପାଳ ପାନ୍ଥଶାଳା, ନିର୍ମାଣାଧୀନ କଲ୍ୟାଣମଣ୍ଡପ, ଦୋଳବେଦି ଓ ଦୋକାନ ବାରଣ୍ଡାରେ ସେମାନେ ରାତି କଟାଇଥିଲେ। ବଜାରରୁ ଖାଦ୍ୟ ସଂଗ୍ରହ କରି ଖାଇଥିଲେ ମଧ ଏହା ସେମାନଙ୍କୁ ରୁଚି ନ ଥିଲା। ବିଳମ୍ବିତ ରାତିରେ ସ୍ଥାନୀୟ ଅଧିକାରୀ ରୋଷେଇ ପାଇଁ ଚୁଲା, ଗ୍ୟାସ୍ ସିଲିଣ୍ଡର, ହଣ୍ଡା ଓ ଡାଲି ଚାଉଳ ଯୋଗାଇଦେଇଥିଲେ। ଏହି ଟିମ୍‌ର ସହକାରୀ ଯନ୍ତ୍ରୀ କମଲ ଗଣେଶନଙ୍କୁ ପଚାରିବାରୁ ସେମାନେ ଆନ୍ଧ୍ରପ୍ରଦେଶର ତିରୁପତିରୁ ଆସିଥିବା କହିଥିଲେ। କ୍ଷୟକ୍ଷତିର ଆକଳନ ପାଇଁ ଗୁରୁବାର ସର୍ଭେ ଆରମ୍ଭ କରିଥିବା କହିଥିଲେ। ପୁନଃ ନିର୍ମାଣ ଲାଗି ପ୍ରାୟ ଏକ ମାସ ଲାଗିଯାଇପାରେ ବୋଲି ସେ କହିଥିଲେ।

# ୧୫ରେ ନିମାପଡ଼ା ଏନ୍ଏସିରେ ବିଦ୍ୟୁତ୍ ସଂଯୋଗ

ନିମାପଡ଼ା,୯।୫(ଡି.ଏନ୍.ଏ.)

ପ୍ରଳୟଙ୍କରୀ ବାତ୍ୟା ଫନୀର ବିଭୀଷିକା ଯୋଗୁ ସମଗ୍ର ନିମାପଡ଼ା ଉପଖଣ୍ଡରେ ବିଦ୍ୟୁତ୍ ବ୍ୟବସ୍ଥା ଧ୍ୱସ୍ତବିଧ୍ୱସ୍ତ ହୋଇପଡ଼ିଛି। ନିମାପଡ଼ା ବିଦ୍ୟୁତ ଉପଖଣ୍ଡରେ ଅନ୍ୟୂନ ୧ଶହ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ବିଦ୍ୟୁତ୍ ବ୍ୟବସ୍ଥାରେ ବାଧା ଉପୁଜିଥିବା ଯୋଗୁ ସମଗ୍ର ଅଞ୍ଚଳରେ ପାନୀୟ ଜଳଯୋଗାଣ, ଟେଲିଫୋନ ସେବା, ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ସାଧାରଣ ଲୋକେ ବିଦ୍ୟୁତ୍, ପାଣି ନ ପାଇ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବାତ୍ୟା ଫନୀ ଆସି ନିମାପଡ଼ା ଉପଖଣ୍ଡରେ ଥିବା ୧ହଜାରରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ସବଷ୍ଟେସନ ଭାଙ୍ଗିରୁଜି ଯାଇଥିବା ବେଳେ ୨୫ହଜାରରୁ ଊର୍ଦ୍ଧ୍ୱ ବିଦ୍ୟୁତ୍‌ଖୁଣ୍ଟ ମଧ ଭାଙ୍ଗିଯାଇଛି ବୋଲି ନିମାପଡ଼ା ବିଦ୍ୟୁତ୍ ବିଭାଗ ପକ୍ଷରୁ କୁହାଯାଇଛି। ମୁଖ୍ୟତଃ ଭୁବନେଶ୍ୱରରୁ ନିମାପଡ଼ାର ଦିଘାଲୋ ବିଦ୍ୟୁତ ଗ୍ରୀଡ ପର୍ଯ୍ୟନ୍ତ ଯାଇଥିବା ୧୦ଟି ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ଟାୱାର ଭାଙ୍ଗିଯାଇଥିବା ଯୋଗୁ ବିଦ୍ୟୁତ ସଂଯୋଗ ଅସମ୍ଭବ ହୋଇପଡ଼ିଛି। ଏହି ଗୁରୁତ୍ୱପୂର୍ଣ୍ଣ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ଟାୱାର ନିର୍ମାଣ ଓ ମରାମତି ପାଇଁ ସ୍ୱତନ୍ତ୍ର ଭାବେ ୧୫୦ଜଣ କର୍ମଚାରୀ ନିଯୁକ୍ତ ହୋଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି। ବିଦ୍ୟୁତ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ରାଜ୍ୟ ବାହାରୁ ୩ଶହ ବିଦ୍ୟୁତ୍ କର୍ମଚାରୀ, ଅନ୍ୟାନ୍ୟ ଜିଲାରୁ ୧୫୦ଜଣ ବିଦ୍ୟୁତ୍ କର୍ମଚାରୀ ଓ ନିମାପଡ଼ା ସେସୁ ଉପଖଣ୍ଡର ୧ଶହ କର୍ମଚାରୀ ମୋଟରେ ୫୫୦ଜଣ ବିଦ୍ୟୁତ କର୍ମଚାରୀ ନିମାପଡ଼ା ଉପଖଣ୍ଡର ମରାମତି କାର୍ଯ୍ୟରେ ନିୟୋଜିତ ହୋଇ କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ଆହୁରି ଅଧିକ କର୍ମଚାରୀ ଏହି ପୁନରୁଦ୍ଧାର କାର୍ଯ୍ୟରେ ସାମିଲ ହୋଇ କାର୍ଯ୍ୟ କରିବେ ବୋଲି ନିମାପଡ଼ା ବିଦ୍ୟୁତ ଡିଭିଜନ ପକ୍ଷରୁ ଜଣାପଡ଼ିଛି। ତେବେ ଆସନ୍ତା ୧୫ତାରିଖ ମଧରେ ନିମାପଡ଼ା ଏନଏସି ଅଞ୍ଚଳକୁ ବିଦ୍ୟୁତ ସଂଯୋଗ ଦିଆଯିବା ପାଇଁ ଲକ୍ଷ୍ୟ ରଖାଯାଇ ମରାମତି କାର୍ଯ୍ୟ ହେଉଛି ବୋଲି ବିଦ୍ୟୁତ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରତ୍ୟୁଷ ମିଶ୍ର ଧରିତ୍ରୀଙ୍କୁ କହିଛନ୍ତି। ଏନଏସି ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ପରେ ପର୍ଯ୍ୟାୟକ୍ରମେ ଗ୍ରାମାଞ୍ଚଳକୁ ମଧ ବିଦ୍ୟୁତ୍ ସଂଯୋଗ କରାଯିବାର ବ୍ୟବସ୍ଥା ରହିଥିବା ନିର୍ବାହୀଯନ୍ତ୍ରୀ ମିଶ୍ର କହିଛନ୍ତି।



ଭାଙ୍ଗିପଡିଥିବା ଏକ ବିଦ୍ୟୁତ୍ ସବ୍‌ଷ୍ଟେଶନ।

- ୧୦୦କୋଟି ଟଙ୍କାର କ୍ଷୟକ୍ଷତି, ୧ହଜାର ସବଷ୍ଟେଶନ ଧ୍ୱଂସ
- ୨୫ହଜାର ବିଦ୍ୟୁତ୍‌ଖୁଣ୍ଟ ଭାଙ୍ଗିଛି, ୫୫୦ଜଣ ବିଦ୍ୟୁତ୍ କର୍ମଚାରୀ ନିୟୋଜିତ

# ବାତ୍ୟାରେ ଏସ୍‌ସିଏସ୍ କଲେଜର ୩୦ କୋଟି କ୍ଷତି

ପୁରୀ ଅଫିସ, ୯।୫:

ସାମୁଦ୍ରିକ ଝଡ଼ ଫନୀ ପୁରୀରେ ଧ୍ୱଂସଲୀଳା ରଚିଛି। ଏଥିରେ ପୁରୀ ଜିଲାରେ ଅକଳନୀୟ କ୍ଷୟକ୍ଷତି ହୋଇଛି। ଫନୀ ଭାଙ୍ଗିଦେଇଛି ଜିଲା ଶିକ୍ଷା ବ୍ୟବସ୍ଥାର ମେରୁଦଣ୍ଡ। ବାତ୍ୟାରେ ଉଜୁଡ଼ିଯାଇଛି ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟ(ଏସସିଏସ୍)। ନଷ୍ଟ ହୋଇଯାଇଛି ଏହାର ସବୁଜିମାଭରା ପରିବେଶ ଓ ମହାବିଦ୍ୟାଳୟର କୋଠା। ବାତ୍ୟା ପ୍ରଭାବରେ ମହାବିଦ୍ୟାଳୟରେ ୩୦ କୋଟିର କ୍ଷତି ଘଟିଥିବା କଲେଜ ଅଧକ୍ଷା ପ୍ରଫେସର ସୁଜାତା ମିଶ୍ର କହିଛନ୍ତି। କ୍ଷୟକ୍ଷତି ରିପୋର୍ଟ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ ପୁରୀ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। କଲେଜର ନୂତନ ଓ ପୁରୁଣା କୋଠା ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି। କ୍ଲାସ୍‌ରୁମ ଟେବୁଲ, ଚେୟାର, ପଙ୍ଖା, କବାଟ ଝରକା ଆଦି ନଷ୍ଟ ହୋଇଛି। ଏଣୁ ପରିସ୍ଥିତିରେ ସୁଧାର ନ ଆସିବା ପର୍ଯ୍ୟନ୍ତ କଲେଜ ପାଠପଢ଼ା ଏବଂ ପରୀକ୍ଷାକୁ ବାତିଲ କରାଯାଇଛି ବୋଲି ଅଧକ୍ଷା ମିଶ୍ର କହିଛନ୍ତି।

୧୫୦ ବର୍ଷ ପୁରୁଣା ଏସ୍‌ସିଏସ୍ କଲେଜ। ବାତ୍ୟା ଯୋଗୁ କ୍ୟାମ୍ପସ ପରିସରରେ ରହିଥିବା ବହୁ ପୁରାତନ ବଡ଼ ବଡ଼ ଗଛ ନଷ୍ଟ ହୋଇଥିବାବେଳେ ଚାରିପଟ ପାଚେରି ଭାଙ୍ଗିଯାଇଛି। ୪ ଛାତ୍ରାବାସ ସମେତ ଅଧାପକ ଓ କର୍ମଚାରୀଙ୍କ କ୍ୱାର୍ଟର ଉପରେ ଗଛପଡି ନଷ୍ଟ ହୋଇଛି। କଲେଜ ଅଧକ୍ଷା ମିଶ୍ର କୁହନ୍ତି, ହେରିଟେଜ ହଲ୍ ଏବଂ ପୁରୁଣା କୋଠାରେ ଥିବା ସାଇନ୍ସ ଲାବ୍, ବିଜ୍ଞାନ ଲାବରେଟୋରି, ସ୍ମାର୍ଟ କ୍ଲାସ୍‌ରୁମ, ଆଡ୍‌ମିନିଷ୍ଟ୍ରେଶନ କୋଠା, ପରୀକ୍ଷା ଓ ଏକାଡେମିକ୍ ସେକ୍ସନ, ଏକାଧିକ କ୍ଲାସ୍‌ରୁମ, ୮ଶହ କ୍ଷମତାସମ୍ପନ୍ନ ଅଡିଟୋରିୟମ ଇତ୍ୟାଦି କ୍ଷତିଗ୍ରସ୍ତ ହୋଇଛି। ସେହିପରି କଲେଜ ଅଧକ୍ଷଙ୍କ କ୍ୱାର୍ଟର ସହ ୮ଜଣ ଅଧାପକ ଓ ୧୦ କର୍ମଚାରୀଙ୍କ କ୍ୱାର୍ଟର ସହ କବାଟ, ଝରକା ଓ ଛାତ ନଷ୍ଟ ହୋଇଛି। ପୁରୁଣା କୋଠାର ପାଚେରି, ସ୍ନାତକୋତ୍ତର (ପିଜି) କ୍ଲାସ୍‌ରୁମ, ନୂତନ ବ୍ଲକର ଝରକା, କବାଟ, ସିସିଟିଭି, ବିଏଡ୍ ଓ ରଷା, ଲାଙ୍ଗୁଏଷ୍ଟିକ ହଲ, ୯ଟି ପାଣିଟାଙ୍କି, ସୋଲାର ଲାଇଟ ପ୍ରଭୃତି କ୍ଷତି ଘଟିଛି। ତାଳବଣିଆସ୍ଥିତ କ୍ୟାମ୍ପସ ଓ କ୍ୱାର୍ଟର କ୍ଷତି ଘଟିଥିବା ନେଇ ମଧ ଏଥିରେ ଦର୍ଶାଯାଇଛି। କଲେଜ ଉପାଧକ୍ଷ ପ୍ରଫେସର ଶଙ୍କର୍ଷଣ ଦାଶ କୁହନ୍ତି, ଇଗ୍ନୁ ସେଣ୍ଟରରେ ରହିଥିବା ପିଲାଙ୍କ ପରୀକ୍ଷା ଖାତା ଏବଂ ଆସବାବପତ୍ର ନଷ୍ଟ ହୋଇଛି। ସେହିପରି ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓସୁ) ସେଣ୍ଟରର ମଧ ବ୍ୟାପକ କ୍ଷତି ଘଟିଛି। କଲେଜରେ ସ୍ନାତକ(+୩) ଓ ସ୍ନାତକୋତ୍ତର(ପିଜି)ରେ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧୟନ କରୁଛନ୍ତି। ସମସ୍ତ କ୍ଲାସ୍‌ରୁମ୍‌ରେ ଟେବୁଲ ଚେୟାର କ୍ଷତିଗ୍ରସ୍ତ ହୋଇଛି। ଏଣୁ ପିଲାଙ୍କ ପାଠପଢ଼ା ସମ୍ଭବପର ନୁହଁ। କଲେଜ ପରିଚାଳନା ଦୃଷ୍ଟିରୁ ୧୫୦ ଛାତ୍ର ବସିବା ଭଳି ୩୦ଟି ବଡ଼ ହଲ୍, ୭୫ଜଣ ବସିବା ଭଳି ୩୦ଟି କ୍ଲାସ୍‌ରୁମ ଏବଂ ଫିଜିକାଲ ସାଇନ୍ସ ଓ ଲାଇଫ ସାଇନ୍ସ ବ୍ଲକର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଯୁଦ୍ଧକାଳୀନ ଭିତ୍ତିରେ କଲେଜ ପରିସରରେ ପଡିଥିବା ଗଛ ଏବଂ କ୍ଷତିଗ୍ରସ୍ତ କୋଠା, କ୍ଲାସ୍‌ରୁମ ସଜାଡ଼ାଯିବ ବୋଲି ସେ କହିଛନ୍ତି।



କ୍ଷତିଗ୍ରସ୍ତ ହୋଇଥିବା ଏସସିଏସ୍ କଲେଜ।

### ବେଦ କର୍ମକାଣ୍ଡ କଲେଜରେ ୨୨ ଲକ୍ଷ କ୍ଷତି

ପୁରୀ ଅଫିସ, ୯।୫:

ବାତ୍ୟାରେ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିବେଶ ଉଜୁଡି ଯାଇଛି। ସରକାରୀ ଅନୁଦାନପ୍ରାପ୍ତ ଏହି ସର୍ବପୁରାତନ କଲେଜରେ ପ୍ରାୟ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ଘଟିଥିବା କଲେଜ ଅଧକ୍ଷ ପ୍ରଫେସର ଜଗବନ୍ଧୁ ମିଶ୍ର କହିଛନ୍ତି। କ୍ଷୟକ୍ଷତି ରିପୋର୍ଟ ଉଚ୍ଚଶିକ୍ଷା ବିଭାଗ, ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି। ବାତ୍ୟା ଫନୀ ପ୍ରଭାବରେ ୨ଶହ ଫୁଟ ଲମ୍ବର ପାଚେରି, ରାତ୍ର ଜଗୁଆଳିଙ୍କ କୋଠା ଭୁଶୁଡି ପଡିଛି। କଲେଜ ପରିସରରେ ରହିଥିବା ବହୁ ମୂଲ୍ୟବାନ ଗଛ ଭାଙ୍ଗିପଡିଛି। ସେ କହିଛନ୍ତି ଯେ, କଲେଜ ଅଧକ୍ଷ ଓ ପ୍ରଶାସନିକ କାର୍ଯ୍ୟାଳୟ, ଲାଇବ୍ରେରି ହଲ୍, କ୍ଲାସ୍‌ରୁମ, କବାଟ, ଝରକା ଓ ଆସବାବପତ୍ର କ୍ଷତି ଘଟିଛି। ସ୍ୱର୍ଗଦ୍ୱାର ନିକଟରେ ୧୯୦୪ ମସିହାରୁ ରହିଛି ଏହି କଲେଜ। ଫନୀ ପ୍ରଭାବରେ ଏହା ସମ୍ପୂର୍ଣ୍ଣ ଭାବେ ଶ୍ରୀହୀନ ହୋଇପଡିଛି ବୋଲି ଅଧକ୍ଷ ମିଶ୍ର କହିଛନ୍ତି।